# ଧରିତ୍ରୀ DHARITRI

ରବିବାର, ଏପ୍ରିଲ ୨୬/୨୦୨୦ (୧୮ ପୃଷ୍ଠା) | Sunday, April 26/2020

୪୭ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସଚିନଙ୍କୁ ଅତିକ୍ରମ କରିପାରିବେ କୋହଲି**

ସଚିନ ତେନ୍ଦୁଲକରଙ୍କ ୧୦୦ ଶତକ ରେକର୍ଡକୁ ଭାଙ୍ଗିବା ସାମର୍ଥ୍ୟ ବିରାଟ କୋହଲିଙ୍କ ନିକଟରେ ଅଛି ବୋଲି ପୂର୍ବତନ ଅଷ୍ଟ୍ରେଲୀୟ ପେସ୍ ବୋଲର ବ୍ରେଟ୍ ଲି କହିଛନ୍ତି।

୧୮

୧୦

**୧ ହଜାର ପିପିଇ କିଟ୍ ଦାନ କଲେ ବିଦ୍ୟା**

ଅଭିନେତ୍ରୀ ବିଦ୍ୟା ବାଲାନ ଏବେ ଦେଶର କରୋନା ଯୋଦ୍ଧାଙ୍କ ପାଇଁ ୧ ହଜାର ପିପିଇ ଦାନ କରିଛନ୍ତି। ସେ ନିଜେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।



# ଦୋକାନ ଖୋଲିବାକୁ ମିଳିଲା ଅନୁମତି

## କୋହଳ ହେଲା ଲକ୍‌ଡାଉନ କଟକଣା

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୫।୪(ବ୍ୟୁରୋ)**

କରୋନା(କୋଭିଡ-୧୯) ସଂକ୍ରମଣ ଆଶଙ୍କାରେ ସମଗ୍ର ଦେଶ ମାସେରୁ ଊର୍ଦ୍ଧ୍ୱକାଳ ଧରି ଲକ୍‌ଡାଉନ ରହିଛି। ଦୋକାନ ବଜାର, ବେପାର ବାଣିଜ୍ୟ, କାମଧନ୍ଦା ସବୁକିଛି ବନ୍ଦ ହୋଇଯାଇଛି। ଲୋକମାନେ ହାତବାନ୍ଧି ଘରେ ବସିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଶେଷ ହେବାକୁ ଆହୁରି ସପ୍ତାହେ ବାକି ରହିଛି। ଲକ୍‌ଡାଉନ ଯୋଗୁ ଦେଶର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ଏପରି କି ଲୋକଙ୍କ ଆର୍ଥିକ ସ୍ଥିତି ଅଣାୟତ୍ତ ହେବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ ନିୟମରେ କୋହଳ କରିଛନ୍ତି। ଦୀର୍ଘଦିନ ଧରି ବନ୍ଦ ହୋଇଥିବା କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଖୋଲିବାକୁ ନିଷ୍ପତ୍ତି ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଲକ୍‌ଡାଉନ ବେଳେ ମୋବାଇଲ ଫୋନ୍, ପୋଷାକ, ହାର୍ଡୱେର ଓ ସାନିଟାରି ସାମଗ୍ରୀ ଆଦି ବିକ୍ରି କରୁଥିବା ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି। ତେବେ ଏହି ସମୟରେ ବଜାର, ମଲ୍, କୋଭିଡ୍-୧୯ ହଟ୍‌ସ୍ପଟ ଏବଂ ନିଷିଦ୍ଧାଞ୍ଚଳରେ ଥିବା ଦୋକାନ ଖୋଲାଯାଇପାରିବ ନାହିଁ। ଲକ୍‌ଡାଉନ ଶେଷ ହେବା ପର୍ଯ୍ୟନ୍ତ ଏହି ଦୋକାନଗୁଡ଼ିକୁ ବନ୍ଦ ରଖିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସେହିପରି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଆବାସିକ ଅଞ୍ଚଳରେ ଥିବା ଦୋକାନ କିମ୍ବା କମ୍ପ୍ଲେକ୍ସ ଖୋଲାଯାଇ ପାରିବ। ଗ୍ରାମାଞ୍ଚଳରେ ମାର୍କେଟ କମ୍ପ୍ଲେକ୍ସ ସହିତ ସହରର ସାହି ଓ ଗଳିରେ ଥିବା ଦୋକାନ ମଧ୍ୟ ଖୋଲିବ। ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଗୋଟିକିଆ ଦୋକାନ ଖୋଲିବ। ତେବେ ମଲ୍ଟି ବ୍ରାଣ୍ଡ କିମ୍ବା ସିଙ୍ଗଲ ବ୍ରାଣ୍ଡ ମଲ୍ ଖୋଲିବା ଉପରେ ପୂର୍ବଭଳି କଟକଣା ବଳବତ୍ତର ରହିବ। ସହରାଞ୍ଚଳରେ କୌଣସି ପ୍ରକାର ହାଟ, ବଜାର କିମ୍ବା ଶପିଙ୍ଗ୍ ମଲ୍ ଖୋଲିବ ନାହିଁ। ଦୋକାନ ଖୋଲିବା ପାଇଁ କେତେକ ସର୍ତ୍ତ ମାନିବାକୁ ପଡ଼ିବ। ଦୋକାନରେ କେବଳ ୫୦ପ୍ରତିଶତ କର୍ମଚାରୀ ହିଁ କାର୍ଯ୍ୟ କରିବେ। ସାମାଜିକ ଦୂରତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଦୋକାନରେ ଥିବା କର୍ମଚାରୀ ଓ ଗ୍ରାହକଙ୍କୁ ☞ପୃଷ୍ଠା–୪

- ବିଜ୍ଞପ୍ତି ପ୍ରକାଶ କଲେ କେନ୍ଦ୍ର ଓ ରାଜ୍ୟ ସରକାର
- ଗାଁ, ସହରରେ ଖୋଲିବ ମାର୍କେଟ କମ୍ପ୍ଲେକ୍ସ, ଆବାସିକ କମ୍ପ୍ଲେକ୍ସ
- ଖୋଲିବନି ସିଙ୍ଗଲ ବ୍ରାଣ୍ଡ, ମଲ୍ଟି ବ୍ରାଣ୍ଡ ଶପିଙ୍ଗ୍ ମଲ୍
- ମଦ ଦୋକାନ, ସେଲୁନ୍, ରେଷ୍ଟୁରାଣ୍ଟକୁ ନା
- ୫୦% କର୍ମଚାରୀରେ ଚାଲିବ ଦୋକାନ
- ସାମାଜିକ ଦୂରତ୍ୱ, ମାସ୍କ ଲଗାଇବା ବାଧ୍ୟତାମୂଳକ

### ଖୋଲିବ

- ଗ୍ରାମାଞ୍ଚଳର ସମସ୍ତ ଦୋକାନ, ମାର୍କେଟ କମ୍ପ୍ଲେକ୍ସ, ଆବାସିକ ମାର୍କେଟ କମ୍ପ୍ଲେକ୍ସ
- ସହରାଞ୍ଚଳର ସାହି, ଗଳିରେ ଥିବା ଗୋଟିକିଆ ଦୋକାନ
- ସରକାରୀ ପଞ୍ଜୀକୃତ ମାର୍କେଟ କମ୍ପ୍ଲେକ୍ସ
- ମୋବାଇଲ, ପୋଷାକ, ହାର୍ଡୱେର ଓ ସାନିଟାରି ସାମଗ୍ରୀ

### ବନ୍ଦ ରହିବ

- ଗ୍ରାମାଞ୍ଚଳ, ସହରାଞ୍ଚଳର ସମସ୍ତ ଶପିଙ୍ଗ୍ ମଲ୍
- ସିଙ୍ଗଲ ବ୍ରାଣ୍ଡ, ମଲ୍ଟି ବ୍ରାଣ୍ଡ ଶପିଙ୍ଗ୍ କମ୍ପ୍ଲେକ୍ସ
- ମଦ ଦୋକାନ, ସେଲୁନ୍

## ରାଜ୍ୟରେ ୧୦୦ ଛୁଇଁଲା ସଂକ୍ରମିତଙ୍କ ସଂଖ୍ୟା

**ଯାଜପୁର ଜିଲାରେ ଆଉ ୬ ଚିହ୍ନଟ**

ଯାଜପୁର ଅଫିସ,୨୫।୪: ଯାଜପୁର ଜିଲାରେ ଶନିବାର ୬ କରୋନା ପଜିଟିଭି ଚିହ୍ନଟ ହେବା ସହ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୧୦୦ରେ ପହଞ୍ଚିଛି। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଚିହ୍ନଟ ୬ ସଂକ୍ରମିତଙ୍କ ଘର ଦଶରଥପୁର ବ୍ଲକରେ। ସେମାନଙ୍କ ମଧ୍ୟରୁ ୪ ଜଣ କଟିକଟା ଗ୍ରାମର ହୋଇଥିବାବେଳେ ଜଣେ ମଲ୍ଲିକାପୁର ପଞ୍ଚାୟତ ଅନ୍ତର୍ଗତ ମହାନ୍ତିପାଟଣା ଗ୍ରାମର ଏବଂ ଆଉ ଜଣେ ବିରଜାପୁର ଗ୍ରାମର। ସମସ୍ତେ ପୁରୁଷ ଏବଂ ସେମାନଙ୍କ ବୟସ ଯଥାକ୍ରମେ ୫୨, ୨୩, ୪୯, ୫୭, ୩୯, ୫୦। ଏମାନେ ଗତ ୨୮ ଓ ୨୯ ତାରିଖରେ ପଶ୍ଚିମବଙ୍ଗରୁ ଫେରିଥିଲେ। ଫେରିବା ଦିନଠାରୁ ସେମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଗତ ୨୪ ତାରିଖରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ହୋଇଥିଲା। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ଯାଜପୁର ଜିଲାରେ ୧୮ରେ ପହଞ୍ଚିଛି। ଜିଲା ପ୍ରଶାସନ ପକ୍ଷରୁ ନୂଆ ସମ୍ପର୍କିତମାନଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଖୋଜାଯାଉଛି।

## ସଞ୍ଜୟ କୋଠାରି ନୂଆ ସିଭିସି



**ନୂଆଦିଲ୍ଲୀ,୨୫।୪(ପି.ଟି.)**

ରାଷ୍ଟ୍ରପତିଙ୍କ ସଚିବ ଥିବା ସଞ୍ଜୟ କୋଠାରିଙ୍କୁ ଶନିବାର କେନ୍ଦ୍ରୀୟ ଭିଜିଲାନ୍ସ ଆୟୁକ୍ତ (ସିଭିସି) ନିଯୁକ୍ତ କରାଯାଇଛି। କେ.ସି. ଚୌଧୁରୀଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଗତବର୍ଷ ଜୁନ୍‌ରୁ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗର ମୁଖ୍ୟ ପଦ ଖାଲି ପଡ଼ିଥିଲା। ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ରାଷ୍ଟ୍ରପତି ଭବନ ପରିସରରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିଭିସି ଭାବେ ସଞ୍ଜୟଙ୍କୁ ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ଚୟନ କମିଟି ଫେବୃୟାରୀରେ ସଞ୍ଜୟଙ୍କ ନାମ ସିଭିସି ପଦବୀ ☞ପୃଷ୍ଠା–୪


**ଅନ୍‌ଲାଇନ୍‌ରେ ପଢ଼ନ୍ତୁ ଏଥରର ଛୁଟିଦିନ**



www.dharitriepaper.in
www.dharitri.com


**ଆଜିର ସମ୍ପାଦକୀୟ**

ସଂସ୍କୃତି ମୁଖା ଖୋଲିଦେଇଛି କୋଭିଡ୍-୧୯

**ଆଜିର ମନ୍ତବ୍ୟ**

“ କରୋନା ସଙ୍କଟର ମୁକାବିଲା ପାଇଁ ଏକ ଜାତୀୟ ନୀତି ପ୍ରଣୟନ କରୁ କେନ୍ଦ୍ର।

**–କପିଳ ସିବଲ, ବରିଷ୍ଠ କଂଗ୍ରେସ ନେତା**



କରୋନା ସଂକ୍ରମଣ ଯୋଗୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରା ଶ୍ରୀମନ୍ଦିର ଭିତରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ନରେନ୍ଦ୍ର ପୁଷ୍କରିଣୀରେ ଅଧାଗଢ଼ା ଅବସ୍ଥାରେ ରହିଛି ନନ୍ଦା ଓ ଭଦ୍ରା ଚାପ। **(ରିପୋର୍ଟ: ପୃଷ୍ଠା–୭)**

# ଆଜିଠୁ ଶ୍ରୀମନ୍ଦିର ଭିତରେ ଚନ୍ଦନଯାତ୍ରା



- ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି
- ଜଳକ୍ରୀଡ଼ା ମଣ୍ଡପ ନିକଟରେ ସମ୍ପନ୍ନ ହେବ ବିଧି

**ପୁରୀ ଅଫିସ,୨୫।୪**

ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥାଏ ଚନ୍ଦନ ଯାତ୍ରା। ତେଣୁ ରବିବାରଠାରୁ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରାରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। କିନ୍ତୁ କରୋନା କଟକଣା ପାଇଁ ଏ ବର୍ଷ ନରେନ୍ଦ୍ର ସରୋବରକୁ ବିଜେ କରିବେନି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏବଂ ପଞ୍ଚ ମହାଦେବ। ଶ୍ରୀମନ୍ଦିର ଭିତରେ ହିଁ ସମ୍ପନ୍ନ ହେବ ଚନ୍ଦନ ଯାତ୍ରାର ବିଧି। ସେହିପରି ଅକ୍ଷୟ ତୃତୀୟା ନୀତି ବି ମେଘନାଦ ପାଚେରି ପରିସରରେ କରାଯିବ। ଚାହାଣି ମଣ୍ଡପ ଏବଂ ସ୍ନାନବେଦି ମଧ୍ୟଭାଗରେ ରଥ ନିର୍ମାଣ ଅନୁକୂଳ ହେବ। ଶନିବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ସେବାୟତଙ୍କ ସହ ହୋଇଥିବା ବୈଠକରେ ମେଘନାଦ ପାଚେରି ଭିତରେ କେଉଁଠି କିଭଳି ଠାକୁରଙ୍କ ନୀତିକାନ୍ତି ସୁରୁଖୁରରେ ସମ୍ପନ୍ନ ହେବ ତାହା ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ରଥ ଅନୁକୂଳ ଏବଂ ବାହାର ଚନ୍ଦନ ଯାତ୍ରା ମନ୍ଦିର ଭିତରେ ହେବାର କୌଣସି ପ୍ରମାଣ ନ ଥିବାବେଳେ ଏ ବର୍ଷ କରୋନା ପାଇଁ ଶ୍ରୀମନ୍ଦିର ଇତିହାସରେ ଏକ ବିରଳ ଘଟଣା ଘଟିବାକୁ ଯାଉଛି।

ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ରଥ ନିର୍ମାଣ ଅନୁକୂଳ ହୋଇଥାଏ। ଏହି ପବିତ୍ର ତିଥିରୁ ଠାକୁରଙ୍କ ଚନ୍ଦନ ଯାତ୍ରା ମଧ୍ୟ ଆରମ୍ଭ ହୁଏ। ଚଳିତବର୍ଷ ମହାମାରୀ କରୋନା ପାଇଁ ମେ ୩ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଥିବାରୁ କିପରି ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରାଯିବ ସେ ନେଇ ଶୁକ୍ରବାର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମାର୍ଗଦର୍ଶନ କରିଥିଲେ। ଲକ୍‌ଡାଉନ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ବିଧି ମନ୍ଦିର ପରିସରରେ କରିବାକୁ ପରାମର୍ଶ ଦେଇଥିଲେ। ସେହି ଅନୁଯାୟୀ ଜିଲାପାଳ ଅକ୍ଷୟ ତୃତୀୟା ଏବଂ ଚନ୍ଦନ ଯାତ୍ରା ନୀତି ସହ ସମ୍ପୃକ୍ତ ସେବକଙ୍କୁ ଡାକି ମନ୍ଦିର ପରିସର କେଉଁ ସ୍ଥାନରେ କିପରି କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ପ୍ରଥମେ ପଞ୍ଚମହାଦେବ ସେବାୟତଙ୍କ ସହ ଆଲୋଚନା ହୋଇଥିଲା। ପରେ ପୂଜାପଣ୍ଡା ସେବାୟତ, ପରିଚାଳନା କମିଟି ସଦସ୍ୟ ଏବଂ ଅନ୍ୟ ସେବାୟତଙ୍କ ସହ ଆଲୋଚନା କରାଯାଇଥିଲା। ଏଭଳି ପ୍ରତିକୂଳ ପରିସ୍ଥିତିରେ ଜନସମାଜର ସ୍ୱାର୍ଥ ଏବଂ ମହାପ୍ରଭୁଙ୍କ ବିଧି ପରମ୍ପରା ଯେପରି ରକ୍ଷା ହୋଇପାରିବ ସେଥିରେ ସହଯୋଗ କରିବେ ବୋଲି ସମସ୍ତେ ସହମତି ପ୍ରକାଶ କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ବେଢ଼ା ପରିସର ଜଳକ୍ରୀଡ଼ା ମଣ୍ଡପ ନିକଟରେ ଚନ୍ଦନ ଯାତ୍ରା ନୀତି କରାଯିବ। ପୂର୍ବରୁ ଏଠାରେ ଗୋଟିଏ କୁଣ୍ଡ ରହିଛି। ☞ପୃଷ୍ଠା–୪

# ୧୯୧୮ରେ ‘ସ୍ପାନିଶ୍ ଫ୍ଲୁ’କୁ ହରାଇଥିଲେ, ଏବେ କରୋନାକୁ

**ମାଦ୍ରିଦ୍,୨୫।୪**

କରୋନା ଭାଇରସ୍(କୋଭିଡ୍-୧୯)ରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ। ଉଦାହରଣ ଭାବେ ଏହି ମହାମାରୀରେ ସବୁଠୁ ଅଧିକ ପ୍ରଭାବିତ ଆମେରିକାର ନ୍ୟୁୟର୍କକୁ ଦେଖାଗଲେ, ଏଠାରେ ପ୍ରାୟ ୨ଲକ୍ଷ ୮୦ ହଜାର ଲୋକ ସଂକ୍ରମିତ ହୋଇଥିବାବେଳେ ୨୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଏହି ମୃତକମାନଙ୍କ ମଧ୍ୟରୁ ପ୍ରାୟ ୪୭ ପ୍ରତିଶତଙ୍କ ବୟସ ୭୫ବର୍ଷରୁ ଊର୍ଦ୍ଧ୍ୱ। ବୟସାଧିକ କାରଣରୁ ଲୋକେ ଅନେକ ରୋଗରେ ପୀଡ଼ିତ ହୋଇଥାନ୍ତି। ଏଭଳି ସ୍ଥଳେ ସେମାନେ ଯଦି କୋଭିଡ୍-୧୯ରେ ସଂକ୍ରମିତ ହୁଅନ୍ତି ତା’ହେଲେ ସେମାନଙ୍କୁ ବଞ୍ଚାଇବା ପ୍ରାୟ ଅସମ୍ଭବ ବୋଲି କୁହାଯାଉଛି। ତେବେ ସ୍ପେନ୍‌ରେ ଜଣେ ୧୦୬ ବର୍ଷୀୟ ମହିଳା ଆନା ଡେଲ୍ ଭାଲେଙ୍କ ଜୀବନ ବଞ୍ଚାଇବା ସମ୍ଭବ ହୋଇପାରିଛି। ଏହା ଅନ୍ୟ ବୟସ୍କ ସଂକ୍ରମିତଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଉତ୍ସାହିତ କରିବା ସହ ରୋଗୀ ସମ୍ପର୍କୀୟଙ୍କ ମନୋବଳ ବୃଦ୍ଧି କରିବ।

୧୯୧୮ ମସିହାରେ ଆନାଙ୍କୁ ପ୍ରାୟ ୫ ବର୍ଷ ହୋଇଥିବାବେଳେ ସେ ମହାମାରୀ ‘ସ୍ପାନିଶ୍ ଫ୍ଲୁ’ରେ ସଂକ୍ରମିତ ହୋଇଥିଲେ। ୩୬ ମାସ(ଜାନୁୟାରୀ ୧୯୧୮ରୁ ଡିସେମ୍ବର ୧୯୨୦) ମଧ୍ୟରେ ଉକ୍ତ ମହାମାରୀରେ ୫୦ କୋଟି ଲୋକ ସଂକ୍ରମିତ ହୋଇଥିଲେ, ଯାହାକି ସେହି ସମୟରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଥିଲା। କିନ୍ତୁ ଆନା ସେହି ମହାମାରୀରୁ ବର୍ତ୍ତିଯାଇଥିଲେ। ଏବେ ପ୍ରାୟ ୨ ଲକ୍ଷ ଲୋକଙ୍କ ଜୀବନ ନେଇଥିବା ଏବଂ ୨୮.୫ ଲକ୍ଷ ଲୋକଙ୍କୁ ସଂକ୍ରମିତ କରିଥିବା ମହାମାରୀ କରୋନାକୁ ମଧ୍ୟ ହରାଇଛନ୍ତି ଆନା। ଏଭଳି ଚମତ୍କାର ପାଇଁ ସ୍ପେନ୍‌ର ରୋଣ୍ଡା ସହରରେ ଥିବା ଆନାଙ୍କ ପରିବାରବର୍ଗ ବେଶ୍ ଖୁସି ଅନୁଭବ କରୁଛନ୍ତି।

କୋଭିଡ୍-୧୯ର ପ୍ରକୋପରେ ଗୁରୁତର ପ୍ରଭାବିତ ଦେଶଗୁଡ଼ିକ ମଧ୍ୟରେ ଆମେରିକା (ପ୍ରାୟ ୯.୫ ଲକ୍ଷ ସଂକ୍ରମିତ ଓ ୫୩ ହଜାର ମୃତ୍ୟୁ) ଶୀର୍ଷରେ ଥିବାବେଳେ ସ୍ପେନ୍‌ର ସ୍ଥାନ ଦ୍ୱିତୀୟ। ସ୍ପେନରେ ଶନିବାର ସୁଦ୍ଧା ୨ ଲକ୍ଷ ୨୩ ହଜାର ୭୫୯ଜଣ ସଂକ୍ରମିତ ହୋଇଥିବାବେଳେ ୨୨,୯୦୨ଜଣ ଆଖିବୁଜିଛନ୍ତି। ଦେଶରେ ଏହି ପ୍ରାଣଘାତୀ ଭୂତାଣୁର ସଂକ୍ରମଣ ଓ ବୟସ୍କଙ୍କ ଜୀବନ ରକ୍ଷା ନେଇ ଭାଳେଣି ପଡ଼ିଥିବାବେଳେ ଆନାଙ୍କ ଆରୋଗ୍ୟ ଲାଭ ନିହାତି ଆଶ୍ୱସ୍ତିକର। ସ୍ପେନ୍‌ରେ ଅଦ୍ୟାବଧି ୯୫,୭୦୮ଜଣ ଆରୋଗ୍ୟ ହୋଇଥିବାବେଳେ ଆନାଙ୍କ ବ୍ୟତୀତ ଆଉ ୨ଜଣ ୧୦୧ ବର୍ଷୀୟ ମହିଳା ସୁସ୍ଥ ହୋଇଥିବା ଜଣାପଡ଼ିଛି।

ସ୍ପେନ୍‌ର ଏକ ମିଡିଆ ରିପୋର୍ଟ ଅନୁଯାୟୀ, ଅଲକାଲା ଡେଲ୍ ଭାଲେ ସହରର ଏକ ନର୍ସିଂହୋମରେ ☞ପୃଷ୍ଠା–୪

**ମହାମାରୀରୁ ଆରୋଗ୍ୟ ହେଲେ ୧୦୬ ବର୍ଷୀୟା**



ପରିବାରବର୍ଗଙ୍କ ସହ ଆନା ଡେଲ୍ ଭାଲେ


DADLS-05

**ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ ବିଶେଷକରି ଆମର ଚାଷୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଆଶା କରୁଛି, ଚଳିତ ବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସମୃଦ୍ଧିର ବର୍ଷ ହେବ ।

କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ନିୟମକୁ କଡାକଡି ଭାବରେ ପାଳନ କରନ୍ତୁ, କୃଷିକାର୍ଯ୍ୟ ସମୟରେ ସାମାଜିକ ଦୂରତା ନିୟମ ନିଶ୍ଚୟ ପାଳନ କରନ୍ତୁ ।

(ନବୀନ ପଟ୍ଟନାୟକ)

OIPR-15001/13/0005/2021

**୨୮ ଜଣଙ୍କ ଉପରୁ ଉଠିଲା ପିଏସ୍‌ଏ**

ଜମ୍ମୁ-କଶ୍ମୀରର ବିଭିନ୍ନ ଜେଲ୍‌ରେ ଥିବା ୨୮ ଜଣଙ୍କ ଉପରୁ ଜନସୁରକ୍ଷା ଆଇନ (ପିଏସ୍‌ଏ) ମାମଲା ପ୍ରତ୍ୟାହାର କରିନିଆଯାଇଛି। ସେମାନଙ୍କ ମଧ୍ୟରେ କଶ୍ମୀର ବାଣିଜ୍ୟ ଓ ଉତ୍ପାଦନ ସଂଘ ମୁଖ୍ୟ ମହମ୍ମଦ ୟାସିନ ଖାନ ଅଛନ୍ତି। ଗତବର୍ଷ ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ରଦ୍ଦ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପ୍ରମୁଖ ଦଳର ନେତାଙ୍କ ସମେତ ଶତାଧିକଙ୍କୁ ଅଟକ ଓ ଗୃହବନ୍ଦୀ ରଖାଯାଇଥିଲା।



ଶଟ୍‌ଡାଉନ୍ ଯୋଗୁ ସିଡ୍‌ନୀରେ ପରେଡ୍ ବାତିଲ କରାଯାଇଥବା ବେଳେ ଓପେରା ହାଉସ୍ ନିକଟରେ ଜଣେ ବିଗୁଲ୍‌ବାଦକ ସେନା ସମ୍ମାନାର୍ଥେ ଶେଷଥର ଲାଗି ବାଦ୍ୟଯନ୍ତ୍ର ବଜାଉଛନ୍ତି।

# ସଙ୍କଟରୁ ସୁଯୋଗ ସାଉଁଟୁଛନ୍ତି ମାଫିଆ

**ନୂଆଦିଲ୍ଲୀ,୨୫।୪:** କରୋନା ମହାମାରୀର ମୁକାବିଲା ପାଇଁ ବିଶ୍ୱର ଅଧିକାଂଶ ଦେଶ ଲକ୍‌ଡାଉନରେ ଥିବାବେଳେ ବ୍ୟବସାୟ ଗୁରୁତର ବାଧାପ୍ରାପ୍ତ ହୋଇଛି। ଏହାସତ୍ତ୍ୱେ ଏହି ମହାମାରୀ ଅନେକ ବ୍ୟବସାୟ ପାଇଁ ବଡ଼ ସୁଯୋଗର ଅବକାଶ ଆଣିଛି। ଅସାଧାରଣ ଆବଶ୍ୟକତା ପୂରଣ ଲାଗି ଦ୍ରୁତ ଟେଣ୍ଡର ପ୍ରକ୍ରିୟା, ସାଧାରଣ ଯାଞ୍ଚ ଓ ଆଇନଗତ ପ୍ରକ୍ରିୟା ବିନା ଦ୍ରବ୍ୟ ପରିବହନ ଆଦି କଥାକୁ ବିଚାର କରାଯାଉ। ଲାଭର କଳା ଆବଶ୍ୟକତାର ଉପଯୋଗ ଉପରେ ନିର୍ଭର କରିଥାଏ। ସଂଗଠିତ ଅପରାଧ ବ୍ୟତୀତ ଅନ୍ୟ କେହି ଏହି ଅନ୍ଧକାର କଳାକୁ ଅଧିକ ଭଲ ଭାବେ ସିଦ୍ଧ କରିନାହାଁନ୍ତି। କୋଭିଡ୍-୧୯ ମହାମାରୀ ଏହାକୁ ସ୍ପଷ୍ଟ କରିଛି।

ନିକଟ ଦଶକରେ ଅପରାଧ ସଂଗଠନଗୁଡ଼ିକ ସେମାନଙ୍କ ବ୍ୟବସାୟ ବିଚକ୍ଷଣତା ସହିତ ଅନେକ କମ୍ପାନୀରେ ପୁଞ୍ଜିନିବେଶ କରିଛନ୍ତି। ବର୍ତ୍ତମାନର ସଙ୍କଟ ସମୟରେ ଲଣ୍ଡ୍ରି, ପରିବହନ, ଫନେରାଲ ହୋମ୍, ବର୍ଜ୍ୟ ସଂଗ୍ରହ, ଖାଦ୍ୟ ବିତରଣ ଓ ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକର ଚାହିଦା ବଢ଼ିଛି। କିଛି ସପ୍ତାହ ହେଲା ଏହି ସେକ୍ଟରଗୁଡ଼ିକ ବଞ୍ଚିବା ଲାଗି ଅତି ଜରୁରୀ ହୋଇପଡ଼ିଛି। ଫଳରେ ମାଫିଆମାନେ ଏହି ସେକ୍ଟରରେ ପୁଞ୍ଜିନିବେଶ କରିବା ଲାଗି ଆଗେଇ ଆସିଥିବା ଦେଖିବାକୁ ମିଳିଛି। ଇଟାଲୀରେ ମାଫିଆ ସଂସ୍ଥାଗୁଡ଼ିକ ମାସ୍କ, ହ୍ୟାଣ୍ଡ ସାନିଟାଇଜର, ଲାଟେକ୍ସ ଗ୍ଲୋଭ୍ ଆଦି ମହାମାରୀ କିଟ୍ ଉତ୍ପାଦନ ଓ ବିତରଣ ସଂସ୍ଥାରେ ପୁଞ୍ଜିନିବେଶ କରୁଥିବା ନେଇ ସ୍ଥାନୀୟ ପୋଲିସ ସତର୍କ କରାଇଦେଇଛି। ମହାମାରୀ ଯୋଗୁ ଏହିସବୁ ସାମଗ୍ରୀର ଚାହିଦା ବଢ଼ିଯିବାରୁ ଦାମ୍ ଆକାଶଛୁଆଁ ହୋଇଛି। କାଲାବ୍ରିୟାର ମାଫିଆମାନେ ଔଷଧ ଓ ସ୍ୱାସ୍ଥ୍ୟସେବା ସେକ୍ଟରରେ ପୁଞ୍ଜିନିବେଶ କରିଛନ୍ତି।

ମହାମାରୀ ବେଳେ କେବଳ ଏହିସବୁ ସେକ୍ଟର ଅପରାଧୀ ସଂଗଠନଗୁଡ଼ିକ ଲାଗି ସୁଯୋଗ ଆଣିନାହାନ୍ତି, ନୀରବତାରୁ ମଧ୍ୟ ସେମାନେ ଫାଇଦା ଉଠାଉଛନ୍ତି। ସାଧାରଣ ଜନତାଙ୍କ ଦୃଷ୍ଟି ସମ୍ପୂର୍ଣ୍ଣ ଭାବେ ମହାମାରୀ ଉପରେ କେନ୍ଦ୍ରୀଭୂତ ହୋଇଥିବାବେଳେ ମାଫିଆ ସିଣ୍ଡିକେଟ ଅବାଧରେ ଏହାର ପେସା ଚଳାଇପାରୁଛି। ସେମାନଙ୍କ ଅସାଧୁ କାର୍ଯ୍ୟ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି, କାରଣ ଭୂତାଣୁ ଏବେ ଲୋକମାନଙ୍କର ଏକ ନମ୍ବର ଶତ୍ରୁ ପାଲଟିଛି। ଫେବୃୟାରୀ ତୁଳନାରେ ଡ୍ରଗ୍ ସେବନ ଯୋଗୁ ଅଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ଅଧିକାଂଶ ଖବରକାଗଜରେ ତାହା ସ୍ଥାନ ପାଇନାହିଁ। ଚିହୁଆହୁଆ ରାଜ୍ୟରେ ଏପ୍ରିଲ ପ୍ରଥମ ଭାଗରେ ଗୁଳିକାଣ୍ଡ ଘଟି ୧୯ ଜଣଙ୍କ ଜୀବନ ଯାଇଥିଲା। ହେଲେ କେହି ଏହାକୁ ଅନ୍ତର୍ଜାତୀୟ ରାଜନୈତିକ ଏଜେଣ୍ଡା କଲେ ନାହିଁ। ସୁରକ୍ଷା କର୍ମୀ ଲକ୍‌ଡାଉନ କାର୍ଯ୍ୟକାରିତାରେ ବ୍ୟସ୍ତ ଥିବାରୁ ଡ୍ରଗ୍ କାରବାର ଉପରୁ ଧ୍ୟାନ ହଟାଇଦେଇଛନ୍ତି। ଫଳରେ ମାଫିଆମାନଙ୍କ ପାଇଁ ଭଲ ସୁଯୋଗ ସୃଷ୍ଟି ହୋଇଛି।



ଇଟାଲୀର ମାଫିଆ ପରିଚାଳିତ ଏକ କମ୍ପାନୀ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟାଯାଉଛି।

ଇଟାଲୀର କେତେକ ଅଞ୍ଚଳରେ ଋଣ ଚାହିଦା ବଢ଼ିଥିବାରୁ ମାଫିଆମାନେ ପୂର୍ବାପେକ୍ଷା କମ୍ ସୁଧରେ ଋଣ ଯୋଗାଇଦେବାକୁ ଆଗେଇ ଆସିଛନ୍ତି। କେତେକ ସ୍ଥାନରେ ସେମାନେ ଭୋକିଲାଙ୍କୁ ଖାଦ୍ୟ ଯୋଗାଇଦେଇ ସେମାନଙ୍କର ନିକଟତର ହେବାକୁ ଉଦ୍ୟମ କରୁଛନ୍ତି। ଏହାଦ୍ୱାରା ଲୋକେ ସେମାନଙ୍କ ପ୍ରତି କୃତଜ୍ଞ ରହିବେ। ପରବର୍ତ୍ତୀ ସମୟରେ ମାଫିଆମାନେ ଏହାର ଫାଇଦା ଉଠାଇବେ। ମେକ୍ସିକୋର ମାଫିଆ ସଂଗଠନଗୁଡ଼ିକ ଏହି ପଦ୍ଧତି ଆପଣାଇଛନ୍ତି।

## ବିଦେଶରୁ ଫେରିବେ ଭାରତୀୟ

**ନୂଆଦିଲ୍ଲୀ,୨୫।୪**

ମାର୍ଚ୍ଚ ୨୨ରୁ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଛି। ଫଳରେ ଅନେକ ଭାରତୀୟ ଫେରି ନ ପାରି ବିଭିନ୍ନ ଦେଶରେ ଅଟକି ରହିଛନ୍ତି। ଲକ୍‌ଡାଉନ ଶେଷ ହେବା ପରେ ସେମାନଙ୍କୁ ଫେରାଇ ଆଣିବା ଲାଗି ସରକାର ଯୋଜନା କରିଛନ୍ତି। ଏଥିପାଇଁ ଅନେକ ସ୍ୱତନ୍ତ୍ର ବିମାନ ପଠାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଫେରିବାକୁ ଥିବା ଭାରତୀୟମାନଙ୍କ ପାଇଁ ହସ୍ପିଟାଲ ବେଡ୍ ଓ କ୍ୱାରାଣ୍ଟାଇନ କେନ୍ଦ୍ର ପ୍ରସ୍ତୁତ ରଖିବାକୁ କ୍ୟାବିନେଟ ସଚିବ ରାଜୀବ ଗୌବା ରାଜ୍ୟ ସରକାରମାନଙ୍କୁ କହିଛନ୍ତି। ଏନେଇ ସେ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ମୁଖ୍ୟ ସଚିବ ଓ ପୋଲିସ ଡିଜିମାନଙ୍କୁ ପରାମର୍ଶ ଦେଇଥିଲେ। ଲକ୍‌ଡାଉନ ମେ’ ୩ ପରେ ଉଠିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦୋକାନ ଖୋଲିବା ଲାଗି ସରକାରଙ୍କ ରାତିଅଧିଆ ନିଷ୍ପତ୍ତିରୁ ଲକ୍‌ଡାଉନ ଉଠିପାରେ ବୋଲି ଆଶା କରାଯାଉଛି।

## ସେପ୍ଟେମ୍ବରରୁ ଶିକ୍ଷାବର୍ଷ ଆରମ୍ଭ ଲାଗି ସୁପାରିସ

**ଅନ୍‌ଲାଇନ ପରୀକ୍ଷା ଲାଗି ୟୁଜିସି କମିଟିର ପ୍ରସ୍ତାବ**

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ଦେଶରେ କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜୁଲାଇ ପରିବର୍ତ୍ତେ ସେପ୍ଟେମ୍ବରରୁ ଶିକ୍ଷାବର୍ଷ ଆରମ୍ଭ କରିବା ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ନିଯୁକ୍ତ କମିଟି ସୁପାରିସ୍ କରିଛି। ଦେଶରେ ଲକ୍‌ଡାଉନ ଯୋଗୁ ପାଠପଢ଼ାରେ କ୍ଷୟକ୍ଷତି ଏବଂ ଅନ୍‌ଲାଇନ ଶିକ୍ଷା ପ୍ରସଙ୍ଗର ଅନୁଧ୍ୟାନ ଲାଗି ୟୁଜିସି ଦୁଇଟି କମିଟି ଗଠନ କରିଥିଲେ। ହରିୟାଣା ବିଶ୍ୱବିଦ୍ୟାଳୟ କୁଳପତି ଆର୍.ସି. କୁହାଡଙ୍କ ନେତୃତ୍ୱରେ ଗଠିତ କମିଟିକୁ ଲକ୍‌ଡାଉନ ସମୟରେ ପରୀକ୍ଷା ପରିଚାଳନା ଏବଂ ବିକଳ୍ପ ଶିକ୍ଷାବର୍ଷ ସମ୍ପର୍କରେ ଅନୁଧ୍ୟାନ କରିବାକୁ କୁହାଯାଇଥିଲା। ସେହିପରି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଗଠିତ କମିଟିକୁ ଅନ୍‌ଲାଇନ ଶିକ୍ଷାର ଉନ୍ନତି ସମ୍ପର୍କରେ ପ୍ରସ୍ତାବ ଦେବାକୁ କୁହାଯାଇଥିଲା।

ଜୁଲାଇ ପରିବର୍ତ୍ତେ ସେପ୍ଟେମ୍ବରରେ ଶିକ୍ଷାବର୍ଷ ଆରମ୍ଭ ଲାଗି ପ୍ରଥମ କମିଟି ସୁପାରିସ୍ କରିଥିବାବେଳେ ଆବଶ୍ୟକ ଭିତ୍ତିଭୂମି ଓ ସାଧନ ଥିଲେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନ୍‌ଲାଇନ ପରୀକ୍ଷା କରାଇପାରିବେ ବୋଲି ଦ୍ୱିତୀୟ କମିଟି ପ୍ରସ୍ତାବ ଦେଇଛି। ନଚେତ୍ ସେମାନଙ୍କୁ ଲିଖିତ ପରୀକ୍ଷା କରାଇବା ଲାଗି ଲକ୍‌ଡାଉନ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି କୁହାଯାଇଛି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦୁଇଟି ରିପୋର୍ଟକୁ ଅନୁଧ୍ୟାନ କରୁଛି। ଆସନ୍ତା ସପ୍ତାହରେ ଏ ସମ୍ପର୍କିତ ଆନୁଷ୍ଠାନିକ ମାର୍ଗଦର୍ଶିକା ପ୍ରକାଶ ପାଇବା ଆଶା କରାଯାଉଛି।

## ଦ୍ରୁତ ଆଣ୍ଟିବଡି ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) କୋଭିଡ୍-୧୯ ଦ୍ରୁତ୍ ଆଣ୍ଟିବଡି ପରୀକ୍ଷାର ସଠିକତାକୁ ପୁନଃଯାଞ୍ଚ କରୁଛି। ସେଥିପାଇଁ ଏହି ରାପିଡ୍ ଆଣ୍ଟିବଡି ପରୀକ୍ଷା କିଟ୍‌ର ବ୍ୟବହାର ସ୍ଥଗିତ ରଖିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କୁହାଯାଇଛି। ଚାଇନାର ଦୁଇଟି କମ୍ପାନୀ ଏହି ପରୀକ୍ଷା କିଟ୍ ଯୋଗାଇଥିଲେ। ଏଥିରେ ଠିକ୍ ଫଳାଫଳ ଆସୁ ନ ଥିବା କେତେକ ରାଜ୍ୟ ଅଭିଯୋଗ କରିବା ପରେ ଆଇସିଏମ୍‌ଆର୍‌ର ଏକ ଟିମ୍ ଏହାର ଅନୁଧ୍ୟାନ କରୁଛି।

## ଏମ୍‌ଏସ୍‌ଏମ୍‌ଇ ସଙ୍କଟ ଦୂର ଲାଗି ୫ ପରାମର୍ଶ

**ପ୍ରଧାନମନ୍ତ୍ରୀଙ୍କୁ ସୋନିଆଙ୍କ ଚିଠି**



**ନୂଆଦିଲ୍ଲୀ,୨୫।୪:** କରୋନା ଯୋଗୁ ଦେଶରେ ଆର୍ଥିକ ସ୍ଥିତି ଭୁଶୁଡ଼ିବାରେ ଲାଗିଛି। ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଓ ଏମ୍‌ଏସ୍‌ଏମ୍‌ଇ ସଙ୍କଟ ଦୂର କରିବା ଲାଗି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠିଲେଖି ୫ଟି ପରାମର୍ଶ ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଲାଗି ଆର୍ଥିକ ପ୍ୟାକେଜ୍‌ର ବିଶେଷ ଆବଶ୍ୟକତା ଥିବା ସେ ଦର୍ଶାଇଛନ୍ତି। ଏହି ସେକ୍ଟରକୁ ଅଣଦେଖା କରାଗଲେ ସମସ୍ୟା ଭୟଙ୍କର ସ୍ଥିତି ଧାରଣ କରିବ ଓ ଏହାର ସିଧା ପ୍ରଭାବ ଜାତୀୟ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବ।

କେନ୍ଦ୍ର ସରକାର ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଲାଗି ୧ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିବା ଲାଗି ସୋନିଆ ପରାମର୍ଶ ଦେଇଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା କେବଳ ଲୋକଙ୍କ ଚାକିରି ବଞ୍ଚିବ ତା’ ନୁହେଁ ବରଂ ଏହି ସେକ୍ଟର୍‌ର ମନୋବଳ ସୁଦୃଢ଼ ହୋଇପାରିବ। ଦ୍ୱିତୀୟରେ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଲାଗି ୧ ଲକ୍ଷ କୋଟି ଟଙ୍କାର କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ୍ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହା ଦ୍ୱାରା ଏହି ଲିକ୍ୱିଡିଟି ସହ ସେକ୍ଟର ପାଖରେ ପର୍ଯ୍ୟାପ୍ତ ପୁଞ୍ଜି ଉପଲବ୍ଧ ହୋଇପାରିବ। ତୃତୀୟରେ ଏକ ୨୪ ଘଣ୍ଟିଆ ହେଲ୍ପଲାଇନ୍ ଜାରି କରାଯିବା ଉଚିତ। ଏଥିସହ ଆର୍‌ବିଆଇ ଓ ଅନ୍ୟ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଛୋଟ ବ୍ୟବସାୟୀମାନଙ୍କୁ କିପରି ସହଜରେ ଋଣ ମିଳିପାରିବ ସେନେଇ ସୁନିଶ୍ଚିତ କରିବା ଜରୁରୀ। ଚତୁର୍ଥରେ ଏମ୍‌ଏସ୍‌ଏମ୍‌ଇ ନେଇଥିବା ଋଣ ପରିଶୋଧ ୩ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବା ଜରୁରୀ। ଏହି ସେକ୍ଟର ସହ ଯୋଡ଼ି ହୋଇଥିବା ସମସ୍ତ କର ଛାଡ୍ କରିବା କିମ୍ବା କିଛିମାତ୍ରାରେ କୋହଳ କରିବା ନିତାନ୍ତ ଆବଶ୍ୟକ ବୋଲି ସୋନିଆ କହିଛନ୍ତି। ପଞ୍ଚମରେ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଋଣ ମିଳିବାରେ ରହିଥିବା ସମସ୍ୟାର ସମାଧାନ ବାଟ ବାହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଗରିବଙ୍କୁ ଆହାର ଲାଗି ଜମି ବିକିଲେ

**୩ ହଜାର ପରିବାରରେ ହସ ଫୁଟାଇଲେ ଦୁଇଭାଇ**



**ବେଙ୍ଗାଲୁରୁ,୨୫।୪:** କରୋନା ମହାମାରୀ ଯୋଗୁ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଲକ୍‌ଡାଉନ୍ ପରେ କାମଧନ୍ଦା ହରାଇ ଗରିବ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଲୋକ ଅନାହାର ଓ ଅର୍ଦ୍ଧାହାର ରହୁଛନ୍ତି। ଏଭଳି ସ୍ଥିତିରେ ଗରିବଙ୍କୁ ସାହାଯ୍ୟ କରିବା ଲାଗି ଆଗେଇ ଆସିଛନ୍ତି କର୍ଣ୍ଣାଟକର ଦୁଇ ବ୍ୟବସାୟୀ। ତଜାମ୍ମୁଲ ପାସା ଓ ମୁଜାମ୍ମିଲ ପାସା ସମ୍ପର୍କରେ ଦୁଇ ଭାଇ ହୋଇଥିବା ବେଳେ ରାଜ୍ୟରେ ଗରିବ ଲୋକଙ୍କୁ ସହାୟତା କରିବା ଲାଗି ନିଜ ଜମିକୁ ବିକ୍ରି କରିବାକୁ ପଛାଇ ନାହାନ୍ତି। କୋଲାର ଜିଲାରେ ଥିବା ଜମିକୁ ସେମାନେ ୨୫ ଲକ୍ଷ ଟଙ୍କାରେ ବିକ୍ରି କରିଛନ୍ତି। ଏହି ଟଙ୍କାରେ ସେମାନେ ଗରିବଙ୍କ ଲାଗି ଚାଉଳ, ଗହମ, ଚିନି, ଡାଲି, ତେଲ ଭଳି ଅତ୍ୟାବଶ୍ୟକ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ଯୋଗାଉଛନ୍ତି। ନିଜ ଘର ପାଖରେ ଏକ ଟେଣ୍ଟକରି ରୋଷେଇ ଲାଗି ବ୍ୟବସ୍ଥା କରିଛନ୍ତି। ଗରିବ, ଅନାଥ, ଶ୍ରମିକ, ନିରାଶ୍ରୟଙ୍କୁ ଏଠାରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି।

ପିଲାବେଳୁ ଏହି ଦୁଇଭାଇଙ୍କ ବାପା-ମା’ ଆରପାରିକୁ ଚାଲିଯାଇଥିଲେ। ପିଲାଦିନ ଅଜାଆଈ ରହୁଥିବା କୋଲାରରେ ରହି ସେମାନେ ବଡ଼ ହୋଇଛନ୍ତି। ଗରିବୀକୁ ଅତି ନିକଟରୁ ସେମାନେ ଦେଖିଛନ୍ତି। ବିଭିନ୍ନ ଧର୍ମ, ଜାତିର ଲୋକ ଏଥିଲାଗି ସେମାନଙ୍କୁ ସହଯୋଗ କରିଆସିଛନ୍ତି ବୋଲି କହିଛନ୍ତି ତଜାମ୍ମୁଲ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନଙ୍କ ମୁହଁରେ ଟିକେ ହସ ଦେଖିବାକୁ ସେମାନେ ପ୍ରୟାସ କରିଥିବା କହିଛନ୍ତି ସେ। ଏଠାକାର ଲୋକମାନଙ୍କ ଲାଗି କେବଳ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଯାଉନି, ବରଂ ସାନିଟାଇଜର, ମାସ୍କ ଆଦି ମଧ୍ୟ ଯୋଗାଇ ଦିଆଯାଇଥିବା ତଜାମ୍ମୁଲ ପ୍ରକାଶ କରିଛନ୍ତି। ୩ ହଜାର ଗରିବଙ୍କ ଲାଗି ସମସ୍ତ ସହଯୋଗ କରାଯାଉଛି ଓ କୋଲାର ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିବା ସେ କହିଛନ୍ତି। ଜଣେ ବନ୍ଧୁଙ୍କ ସହ ଜମିବିକ୍ରି ନେଇ ବଣ୍ଡ୍ ସାଇନ୍ ସରିଛି ଓ ଲକ୍‌ଡାଉନ୍ ପରେ ବାକିଥିବା କାମ ଶେଷ କରାଯିବ ବୋଲି ସେ କହିଛନ୍ତି।

ଭାରତରେ ଏବେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨୫ ହଜାର ଟପିଥିବା ବେଳେ ୭୯୪ ଜଣ ପ୍ରାଣ ହରାଇଲେଣି। କର୍ଣ୍ଣାଟକରେ ୫୦୦ରୁ ଅଧିକ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହେଲେଣି। ପ୍ରତିଦିନ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଲୋକମାନଙ୍କ ସମସ୍ୟା ମଧ୍ୟ ଦ୍ୱିଗୁଣିତ ହେଉଛି। ତେବେ ଗରିବଙ୍କ ମୁହଁରେ ହସ ଫୁଟାଇବା ଲାଗି ଦୁଇଭାଇ କରିଥିବା ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

## ଭାରତରେ ଗଲାଣି ୮୨୩ ଜୀବନ

- ସଂକ୍ରମିତଙ୍କ ସଂଖ୍ୟା ୨୬,୧୩୧କୁ ବୃଦ୍ଧି
- ୨୪ ଘଣ୍ଟାରେ ୧,୬୮୩ ନୂଆ ମାମଲା
- ଆରୋଗ୍ୟ ହେଲେଣି ୫,୯୦୬ ଆକ୍ରାନ୍ତ
- ମହାରାଷ୍ଟ୍ରରେ ୩୨୩ ମୁଣ୍ଡ ଗଡ଼ିଲାଣି

**ନୂଆଦିଲ୍ଲୀ,୨୫।୪:** ଦେଶରେ କରୋନା ସ୍ଥିତି ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇବାରେ ଲାଗିଛି। ଲକ୍‌ଡାଉନ୍ ସତ୍ତ୍ୱେ ନୂଆ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ଶନିବାର ସୁଦ୍ଧା ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬,୧୩୧ରେ ପହଞ୍ଚି ଥିବାବେଳେ ୮୨୩ ଜଣ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୧,୬୮୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି ଓ ୪୨ ଜଣଙ୍କ ଜୀବନ ଯାଇଛି। ପ୍ରତିଦିନ ଏଭଳି ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିନ୍ତା ବଢ଼ିବାରେ ଲାଗିଛି। ଯଦିଓ ଅଦ୍ୟାବଧି ୫,୯୦୬ ଆକ୍ରାନ୍ତ ସୁସ୍ଥହୋଇ ଘରକୁ ଫେରିଛନ୍ତି ତଥାପି ପରିସ୍ଥିତି ଅଣାୟତ୍ତ ଆଡ଼କୁ ଗତି କରିବାରେ ଲାଗିଛି। କେବଳ ମହାରାଷ୍ଟ୍ରରେ ୭,୬୨୮ ଭୂତାଣୁ ଆକ୍ରାନ୍ତ ଥିବାବେଳେ ୩୨୩ ଜୀବନ ଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୮୧୧ ନୂଆରୋଗୀ ଚିହ୍ନଟ ହୋଇଥିବା ବେଳେ ୨୨ ଜଣ ପ୍ରାଣ ହରାଇଛନ୍ତି।

ରାଜଧାନୀ ଦିଲ୍ଲୀ ସ୍ଥିତି ମଧ୍ୟ ଖରାପ ହେବାରେ ଲାଗିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ଶନିବାର ସୁଦ୍ଧା ୨,୫୧୪ ଥିବା ବେଳେ ୫୩ ଜୀବନ ଗଲାଣି। ଗୁଜରାଟରେ ମଧ୍ୟ ସଙ୍ଗିନ ସ୍ଥିତି। ମୋଟ ୩,୦୭୧ ଜଣ ଏଠାରେ ଭୂତାଣୁ ସଂକ୍ରମିତ ହୋଇଥିବା ବେଳେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୩୩କୁ ବୃଦ୍ଧିପାଇଛି। ମଧ୍ୟପ୍ରଦେଶରେ ୯୯ ଜୀବନ ଯାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ରହିଛି ୧,୯୪୫। ରାଜସ୍ଥାନରେ ୨,୦୬୧ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ୩୩ରେ ପହଞ୍ଚିଛି। ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶରେ ରୋଗୀସଂଖ୍ୟା ବଢ଼ି ବଢ଼ି ଚାଲିଛି। ତାମିଲନାଡୁରେ ୧,୮୨୧ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆନ୍ଧ୍ରପ୍ରଦେଶରେ ୧,୦୧୬ ଓ ଉତ୍ତରପ୍ରଦେଶରେ ୧,୭୯୩ ଚିହ୍ନଟ ହୋଇଛନ୍ତି। ଏହି ରାଜ୍ୟରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଯଥାକ୍ରମେ ୨୩, ୩୧, ୨୭ ରହିଛି। ଅନ୍ୟ ରାଜ୍ୟ ମଧ୍ୟରେ ତେଲଙ୍ଗାନାରେ ୯୯୦, ପଶ୍ଚିମବଙ୍ଗରେ ୫୭୧, କର୍ଣ୍ଣାଟକରେ ୫୦୦, ଜମ୍ମୁ-କଶ୍ମୀରରେ ୪୯୪, କେରଳରେ ୪୫୮, ପଞ୍ଜାବରେ ୩୦୮, ହରିୟାଣାରେ ୨୮୭ ଭୂତାଣୁ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଲୋକମାନଙ୍କୁ ସାମାଜିକ ଦୂରତ୍ୱ ରକ୍ଷା ସହ ଲକ୍‌ଡାଉନ୍‌କୁ ମାନି ଚଳିବା ଲାଗି ପରାମର୍ଶ ଦିଆଯାଇଥିଲା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା କମିବାର ନାଁ ନେଉନାହିଁ।

## ଦେଶରେ ସଂକ୍ରମଣ ବୃଦ୍ଧି ହାର ସର୍ବନିମ୍ନ

**ନୂଆଦିଲ୍ଲୀ,୨୫।୪(ପି.ଟି.):** ଭାରତରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବଢ଼ୁଥିଲାବେଳେ ସଂକ୍ରମଣ ହାର ଯଥେଷ୍ଟ ହ୍ରାସ ପାଇଛି। ଏବେ ସଂକ୍ରମିତ ମାମଲା ଦ୍ୱିଗୁଣିତ ହେବା ଲାଗି ୯ ଦିନରୁ ଅଧିକ ସମୟ ଲାଗୁଛି। ନୂଆ ମାମଲା ବୃଦ୍ଧି ହାର ୬ ପ୍ରତିଶତ ରହିଛି ଯାହା କି ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିବା ପରେ ଏହା ସର୍ବନିମ୍ନ ଦୈନିକ ବୃଦ୍ଧି ହାର ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ମନ୍ତ୍ରୀଗୋଷ୍ଠୀ ବୈଠକରେ ରାଜ୍ୟୱାରି କୋଭିଡ୍ ହସ୍ପିଟାଲ, ଆଇସୋଲେଶନ ବେଡ୍, ପିପିଇ କିଟ୍, ଏନ୍‌୯୫ ମାସ୍କ, ଔଷଧ, ଭେଣ୍ଟିଲେଟର, ଅକ୍ସିଜେନ୍ ସିଲିଣ୍ଡର ଆଦି ଉପରେ ଆଲୋଚନା କରାଯାଇଥିଲା। ଘରୋଇ ସଂସ୍ଥାଗୁଡ଼ିକ ପିପିଇ କିଟ୍ ଓ ମାସ୍କ ଉତ୍ପାଦନ ଆରମ୍ଭ କରିବା ପରେ ଏବେ ସେଗୁଡ଼ିକ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେଉଥିବା ମନ୍ତ୍ରୀଗୋଷ୍ଠୀକୁ ଅବଗତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଦେଶରେ ଦୈନିକ ୧ ଲକ୍ଷରୁ ଅଧିକ ପିପିଇ କିଟ୍ ଓ ଏନ୍‌୯୫ ମାସ୍କ ଉତ୍ପାଦନ ହେଉଛି। ସେହିପରି ଘରୋଇ କମ୍ପାନୀଗୁଡ଼ିକ ଭେଣ୍ଟିଲେଟର ଉତ୍ପାଦନ ଆରମ୍ଭ କରିଛନ୍ତି। ୯ଟି କମ୍ପାନୀକୁ ୫୯,୦୦୦ରୁ ଅଧିକ ଭେଣ୍ଟିଲେଟର ଯୋଗାଇବାକୁ ଅର୍ଡର ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଦେଶରେ କରୋନା ସଂକ୍ରମିତଙ୍କ ମୃତ୍ୟୁ ହାର ୩.୧ ପ୍ରତିଶତ ରହିଥିବାବେଳେ ସୁସ୍ଥ ହେବା ହାର ୨୦ ପ୍ରତିଶତରୁ ଅଧିକ ରହିଛି। ଅନ୍ୟ ଅଧିକାଂଶ ଦେଶ ତୁଳନାରେ ଭାରତ ଭଲ ସ୍ଥିତିରେ ରହିଛି। ୫,୬୦୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି। କରୋନା ମୁକାବିଲା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମନ୍ତ୍ରୀଗୋଷ୍ଠୀ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଦାଦନ ଶ୍ରମିକ ଓ ଦିନମଜୁରିଆମାନଙ୍କୁ ଖାଦ୍ୟ ଯୋଗାଇବାରେ ବିଭିନ୍ନ କମିଟି ସମେତ ୯୨,୦୦୦ ଏନ୍‌ଜିଓ, ସ୍ୱୟଂସହାୟକ ଗୋଷ୍ଠୀ ଓ ସିଭିଲ୍ ସୋସାଇଟି ସଂଗଠନ ସାମିଲ ହୋଇଛନ୍ତି।

## କମୁଛି କୀଟପତଙ୍ଗ ସଂଖ୍ୟା



**ୱାଶିଂଟନ:** ପୃଥିବୀରେ ଧୀରେ ଧୀରେ କୀଟପତଙ୍ଗ ସଂଖ୍ୟା କମିବାରେ ଲାଗିଛି। ପ୍ରତି ୧୦ ବର୍ଷରେ ୨୫ ପ୍ରତିଶତ କୀଟପତଙ୍ଗ କମିବାରେ ଲାଗିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଶିଳ୍ପାୟନ, କୃଷିକାର୍ଯ୍ୟରେ ବ୍ୟବହୃତ ହେଉଥିବା କୀଟନାଶକ ଯୋଗୁ ଏଭଳି ହେଉଛି। ମଣିଷର ବିଭିନ୍ନ କାର୍ଯ୍ୟ ଯୋଗୁ ପ୍ରାୟ ୧ ନିୟୁତ ପ୍ରଜାତିର କୀଟପତଙ୍ଗ ଲୋପ ପାଇବାର ଆଶଙ୍କା ଦେଖାଦେଇଛି। ପ୍ରାକୃତିକ ପରିବେଶ ଉପରେ ମଣିଷ ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟ ଯୋଗୁ ମଧ୍ୟ କୀଟପତଙ୍ଗ ମରୁଥିବା କୁହାଯାଉଛି। ଫଳରେ ଆଗାମୀ ଦିନରେ ବହୁ ଅଜଣା ରୋଗ ମାନବ ସମାଜରେ ଦେଖାର ଆଶଙ୍କା ସୃଷ୍ଟି ହୋଇଛି।

ପରିବେଶ ଶୃଙ୍ଖଳରେ ଗୋଟିଏ ପ୍ରଜାତି ଅନ୍ୟ ପ୍ରଜାତି ଉପରେ ନିର୍ଭରଶୀଳ। କୀଟପତଙ୍ଗଙ୍କ ସଂଖ୍ୟା କମିବା ଯୋଗୁ ସେମାନଙ୍କ ଉପରେ ନିର୍ଭର କରୁଥିବା ବହୁ ଉପକାରୀ ପ୍ରଜାତି ଲୋପ ହେବାର ଆଶଙ୍କା ରହିଛି। ମାଟିରେ ବାସ କରୁଥିବା କୀଟପତଙ୍ଗଙ୍କ ପରେ ବାୟୁମଣ୍ଡଳରେ ଉଡ଼ି ବୁଲୁଥିବା କୀଟପତଙ୍ଗ ଲୋପ ପାଇବାର ଦ୍ୱିତୀୟସ୍ତରରେ ରହିଛନ୍ତି। ପଶ୍ଚିମ ଆମେରିକା, ୟୁରୋପ ଏବଂ ଜର୍ମାନୀରେ ଏଭଳି କୀଟପତଙ୍ଗଙ୍କ ସଂଖ୍ୟା ଅଧିକ ରହିଛି। ୨୦୦୫ଠାରୁ ଜର୍ମାନୀରେ ବାୟୁମଣ୍ଡଳରେ ଉଡ଼ିବୁଲୁଥିବା କୀଟପତଙ୍ଗଙ୍କ ଲୋପ ପାଇବା ହାର ଅଧିକ। ପୃଥିବୀର ୧୬୬ ଅଞ୍ଚଳର ୧,୬୭୬ ସ୍ଥାନରେ ସର୍ଭେ କରାଯାଇ ଏହି ରିପୋର୍ଟ ପ୍ରକାଶ ପାଇଛି। ତେବେ ଜଳରେ ବାସ କରୁଥିବା କେତେକ କୀଟ ପ୍ରଜାତିଙ୍କ ସଂଖ୍ୟା ଇତିମଧ୍ୟରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରଜାପତିଙ୍କ ଉପରେ ଦୀର୍ଘ ୩୦ ବର୍ଷ ଧରି ଆମେରିକାରେ ଅଧ୍ୟୟନ କରୁଥିବା ଆନ୍ ସ୍ୱେନ୍‌ଞ୍ଜେଲ କହିଛନ୍ତି ଯେ, ମଣିଷର ବିଭିନ୍ନ କାର୍ଯ୍ୟ ଯୋଗୁ ବହୁ ଅଞ୍ଚଳରେ ପ୍ରଜାପତିଙ୍କ ବହୁ ପ୍ରଜାତି ଲୋପ ପାଇଥିଲେ ମଧ୍ୟ ଅନ୍ୟ କିଛି ସ୍ଥାନରେ ସେମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରିସ୍ଥଳେ କୀଟପତଙ୍ଗ ପ୍ରଜାତିକୁ ସଂରକ୍ଷଣ କରାଯିବା ଭଳି ପଦକ୍ଷେପ ପ୍ରାକୃତିକ ପରିବେଶ ଅକ୍ଷୁଣ୍ଣ ରଖିପାରିବ ବୋଲି ପରିବେଶବିତ୍ ଡ. ଭେନ୍ କ୍ଲିଙ୍କ୍ ସୂଚନା ଦେଇଛନ୍ତି। କୀଟପତଙ୍ଗ ଅଧିକ ସଂଖ୍ୟକ ଛୁଆ ସୃଷ୍ଟି କରୁଥିବାରୁ ଆବଶ୍ୟକ ସଂରକ୍ଷଣ ପଦ୍ଧତି ଦ୍ୱାରା ସେମାନଙ୍କ ସଂଖ୍ୟା ଖୁବ୍‌ଶୀଘ୍ର ପୂର୍ବପରି ହୋଇପାରିବ ବୋଲି ଅନୁମାନ କରାଯାଉଥିବା କ୍ଲିଙ୍କ୍ କହିଛନ୍ତି।



ଲୋକମାନଙ୍କୁ ସଚେତନ କରାଇବା ଲାଗି ଗ୍ରେଟର୍ ଚେନ୍ନାଇ କର୍ପୋରେଶନ ବିଲ୍ଡିଂ ନିକଟରେ କରୋନା ଭାଇରସ୍ ଆକୃତିର ପୁତ୍ତଳିକା ଟଙ୍ଗାଯାଇଛି।

## ସଂକ୍ଷେପରେ

### ଡାକ୍ତରଙ୍କୁ ଅସମ୍ମାନ, ୩ ଗିରଫ

**ଖଇରା,୨୫।୪(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କ ବିରୋଧରେ ଅସମ୍ମାନସୂଚକ ମନ୍ତବ୍ୟ ଦେବା ଅଭିଯୋଗରେ ଖଇରା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୁଷୋତ୍ତମପୁର ଗ୍ରାମର ଶଙ୍କର୍ଷଣ ସାହୁ ଓ ତାଙ୍କର ଦୁଇ ପୁଅ ଶ୍ରୀକାନ୍ତ ଏବଂ ଅଶୋକ। ଏନେଇ ଥାନାରେ ଏକ ମାମଲା(ନଂ.୮୨/୨୦୨୦) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ଅଶୋକଙ୍କୁ ନେଇ ତାଙ୍କ ବଡ଼ ଭାଇ ଶ୍ରୀକାନ୍ତ ଡାକ୍ତର ବିଦ୍ୟୁଭୂଷଣ ମହାନ୍ତିଙ୍କୁ ଦେଖାଇବାକୁ ଆସିଥିଲେ। ଡାକ୍ତର ସନ୍ଧ୍ୟାରେ ଆସିବାକୁ କହିବା ପରେ ସେମାନେ ଫେରିଯାଇଥିଲେ। ପୁଣି ସନ୍ଧ୍ୟାରେ ଆସି ଡାକ୍ତରଙ୍କୁ ନ ପାଇ ତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏନେଇ ଡାକ୍ତର ମହାନ୍ତି ଥାନାରେ ଅଭିଯୋଗ କରିବାରୁ ପୋଲିସ ସମ୍ପୃକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କ ବାପା ଘଟଣା ସମ୍ପର୍କରେ ଡାକ୍ତରଙ୍କୁ ପଚାରିବାକୁ ଆସିଥିବା ବେଳେ ପୋଲିସ ତାଙ୍କୁ ମଧ୍ୟ ଗିରଫ କରିଥିଲା।

# କ୍ୱାରାଣ୍ଟାଇନ ପରେ କାମକୁ ଯାଇପାରିବେ ଶ୍ରମିକ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଅନ୍ୟରାଜ୍ୟରୁ ଓଡ଼ିଶାକୁ ଆସିଥିବା ଓ ରାଜ୍ୟ ଭିତରେ ଥିବା ଶ୍ରମିକଙ୍କୁ ଆଶ୍ୱସ୍ତି ମିଳିଛି। ବିଭିନ୍ନ ଜିଲାରେ ଥିବା ୨,୬୧୦ ରିଲିଫ କ୍ୟାମ୍ପରେ ୧୪ଦିନ କ୍ୱାରାଣ୍ଟାଇନ୍ ବିତାଇ ସାରିଥିବା ଶ୍ରମିକମାନେ ରାଜ୍ୟ ଭିତରେ ଯେକୌଣସି ସ୍ଥାନକୁ କାମ କରିବାକୁ ଯାଇପାରିବେ। ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ଏକ ଗାଇଡଲାଇନ ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶିଳ୍ପ ସଂସ୍ଥା, ଏଜେନ୍ସି କିମ୍ବା ଠିକାଦାର ଶ୍ରମିକଙ୍କୁ କାର୍ଯ୍ୟସ୍ଥଳକୁ ନେଇ ଯିବାବେଳେ ସରକାରଙ୍କ ଲକ୍‌ଡାଉନ ଗାଇଡ୍‌ଲାଇନ ଏବଂ ସାମାଜିକ ଦୂରତାକୁ କଡ଼ାକଡ଼ି ଭାବେ ଭାବେ ପାଳନ କରିବେ। ଶ୍ରମିକଙ୍କୁ ନେବାବେଳେ ସେମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ସହ କେଉଁଠିକୁ ଯାଉଛନ୍ତି ଓ କେଉଁ ଯାନରେ ଯାଉଛନ୍ତି ସେନେଇ ସମସ୍ତ ସୂଚନା ଜିଲା ଶ୍ରମ ଅଧିକାରୀ(ଡିଏଲ୍‌ଓ)ଙ୍କ ଜରିଆରେ ଜିଲାପାଳଙ୍କୁ ଦେବାକୁ ପଡ଼ିବ। ଜିଲାପାଳ ଏନେଇ ପାସ୍ ଇସ୍ୟୁ କରିବେ। ଆବଶ୍ୟକ ହେଲେ ଜିଲାପାଳ ଏନେଇ ବସ୍ ମଧ୍ୟ ଯୋଗାଇ ଦେବେ। ଏହାର ସମସ୍ତଖର୍ଚ୍ଚ ଠିକାଦାର, ଶିଳ୍ପ ସଂସ୍ଥା ବହନ କରିବେ। ଯଦି କୌଣସି ଶ୍ରମିକ ଶିଳ୍ପ ସଂସ୍ଥା, ଠିକାଦାର କିମ୍ବା ଏଜେନ୍ସି ସହିତ କାର୍ଯ୍ୟପାଇଁ ଯାଉ ନ ଥିବେ ସେପରି ସ୍ଥଳେ ବିଡିଓ/ଡିଏଲଓ ଶ୍ରମିକଙ୍କ ବିଷୟରେ ଜିଲାପାଳ/ଡିଆରଡିଓଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଶ୍ରମିକଙ୍କ ଯିବାଆସିବା ପାଇଁ ଆର୍‌ଟିଓଙ୍କ ସହଯୋଗରେ ବସ୍ ଯୋଗାଇ ଦେବେ। ଏଥିପାଇଁ ହେବାକୁ ଥିବା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କରାଯିବ। ଏନେଇ ଜିଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ବର୍ତ୍ତମାନ ସମସ୍ତ ବସ୍ ଚଳାଚଳ ବନ୍ଦ ଥିବାବେଳେ ଶ୍ରମିକଙ୍କୁ ନେବା ଲାଗି ଜିଲାପାଳ ଛିଡ଼ା ହୋଇ ରହିଥିବା ବସ୍‌କୁ ବ୍ୟବହାର କରିପାରିବେ। ଉକ୍ତ ବସ୍‌ଗୁଡ଼ିକର ସେହିମାସର ସମସ୍ତ ଟିକସ ଛାଡ଼ କରାଯିବ। ଏନେଇ ବାଣିଜ୍ୟ ଓ ପରିବହନ ବିଭାଗପକ୍ଷରୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ଯେଉଁ ଶ୍ରମିକମାନେ କ୍ୱାରାଣ୍ଟାଇନ ଅବଧି ଶେଷ କରିଛନ୍ତି, ସେମାନଙ୍କୁ ସରପଞ୍ଚ କିମ୍ବା ସହରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁଣିଥରେ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେଇ ପାରିବେ ନାହିଁ। ଏନେଇ ପଞ୍ଚାୟତିରାଜ ବିଭାଗ, ନଗର ଉନ୍ନୟନ ବିଭାଗ ସରପଞ୍ଚଙ୍କ ପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବେ। ଜିଲାପାଳମାନେ ନିଜ ଜିଲାରେ କାର୍ଯ୍ୟଗୁଡ଼ିକୁ ତଦାରଖ କରିବେ। ପିଡି ଡିଆରଡିଏମାନେ ଜିଲାର ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ। ଡିଏଲ୍‌ଓ ପ୍ରତ୍ୟେକ ଦିନ କାର୍ଯ୍ୟଗୁଡ଼ିକର ରିପୋର୍ଟ ପିଡିଡିଆର୍‌ଡିଏଙ୍କୁ ପ୍ରଦାନ କରିବେ। ରାଜ୍ୟସ୍ତରରେ କୃଷି ଉତ୍ପାଦନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ଏହି କମିଟିରେ ଶ୍ରମ, ପରିବହନ ବିଭାଗର ଅଧିକାରୀ ସଦସ୍ୟ ରହିବେ। ସେମାନେ ଶ୍ରମିକଙ୍କ ଯାତାୟାତ ବିଷୟରେ ନିୟମିତ ସମୀକ୍ଷା କରିବେ।

### ଜାରି ହେଲା ଗାଇଡ୍‌ଲାଇନ

- ଠିକାଦାର, ଶିଳ୍ପସଂସ୍ଥା, ଏଜେନ୍ସି ଶ୍ରମିକଙ୍କ ସମସ୍ତ ସୂଚନା, କାର୍ଯ୍ୟସ୍ଥଳର ବିବରଣୀ ଡିଏଲଓଙ୍କୁ ଦେବେ
- ଅନ୍ୟ ଶ୍ରମିକଙ୍କ ଯାତାୟାତ ପାଇଁ ଜିଲାପାଳ ମାଗଣାରେ ବସ୍ ସେବା ଯୋଗାଇବେ
- ଏପିସିଙ୍କ ଅଧ୍ୟକ୍ଷତାରେ ଗଠନ ହେଲା ଉଚ୍ଚସ୍ତରୀୟ ସମୀକ୍ଷା କମିଟି
- ନିୟମିତ ଶ୍ରମିକଙ୍କ ଉପରେ ନଜର ରଖିବେ ଜିଲାପାଳ



# ୧୦ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

### ଓଡ଼ିଶା ଉପରେ ଘୂର୍ଣ୍ଣିବଳୟ

ଛତିଶଗଡ, ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ବିଦର୍ଭ ଏବଂ ପୂର୍ବ ମଧ୍ୟ ପ୍ରଦେଶ ଉପରେ ଏକ ଟ୍ରପ୍ ଲାଇନ୍ ସୃଷ୍ଟି ହୋଇଛି। ଏହାଛଡା ବଙ୍ଗୋପସାଗରୁ ବହୁ ଅଂଶରେ ଜଳୀୟ ବାଷ୍ପ ବାୟୁ ମଣ୍ଡଳକୁ ପ୍ରବେଶ କରୁଛି। ଏହାର ପ୍ରଭାବରେ ବିଭିନ୍ନ ଜିଲାରେ ଝଡବର୍ଷା ଲାଗି ରହିଛି। ଆସନ୍ତା ୩୦ ତାରିଖ ଯାଏ ଏଭଳି ପାଗ ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡା, କୋରାପୁଟ ଏବଂ ସୁନ୍ଦରଗଡ ଜିଲାର କେତେକ ସ୍ଥାନରେ ଝଡବର୍ଷା ସହ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହାଛଡା ସୁନ୍ଦରଗଡ, ମୟୂରଭଞ୍ଜ, ଦେବଗଡ, କେନ୍ଦୁଝର, କଳାହାଣ୍ଡି ଏବଂ କୋରାପୁଟ ଜିଲାରେ ଘଡଘଡି ସହ କୁଆପଥର ବର୍ଷା ହେବା ସମ୍ଭାବନା ରହିଛି। ଏଥିସହିତ ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡା, ଗଜପତି, ପୁରୀ, କେନ୍ଦ୍ରାପଡା ଏବଂ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଜଣାପଡିଛି। ଏସବୁ ଜିଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି।

ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହୋଇ ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହରଭଙ୍ଗାରେ ସର୍ବାଧିକ ୧୪ ସେ.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ବିନିକା ୧୩, କନ୍ଧମାଳ ୧୩, ଗଞ୍ଜାମ ୧୨, ବୀରମହାରାଜପୁର ୧୨, ଅତାବିରା ୧୦, ଜଗନ୍ନାଥପ୍ରସାଦ ୧୦, ଦଶପଲ୍ଲା ୧୦, ବରପାଲି ୧୦, ନିଆଳି ୯, ଖଇରମାଳ ୯, ବାଲିପାଟଣା ୭, ବାଣପୁର ୭, ଏବଂ ବାଙ୍କିରେ ୭ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ଝଡବର୍ଷା ଲାଗି ରହୁଥିବାରୁ ରାଜ୍ୟରେ ତାତି ହ୍ରାସ ପାଇଛି। ବିଭିନ୍ନ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ତଳେ ରହୁଛି। ଆସନ୍ତା ୩୦ ତାରିଖ ଯାଏ ଉପକୂଳ ଓଡିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିବା ବେଳେ ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର ଗୋଟିଏ ଦୁଇଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ସେଲସିୟସ୍ ଉପରେ ରହିବ ବୋଲି ଅନୁମାନ କରାଯାଇଛି।

# ହବଲ୍ ଟେଲିସ୍କୋପର ୧.୪ ମିଲିୟନ ଅବଜରଭେଶନ

**ୱାଶିଂଟନ, ୨୫।୪**



### ୩ ଦଶନ୍ଧିର ସଫଳତା

ହବଲ୍ ସ୍ପେସ ଟେଲିସ୍କୋପ୍ ମହାକାଶରେ ଚିତ୍ତାକର୍ଷକ ଅବିଷ୍କାର କରିବାର ୩ ଦଶନ୍ଧି ୨୪ ଏପ୍ରିଲରେ ଶେଷ କରିଛି। ଏହି ସମୟରେ ୧.୪ ମିଲିୟନ ଅବଜରଭେଶନ ବା ଅବଲୋକନ କରି ଏହା ଏକ ରେକର୍ଡ ସୃଷ୍ଟି କରିପାରିଛି। ଉକ୍ତ ଅବଜରଭେଶନରୁ ତଥ୍ୟ ଆହରଣ କରି ବିଶ୍ୱର ଜ୍ୟୋତିର୍ବିଜ୍ଞାନ ବିଶାରଦମାନେ ୧୭ ହଜାରରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଗବେଷଣାତ୍ମକ ପ୍ରବନ୍ଧ ମଧ୍ୟ ପ୍ରକାଶ କରିସାରିଲେଣି। ହବଲ୍ ବହୁପ୍ରସୂ ମହାକାଶ ପର୍ଯ୍ୟବେକ୍ଷଣାଗାର ସୃଷ୍ଟି କରିବାରେ ଇତିହାସ ସୃଷ୍ଟି କରିଛି ବୋଲି ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ(ନାସା) ପକ୍ଷରୁ କୁହାଯାଇଛି।

୩୦ ବର୍ଷ ତଳେ ଅର୍ଥାତ୍ ୨୪ ଏପ୍ରିଲ ୧୯୯୦ରେ ହବଲ୍‌କୁ ଫ୍ଲୋରିଡାସ୍ଥିତ ନାସାର କେନେଡି ସ୍ପେଶ୍ ସେଣ୍ଟରରୁ ମହାକାଶକୁ ଛଡ଼ା ଯାଇଥିଲା। ସ୍ପେସ୍ ଶଟଲ୍ ଡିସ୍‌କଭରିରେ ୫ ମହାକାଶଚାରୀ ମଧ୍ୟ ଯାତ୍ରା କରିଥିଲେ। ପୃଥିବୀ କକ୍ଷପଥରେ ଅବସ୍ଥାପିତ ହେବା ପରେ ହବଲ୍ ଟେଲିସ୍କୋପ୍ କାର୍ଯ୍ୟ ଆରମ୍ଭ କରିଥିଲା। ନାସା ଓ ଇସା (ଦି ୟୁରୋପିଆନ୍ ସ୍ପେଶ୍ ଏଜେନ୍ସି) ସହଯୋଗରେ ପ୍ରସ୍ତୁତ କରାଯାଇଥିବା ଏହି ଅନ୍ତର୍ଜାତୀୟ ପ୍ରକଳ୍ପର ବିଶେଷ ଲକ୍ଷ୍ୟ ଥିଲା ବିଶ୍ୱର ପ୍ରସାରଣ (ଏକ୍ସପାନ୍‌ଶନ) ଓ ତ୍ୱରଣ (ଆକ୍ସିଲେରେଶନ) ହାର ମାପିବା ଏବଂ ଛାୟାପଥରେ କୃଷ୍ଣଗର୍ତ୍ତ (ବ୍ଲାକ୍ ହୋଲ୍) ସନ୍ଧାନ କରିବା। ଏଥିସହିତ ଅନ୍ୟାନ୍ୟ ତାରକା ଚାରିପାଖେ ଗ୍ରହଗୁଡ଼ିକର ବାୟୁମଣ୍ଡଳକୁ ନିରୀକ୍ଷଣ, ଆମ ସୌରଜଗତ ଚାରିକଡ଼େ ଗ୍ରହଗୁଡ଼ିକର ପାଣିପାଗରେ କି ପ୍ରକାର ପରିବର୍ତ୍ତନ ଘଟୁଛି, ତାରକା ଓ ଛାୟାପଥର ଉନ୍ମେଷ ଦିଗରେ ଅତୀତ ଘଟଣାକ୍ରମର ପ୍ରାୟ ୯୭ ପ୍ରତିଶତ ଅବଲୋକନ କରିବା ଲାଗି ଉକ୍ତ ଟେଲିସ୍କୋପରେ ବ୍ୟବସ୍ଥା କରାଯାଇଥିଲା। କହିବାକୁ ଗଲେ ଅନ୍ୟାନ୍ୟ ଟେଲିସ୍କେପ୍ ଅପେକ୍ଷା ହବଲ୍ ଅଦ୍ୟାବଧି ଜ୍ୟୋତିର୍ବିଜ୍ଞାନକୁ ପ୍ରାସଙ୍ଗିକ ତଥ୍ୟ ପ୍ରଦାନ କରିବା ସହ ପ୍ରତ୍ୟେକ ବୟସର ଲୋକଙ୍କ ପାଇଁ ଏହା ବିଷୟରେ ଜାଣିବା ଲାଗି ପଥ ସୁଗମ କରିପାରିଛି। ହବଲ୍ ପଠାଇଥିବା ଅନନ୍ୟ ଛବି ସମୟ ଓ ମହାକାଶ ମଧ୍ୟରେ ଆମର ସ୍ଥିତିର ପୁନଃ ସଂଜ୍ଞା ନିରୂପିତ କରିବାରେ ସହାୟକ ହୋଇଛି। ଆମର ନିକଟତର ଗ୍ରହଗୁଡ଼ିକଠାରୁ ବହୁଦୂରରେ ଥିବା ଛାୟାପଥ ବିଷୟରେ ବିଶ୍ୱର ଚିତ୍ତାକର୍ଷକ ଅନ୍ତର୍ଦୃଷ୍ଟିକୁ ଅବଲୋକନ କରିବା ସକାଶେ ହବଲ୍ ଅନେକ ତଥ୍ୟ ଦେଇଛି ବୋଲି ୱାଶିଂଟନ ଡିସିସ୍ଥିତ ନାସା ମୁଖ୍ୟାଳୟରେ ଥିବା ଆସୋସିଏଟ୍ ଆଡ୍‌ମିନିଷ୍ଟ୍ରେଟର ଫର୍ ସାଇନ୍ସ ଟମାସ ଜୁର୍ବୁଚେନ୍ କହିଛନ୍ତି। ୩୦ ବର୍ଷ ତଳେ ଏଭଳି ଏକ ବୃହତ୍ କ୍ରାନ୍ତିକାରୀ ଟେଲିସ୍କୋପ୍ ପ୍ରେରଣ କରାଯାଇଥିଲା, ଯାହା ନିରନ୍ତର ବୈଜ୍ଞାନିକ ସୂଚନା ଦେଇଚାଲିଛି। ଏହା ଦୀର୍ଘ ବର୍ଷ ଧରି ମଣିଷର ଅନୁସନ୍ଧିତ୍ସୁ ମନକୁ ପ୍ରେରଣା ଯୋଗାଇ ଚାଲିଥିବ ବୋଲି ନାସା ପକ୍ଷରୁ କୁହାଯାଇଛି।

ଏହି ପର୍ଯ୍ୟବେକ୍ଷଣାଗାର (ଅବଜରଭେଟୋରି)ରେ କ୍ୟାମେରା ଓ ଅନ୍ୟାନ୍ୟ ଯନ୍ତ୍ରପାତି ଯେଭଳି ଖଞ୍ଜାଯାଇଛି, ତାହା ୨୦୨୦ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିବ। ହବଲ୍‌କୁ ବଳ ଦେବା ଲାଗି ଜେମ୍ସ ୱେବ୍ ସ୍ପେଶ୍ ଟେଲିସ୍କୋପ ଆସୁଛି ବୋଲି ନାସା କହିଛି। କକ୍ଷପଥରେ ୩୦ ବର୍ଷ ରହି ରେକର୍ଡ କରିଥିବା ହବଲ୍ ପ୍ରଥମ ଥର ପାଇଁ ଦୁଇ ସୁନ୍ଦର ନୀହାରିକା (ନେବୁଲା) ଏନ୍‌ଜିସି ୨୦୨୦ ଏବଂ ଏନ୍‌ଜିସି ୨୦୧୪ର ଛବି ପ୍ରେରଣ କରିବାରେ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ଉଲ୍ଲେଖଯୋଗ୍ୟ ଯେ, ବୃହତ୍ ଲାଲ୍ ନେବୁଲା (ଏନ୍‌ଜିସି ୨୦୧୪) ଏବଂ ଏହାର ପାଖରେ ଥିବା କ୍ଷୁଦ୍ର ନୀଳ ରଙ୍ଗର ନେବୁଲା (ଏନ୍‌ଜିସି ୨୦୨୦) ତାରକାଭର୍ତ୍ତି ଲାର୍ଜ ମାଗେଲାନିକ୍ କ୍ଲାଉଡ୍‌ର ଏକ ଅଂଶବିଶେଷ। ଲାର୍ଜ୍ ମାଗେଲାନିକ୍ କ୍ଲାଉଡ୍ ଛାୟାପଥର ଏକ ଉପଗ୍ରହାଣୁପୁଞ୍ଜ, ଯାହା ୧, ୬୩,୦୦୦ ଆଲୋକବର୍ଷ ଦୂରତାରେ ଅବସ୍ଥିତ।



ରାଜସ୍ଥାନର ଜୟପୁରସ୍ଥିତ ବଡ଼ି ଚଉପୁରରେ ସୁରକ୍ଷା କର୍ମୀମାନେ ଡ୍ରୋନ୍ ଜରିଆରେ ପାଟ୍ରୋଲିଂ କରୁଛନ୍ତି।

# ଶିଳ୍ପ ପୁନରୁଦ୍ଧାର, ବିଦେଶୀ ଶିଳ୍ପକୁ ଆଣିବାକୁ ପଦକ୍ଷେପ

### ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ

**ଭୁବନେଶ୍ୱର,୨୫।୪(ବ୍ୟୁରୋ):** କରୋନା ସଂକ୍ରମଣ ଯୋଗୁ ରାଜ୍ୟ ଲକ୍‌ଡାଉନ୍‌ରେ ରହିଛି। ବୃହତ ଶିଳ୍ପଠାରୁ ଆରମ୍ଭ କରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ବନ୍ଦ ରହିଛି। ଏହାଦ୍ୱାରା ପ୍ରଭୂତ କ୍ଷତି ହୋଇଛି। ସେହି ସବୁ ଶିଳ୍ପକୁ କିପରି ପୁନରୁଦ୍ଧାର କରାଯିବ ସେ ନେଇ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦ ତାରିଖରେ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅର୍ଥ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଶିଳ୍ପ, ଖଣି ଓ ଇସ୍ପାତ ମନ୍ତ୍ରୀ ସଦସ୍ୟ ରହିଛନ୍ତି। ଶନିବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟରେ ଉଜୁଡି ଯାଇଥିବା ଶିଳ୍ପଗୁଡିକୁ କିପରି ପୁନର୍ବାର ସୁଦୃଢ଼ କରାଯାଇ ପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କରୋନା ଯୋଗୁ ଆର୍ଥିକ ଶକ୍ତିଶାଳୀ ଦେଶରୁ ବହୁ ଶିଳ୍ପ ସଂସ୍ଥା ଚାଲି ଯାଉଛନ୍ତି। ସେ ଗୁଡିକୁ ଓଡିଶାକୁ ଆମନ୍ତ୍ରଣ କରିବା ନେଇ ପଦକ୍ଷେପ ନେବା ଲାଗି ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ଏଥିସହିତ ୧୭ ଶିଳ୍ପ ସଂଘ କର୍ମକର୍ତ୍ତାମାନେ ଭିଡିଓ କନଫରେନ୍ସିଂରେ ଯୋଗଦେଇ ଶିଳ୍ପଗୁଡିକର ପୁନରୁଦ୍ଧାର ପାଇଁ ସରକାରୀ ସହାୟତା ଲୋଡିଥିଲେ। ଶିଳ୍ପ ସଂସ୍ଥାଗୁଡିକର ସରକାରୀ ଦେୟ ପ୍ରଦାନ କ୍ଷେତ୍ରରେ କୋହଳ ବ୍ୟବସ୍ଥା କରିବା ସହ ଉତ୍ପାଦିତ ଦ୍ରବ୍ୟଗୁଡିକର ବିକ୍ରି ନିମନ୍ତେ ବ୍ୟବସ୍ଥା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ଦିଲ୍ଲୀ ହସ୍ପିଟାଲର ୩୧ କର୍ମଚାରୀଙ୍କୁ କରୋନା

**ନୂଆଦିଲ୍ଲୀ,୨୫।୪(ପି.ଟି.):** ଦିଲ୍ଲୀର ବାବୁ ଜଗଜ୍ଜୀବନ ରାମ ହସ୍ପିଟାଲରେ ୧୧ ଡାକ୍ତରଙ୍କ ସମେତ ୩୧ କର୍ମଚାରୀ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏଲ୍‌ଏନ୍‌ଜେପି ହସ୍ପିଟାଲ, ରାଜୀବ ଗାନ୍ଧୀ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ଅନ୍ୟ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନଙ୍କୁ କ୍ୱାରାଣ୍ଟାଇନ କେନ୍ଦ୍ରକୁ ପଠାଇଦିଆଯାଇଛି। ଗୁରୁବାର ଉକ୍ତ ହସ୍ପିଟାଲର ୭ ଡାକ୍ତର ଓ ୭ କର୍ମଚାରୀଙ୍କୁ କରୋନା ସଂକ୍ରମିତ ହୋଇଥିବାବେଳେ ଶନିବାର ତାହା ୩୧କୁ ବୃଦ୍ଧି ପାଇଛି। ଏତେସଂଖ୍ୟାରେ ସଂକ୍ରମଣର ସମ୍ଭାବ୍ୟ କାରଣ ଉତ୍ତର ଦିଲ୍ଲୀର ଜାହାଙ୍ଗୀରପୁରୀ ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଲକ୍ଷଣ ନ ଥାଇ ଆସୁଥିବା ଅନେକ ଲୋକ ସଂକ୍ରମଣ ବଢ଼ାଉଥିବା ହସ୍ପିଟାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଲୋକ ସଭା, ୫ ବିଧାନସଭାରେ କଣ୍ଟ୍ରୋଲ ରୁମ୍

**ନୂଆଦିଲ୍ଲୀ,୨୫।୪(ପି.ଟି.):** କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଏମ୍‌ପି, ବିଧାୟକ ଓ ଜନସାଧାରଣଙ୍କ ସହ ସମନ୍ୱୟ ରକ୍ଷା ଲାଗି ଲୋକ ସଭା ଏବଂ ୫ ରାଜ୍ୟ ବିଧାନସଭାରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଗତ ୨୧ ତାରିଖରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟ ବିଧାନସଭାଗୁଡ଼ିକର ପ୍ରିଜାଇଡିଂ ଅଫିସରଙ୍କ ସହ ଆଲୋଚନା କରିଥିଲେ। ଲକ୍‌ଡାଉନ ଯୋଗୁ ବାହାରେ ଅଟକି ଥିବା ଦାଦନ ଶ୍ରମିକ, ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ଲାଗି ଲୋକ ସଭା ଓ ବିଧାନସଭା ପରିସରରେ କଣ୍ଟ୍ରୋଲ ରୁମ୍ ଖୋଲିବା ପାଇଁ ବାଚସ୍ପତି ପ୍ରସ୍ତାବ ଦେଇଥିଲେ। କରୋନା ମହାମାରୀର ମୁକାବିଲାରେ ଏମ୍‌ପି, ବିଧାୟକ ଓ ବିଧାନ ପରିଷଦ ସଦସ୍ୟ ଆଗଧାଡ଼ିରେ ରହି କାର୍ଯ୍ୟ କରିବା ଆବଶ୍ୟକ। ମହାମାରୀ ବେଳେ ଲୋକଙ୍କୁ ସହାୟତା କରିବାରେ ସେମାନଙ୍କର ପ୍ରମୁଖ ଭୂମିକା ରହିଛି। ଲୋକ ସଭା ସଚିବାଳୟରେ ଖୋଲିଥିବା କଣ୍ଟ୍ରୋଲ ରୁମ୍ ପାଇଁ ଟେଲିଫୋନ ନମ୍ବର ରହିଛି +୯୧ ୧୧୨୩୦୩୫୧୬୦ ଏବଂ +୯୧ ୧୧୨୩୦୩୫୧୬୩। ଓଡ଼ିଶା, ରାଜସ୍ଥାନ, ହରିୟାଣା, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଓ ଦିଲ୍ଲୀ ବିଧାନସଭା ସଚିବାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।



ମେକ୍ସିକୋ ସିଟି ନିକଟସ୍ଥ ଏଲ୍ ଏଜୁସ୍କୋର ଏକ କୁକୁରଙ୍କ ସହ ଜଣେ ପଶୁପ୍ରେମୀ ମହିଳା।

# ଲକ୍‌ଡାଉନ ନୁହେଁ, ଗୋଷ୍ଠୀ ସଂକ୍ରମଣରୁ ମୁକ୍ତି ଜରୁରୀ

**ମୁମ୍ବାଇ,୨୫।୪(ପିଟି)**




କରୋନା ମହାମାରୀକୁ ପ୍ରତିହତ କରିବାକୁ ସାରା ଦେଶରେ ମେ'୩ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରାଯାଇଛି। ସବୁ ବନ୍ଦ ରହିଥିବାରୁ ଦେଶର ଅର୍ଥନୈତିକ ସ୍ଥିତି ମଧ୍ୟ ବିଗିଡ଼ି ଗଲାଣି। ଲକ୍‌ଡାଉନ ହଟିବା ପରେ ଏହି ମହାମାରୀକୁ କିପରି ରୋକାଯାଇପାରିବ ଏବଂ ଦେଶ ପୁଣି ସ୍ୱାଭାବିକ ସ୍ଥିତିକୁ ଫେରିପାରିବ ସେନେଇ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାର ମତ ଦେଇଛନ୍ତି। କେତେକ ଲକ୍‌ଡାଉନ ହଟାଇବା ସମ୍ପର୍କରେ ମତ ଦେଇଥିବାବେଳେ ଅନ୍ୟ କେତେକ ଲକ୍‌ଡାଉନ ସପକ୍ଷରେ ମତ ଦେଇଛନ୍ତି। ସଂକ୍ରାମକ ରୋଗର ୨ବିଶେଷଜ୍ଞ ଜୟପ୍ରକାଶ ମୁଲିୟାଲ ଏବଂ ଟି.ଜାକବ ଲକ୍‌ଡାଉନ ହଟାଇବା ସମୟ ଆସିଛି ବୋଲି କହିଛନ୍ତି। ତାଙ୍କ ମତରେ ଦୀର୍ଘ ସମୟ ଧରି ଶଟଡାଉନ ଲାଗୁ କରିବା ଅର୍ଥ ଯେ, ଗୋଟିଏ ମୂଷାକୁ ମାରିବା ପାଇଁ ସମ୍ପୂର୍ଣ୍ଣ ଘରକୁ ପୋଡ଼ିଦେବା। ଜୟପ୍ରକାଶ କୁଷ୍ଠରୋଗ ଦୂରୀକରଣ ଏବଂ ଜାକବ ପଲ୍‌ସ ପୋଲିଓ ଟିକା କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜୟପ୍ରକାଶଙ୍କ ମତରେ ବୟସ୍କ ଲୋକଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନଙ୍କୁ କରୋନା ସଂକ୍ରମଣର ଅଧିକ ଆଶଙ୍କା ରହିଛି। ତେଣୁ ସେମାନଙ୍କୁ ଅତିକମ୍‌ରେ ୨ ରୁ ୩ ମାସ ସଙ୍ଗରୋଧ ରଖାଯିବା ଦରକାର। ଆଉ ଅନ୍ୟମାନଙ୍କୁ କାମ କରିବାର ସୁଯୋଗ ଦେବା ଆବଶ୍ୟକ। ହୁଏତ ଅନେକଙ୍କୁ କରୋନା ସଂକ୍ରମଣ ହେବାର ଆଶଙ୍କା ରହିଛି। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଗଲେ, ସେମାନେ ଭଲ ହୋଇଯିବେ ଏବଂ ମୃତ୍ୟୁ ହାର ମଧ୍ୟ କମିଯିବ ବୋଲି ଜୟପ୍ରକାଶ କହିଛନ୍ତି। ଗୋଷ୍ଠୀ ସଂକ୍ରମଣରୁ ମୁକ୍ତି ଚିନ୍ତାଧାରାରେ ବିଶ୍ୱାସ ରଖୁଥିବା ଜୟପ୍ରକାଶଙ୍କ କହିବା ହେଲା ଯେ, ଲୋକଙ୍କଠାରେ ପ୍ରାକୃତିକ ରୋଗପ୍ରତିରୋଧକ ଶକ୍ତି ଅଧିକ ଥିଲେ ସଂକ୍ରମଣର ଆଶଙ୍କା କମ୍ ରହିଥାଏ। ଏହି ଚିନ୍ତାଧାରା ପ୍ରଥମେ ବ୍ରିଟେନର ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ମନରେ ଆସିଥିଲା। ଏବେ ନ୍ୟୁୟର୍କରେ ଅଧିକ ମାତ୍ରାରେ କରାଯାଉଥିବା ରୋଗନାଶକ ଟେଷ୍ଟିଂରୁ ଜଣାପଡ଼ିଛି ଯେ,ସହରର ୨୦% ଲୋକ କରୋନା ସଂକ୍ରମଣର ଶିକାର ହୋଇଛନ୍ତି ଏବଂ ଆପେ ଆପେ ମଧ୍ୟ ଭଲ ହୋଇଛନ୍ତି। ଜୟପ୍ରକାଶଙ୍କ କହିବାହେଲା ଏବେ ଭାରତରେ ଗୋଷ୍ଠୀ ସଂକ୍ରମଣରୁ ମୁକ୍ତି ବଢ଼ିବାରେ ଲାଗିଛି। ମହାମାରୀକୁ ପ୍ରତିହତ କରିବା ପାଇଁ ପ୍ରାକୃତିକ ପ୍ରତିରୋଧକ ବ୍ୟବସ୍ଥା ଯଥେଷ୍ଟ। ଅଳ୍ପବୟସର ଲୋକଙ୍କଠାରେ ସଂକ୍ରମଣ ବ୍ୟାପିବାର ଆଶଙ୍କା କମ୍, ଆଉ ଯଦିବି ଆଶଙ୍କା ରହିଛି ତେବେ ଭଲ ହେବାର ସମ୍ଭାବନା ମଧ୍ୟ ଅଧିକ ରହିଛି ବୋଲି ସେ କହିଛନ୍ତି। ସେହିପରି ଜାକବଙ୍କ କହିବା ହେଲା ଲକ୍‌ଡାଉନ ହେଉଛି ସମୟ ମଧ୍ୟରେ ବନ୍ଦୀ ହୋଇ ରହିବା। ଥରେ ସମୟ ଭିତରୁ ବାହାରି ଆସିଲେ ସବୁ କାମ ସରଳ ହୋଇଯିବ। ଯେତେ ଅଧିକ ଦିନ ତୁମେ ବନ୍ଦୀ ହୋଇ ରହିବ ସେତେ ତୁମ ଉପରେ କାମ ଭାରି ହୋଇପଡ଼ିବ। ଲକ୍‌ଡାଉନ ଘୋଷଣା ସଂକ୍ରମଣକୁ କମାଇବା ପାଇଁ ନୁହେଁ ବରଂ ସଂକ୍ରମଣକୁ କିପରି ରୋକାଯାଇପାରିବ ସେଥିପାଇଁ ପ୍ରସ୍ତୁତ ହେବାକୁ କରାଯାଇଥିଲା। ଯଦି ତାହା ୨ସପ୍ତାହ ମଧ୍ୟରେ ହୋଇପାରିଲା ନାହିଁ, ତେବେ ୪ସପ୍ତାହ ପରେ ମଧ୍ୟ ହୋଇପାରିବ ନାହିଁ ବୋଲି ଜାକବ କହିଛନ୍ତି। ସେ ଲକ୍‌ଡାଉନକୁ ଏକ ଛୋଟିଆ ଗପ ସହ ତୁଳନା କରିଛନ୍ତି। ସେ କହିଛନ୍ତି, ଥରେ ଜଣେ ଚତୁର ଲୋକ ତାଙ୍କ ଘରେ ପଶିଥିବା ଏକ ମୂଷାକୁ ମାରିବାକୁ ନିଜ ଘରକୁ ସମ୍ପୂର୍ଣ୍ଣ ଭାବେ ଜାଳି ଦେଇଥିଲେ। ସେହିପରି ଲକ୍‌ଡାଉନ ୨ସପ୍ତାହ ପାଇଁ ଠିକ୍,ଏପରି କି ୩ସପ୍ତାହ ହେଲେ ଚଳିବ, ମାତ୍ର ଏହାଠାରୁ ଅଧିକ ସମୟ ଜାରି ରହିଲେ ତାହା ଘରକୁ ପୋଡ଼ିଦେବା ସଦୃଶ ହେବ ବୋଲି ଜାକବ କହିଛନ୍ତି। ତେବେ ସର୍ବୋପରି ସାମାଜିକ ଦୂରତ୍ୱ ରକ୍ଷା କରିବା ନିତାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଆଉକିଛି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଉପଯୁକ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା କରାଯାଇ ପର୍ଯ୍ୟାୟକ୍ରମେ ଲକ୍‌ଡାଉନକୁ କୋହଳ କରାଯିବା ଆବଶ୍ୟକ। ନଚେତ ଗୋଷ୍ଠୀ ସଂକ୍ରମଣରୁ ମୁକ୍ତି ପାଇବା କଷ୍ଟକର ହୋଇପଡ଼ିବ ଏବଂ ଏହା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଭାରି ପଡ଼ିଯିବ ବୋଲି କହିଛନ୍ତି। ଇଣ୍ଡିଆନ କାଉନ୍‌ସିଲ ଫର ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍)ର ନ୍ୟାଶନାଲ ଟାସ୍କ ଫୋର୍ସ ମତରେ ଦେଶକୁ ପ୍ରଥମେ ସ୍ୱାଭାବିକ ସ୍ଥିତିକୁ ଆଣିବାକୁ ପଡ଼ିବ। ଲକ୍‌ଡାଉନ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଉପଯୁକ୍ତ ଚିକିତ୍ସା ସୁବିଧା ସହ ପର୍ଯ୍ୟାୟକ୍ରମେ କଟକଣାକୁ କୋହଳ କରିବା। ଗୋଷ୍ଠୀ ସଂକ୍ରମଣରୁ ମୁକ୍ତି ଚିନ୍ତାଧାରା ହେଉଛି ତତ୍ତ୍ୱ ସମ୍ବନ୍ଧୀୟ। ବାସ୍ତବରେ ପୂର୍ବରୁ ଯେଉଁ ସ୍ଥାନରେ ଗୋଷ୍ଠୀ ସଂକ୍ରମଣ ହୋଇଥିବ ସେଠାରେ ପୁନଃ ସଂକ୍ରମଣ ହେବାର ଯଥେଷ୍ଟ ଆଶଙ୍କା ରହିଛି। ପୂର୍ବରୁ ମଧ୍ୟ ଏହା ପ୍ରମାଣିତ ହୋଇଛି। ବର୍ତ୍ତମାନ ସ୍ଥିତିରେ ଲକ୍‌ଡାଉନ ସବୁଠାରୁ ଭଲ ବ୍ୟବସ୍ଥା ଅଟେ ବୋଲି ଡାକ୍ତର ସଞ୍ଜୟ ପୂଜାରୀ କହିଛନ୍ତି। ତାଙ୍କ ମତରେ ମୃତ୍ୟୁହାର କମାଇବାରେ ଗୋଷ୍ଠୀ ସଂକ୍ରମଣ ମୁକ୍ତ ଚିନ୍ତାଧାରା ଠିକ୍। ମାତ୍ର କୋଭିଡ-୧୯ କ୍ଷେତ୍ରରେ ଏହି ଉପାୟକୁ ଆପଣାଇଲେ ଭାରତ ଭଳି ୧୩୦କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟାର ଦେଶରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିଗିଡ଼ିଯିବାର ଅଧିକ ଆଶଙ୍କା ରହିଛି।

## ବଲାଙ୍ଗୀର ବାହାରେ ଫସିଛନ୍ତି ୮୭ ହଜାର ଶ୍ରମିକ

ଭୁବନେଶ୍ୱର,୨୫।୪(ବ୍ୟୁରୋ)- ଲକ୍‌ଡାଉନ୍ ଯୋଗୁ ବଲାଙ୍ଗୀର ଜିଲାର ପ୍ରାୟ ୮୭,୦୦୦ ଶ୍ରମିକ ବାହାରେ ରହିଛନ୍ତି। ସେମାନେ ଫେରିଲେ ପରିସ୍ଥିତି କଷ୍ଟକର ହେବା ସେମାନଙ୍କ ପ୍ରତ୍ୟାବର୍ତ୍ତନ, ପଞ୍ଜୀକରଣ ଏବଂ କ୍ୱାରାଣ୍ଟାଇନ ବ୍ୟବସ୍ଥା ସୁରୁଖୁରୁରେ କରିବା ପାଇଁ ବଲାଙ୍ଗୀର ଜିଲାପାଳ ଅରବିନ୍ଦ ଡାକୁଆଙ୍କୁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ ଚିଠି ଲେଖିଛନ୍ତି। ଚିଠି ମାଧ୍ୟମରେ ସଙ୍ଗୀତା ଉଲ୍ଲେଖ କରିଛନ୍ତି ଯେ, ବେଲପଡ଼ା ବ୍ଲକର ୨୬,୦୦୦, ଖପ୍ରାଖୋଲ ବ୍ଲକର ୧୨,୦୦୦, ପାଟଣାଗଡ଼ ବ୍ଲକର ୭,୦୦୦ ଏବଂ ଟୁରେକେଲା ବ୍ଲକର ୧୩,୦୦୦ ଶ୍ରମିକ ବାହାରେ ଫସିଛନ୍ତି। ରାଜ୍ୟ ପ୍ରଶାସନ ଏହି ସମସ୍ୟା ଓ ଏହାର ସମାଧାନ ଉପରେ ଦୃଷ୍ଟିଦେବା ଜରୁରୀ। ରାଜ୍ୟ ସରକାର ତୁରନ୍ତ ବଲାଙ୍ଗୀର ଜିଲା ପ୍ରଶାସନକୁ ସହାୟତା ପାଇଁ ଆଗେଇ ଆସିବା ଉଚିତ ବୋଲି ସଙ୍ଗୀତା କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଶିବାନୀ
ପରିବାରବର୍ଗ


ରାଜୁ
ପରିବାରବର୍ଗ


ଶ୍ରେୟାଂଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଚେନ୍ନାଇରୁ ବୋଟ୍‌ରେ ଫେରିଲେ ୩୮ ଦାଦନ

ଚିକିଟି,୨୫।୪(ଡି.ଏନ୍.ଏ.): ଶନିବାର ସନ୍ଧ୍ୟାରେ ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ସୁନ୍ଦୁପୁର ମୁହାଣରେ ୩୮ ଜଣ ଦାଦନ ଶ୍ରମିକ ଚେନ୍ନାଇରୁ ବୋଟ୍‌ରେ ଆସି ପହଞ୍ଚିଛନ୍ତି। ସେମାନେ ଚିକିଟି ବ୍ଲକ ପାଟିସୁନ୍ଦୁପୁର,ଏକସିଙ୍ଗି ଏବଂ ଗୋପାଳପୁର ସମେତ ଆନ୍ଧ୍ର ସୀମାନ୍ତ ଉଙ୍ଗୁରୁ, କାବସ୍ତାକୁଡି, ପୁକାଲପାଲାମ ଅଞ୍ଚଳର। ଲକ୍‌ଡାଉନ ପରେ କାମଧନ୍ଦା ବନ୍ଦ ହୋଇଯାଇଥିଲା। ଫଳରେ ସେମାନେ ବହୁ ଅସୁବିଧାରେ ଚଳୁଥିଲେ। ଏକ ମୋଟର ବୋଟ୍ କିଣି ଗତ ୨୦ ତାରିଖରେ ଚେନ୍ନାଇରୁ ସମୁଦ୍ର ପଥ ଦେଇ ବାହାରିଥିଲେ। ସନ୍ଧ୍ୟାରେ ସୁନ୍ଦୁପୁରୁ ମୁହାଣରେ ପହଞ୍ଚିବା ପରେ ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇ, ବିଡିଓ ଫାଲ୍‌ଗୁନି ମାଝି ଏବଂ ଗୋଳନ୍ଥରା ମେରାଇନ୍ ଥାନା ପୋଲିସ୍ ପହଞ୍ଚି ସମସ୍ତଙ୍କୁ ଆଣି ମେରାଇନ୍ ଥାନାରେ ରଖିଛନ୍ତି। ସେମାନଙ୍କୁ କେଉଁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯିବ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଥିବା ଜଣାପଡିଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଅଦା ବେପାରୀର ଜାହାଜ ମୂଲ।

ଅଦା ବେପାରୀ ଛୋଟିଆ ବ୍ୟବସାୟୀ। ଅଳ୍ପ ମୂଳଧନରେ ବ୍ୟବସାୟ। ପରନ୍ତୁ ଜାହାଜ ପାଇଁ ଲକ୍ଷ ଲକ୍ଷ, କୋଟି କୋଟି ଟଙ୍କା ଦରକାର। ସେ ଜାହାଜ କିଣିବା ପାଇଁ ମନ ବଳାଇବା ହାସ୍ୟାସ୍ପଦ କଥା। ଛୋଟ ଲୋକ ମୁହଁରେ ବଡ଼ କଥା ଶୋଭାପାଏ ନାହିଁ। ଯାହାର ଶକ୍ତି ବା ବଳ କମ୍ ସେ ବଡ଼ କାମ କରିବାକୁ ସାହସ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

### ଅତି ସୁକୁମାର ଶୁଭ୍ରତା ସିନ୍ଧୁ, କଣ୍ଟକଲତାରେ ସେ ପୂର୍ଣ୍ଣ ଇନ୍ଦୁ।

ଶୁଭ୍ର ବା ଧଳା ଗୋଲାପ ଫୁଲ ଅତି ସୁକୁମାର, କୋମଳ ହୋଇଥିବା ବେଳେ ଗୋଲାପ ଗଛଟି କଣ୍ଟକ ଯୁକ୍ତ ହୋଇଥାଏ। ସାଧାରଣତଃ ଗୋଲାପ ଫୁଲ ସବୁରି ମନକୁ ମୋହିନେବାକୁ ସକ୍ଷମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବଢ଼ିବ ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ର

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

- ଅଧିକସଂଖ୍ୟକ ଶିକ୍ଷକ ନିୟୋଜିତ ହେବେ
- ମୂଲ୍ୟାୟନ ଆରମ୍ଭର ୪୫ ଦିନରେ ବାହାରିବ ରେଜଲ୍ଟ
- ବୋର୍ଡ ପ୍ରସ୍ତୁତ, ସରକାରଙ୍କ ଅନୁମତିକୁ ଅପେକ୍ଷା

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ର ସଂଖ୍ୟା ବଢ଼ିବ। ଏଥିସହିତ ଖାତା ଦେଖା ସମୟରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଅଧିକ ସ୍ଥାନ ଆବଶ୍ୟକ ହେଉଥିବାରୁ ମୂଲ୍ୟାୟନ କେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଛନ୍ତି। ବର୍ତ୍ତମାନ ଯେଉଁସବୁ ବିଦ୍ୟାଳୟରେ ମୂଲ୍ୟାୟନ ପାଇଁ ସ୍ଥିର ହୋଇଛି ତାହାର ଆଖପାଖରେ ଥିବା ବିଦ୍ୟାଳୟରେ ଖାତା ଦେଖିବାର ବ୍ୟବସ୍ଥା ହେବ। ସେଠାରେ ଖାତା ଦେଖା ସରିବା ପରେ ମୂଳ ମୂଲ୍ୟାୟନ କେନ୍ଦ୍ରକୁ ଫେରିବ। ସେହିପରି ଖାତା ମୂଲ୍ୟାୟନ ପାଇଁ ଅଧିକ ସଂଖ୍ୟାରେ ଶିକ୍ଷକ ମଧ୍ୟ ନିୟୋଜିତ ହେବେ। ୱେଟିଂ ଲିଷ୍ଟରେ ଥିବା ପରୀକ୍ଷକଙ୍କୁ ଖାତାଦେଖା ଲାଗି ଡକାଯିବ। ଖାତାଦେଖା ଆରମ୍ଭର ୪୫ଦିନ ଭିତରେ ରେଜଲ୍ଟ ବାହାରିବ ବୋଲି ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, ଚଳିତବର୍ଷ ଖାତା ଦେଖାରେ ବହୁ ବିଳମ୍ବ ହୋଇଛି। ତେଣୁ କିଭଳି ସୁରୁଖୁରୁରେ କମ୍ ସମୟ ଭିତରେ ଖାତା ଦେଖା ସରିବ ସେଥିପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ଚାଲିଛି। ଆସନ୍ତା ୩ ତାରିଖରେ ଲକ୍‌ଡାଉନ୍ ଅବଧି ଶେଷ ହେବା ପୂର୍ବରୁ ଏ ନେଇ ଆଉଥରେ ବୈଠକ ବସିବ। ମାଟ୍ରିକ ଖାତା ଦେଖିବା ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ପ୍ରସ୍ତୁତ ହୋଇ ଥିବାବେଳେ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ଅନୁମତି ମିଳିଲା ପରେ ତୁରନ୍ତ ଖାତାଦେଖା କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଚଳିତବର୍ଷ ଫେବୃୟାରୀ ୧୮ରୁ ମାଟ୍ରିକ ପରୀକ୍ଷା ସରିଥିବାବେଳେ ମାର୍ଚ୍ଚରୁ ଖାତାଦେଖା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ଖାତା ଦେଖା ହେବାର ପୂର୍ବଦିନ କେନ୍ଦ୍ରରେ ପହଞ୍ଚି ଅଭ୍ୟାସ କରିଥିଲେ। କିନ୍ତୁ ସେହିଦିନ କରୋନା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା ହେବାରୁ ଆଉ ଖାତାଦେଖା ସମ୍ଭବ ହୋଇପାରି ନ ଥିଲା।

### ଖୁବ୍‌ଶୀଘ୍ର ମିଳିବ ନବମ, ଦଶମ ବହି

ଖୁବ୍‌ଶୀଘ୍ର ନବମ ଓ ଦଶମ ଶ୍ରେଣୀର ବହି କଟକ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ଭୁବନେଶ୍ୱର ଜୋନ୍ ଅଫିସରେ ଉପଲବ୍ଧ ହେବ। କଟକ ବୋର୍ଡ ଅଫିସରୁ ସମସ୍ତ ଜୋନ୍ ଅଫିସ୍‌କୁ ବହି ଯିବ। ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଲାଗି ଆଗୁଆ ଅଧିକ ଲକ୍ଷେ ବହି ମୁଦ୍ରଣ ଲାଗି କୁହାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ଅଲାରନାଥଙ୍କ ଚାପ ବନ୍ଦ

**ଚୈତନ୍ୟ ଚକଡ଼ାରେ ହେବ ଚନ୍ଦନ ଯାତ୍ରା**

ବ୍ରହ୍ମଗିରି,୨୫।୪(ଡି.ଏନ୍.ଏ): ମହାମାରୀ କରୋନା ଯୋଗୁ ପ୍ରଭୁ ଅଲାରନାଥ ଦେବଙ୍କ ଚନ୍ଦନ ଯାତ୍ରା ଓ ଚାପଖେଳ ଉପରେ ପ୍ରଶାସନ ନିଷ୍ପତ୍ତି ବଦଳାଇଛି। ସାମାଜିକ ଦୂରତା ରକ୍ଷା ସହ ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ଚନ୍ଦନ ପୋଖରୀରେ ହେବାକୁ ଥିବା ଚାପ ଉପରେ ପୁନର୍ବାର ରୋକ ଲଗାଯାଇଛି। ମନ୍ଦିର ପରିସରସ୍ଥ ଚୈତନ୍ୟ ଚକଡ଼ାରେ ଚନ୍ଦନ ଯାତ୍ରା ହେବ। ଏ ନେଇ ଶନିବାର ମନ୍ଦିରର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ତଥା ତହସିଲଦାର କିଶୋରଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏଥର ଚାପଯାତ୍ରା ବନ୍ଦ ରହିବ। ଅକ୍ଷୟତୃତୀୟାରେ ମନ୍ଦିର ଭିତରେ ସମସ୍ତ ନୀତିକାନ୍ତି ହେବା ସହିତ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ ବାହୁ ବିଜେ କରାଯାଇ ବେଢା ପରିକ୍ରମା କରାଯିବ। ଚୈତନ୍ୟ ଚକଡ଼ାରେ ନିର୍ମିତ ଚନ୍ଦନ କୁଣ୍ଡରେ ଶ୍ରୀଜୀଉମାନଙ୍କର ସ୍ନାନାଦି ଓ ନୀତିକାନ୍ତି ସମ୍ପନ୍ନ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ସେବାୟତ ନିଯୋଗର ନାରାୟଣ ପୂଜାପଣ୍ଡା, ଶିବ ସୁଆର, ମଧୁସୂଦନ ପୂଜାପଣ୍ଡା, ଜଗମୋହନ ସୁଆର, ନୀଳମଣି ସୁଆର, ସୁକାନ୍ତ ସୁଆର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବେ ୧୦ କୋଟି ଶିଶୁ

**ଟିକାକରଣ ହାର ହ୍ରାସ**

ଜେନେଭା, ୨୫।୪

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ଅନେକ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏଭଳିସ୍ଥିତିରେ ଲୋକମାନେ ସୁସ୍ଥ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବା ଟିକାକରଣ କରାଉନାହାନ୍ତି। କରୋନା ଭୟରେ ଶିଶୁଙ୍କ ପରିବାର ଲୋକେ ମେଡିକାଲ ଯାଉ ନ ଥିବା ବେଳେ ଅନେକ ପିଲା ଗୁରୁତର ରୋଗରୁ ରକ୍ଷା ପାଇବା ପାଇଁ ଟିକା ନେଇ ପାରୁନାହାନ୍ତି। ହେଲେ ଲୋକମାନେ ଯଦି କରୋନା ଭୟରେ ଶିଶୁଙ୍କ ଟିକାକରଣ ନ କରାନ୍ତି, ତାହେଲେ ଆଗାମୀ ଦିନରେ ଶିଶୁମାନେ ଅନ୍ୟ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବେ। ଆଗାମୀ ଦିନରେ ଲକ୍ଷ ଲକ୍ଷ ଶିଶୁ ମିଳିମିଳା, କାଶ, କଫ ଏବଂ ଅନ୍ୟ ଜୀବନ ହାନିକାରକ ରୋଗରେ ଆକ୍ରାନ୍ତ ହୋଇପାରନ୍ତି ବୋଲି ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ



କରିଛନ୍ତି। ଆମେରିକାର ୧୦୦୦ କ୍ଲିନିକ୍‌ରୁ ପେଡିଆଟ୍ରିକ ଇଲେକ୍ଟ୍ରୋନିକ ହେଲ୍‌ଥ ରେକର୍ଡସ କମ୍ପାନୀ ଦ୍ୱାରା ସଂଗୃହୀତ ସୂଚନା ଅନୁଯାୟୀ, ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ହାଡ଼ଫୁଟି, ଗଳଗଣ୍ଡ ରୋଗ ଏବଂ ରୁବେଲା ଟିକାକରଣ ହାର ୫୦% କମିଥିବା ବେଳେ ଡିଫ୍‌ଥେରିଆ ଏବଂ କଫ, କାଶ ଟିକା ଏବଂ ଏଚ୍‌ପିଭି ଟିକାକରଣ ୭୩% ହ୍ରାସ ପାଇଛି। ଯଦି ଏଭଳି ସ୍ଥିତି ଜାରି ରୁହେ, ତାହେଲେ ଟିକାକରଣ ଦ୍ୱାରା ରୋକାଯାଇ ପାରୁଥିବା ଅନ୍ୟ ଭୂତାଣୁ ସଂକ୍ରମଣ ମଧ୍ୟ ବୃଦ୍ଧି ପାଇବ ବୋଲି ଆମେରିକୀୟ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ କମିଟିର ସଦସ୍ୟ ଡ. ସଚିନ ଟି ଓଲିରି କହିଛନ୍ତି। ଏହାଛଡ଼ା ସରକାରଙ୍କ ତରଫରୁ ମାଗଣାରେ କରାଯାଉଥିବା ଟିକାକରଣ ମଧ୍ୟ ଗତ ମାର୍ଚ୍ଚରୁ ହ୍ରାସ ପାଉଥିବା ଜଣାପଡ଼ିଛି। ୟୁନେସ୍କୋ ଓ ଡବ୍ଲ୍ୟୁଏଚ୍‌ଓ ଅନ୍ତଃରାଷ୍ଟ୍ରୀୟ ସଂଗଠନ ପକ୍ଷରୁ ନିକଟରେ ଜାରି କରାଯାଇଥିବା ଏକ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ୨୪ରୁ ଊର୍ଦ୍ଧ୍ୱ ଦେଶରେ ରାଷ୍ଟ୍ରୀୟ ଟିକାକରଣ କାର୍ଯ୍ୟକ୍ରମ ରୋକାଯାଇଛି। ଏହାଦ୍ୱାରା ପ୍ରାୟ ୧୦ କୋଟି ଶିଶୁ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବେ।

## ଟ୍ରଲିରେ ବୁଲି ପାଠ୍ୟପୁସ୍ତକ ବାଣ୍ଟିଲେ ପ୍ରଧାନ ଶିକ୍ଷକ




ଟ୍ରଲିରେ ପାଠ୍ୟପୁସ୍ତକ ନେଇ ଯାଉଥିବା ପ୍ରଧାନଶିକ୍ଷକ।

**ଟୁଇଟ୍ କରି ଶୁଭେଚ୍ଛା ଜଣାଇଲେ ଜିଲାପାଳ**

**ବ୍ରହ୍ମପୁର ଅଫିସ,୨୫।୪**

ଲକ୍‌ଡାଉନ୍ ସମୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଘରକୁ ଘର ବୁଲି ନୂତନ ଶିକ୍ଷାବର୍ଷର ପାଠ୍ୟପୁସ୍ତକ ଦେବା କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ପକ୍ଷରୁ ଆରମ୍ଭ ହୋଇଛି । ଏହି ସମୟରେ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡାମାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଦାଶିବ ପାଢୀ ଶନିବାର ଟ୍ରଲି ଚଳାଇ ଛାତ୍ରୀଛାତ୍ରଙ୍କ ନିକଟରେ ପାଠ୍ୟପୁସ୍ତକ ପହଞ୍ଚାଇ ଚର୍ଚ୍ଚାକୁ ଆସିଛନ୍ତି। ସେ ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପୋଡାମାରୀର ମୁନିସାହି, ଗୁଲାସାହି, ମହାନ୍ତି ସାହି, ଦାଶ ସାହି, ବଜାର ସାହି, ଡିମ୍ବିରା ସାହି, ଜଗାଳି ସାହି ଓ ମଧୁନଗର ସାହିକୁ ଯାଇ ଦ୍ୱିତୀୟରୁ ୬ଷ୍ଠଶ୍ରେଣୀର ୧୪୦ ପିଲାଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରିଥିଲେ । ତାଙ୍କର ଏଭଳି କାର୍ଯ୍ୟକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟର ମାଧ୍ୟମରେ ପ୍ରଶଂସା କରି ଶୁଭେଚ୍ଛା ଜଣାଇଛନ୍ତି ।

## ରାଜ୍ୟର ସମସ୍ତ ଜିଲାର ବର୍ଗୀକରଣ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ସାରା ରାଜ୍ୟରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଲକ୍‌ଡାଉନ ଜାରି ରହିଛି। ସଦ୍ୟତମ ଭାବେ କରୋନା ସଂକ୍ରମିତ ଚିହ୍ନଟ ହେଉଥିବା ଜିଲାଗୁଡିକ ଶଟ୍‌ଡାଉନ ହୋଇଛି। ଲକ୍‌ଡାଉନ ଦ୍ୱାରା ବିଭିନ୍ନ ବର୍ଗ ଅର୍ଥନୈତିକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ସରକାରୀ ସ୍ତରରେ କେତେକ କୋହଳ କରାଯାଇଛି। ସଂକ୍ରମିତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ୩ଟି ବର୍ଗ କରାଯାଇଛି। ଏହା ହେଉଛି-ରେଡ୍ ଜୋନ୍ , ଅରେଞ୍ଜ ଜୋନ୍ ଏବଂ ଗ୍ରୀନ୍ ଜୋନ୍ । ଶେଷ ୧୪ ଦିନ ମଧ୍ୟରେ ସଂକ୍ରମିତ ଚିହ୍ନଟ ହୋଇଆସୁଥିବା ଜିଲାକୁ ରେଡ୍ ଜୋନ ବୋଲି ଘୋଷଣା କରାଯାଇଛି। ସେହିଭଳି ଶେଷ ୧୫ ଦିନରେ କୌଣସି ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ଜିଲାକୁ ଅରେଞ୍ଜ ଜୋନ୍ ବୋଲି କୁହାଯିବ। ଅନୁରୂପ ଭାବେ ଏଯାବତ୍ କୌଣସି କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ଜିଲାକୁ ଗ୍ରୀନ୍ ଜୋନ୍ ବୋଲି ଘୋଷଣା କରାଯାଇଛି। ସାମ୍ପ୍ରତିକ ସ୍ଥିତିରେ ରାଜଧାନୀ ଭୁବନେଶ୍ୱର ଥିବା ଖୋର୍ଦ୍ଧା ସମେତ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା ଏବଂ ସୁନ୍ଦରଗଡ ରେଡ୍ ଜୋନ୍ ଅନ୍ତର୍ଭୁକ୍ତ ଜିଲା। ସେହିପରି କଟକ, ପୁରୀ, ଢେଙ୍କାନାଳ ଏବଂ କଳାହାଣ୍ଡି ଅରେଞ୍ଜ ଜୋନ୍। ଅପରପକ୍ଷରେ ଅନ୍ୟ ସମସ୍ତ ଜିଲା ଗ୍ରୀନ୍ ଜୋନ୍‌ର ଅନ୍ତର୍ଭୁକ୍ତ। ଏହି ଜିଲାଗୁଡିକ ହେଉଛି-ଅନୁଗୋଳ, ବଲାଙ୍ଗୀର, ବରଗଡ, ବୌଦ୍ଧ, ଦେବଗଡ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଝାରସୁଗୁଡା, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି ଏବଂ ମୟୂରଭଞ୍ଜ। ଏହାକୁ ବାଦ୍ ଦେଲେ ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର।

## ପ୍ରଥମ ପୃଷ୍ଠାରୁ...

### ଦୋକାନ ଖୋଲିବାକୁ ...

ମୁହଁରେ ମାସ୍କ ଲଗାଇବା ବାଧ୍ୟତାମୂଳକ କରାଯାଇଛି। ଇ-କମର୍ସ ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ ପୂର୍ବଭଳି କେବଳ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଯୋଗାଣ କରିପାରିବେ। ମଦ, ସିଗାରେଟ ଓ ଗୁଟ୍‌ଖା କିମ୍ବା ଅନ୍ୟ କୌଣସି ଅବକାରୀ ସାମଗ୍ରୀ ବିକ୍ରି ଉପରେ କଟକଣା ଜାରି ରହିଛି। ମଦଦୋକାନ ଖୋଲି ପାରିବ ନାହିଁ। ଗ୍ରାମାଞ୍ଚଳ ହେଉ କିମ୍ବା ସହରାଞ୍ଚଳ କୋଭିଡ୍-୧୯ ସଂକ୍ରମିତ(କଣ୍ଟେନ୍‌ମେଣ୍ଟ ଜୋନ୍ ବା ଆବଦ୍ଧାଞ୍ଚଳ)ରେ କୌଣସି ଦୋକାନ ଖୋଲିବାକୁ ସଂଶୋଧିତ ଗାଇଡଲାଇନରେ ଅନୁମତି ଦିଆଯାଇ ନାହିଁ। ଓଡ଼ିଶା ସରକାରଙ୍କ ରାଜ୍ୟ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ କିମ୍ବା ଆବାସିକ କମ୍ପ୍ଲେକ୍ସଗୁଡ଼ିକ ଖୋଲିବ। ତେବେ କେଉଁ ଦୋକାନ ଖୋଲିବ ଓ କେତେ ସମୟ ଖୋଲା ରହିବ ସେ ନେଇ ଜିଲାପାଳ ଓ ମହାନଗର ନିଗମ କମିଶନର ବିଜ୍ଞପ୍ତି ପ୍ରକାଶ କରିବେ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

ଗତ ୧୫ ତାରିଖ ନିର୍ଦ୍ଦେଶନାମାରେ ସଂଶୋଧନ କରି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା କହିଛନ୍ତି, ଶପିଙ୍ଗ୍ ମଲ୍ ସହ ସମ୍ପୃକ୍ତ ନ ଥିବା ଦୋକାନ, ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ଥିବା ଦୋକାନ, ମ୍ୟୁନିସିପାଲିଟି ଓ ମ୍ୟୁନିସିପାଲ କର୍ପୋରେଶନ ସୀମା ମଧ୍ୟରେ ଥିବା ଦୋକାନ ଯେଉଁଗୁଡ଼ିକ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଶପ୍‌ସ ଆଣ୍ଡ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟରେ ପଞ୍ଜୀକୃତ ହୋଇଥିବ ସେଗୁଡ଼ିକୁ ଲକ୍‌ଡାଉନ ସମୟରେ ଖୋଲିବାକୁ ଅନୁମତି ମିଳିବ। ଏଥିସହିତ ମ୍ୟୁନିସିପାଲିଟି ଓ ମ୍ୟୁନିସିପାଲ ନିଗମ ପରିସର ବାହାରେ ପଞ୍ଜୀକୃତ ବଜାରରେ ଥିବା ଦୋକାନଗୁଡ଼ିକୁ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ସାମାଜିକ ଦୂରତ୍ୱ ରକ୍ଷା କରି ଖୋଲିବାକୁ ଅନୁମତି ଦିଆଯାଇଛି। ଇ-କମର୍ସ କମ୍ପାନୀଗୁଡ଼ିକ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରିପାରିବେ। ସଂଶୋଧିତ ଗାଇଡ୍‌ଲାଇନ ଅନୁଯାୟୀ, ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ କୋଭିଡ୍-୧୯ ନିଷିଦ୍ଧାଞ୍ଚଳ ଘୋଷିତ ହୋଇଥିଲେ ସେଠାରେ ଦୋକାନ ଖୋଲିବାକୁ ଅନୁମତି ମିଳିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଆଜିଠୁ ଶ୍ରୀମନ୍ଦିର ...

ଏହି କୁଣ୍ଡରେ ଭିତର ଚନ୍ଦନ ଯାତ୍ରାରେ ଶ୍ରୀଦେବୀ ଏବଂ ମଦନମୋହନ ଜଳକ୍ରୀଡ଼ା କରିଥାନ୍ତି। ତେଣୁ ଏଥର ବାହାର ଚନ୍ଦନ ଯାତ୍ରା ପାଇଁ ରାମ କୃଷ୍ଣ ଏବଂ ପଞ୍ଚ ମହାଦେବ (ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠେଶ୍ୱର)ଙ୍କ ପାଇଁ ୨ଟି କୁଣ୍ଡ ତିଆରି ହେବ। ଏହି କୁଣ୍ଡ ପିତ୍ତଳ କିମ୍ବା ଗ୍ରାନାଇଟ୍‌ରେ ତିଆରି କରାଯାଇ ପ୍ରତିଷ୍ଠା କରାଯିବ। ସାଙ୍କେତିକ ଜଳକ୍ରୀଡ଼ା କରିବେ ସମସ୍ତ ଠାକୁର। ସେହିପରି ପ୍ରତିବର୍ଷ ନରେନ୍ଦ୍ର ପୁଷ୍କରିଣୀ ଚନ୍ଦନ ଚକଡ଼ାରେ ଭୋଗ ପାଇଁ ମାଣ୍ଡୁଅ ପ୍ରସ୍ତୁତ ହୋଇଥାଏ। ମାତ୍ର ଏଥର ମହାଲକ୍ଷ୍ମୀଙ୍କ ରୋଷରେ ମାଣ୍ଡୁଅ ପ୍ରସ୍ତୁତ କରାଯାଇ ଠାକୁରଙ୍କ ପାଖରେ ଭୋଗ ଲାଗି ହେବ। ଏହାଛଡ଼ା ରାତିଚାପ ସହ ଯେଉଁ ନୀତି ନରେନ୍ଦ୍ର ପୁଷ୍କରିଣୀରେ କରାଯାଏ ସମସ୍ତ ନୀତି ମନ୍ଦିର ଭିତରେ କରାଯିବ। ବିଗତ ବର୍ଷଗୁଡ଼ିକରେ ବାହାର ଚନ୍ଦନ ଯାତ୍ରା ୨୧ ଦିନ ପଞ୍ଚମହାଦେବ ନୀତି ସାରି ସ୍ୱମନ୍ଦିରକୁ ବିଜେ କରିଥାନ୍ତି। କିନ୍ତୁ ଏଥର ବର୍ଷତମାମ୍ ଶ୍ରୀମନ୍ଦିରରେ ଯେଉଁଠାରେ ଥାନ୍ତି ସେହିଠାକୁ ହିଁ ବିଜେ କରିବେ ବୋଲି ଲୋକନାଥ ମନ୍ଦିର ସେବାୟତ ସନ୍ତୋଷ କୁମାର ପଣ୍ଡା କହିଛନ୍ତି। ସୂଚନାଥାଉ କି, ପ୍ରତିବର୍ଷ ବାହାର ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ରାମକୃଷ୍ଣ ପାଲିଙ୍କିରେ ସବା ଆଗରେ, ତାଙ୍କ ପଛକୁ ମଣି ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ଏବଂ ସବା ପଛରେ ପଞ୍ଚ ମହାଦେବ ବିମାନରେ ବସି ନରେନ୍ଦ୍ର ସରୋବରକୁ ଯାତ୍ରା କରିଥାନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଠାକୁରମାନେ ଜଳକ୍ରୀଡ଼ା କରିଥାନ୍ତି। ଜଗତି ଉପରେ ଥିବା କୁଣ୍ଡରେ ସ୍ନାନ ପରେ ମାଣ୍ଡୁଅ ଭୋଗ ହୋଇଥାଏ। ପରେ ବେଶ ହୋଇ ଠାକୁରମାନେ ରାତ୍ର ଚାପରେ ସାମିଲ ହୋଇଥାନ୍ତି। ଚାପ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରକୁ ଏବଂ ପଞ୍ଚ ମହାଦେବ ସ୍ୱମନ୍ଦିରକୁ ବିଜେ କରିଥାନ୍ତି।

### ସଞ୍ଜୟ କୋଠାରି ...

ଲାଗି ସୁପାରିସ କରିଥିଲା। ସେତେବେଳେ କଂଗ୍ରେସ ଏହାର ବିରୋଧ କରିଥିଲା। ସିଭିସି ନିଯୁକ୍ତି ଲାଗି ନିଆଯାଇଥିବା ପଦକ୍ଷେପ ବେଆଇନ ଓ ଅସାମ୍ବିଧାନିକ ବୋଲି କହି କଂଗ୍ରେସ ଉକ୍ତ ନିଷ୍ପତ୍ତିକୁ ତୁରନ୍ତ ବାତିଲ କରିବା ଲାଗି ଦାବି କରିଥିଲା। ଏହା ସତ୍ତ୍ୱେ ସରକାର ସଞ୍ଜୟଙ୍କୁ ସିଭିସି ନିଯୁକ୍ତ କରିଥିବାରୁ ଏହାକୁ ନେଇ ଶାସକ ଓ ବିରୋଧୀ ଦଳ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ହୋଇପାରେ। ୧୯୭୮ ବ୍ୟାଚ୍‌ର ହରିୟାଣା କ୍ୟାଡର ଆଇଏଏସ୍ ଅଫିସର ସଞ୍ଜୟ ୨୦୧୬ ଜୁନ୍‌ରେ କାର୍ମିକ ଓ ତାଲିମ ବିଭାଗ ସଚିବ ଭାବେ ଅବସର ନେଇଥିଲେ। ସେହିବର୍ଷ ନଭେମ୍ବରରେ ତାଙ୍କୁ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ ବୋର୍ଡ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୭ ଜୁଲାଇରେ ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସଚିବ ନିଯୁକ୍ତ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସ୍ୱରାଷ୍ଟ୍ରମନ୍ତ୍ରୀ ଓ ଲୋକ ସଭାରେ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଚୟନ କମିଟିର ସୁପାରିସ କ୍ରମେ ରାଷ୍ଟ୍ରପତି ସିଭିସିଙ୍କୁ ନିଯୁକ୍ତି ଦେଇଥାନ୍ତି। ସିଭିସିଙ୍କ କାର୍ଯ୍ୟକାଳ ୪ ବର୍ଷ କିମ୍ବା ତାଙ୍କୁ ୬୫ ବର୍ଷ ବୟସ ହେବା ପର୍ଯ୍ୟନ୍ତ ରହିଥାଏ। ସେହି ଅନୁଯାୟୀ ସଞ୍ଜୟ ଆସନ୍ତା ବର୍ଷ ଜୁନ୍ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ଇତିମଧ୍ୟରେ କପିଳଦେବ ତ୍ରିପାଠୀଙ୍କୁ ରାଷ୍ଟ୍ରପତିଙ୍କ ସଚିବ ନିଯୁକ୍ତ କରାଯାଇଛି।

### ୧୯୧୮ରେ 'ସ୍ପାନିଶ୍ ଫ୍ଲୁ'କୁ ...

ଆନା ରହୁଥିଲେ, ଯେଉଁଠାରେ ସେ ଅନ୍ୟ ୬୦ ବାସିନ୍ଦାଙ୍କ ସହ କରୋନା ଭୂତାଣୁରେ ସଂକ୍ରମିତ ହୋଇଥିଲେ। ତାଙ୍କୁ ଲା ଲିନିଆ ସହରସ୍ଥିତ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିଛିଦିନ ତଳେ ସେ ସୁସ୍ଥ ହୋଇ ଡିସ୍‌ଚାର୍ଜ ହୋଇଛନ୍ତି। ଆନା ୧୯୧୩ ଅକ୍ଟୋବରରେ ଜନ୍ମ ହୋଇଥିଲେ। ଆଉ ପ୍ରାୟ ୬ ମାସ ପରେ ତାଙ୍କୁ ୧୦୭ ବର୍ଷ ହେବ। କରୋନା ମହାମାରୀରୁ ବଞ୍ଚିଯାଇଥିବା ଲୋକଙ୍କ ମଧ୍ୟରେ ଆନା ହେଉଛନ୍ତି ସ୍ପେନ୍‌ର ସବୁଠାରୁ ଅଧିକ ବୟସ୍କ ଏବଂ ବିଶ୍ୱରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ବୋଲି କୁହାଯାଉଛି। ଏହାପୂର୍ବରୁ ନେଦରଲାଣ୍ଡ୍‌ସର ୧୦୭ ବର୍ଷୀୟା କର୍ନେଲିଆ ରାସ୍ କରୋନାକୁ ହରାଇ ଆରୋଗ୍ୟ ହୋଇଛନ୍ତି। ସୂଚନାଥାଉ କି, ଆମେରିକା, ସ୍ପେନ, ଇଟାଲୀ, ଫ୍ରାନ୍ସ ସମେତ କେତେକ ଦେଶରେ ବୟସ୍କ ସଂକ୍ରମିତଙ୍କ ଚିକିତ୍ସାକୁ କେତେକାଂଶରେ ଗୁରୁତ୍ୱ ଦିଆଯାଉ ନ ଥିବା କୁହାଯାଉଛି। ଆନାଙ୍କ ବୋହୂ ପାକି ସଞ୍ଚେଜ୍ ହସ୍ପିଟାଲ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। କିନ୍ତୁ ସେ କହିଛନ୍ତି ଯେ, ବୟସାଧିକ କାରଣରୁ ଆନାଙ୍କ ଚିକିତ୍ସାକୁ ହସ୍ପିଟାଲ କର୍ତ୍ତୃପକ୍ଷ ହାଲୁକା ଭାବେ ନେବା ସହ ସେତେଟା ହୁସିଆର ନ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଯେମିତି ଭଲ ରହିବ ତାହାଠାରୁ ମନ ମଧ୍ୟ ଆହୁରି ଅଧିକ ଭଲ ରହିବ। ବନ୍ଧୁଙ୍କ ଆଦର, ସ୍ନେହ, ସଦିଚ୍ଛା ମନ ଭିତରର ସବୁ ଦୁଃଖକୁ ସାମୟିକ ଭାବରେ ଭୁଲିଯାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେବେ।

**ବୃଷ**
କର୍ମଜଞ୍ଜାଳ ଦିନଟିକୁ ବ୍ୟସ୍ତତା ମଧ୍ୟରେ ଅତିବାହିତ କରାଇବ। ଦିନଟିରେ ବହୁତଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ହେବେ, କିନ୍ତୁ ସମୟାନୁକ୍ରମେ ସବୁ ଠିକ୍ ହୋଇଯିବ। ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ୍ ଦୂର ହେବ। ସଭାସମିତି,କଳା,ସାହିତ୍ୟ,ସଙ୍ଗୀତାଦି ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ**
କର୍ମକ୍ଷେତ୍ର ସକାଶେ ଦିନଟି ଶୁଭଙ୍କରୀ ହେବ। ମଧୁର ବ୍ୟବହାର,ସୌଜନ ଓ ସୌହାର୍ଦ୍ଦ୍ୟତା ଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ସକାଳୁ ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତ ହୋଇପଡିବେ। ଶତ୍ରୁତା ହେତୁ କେତେକ ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ**
ଉନ୍ନତ ଚିନ୍ତା,ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସୀ ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ, ବ୍ୟବସାୟ,ପରିବହନରେ ସଫଳତା ହାସଲ କରିବେ। ଆକର୍ଷଣୀୟ ଭାବମୂର୍ତ୍ତି ପଦସ୍ଥ ବ୍ୟକ୍ତି ବିଶେଷ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଆଦୃତି ଲାଭ କରିପାରନ୍ତି।

**ସିଂହ**
କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନ ନେଇ ନୀରବଦ୍ରଷ୍ଟା ଭାବରେ ପଛେଇ ରହିବେ। କେତେକ ଅଶାନ୍ତ ଭାବନା ମନକୁ ଅସ୍ଥିର କରି ରଖିପାରେ। କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିଲେ ମଧ୍ୟ ସାଧାରଣ ଝଟକାରୁ ବାଦ୍ ପଡିବ ନାହିଁ। ପ୍ରତ୍ୟେକ କଥାକୁ ପଛକୁ ପକାଇ ପାରିବାରିକ କ୍ଷେତ୍ରକୁ ପୂର୍ବବତ୍ ସୁସ୍ଥ ରଖିପାରିବେ।

**କନ୍ୟା**
କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡିପାରନ୍ତି । ଅନାବଶ୍ୟକ ଜଞ୍ଜିଷଠାରୁ ଦୂରେଇ ରହିବାକୁ ପସନ୍ଦ କରିବେ। ପାରିବାରିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ନ ରହିଲେ ମଧ୍ୟ ଗୁରୁତର ଆକାର ଧାରଣ କରିବ ନାହିଁ। ନିକଟ ସମ୍ପର୍କୀୟମାନେ ଆଗରେ କିଛି ନ କହିଲେ ମଧ୍ୟ ପଛରେ ଶୁତିକଟୁ କଥା କହିପାରନ୍ତି।

**ତୁଳା**
ଦେହରେ ବସାବାନ୍ଧି ରହିଥିବା ରୋଗର ପ୍ରାଦୁର୍ଭାବ ଆଜି ଦେଖିବାକୁ ମିଳିପାରେ। ବନ୍ଧୁଟି ଠିକଣା ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। କର୍ମକ୍ଷେତ୍ରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା**
ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପଡିବ। ମନର ଦୁଃଖକୁ ମନ ଭିତରେ ଲୁଚାଇ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ପୂର୍ବରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରକ୍ରାନ୍ତ କରିପାରେ। କିଣାବିକା କ୍ଷେତ୍ରରେ ସତର୍କ ନ ରହିଲେ ଠକାମିରେ ପଡିପାରନ୍ତି ।

**ଧନୁ**
ନିଜର ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ, ଅବିଶ୍ୱାସ ଓ ଭୁଲ୍ ବୁଝାମଣା ହେତୁକ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ନ ରହିପାରେ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତମାନର ଫଳ ମିଳିବ।

**ମକର**
କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧା ଓ ସୁଯୋଗ ପାଇପାରିବେ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ଦୀର୍ଘଦିନରୁ ସାହାଯ୍ୟ ପରିପ୍ରେକ୍ଷୀରେ ଦେଇଥିବା ବକେୟା ଅର୍ଥକୁ ଯୁକ୍ତିତର୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ**
ପାରିବାରିକ ଓ କର୍ମକ୍ଷେତ୍ର ସୁନ୍ଦର ଓ ସାବଲୀଳ ରହି ପ୍ରୀତିପ୍ରଦ ହେବ। ଦୀର୍ଘଦିନରୁ ଚିନ୍ତାକରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ କରିବାର ସୁଯୋଗ ଜୁଟିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଉନ୍ନତି ପରିଲକ୍ଷିତ ହେବ। ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ।

**ମୀନ**
ରୋକ୍‌ଠୋକ୍ କଥା ବିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ଗ୍ରହଣୀୟ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ମିଥ୍ୟାବାଦିନୀ ଦୋଷାରୋପ ଲଗାଇପାରନ୍ତି। ସଭାସମିତି, ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରିପାରିବାରେ ଅସୁବିଧା ରହିବ ନାହିଁ ।

ଆଜି ପବିତ୍ର ଅକ୍ଷୟତୃତୀୟା, ବୈଶାଖ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର,ରେବତୀ ବିବାହ ଉତ୍ସବ, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥନିର୍ମାଣ ଅନୁକୂଳ,ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ, ଏପ୍ରିଲ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ରାଶି ନକ୍ଷତ୍ର-ରୋହିଣୀ । ବୃଷ, ବିଛା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ଆଜି ବ୍ରତୋପନୟନ, ବିବାହ, ଦେବତା ପ୍ରତିଷ୍ଠା, ଜଳାଶୟ ଖନନ ପାଇଁ ଶୁଭଦିନ, ପ୍ରାତଃ ଘ.୦୬. ୧୫ମି.ଗତେ ଘ.୦୯.୩୭ମି.ମଧ୍ୟେ, ସନ୍ଧ୍ୟା ଘ.୦୭.୩୫ମି.ଗତେ ଘ.୦୯.୦୫ମି.ମଧ୍ୟେ ଅମୃତବେଳା। ପ୍ରାତଃ ଘ.୦୫.୨୪ମି.ଗତେ ଘ.୦୬.୧୫ମି.ମଧ୍ୟେ, ଦିବା ୦୧.୦୦ମି.ଗତେ ଘ.୦୦୧.୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୪.୨୯ମି.ଗତେ ଘ.୦୬.୦୪ ମି. ମଧ୍ୟେ ରାହୁକାଳ।

# ଆଜି ରଥ ନିର୍ମାଣ ଅନୁକୂଳ

ପୁରୀ ଅଫିସ, ୨୫।୪

ରବିବାର ଅକ୍ଷୟ ତୃତୀୟା। ଏହି ପବିତ୍ର ତିଥିରୁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ହେବ। କିନ୍ତୁ ଏଥର ରଥଖଳାରେ ନୁହେଁ, ମେଘନାଦ ପାଚେରି ଭିତରେ ହିଁ ହେବ ରଥ ତିଆରି ଅନୁକୂଳ। କୋଭିଡ-୧୯ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି ଏଭଳି ନିଷ୍ପତ୍ତି ହୋଇଛି। ମେ ୩ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଥିବାରୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ଏହି ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପ୍ରଶାସନ। ଏଥିରେ ସମ୍ପୃକ୍ତ ସେବାୟତ ସହଯୋଗ କରିବା ଲାଗି ସହମତି ପ୍ରକାଶ କରିଛନ୍ତି। ତେବେ ବିଧି ରକ୍ଷା ପାଇଁ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବ। କିନ୍ତୁ ମେ ୩ ପର୍ଯ୍ୟନ୍ତ ରଥ ତିଆରି ହୋଇପାରିବ ନାହିଁ। କରୋନା ମୁକାବିଲା ସଂକ୍ରାନ୍ତରେ ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶାବଳୀ ଯାହା ରହିବ ତାହାକୁ ଦେଖି ରଥ ନିର୍ମାଣ କିପରି ଏବଂ କେଉଁଠି ହେବ ତାହା ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ରଥ ନିର୍ମାଣ ଅନୁକୂଳ ପାଇଁ ଶନିବାର ସନ୍ଧ୍ୟାରେ ଭୋଇ ସେବକମାନେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଦେଇ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ଭିତରକୁ ନେଇଛନ୍ତି।


ଭୋଇ ସେବକମାନେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଦେଇ ଧଉରା କାଠ ଭିତରକୁ ନେଉଛନ୍ତି।

ମେଘନାଦ ପାଚେରି ପରିସର ସ୍ନାନବେଦି ଏବଂ ଚାହାଣିମଣ୍ଡପ ମଝିରେ ରଥ ନିର୍ମାଣ ଅନୁକୂଳ କରାଯିବା ପାଇଁ ଶନିବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ରବିବାର ଅପରାହ୍ଣରେ ଉକ୍ତ ସ୍ଥାନରେ ମହାପ୍ରଭୁଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ରଥ ଅନୁକୂଳ ନୀତି ସମ୍ପନ୍ନ ହେବ। ବିଧି ଅନୁଯାୟୀ, ଅକ୍ଷୟ ତୃତୀୟାରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠକୁ ସ୍ନାନ କରାଯିବ। ଦେଉଳ ପୁରୋହିତଙ୍କ ସମେତ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ରଥ ଅନୁକୂଳ ହୋମ କରିବେ। ମଧ୍ୟାହ୍ନ ଧୂପ ସରିବା

## ମନ୍ଦିର ଭିତରକୁ ଗଲା ୧୨ ଫୁଟିଆ ୩ ଧଉରା କାଠ

ପରେ ପୂଜାପଣ୍ଡା ସାମନ୍ତ ତିନିଦିଅଁଙ୍କ ଶ୍ରୀଅଙ୍ଗରୁ ୩ଗୋଟା ଆଜ୍ଞାମାଳ ନେଇ ହାତରେ ଧରି ଚିହ୍ନଟ ସ୍ଥାନରେ ପହଞ୍ଚିବେ। ଠିକ୍ ସେହି ସମୟରେ ମଣିବିମାନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ପାଲଙ୍କିରେ ରାମ, କୃଷ୍ଣ ମନ୍ଦିର ପରିସରସ୍ଥ ଜଳକ୍ରୀଡ଼ା ମଣ୍ଡପ ନିକଟକୁ ଚନ୍ଦନ ଯାତ୍ରା ପାଇଁ ବାହାରିବେ। ପୂଜାପଣ୍ଡା ସାମନ୍ତ ତିନିରଥ ନିର୍ମାଣ ଅନୁକୂଳ ନିମନ୍ତେ ଆଜ୍ଞାମାଳ ପ୍ରଦାନ କରିବେ। ଏହାପରେ ରଥ ଅନୁକୂଳର ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏହି ଅବସରରେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ପ୍ରାୟ ୧୦ ଜଣ ସେବକଙ୍କ ଶାଢ଼ି ବନ୍ଧା ପର୍ବ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି।

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷାକୁ ଗୁରୁତ୍ୱ

କଟକ ଅଫିସ୍, ୨୫।୪

କରୋନା ଭୂତାଣୁକୁ ମୁକାବିଲା କରିବାରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ପ୍ରମୁଖ ଭୂମିକା ନେଉଛନ୍ତି। ହେଲେ ରାଜ୍ୟର ଅନେକ ସ୍ଥାନରେ ସେମାନେ ଅସଦାଚରଣ ଏବଂ ଆକ୍ରମଣର ଶିକାର ହେଉଛନ୍ତି। ଏନେଇ ଭାରତୀୟ ମେଡିକାଲ୍ ସଂଘ (ଆଇଏମ୍‌ଏ) ପ୍ରତିନିଧିମାନେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ସହ ଶନିବାର ସାକ୍ଷାତ୍ ଆଲୋଚନା କରିଛନ୍ତି। ଆକ୍ରମଣ ରୋକିବା ଦିଗରେ କଡ଼ା ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

ସଂଘ ଓଡ଼ିଶା ଶାଖା ପୂର୍ବତନ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବର୍ତ୍ତମାନ ସଭାପତି ଡା. ନିବେଦିତା ପାଣି, ସମ୍ପାଦକ ଡା. ବ୍ରଜକିଶୋର ଦାଶ ଏବଂ ଅନ୍ୟ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟସେବା ଅଧିକାରୀ ଓ କର୍ମୀମାନଙ୍କ ସୁରକ୍ଷା ଏବଂ ତାଙ୍କ ବିରୋଧରେ ହେଉଥିବା ଅପରାଧ ନିରାକରଣ ନେଇ ଆଲୋଚନା ହୋଇଥିଲା। କରୋନା ପରିସ୍ଥିତି ସମୟରେ ସେମାନଙ୍କ ସୁରକ୍ଷା ଓଡ଼ିଶା ପୋଲିସର ପ୍ରତିବଦ୍ଧତା ବୋଲି ଡିଜିପି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଆଇଏମ୍‌ଏ ତରଫରୁ ପୋଲିସର କଠିନ ପରିଶ୍ରମକୁ ପ୍ରଶଂସା କରାଯାଇଥିଲା। ଏଥି ସହ ଜିଲାସ୍ତରରେ ଜିଲା ପୋଲିସ ଏବଂ ଆଇଏମ୍‌ଏର ଜିଲା ଶାଖା ପଦାଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ମଧ୍ୟ

## ପୋଲିସ ଡିଜିଙ୍କ ସହ ଆଇଏମ୍‌ଏ ପ୍ରତିନିଧିଙ୍କ ଆଲୋଚନା

ଅନୁରୋଧ କରାଯାଇଥିଲା। ଶେଷରେ ପ୍ରଚଳିତ ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥାକୁ ପରବର୍ତ୍ତୀ ସମୟରେ ଜାରି ରଖିବାକୁ ଆଇଏମ୍‌ଏର ପଦାଧିକାରୀମାନେ ନିବେଦନ କରିଥିଲେ। ଆଲୋଚନା ବେଳେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ୍ ଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୋମବାରଠାରୁ ମହାଡାକପାଳଙ୍କ କାର୍ଯ୍ୟାଳୟ ସ୍ୱାଭାବିକ ହେବ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ):** ସୋମବାରଠାରୁ ଭୁବନେଶ୍ୱର ମୁଖ୍ୟ ମହାଡାକପାଳଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବ। ସର୍କଲର ମୁଖ୍ୟଡାକପାଳ ସନ୍ତୋଷ କମିଲା ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସୋମବାରଠାରୁ ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ ବୋଲି ବିଜ୍ଞପ୍ତିରେ ନିର୍ଦ୍ଦେଶ ଦେଇଛନ୍ତି। ଲକ୍‌ଡାଉନ୍ ସ୍ଥିତିରେ ଡାକଘର କିପରି ସକ୍ରିୟ ହୋଇ ସେବା ଯୋଗାଇ ପାରିବ ସେନେଇ ସମସ୍ତ ବ୍ୟବସ୍ଥା କରାଯିବ। ଲକ୍‌ଡାଉନ୍ ଅବଧି ଶେଷ ଯାଏ, ସବୁ ଗ୍ରୁପ ଅଧିକାରୀମାନେ ପ୍ରତିଦିନ କର୍ମଚାରୀଙ୍କ ଉପସ୍ଥାନ ତଥ୍ୟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ମହାଡାକପାଳ ନିଜେ ପ୍ରତିଦିନ କର୍ମଚାରୀଙ୍କ ଉପସ୍ଥାନର ସମୀକ୍ଷା କରିବେ। ଏହି ବିଜ୍ଞପ୍ତିକୁ କର୍ମଚାରୀଙ୍କ ଅବଗତି ନିମନ୍ତେ ସମସ୍ତ ଗ୍ରୁପ୍‌ର ଅଧିକାରୀ, ଓଏସ୍ ସର୍କଲ ଏବଂ ଲୋୟର ପିଏମ୍‌ଜିରେ ଥିବା ଥାନାକୁ ଖବର ଦିଆଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### କର୍ପସ ଫଣ୍ଡକୁ ଆଇନଜୀବୀଙ୍କ ସହାୟତା

**କଟକ ଅଫିସ୍, ୨୫।୪:** କରୋନା ଭୂତାଣୁ ସଂକ୍ରମଣ ଯୋଗୁ କୋର୍ଟ ବନ୍ଦ ରହିଛି। ଏଣୁ ଆଇନ୍‌ଜୀବୀମାନେ ରୋଜଗାର ହରାଇଛନ୍ତି। ସେମାନଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଓଡ଼ିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦ ପକ୍ଷରୁ ଏକ କର୍ପସ୍ ଫଣ୍ଡ ଗଠନ କରାଯାଇଛି। ବରିଷ୍ଠ ଆଇନ୍‌ଜୀବୀମାନେ ଏହି ଫଣ୍ଡକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। କଟକର ବରିଷ୍ଠ ଆଇନ୍‌ଜୀବୀ ଗୌତମ ମୁଖାର୍ଜୀ ୫୦ ହଜାର ଟଙ୍କା ଦେଇଥିବା ବେଳେ ରାଜକିଶୋର ଦାସ ୧୧ହଜାର ୧୧୧ଟଙ୍କା, ବିଭୁ ପ୍ରସାଦ ଦାସ ୧୦ ହଜାର ଟଙ୍କା, ଅରୁଣ କୁମାର ପାତ୍ର ୧୫ ହଜାର ଟଙ୍କା, ଶକ୍ତି ପ୍ରସାଦ ପଣ୍ଡା ୧୧ହଜାର ଟଙ୍କା ଏବଂ ଅନାଦି ଚରଣ ନାୟକ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ସହାୟତା ପ୍ରଦାନ ପାଇଁ ଆଗେଇ ଆସିବାକୁ ପରିଷଦ ସମ୍ପାଦକ ଜେ.କେ. ସାମନ୍ତସିଂହାର ନିବେଦନ କରିଛନ୍ତି।

# ୧୦ଜଣଙ୍କୁ ସଂକ୍ରମିତ କରିଛନ୍ତି ୨ ଆକ୍ରାନ୍ତ

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ରାଜ୍ୟ ସରକାର ଶନିବାର ୭ଜଣ କରୋନା ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି କରିଛନ୍ତି। ଏହି ୮୪, ୮୫, ୮୬, ୮୭, ୮୮, ୮୯ ଓ ୯୦ ନଂ. ଆକ୍ରାନ୍ତଙ୍କ ମଧ୍ୟରୁ ୪ଜଣ ଯାଜପୁରର ଥିବାବେଳେ ଦୁଇଜଣ ବାଲେଶ୍ୱର ଓ ଜଣେ ଭଦ୍ରକର। ତେବେ ଏମାନଙ୍କ ତଥ୍ୟରୁ ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱର ଓ ଯାଜପୁରର ୨ଜଣ ଆକ୍ରାନ୍ତ ସୁପରସ୍ପ୍ରେଡର ସାଜିଛନ୍ତି। ବାଲେଶ୍ୱର ନେଳିଆବାଗର ୬୧ନଂ. ଆକ୍ରାନ୍ତ ମୋଟ୍ ୭ ଜଣ ନିକଟ ସମ୍ପର୍କୀୟଙ୍କୁ ସଂକ୍ରମିତ କରାଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସି ପୂର୍ବରୁ ୭୫ ରୁ ୭୯ ଅର୍ଥାତ୍ ୫ଜଣ ସଂକ୍ରମିତ ହୋଇଥିବାବେଳେ ଏବେ ଆଉ ୨ଜଣ ଅର୍ଥାତ୍ ୮୮ ଓ ୮୯ ନଂ. ଆକ୍ରାନ୍ତ ମଧ୍ୟ ତାଙ୍କ ନିକଟ ସମ୍ପର୍କୀୟ ବୋଲି ସ୍ପଷ୍ଟ ହୋଇଛି। ୫୮ବର୍ଷୀୟ ପୁରୁଷ ଜଣକ ଝାଡ଼ଖଣ୍ଡରୁ ଫେରି ୫ ହସ୍ପିଟାଲ ବୁଲିଥିବାରୁ ତାଙ୍କ ଦ୍ୱାରା ଆହୁରି ଅନେକ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି। ସେପଟେ କୋଲକାତା ଫେରନ୍ତା ଯାଜପୁର ବାସୁଦେବପୁରର ୭୩ ନଂ. ଆକ୍ରାନ୍ତ ମଧ୍ୟ ୩ଜଣଙ୍କୁ ସଂକ୍ରମିତ କରିଥିବା ସ୍ପଷ୍ଟ ହୋଇଛି। ତାଙ୍କ ସହ ୮୫ ନଂ. ଆକ୍ରାନ୍ତ କୋଲକାତାରୁ ଫେରିଥିଲେ ଏବଂ ୮୬ ଓ ୮୭ ନଂ. ଆକ୍ରାନ୍ତ ତାଙ୍କ ନିକଟ ସମ୍ପର୍କୀୟ ବୋଲି ସରକାର ସୂଚନା ଦେଇଛନ୍ତି। ସେହିପରି ୮୪ ନଂ. ଆକ୍ରାନ୍ତ ହେଉଛନ୍ତି ୭୦ ବର୍ଷୀୟ ବୟସ୍କା ମହିଳା, ଯିଏ ୭୪ ନଂ. ଆକ୍ରାନ୍ତଙ୍କ ଘନିଷ୍ଠ ସମ୍ପର୍କୀୟ।

ଅନ୍ୟପଟେ ୯୦ ନଂ. କରୋନା ଆକ୍ରାନ୍ତ ହେଉଛନ୍ତି ୪୩ ବର୍ଷୀୟ ଯୁବକ। ତାଙ୍କ ଘର ଭଦ୍ରକ ବାସୁଦେବପୁରର ବ୍ରାହ୍ମଣୀଶାସନ ଅଞ୍ଚଳରେ। ସେ ଏପ୍ରିଲ ୧୬ ସକାଳ ୯ଟାରୁ କୋଲକାତାର ଖିଦିପୁରରୁ ବାହାରି ଅପରାହ୍ନ ୧ଟା ୩୦ରେ ଗାଁରେ ପହଞ୍ଚିଥିଲେ। ୨୦ ତାରିଖ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ୨୧ରୁ ୨୩ ତାରିଖ ବାସୁଦେବପୁର ସରକାରୀ କ୍ୱାରାଣ୍ଟାଇନରେ ଥିଲେ। ୨୩ ତାରିଖରେ ନମୁନା ପଜିଟିଭ୍ ଆସିବା ପରେ ୨୪ରେ ତାଙ୍କୁ କଟକ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଅନ୍ୟପଟେ ଶନିବାର ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେ ସୁନ୍ଦରଗଡ଼ର ବୋଲି ଜଣାପଡ଼ିଛି। ଏହି ଆକ୍ରାନ୍ତ ଜଣକ ସୁସ୍ଥ ହେବା ପରେ ସୁନ୍ଦରଗଡ଼ ଜିଲା କରୋନା ମୁକ୍ତ ହୋଇଯାଇଛି। ସୁନ୍ଦରଗଡ଼ରେ ୩ଜଣ ଆକ୍ରାନ୍ତ ଥିଲେ। ସେମାନଙ୍କ ମଧ୍ୟରୁ ପୂର୍ବରୁ ଦୁଇଜଣ ସୁସ୍ଥ ହୋଇସାରିଥିଲେ। ସେପଟେ ଏହାକୁ ମିଶାଇ ରାଜ୍ୟରେ ବର୍ତ୍ତମାନ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୪ରେ ପହଞ୍ଚିଥିବାବେଳେ ସକ୍ରିୟ ଥିବା ଆକ୍ରାନ୍ତଙ୍କ ସଂଖ୍ୟା ୫୯ ହୋଇଛି। ବର୍ତ୍ତମାନ ୧୫୦ଜଣ ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି।

## ୭ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି

- ୬୧ ଓ ୭୩ ନଂ. ଆକ୍ରାନ୍ତ ସୁପରସ୍ପ୍ରେଡର
- ଆଉଜଣେ ସୁସ୍ଥ, କରୋନା ମୁକ୍ତ ହେଲା ସୁନ୍ଦରଗଡ଼

# ସେସୁ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

ଚୌଦ୍ୱାର, ୨୫।୪(ଡି.ଏନ୍.ଏ)

ଚୌଦ୍ୱାର ଥାନା ଓଟିଏମ୍ କଲୋନୀ ୮ ନଂ. ୱାର୍ଡର ଅକ୍ଷୟ ଭୂୟାଁ (୩୦) ସେସୁରେ ଠିକା କର୍ମଚାରୀ ଭାବେ କାମ କରୁଥିଲେ। ମଙ୍ଗଳବାର ୧୧ କେ.ଭି. ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଇନ ମରାମତି କରୁଥିବାବେଳେ ହଠାତ୍ କରେଣ୍ଟ ଚାର୍ଜ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି କରାଯାଇଥିଲା। ବୁଧବାର ସେସୁର ବରିଷ୍ଠ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏଥିସହ ଚୌଦ୍ୱାର ସେସୁ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଶୁଭ୍ରାଂଶୁ ଶେଖର ବାରିକଙ୍କୁ ଶୁକ୍ରବାର ସେସୁର ଜେନେରାଲ ମ୍ୟାନେଜର ନିଲମ୍ବିତ କରିଥିବା ଜଣାପଡିଛି। ଏହି ମୃତ୍ୟୁକୁ ନେଇ ଚୌଦ୍ୱାର ସେସୁ କାର୍ଯ୍ୟାଳୟର ଅବହେଳା ପାଇଁ ଏଭଳି ଘଟିଥିବା ସାଧାରଣରେ ଆଲୋଚନା ହେବା ସହ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଅକ୍ଷୟଙ୍କ ମୃତଦେହକୁ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ରଖି ବିଭିନ୍ନ ଦାବିରେ ଘେରାଉ କରିଥିଲେ। ସେସୁ ପକ୍ଷରୁ ଦାବିଗୁଡିକ ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଘେରାଉ ହଟି ଥିଲା।

## ବିଦ୍ୟୁତ୍ କର୍ମଚାରୀ ମୃତ୍ୟୁ ଘଟଣା

# ୩ ଦିନରେ ୫ ଡାଳିଓଧ ମୃତ

**ବାରଙ୍ଗ, ୨୫।୪(ଡି.ଏନ.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ୩ ଦିନ ମଧ୍ୟରେ ୫ଟି ଡାଳିଓଧଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଠିକ୍ ଭାବେ ଜଣା ପଡି ନ ଥିବା ବେଳେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୨୨ରେ ପହଞ୍ଚିଛି। ଏହାସହ ୩୭ ନଂ. ଏନ୍‌କ୍ଲୋଜରରେ ଥିବା ଏକ ଗୁରାଣ୍ଡି ଗୋଟିଏ ଶାବକ ଜନ୍ମ ଦେଇଛି। ଏହି ଛୁଆକୁ ମିଶାଇ ଏମାନଙ୍କ ସଂଖ୍ୟା ୧୫କୁ ବୃଦ୍ଧିପାଇଛି। ସେଥିମଧ୍ୟରେ ୪ ଅଣ୍ଡିରା, ୬ ମାଈ ଓ ୫ଟି ଛୁଆ ଥିବା ଜଣାପଡିଛି।

**DISTRICT OFFICE, ANGUL**
(Social Welfare Section)
No.: 742/SW Date: 22.04.20
**TENDER CALL NOTICE**
(ENGAGEMENT OF TRANPORT CONTRACTOR FOR TRANSPORTING OF WHEAT AND RICE UNDER SNP)
Sealed tenders are invited for engagement of Transporting Contractor for taking transportation of food stuff under Supplementary Nutrition Programme in Angul District. The detailed terms and conditions can be obtained from the Office of the DSWO, Angul or can be downloaded from the district website **www.angul.nic.in** till 19.05.2020 by 11.00 A.M. The tender paper is to be submitted to the DSWO, Angul on or before 20.05.2020, 11.00 A.M. by Registered/Speed Post only. The tender will be opened on 21.05.2020 at 11.00 A.M. in presence of the members of the tender committee and the tenderers or their authorized representatives. The authority reserves the right to reject /cancel any or all tenders without assigning any reason thereof and shall bear no liability what so ever consequent upon such decision.
**Sd./- Collector, Angul**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
(District Central Store)
**SHORT TENDER CALL NOTICE**
**Notification No. CDM&PHO/02/DMC-MISC/2020-2021**
Sealed tenders are invited from registered Firms/ Suppliers/Manufacturers/Authorized Distributors for supply of Instrument, Equipments, Drugs & other Logistics to the undersigned. Details regarding items with terms and conditions partwise separately may be downloaded from district website **www.nuapada.nic.in**. The tenders should reach the office of the undersigned by **Date 06.05.20 upto 05.00 P.M. through Speed Post/Registered Post/Courier Services/Hand** only. The tender paper cost is mentioned in the term & conditions of the tender. The tender will be opened on date 07.05.2020 at 11.00 A.M. in the DTU of the undersigned.
The undersigned reserves the right to reject any or all the tenders without assigning any reason thereof.
**Sd./- Chief District Medical & Public Health Officer, Nuapada**

# କରୋନା ଯୋଦ୍ଧା ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

କରୋନା ମହାମାରୀ ଏବେ ସାରା ବିଶ୍ୱ ପାଇଁ ଏକ ବିରାଟ ଆହ୍ୱାନ ସୃଷ୍ଟି କରିଛି। ଦିନକୁ ଦିନ ବଢିଚାଲିଥିବା ଏହି ମହାମାରୀକୁ ସଫଳତାର ସହ ପ୍ରତିହତ କରିବା ପାଇଁ 'କୋଭିଡ୍ ଯୋଦ୍ଧା'ମାନଙ୍କର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବା ସହ ଲୋକଙ୍କ ସେବାରେ ନିଜକୁ ସାମିଲ୍ କରି ଯୋଦ୍ଧା ସାଜିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। କରୋନା ମୁକାବିଲାରେ ବହୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସରକାରଙ୍କୁ ସହଯୋଗ କରିବା ପାଇଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଆଗେଇ ଆସିଛନ୍ତି। ସେହିଭଳି ବହୁ ବ୍ୟକ୍ତିବିଶେଷ ମଧ୍ୟ ଏହି ମହାମାରୀ ବିରୋଧରେ ସରକାରଙ୍କ ଉଦ୍ୟମରେ ସକ୍ରିୟ ଯୋଗଦାନ କରିବା ପାଇଁ ଆଗ୍ରହୀ ଅଛନ୍ତି। ଏହି ଲଢ଼େଇରେ ନିଜକୁ ଜଣେ ଯୋଦ୍ଧାଭାବରେ ନିୟୋଜିତ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର କୋଭିଡ୍ ସଂଗ୍ରାମୀ ପୋର୍ଟାଲ https://covidsangramee.odisha.gov.inର ଶୁଭାରମ୍ଭ ହୋଇଛି। ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏହାକୁ ଉନ୍ମୋଚନ କରିଛନ୍ତି। ଯୋଦ୍ଧା ସାଜିବାକୁ ଚାହୁଁଥିବା ବ୍ୟକ୍ତି ଏହି କୋଭିଡ୍ ସଂଗ୍ରାମୀ ପୋର୍ଟାଲରେ ସ୍ୱେଚ୍ଛାକୃତଭାବେ ନିଜ ନାମ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି।

## ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ପୋର୍ଟାଲ ଶୁଭାରମ୍ଭ



# କରୋନା: ଅରେଞ୍ଜ ଜୋନ୍‌ରେ କଟକ

କଟକ ଅଫିସ୍, ୨୫।୪–କରୋନା ସଂକ୍ରମଣ ଅନୁଯାୟୀ ଅଞ୍ଚଳଗୁଡ଼ିକୁ ବିଭିନ୍ନ ରଙ୍ଗରେ ଭାଗ କରାଯାଇଛି। ସେଗୁଡ଼ିକ ହେଲା ରେଡ୍, ଅରେଞ୍ଜ ଏବଂ ଗ୍ରୀନ୍। ଏଥିରୁ କଟକ ଅରେଞ୍ଜ ଜୋନ୍‌ରେ ଥିବା ନେଇ ଶନିବାର ପ୍ରକାଶ କରିଛି କଟକ ମହାନଗର ନିଗମ। ଏପ୍ରିଲ୍ ୩ରେ ସହରରେ ଏକ ମାତ୍ର କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତାଙ୍କୁ କଟକ ସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଇଥିଲା। ୧୦ ତାରିଖରେ ସେ ସୁସ୍ଥ ହୋଇଥିଲେ। ଏହା ପରଠୁ କଟକରେ ଆଉ ଜଣେ ହେଲେ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ପ୍ରଥମ ଆକ୍ରାନ୍ତଙ୍କ ଚିହ୍ନଟ ପରେ ପଟାପୋଲକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ହେଲେ ସେ ସୁସ୍ଥ ହେବା ପରେ କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ମଧ୍ୟ ହଟାଇ ଦିଆଯାଇଥିଲା। କୌଣସି ନୂଆ ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବା ଯୋଗୁ କଟକକୁ ଅରେଞ୍ଜ ଜୋନ୍‌ରେ ରଖାଯାଇଛି।

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**


ପି. ଶ୍ରେୟାଂଶ୍ରୀ (ବବ୍‌ଲି)
ଭୀମଟାଙ୍ଗି, ଓଲ୍ଡ଼ ଟାଉନ୍, ଭୁବନେଶ୍ୱର–୨
ଆଜି ତୋର ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ ହେଉ ଏହାହିଁ ଆମର ପ୍ରାର୍ଥନା।
–:ଶୁଭେଚ୍ଛା ସହ:–
ମାମା, ବାବା, ଜେଜେ ମା, ଜେଜେ ବାବା, ବଡ ମାମା, ବଡ ବାବା, ଗୁଲୁଲି ଦିଦି, ଗୁଡୁ ଭାଇ, ପିଣ୍ଟୁ ମାମୁ, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ।
ଧ–୧୭୨୫୭

DSPL - 02

ଓଡ଼ିଶା ସରକାର
ଡଃ ଅରୁଣ କୁମାର ସାହୁ
କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ

**ଶୁଭେଚ୍ଛା ବାର୍ତ୍ତା**

ପବିତ୍ର ଅକ୍ଷୟ ତୃତୀୟା ଓ କୃଷକ ଦିବସ ଉପଲକ୍ଷେ, ଆମ ଅନ୍ନଦାତା କୃଷକ ଭାଇ ଓ ଭଉଣୀମାନଙ୍କୁ ସମ୍ମାନ ଓ ସଦିଚ୍ଛା ଜଣାଉଛି ।

ଚଳିତ ବର୍ଷ କରୋନା ମହାମାରୀ ଜନିତ ସଂକ୍ରମଣ ଆଶଙ୍କା ପାଇଁ ସମ୍ପୂର୍ଣ୍ଣ ସତର୍କତା ସହିତ ଅକ୍ଷିମୁଠି ଅନୁକୂଳ କରି କୃଷିକାର୍ଯ୍ୟ ଆରମ୍ଭ କରିବା ସହିତ ସମସ୍ତ ବିପଦ ଆପଦକୁ ସାହସର ସହିତ ସମ୍ମୁଖୀନ ହୋଇ କୃଷି କ୍ଷେତ୍ରରେ ଆମ ରାଜ୍ୟକୁ ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କୁ ନିବେଦନ କରୁଛି ।

(ଅରୁଣ କୁମାର ସାହୁ)
OIPR-01034/13/0002/2021
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

# ଓଡ଼ିଶା ଫେରନ୍ତାଙ୍କ ପଞ୍ଜୀକରଣ ପାଇଁ ଆଧାର, ମୋବାଇଲ ନମ୍ବର ବାଧ୍ୟତାମୂଳକ

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ରାଜ୍ୟରେ ଲକ୍ଷ ଲକ୍ଷ ଓଡ଼ିଆ ଅଟକି ରହିଛନ୍ତି। ଏମାନଙ୍କ ମଧ୍ୟରୁ ୫ଲକ୍ଷ ଓଡ଼ିଆ ଶ୍ରମିକ ଗାଁକୁ ଫେରିବେ ବୋଲି ଆଶା କରାଯାଉଛି। ଲକ୍‌ଡାଉନ୍ ହଟିବା ପରେ ସେମାନଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଫର୍ମ ମଧ୍ୟ ଜାରି କରାଯାଇଛି। ଇତିମଧ୍ୟରେ ଗତ ୨୪ ତାରିଖରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି। ଫେରିବାକୁ ଚାହୁଁଥିବା ଲୋକମାନେ ନିଜେ କିମ୍ବା ସେମାନଙ୍କ ପାଇଁ ସମ୍ପର୍କୀୟ ଅଥବା ସ୍ଥାନୀୟ ଅଞ୍ଚଳର ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ପଞ୍ଜୀକରଣ କରିପାରିବେ। ତେବେ ପଞ୍ଜୀକରଣ ପାଇଁ ଆଧାର ଓ ମୋବାଇଲ ନମ୍ବର ବାଧ୍ୟତାମୂଳକ କରାଯାଇଛି। ଯଦି ନିଜେ ପଞ୍ଜୀକରଣ କରୁଛନ୍ତି ତେବେ ଆପଣ ନିଜ ମୋବାଇଲ୍ ନମ୍ବର ଦେବେ। ଆଉ ଯଦି ଆପଣଙ୍କ ପାଇଁ ଅନ୍ୟ କେହି ପଞ୍ଜୀକରଣ କରୁଛନ୍ତି, ତେବେ ତାଙ୍କ ନମ୍ବର କିମ୍ବା ପରିବାର ଲୋକଙ୍କ ନମ୍ବର ଦିଆଯିବ ବୋଲି ଶନିବାର ପଞ୍ଚାୟତିରାଜ ପ୍ରମୁଖ ସଚିବ ଦେଓ ରଞ୍ଜନ ସିଂହ ସ୍ପଷ୍ଟ କରିଛନ୍ତି।

ଏହି ପଞ୍ଜୀକରଣ ଫର୍ମ ପୂରଣ ପାଇଁ ବ୍ୟକ୍ତିଗତ ବିବରଣୀ ଦେବାକୁ ପଡ଼ିବ। ଉକ୍ତ ଫର୍ମରେ ଓଡ଼ିଶା ଫେରିବାକୁ ଚାହୁଁଥିବା ଲୋକଙ୍କ ନାଁ, ଗାଁ ଓ ଠିକଣା ସହ ସମ୍ପୂର୍ଣ୍ଣ ଯାତ୍ରା ବିବରଣୀ ସ୍ପଷ୍ଟ ଉଲ୍ଲେଖ ରହିବ। ଏହାସହ ସେ ଦାଦନ ଶ୍ରମିକ, ଛାତ୍ର, ପର୍ଯ୍ୟଟକ ନା ଅନ୍ୟ କେଉଁ ଶ୍ରେଣୀର ସେ କଥା ମଧ୍ୟ ଜଣାଇବାକୁ ପଡ଼ିବ। ଅଫ୍‌ଲାଇନ୍ ପଞ୍ଜୀକରଣ ପରେ ଜିଲା ନୋଡାଲ ଅଧିକାରୀ ଅନ୍‌ଲାଇନ୍ ପୋର୍ଟାଲରେ ସବିଶେଷ ତଥ୍ୟ ଅପ୍‌ଲୋଡ୍ କରିବେ। ଯଦି ଅନ୍‌ଲାଇନ୍ ଫର୍ମ ପୂରଣ କରୁଛନ୍ତି, ତେବେ ଫର୍ମ ପୂରଣ କରିସାରିବା ପରେ ସବ୍‌ମିଟ୍ ବଟନ କ୍ଲିକ କରିବା ମାତ୍ରେ ଆପଣଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ ଓଟିପି ଆସିବ। ଉକ୍ତ ଓଟିପିକୁ ୱେବସାଇଟ୍‌ର ଡିସ୍‌ପ୍ଲେ ବକ୍ସରେ ପୂରଣ କରିବା ପରେ ଆପଣଙ୍କ ମୋବାଇଲକୁ ଏକ କନଫରମେଶନ ମେଜେସ ଆସିବ। ଏହା ପରେ ଆପଣଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ ହୋଇଥିବା ଆପଣ ସ୍ପଷ୍ଟ ହେବେ ବୋଲି ସଚିବ ସିଂହ କହିଛନ୍ତି।

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ



# ସଂସ୍କୃତି ମୁଖା ଖୋଲିଦେଇଛି କୋଭିଡ୍-୧୯



ଆକାର ପଟେଲ

କୋଭିଡ୍-୧୯ ସଂର୍କମଣ ଏବେ ଦେଶର ଭଲ ମନ୍ଦ କଥା ତଥା ବ୍ୟକ୍ତିର ଭଲ ମନ୍ଦ ଗୁଣକୁ ପଦାକୁ ନେଇଆସିଛି। କେବଳ ଏତିକି ନୁହେଁ ସଂସ୍କୃତିର ବିଶେଷତା ଓ ଦୁର୍ବଳତାକୁ ଜଣାଇ ଦେଇଛି। ସରକାରଙ୍କ ଅକ୍ଷମତାକୁ ପଦାରେ ପକାଇଦେଇଛି। ସାରା ବିଶ୍ୱରେ ଆମେ ଏବେ ଏକା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛୁ। ଏହି ସମସ୍ୟା ହେଉଛି କୋଭିଡ୍-୧୯ ସଂକ୍ରମଣ। ଉକ୍ତ ରୋଗର କୌଣସି ଔଷଧ ନାହିଁ। କିନ୍ତୁ ବ୍ୟକ୍ତିଗତ ସହଯୋଗରେ ଏହି ସଂକ୍ରମଣକୁ ରୋକାଯାଇପାରିବ। ଏକ ଉତ୍ତମ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ବଳରେ ଏଥିରେ ଶିକାର ହେଉଥିବା ଲୋକଙ୍କୁ ବଞ୍ଚାଯାଇପାରିବ। ଭାରତ ନିକଟରେ ସମ୍ଭବତଃ ଏହା ଉପଲବ୍ଧ ନାହିଁ। ଆମ ଦେଶ ଗରିବ। ଏଠାରେ ଲୋକମାନଙ୍କ ମୁଣ୍ଡପିଛା ଆୟ ବିକଶିତ ଦେଶ ତୁଳନାରେ ୩୦ ଗୁଣ କମ୍। ଆମ ଲାଇଫ ଏକ୍ସପେକ୍ଟାନି ବିକଶିତ ଦେଶଗୁଡିକଠାରୁ ବି ୧୦ ବର୍ଷ କମ୍। ତଥାପି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନେ ଜିଡିପିର ଯେତିକି ପ୍ରତିଶତ ବ୍ୟୟ କରୁଛନ୍ତି ଆମେ ତା'ଠାରୁ କମ୍ ବ୍ୟୟ କରୁଛୁ। ଏହା ଆମମାନଙ୍କର ଦୋଷ। ସାଧାରଣ ସ୍ୱାସ୍ଥ୍ୟସେବା କ୍ଷେତ୍ର ପ୍ରତି ଦୃଷ୍ଟି ଦିଆଯାଉ ନ ଥିଲେ ବି ଆମେ ତାକୁ ସହିଯାଉଛୁ ଏବଂ ମହାମାରୀର ଦୁର୍ଦ୍ଦିନ ଯେତେଦିନ ଲାଗି ରହିବ ଆମକୁ ଏଥିପାଇଁ ମୂଲ୍ୟ ଦେବାକୁ ପଡିବ। ଆମ ପାଖରେ ଅଧିକ ଆଇସିୟୁ ବେଡ୍ ନାହିଁ, ଭେଣ୍ଟିଲେଟର ନାହିଁ। ଆମ ପାଖରେ ପ୍ରଶିକ୍ଷିତ କର୍ମଚାରୀ ନାହାନ୍ତି। କୁହାଯାଉଛି ଆମେ ସେମାନଙ୍କୁ ଖୁବ୍ ଶୀଘ୍ର ଦେଖିବାକୁ ପାଇବୁ। କଥା ହେଉଛି ଆମେ ଯେଉଁମାନେ ଏହି କଥା ପଢୁଛେ କି ସେ ସମ୍ପର୍କରେ ଲେଖୁଛେ ଏହାର ପରିଣାମ ଆମେ ହିଁ ଅନୁଭବ କରିବୁ। ସ୍ୱାସ୍ଥ୍ୟଠାରୁ ପ୍ରତିରକ୍ଷା କ୍ଷେତ୍ରରେ ସରକାର ୫ ଗୁଣ ବ୍ୟୟ କରୁଛନ୍ତି। ଆମେ ଦୋଷ ଦେବାକୁ କିଏ ? ଆମେ କେବଳ ଆମକୁ ଦୋଷ ଦେବା ଉଚିତ, ଏମିତି କି ନିର୍ବାଚିତ ପ୍ରତିନିଧିମାନଙ୍କୁ ନୁହେଁ । କିନ୍ତୁ ଆମେ ଆମ ସରକାରଙ୍କୁ ଅକ୍ଷମତା ପାଇଁ ଦୋଷ ଦେଇପାରିବା।ସରକାରଙ୍କ ଅକ୍ଷମତା ଏବେ ପଦାକୁ ଜଣାପଡିଛି ଓ ଏମିତି ଆଗକୁ ଜଣାପଡୁଥିବ। ଏହା କେନ୍ଦ୍ର ଓ ରାଜ୍ୟ ପାଇଁ ଲାଗି ରହିଛି କାରଣ ଆମ ନୀତି ନିର୍ଦ୍ଧାରଣ କ୍ଷେତ୍ରକୁ ଖୁବ୍ କମ୍ ବିଜ୍ଞ ବ୍ୟକ୍ତି ନିର୍ବାଚିତ ହୋଇ ଯାଉଛନ୍ତି। ଏହା ମଧ୍ୟ ଏହି ମହାମାରୀ ସଂକ୍ରମଣ ସମୟରେ ସ୍ପଷ୍ଟ ହୋଇଯାଇଛି।

ନିର୍ଦ୍ଦେଶ ଦେବା ବ୍ୟତୀତ କେନ୍ଦ୍ର ସରକାରଙ୍କ ପାଖରେ ଏବେ ଅଧିକ କାମ ନାହିଁ। ତଥାପି ଠିକ୍ ଭାବେ ନିର୍ଦ୍ଦେଶ ଦେବା କାର୍ଯ୍ୟଟିକୁ ବି ତୁଲାଇପାରୁନାହାନ୍ତି। ସରକାର ଏମିତି ଏକ ନିୟମ କଲେ ଯାହା ଜଣେ ବ୍ୟବସାୟୀଙ୍କୁ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଓ ଅଫିସରେ କୋଭିଡ୍ କଟକଣା ଉଲ୍ଲଂଘନ କଲେ ଜେଲ୍‌କୁ ପଠାଇ ଦେଇପାରୁଛି। ଏହାଦ୍ୱାରା କାର୍ଯ୍ୟକ୍ଷେତ୍ରରେ କିମ୍ବା ଘରେ ଜଣେ କର୍ମଚାରୀ ସଂକ୍ରମିତ ହେଲେ ତାହା କିପରି ଜଣାପଡିବ। ଏହା ତାଙ୍କ ଦୁର୍ଭାଗ୍ୟ କିମ୍ବା ଦାୟିତ୍ୱହୀନତାରୁ ହୋଇଛି ବୋଲି କେମିତି ଜାଣିବା ? ଏଥିରେ ବ୍ୟବସାୟୀଙ୍କ ଦୋଷ ଥିଲା ବୋଲି କେମିତି ଜାଣାପଡିବ ? ଏଭଳି ନିର୍ଦ୍ଦେଶକୁ ମଞ୍ଜୁରୀ ଦେବା ଓ ପାସ୍ ହେବାବେଳେ କେହି ଜଣେ ହେଲେ ବି ଏହା ବିଷୟରେ ଭାବିଲେ ନାହିଁ। ଯେତେବେଳେ ଏହା ସମ୍ପର୍କରେ ସବୁ କିଛି ଜଣା ପଡିଲା ସେତେବେଳେ ଏହି ନିୟମ ବଦଳାଇ ଦିଆଗଲା ବୋଲି ସ୍ପଷ୍ଟୀକରଣ ଦେବାକୁ ଜଣେ ଜୁନିୟର ମିନିଷ୍ଟରଙ୍କୁ ପଠାଗଲା। ଏହା ଏକ ଛୋଟ ଘଟଣା ନୁହେଁ। ଏଥିରୁ ପ୍ରତୀୟମାନ ହୁଏ ଯେ, ଲକ୍‌ଡାଉନ ସମ୍ପର୍କରେ ସରକାର କିଛି ବି ବିଚାର କରି ନାହାନ୍ତି। ବାସ୍ତବରେ ପ୍ରାଦେଶିକ ସ୍ତରରେ ଏବେ ଠିକ୍ ଶାସନ ନାହିଁ। ମୁଁ ଯେଉଁ ରାଜ୍ୟରେ ରହୁଛି ସେଠାରେ ସରକାର ଗୋଟିଏ ଜେଲ୍‌ରୁ ଗ୍ରୀନ ଜୋନ୍‌ରେ ଥିବା ଆଉ ଏକ ଜେଲକୁ ୧୦୦ ଜଣରୁ ଊର୍ଦ୍ଧ୍ୱ ବିଚାରାଧୀନ କଏଦୀଙ୍କୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ଏମାନଙ୍କ ମଧ୍ୟରେ କୋଭିଡ୍ ପଜିଟିଭ ମଧ୍ୟ ରହିଥିଲେ। ଏହା ଏକ ନିୟମ ବିରୁଦ୍ଧ କାର୍ଯ୍ୟ ଥିଲା ଓ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରିଥିଲା। ଏଭଳି ଘଟିବ ବୋଲି ସରକାର ଚିନ୍ତା ବି କରି ନ ଥିଲେ। ଏଣୁ ସରକାର ଆଉ ଏକ ଗାଡିରେ ସେମାନଙ୍କୁ ଫେରାଇ ଆଣିଥିଲେ ଯାହା ପୁଣି କରୋନା ସଂକ୍ରମଣକୁ ଆମନ୍ତ୍ରଣ କରିଥିଲା। ଆମ ଦେଶରେ ଏହା ସାଧାରଣ ଘଟଣା ଓ ଏହା ଆଗକୁ ବି ଘଟିଚାଲିବ।

ଶେଷରେ ଏହି ଦୁର୍ଦ୍ଦିନରେ ଆମ ଭିତରେ ଏକ ମୂଲ୍ୟବୋଧ ଓ ଜ୍ଞାନର ଉଜାଗର ହେବା ଦରକାର। ଆମେ ଯଦି ଶୃଙ୍ଖଳା ରକ୍ଷା କରିବା ତେବେ କୋଭିଡ୍‌କୁ ସଫଳତାର ସହ ରୋକିପାରିବା। ମାସ୍କ ପିନ୍ଧି ଆମେ ଅନ୍ୟଙ୍କୁ ସୁରକ୍ଷିତ ରଖିପାରିବା। ହାତ ଧୋଇ ନିଜର ସୁରକ୍ଷା କରିପାରିବା ଓ ଅବଶ୍ୟକ ଥିଲେ ବାହାରକୁ ଯିବା । ଏହା ଅନ୍ୟମାନଙ୍କୁ ବିପଦରେ ପକାଇବ ନାହିଁ। ଏହା ଭାରତରେ ପାଳନ ହେବା ଦରକାର। କାରଣ ଏହି ସମୟରେ ଏଠାରେ ଧନୀମାନେ ପିକ୍‌ନିକ କରିବାକୁ ବାହାରି ଯାଉଛନ୍ତି, ସରକାର ଗାଦିଚ୍ୟୁତ ହେଉଛି ଓ ବିଜୟ ଶୋଭାଯାତ୍ରାର ଆୟୋଜନ କରାଯାଉଛି। ଏଠାରେ ବାହାରେ ବୁଲିବା ପାଇଁ କର୍ଫ୍ୟୁ ପାସ୍‌ର ନକଲ ମଧ୍ୟ କରାଯାଉଛି। ଆମେରିକା ଏବେ କରୋନା କବଳରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଲକ୍‌ଡାଉନ ବଳବତ୍ତର ରହିଛି। କିନ୍ତୁ ଏହା ଆମଠାରୁ ପୂରା ଭିନ୍ନ। ସେଠାରେ ଦୋକାନ, ଅଫିସ ଓ ସ୍କୁଲ ସବୁ କିଛି ବନ୍ଦ କିନ୍ତୁ ଲୋକମାନଙ୍କ ଚଳପ୍ରଚଳ ଉପରେ କୌଣସି କଟକଣା ନାହିଁ। ସେମାନଙ୍କ ସୁରକ୍ଷା ଲାଗି ସେମାନେ ସାମାଜିକ ଦୂରତ୍ୱକୁ ଠିକ୍ ଭାବେ ପାଳନ କରିବେ ବୋଲି ସେଠାକାର ସରକାର ଆଶା କରିଛନ୍ତି। ଭାରତ ଭଳି ସେଠାରେ କର୍ଫ୍ୟୁ ନାହିଁ, କାରଣ ସେଠାରେ ଏହାର ଆବଶ୍ୟକତା ନାହିଁ। ଅପରପକ୍ଷରେ ଭାରତରେ ଏବେ ଯାହା ଘଟୁଛି ସେଥିରେ ଆମ ସଂସ୍କୃତିର ଭିତିରି କଥା ବାହାରକୁ ଜଣାପଡିଛି। ମୁଁ ଏହି ପରିସ୍ଥିତିରେ ଆମ ପକ୍ଷପାତିତା ଓ ଧର୍ମାନ୍ଧତା କଥା ଉଠାଉ ନାହିଁ ଯାହା ସାରା ବିଶ୍ୱକୁ ଜଣା। ଜଣେ ଭାଜପା ବିଧାୟକ ଓ ପ୍ରବାସୀ ଭାରତୀୟଙ୍କ ଇସ୍‌ଲାମ ଓ ମୁସଲମାନ ବିରୋଧୀ ମନ୍ତବ୍ୟ ଉପରେ ସଫେଇ ଦେବାକୁ ଆମ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କୁ ଏହି ସପ୍ତାହରେ ଗଲ୍ଫ ନେତାଙ୍କୁ ଫୋନ୍ କରିବାକୁ ପଡିଥିଲା । ଆମ ଭିତରେ ଥିବା ଏମିତି ଅନେକ ଗୁଣ ଏବେ କୋଭିଡ୍-୧୯ ସଂକ୍ରମଣ ସମୟରେ ପ୍ରକାଶ ପାଇବ ଓ ଏହି ଧାରା ବି ଲାଗି ରହିବ। ଏହି ଭୟର ବାତାବରଣରେ ଆମକୁ ବଞ୍ଚିବାକୁ ହେବ ଏବଂ ଆମ ଚାରିପାଖରେ କ'ଣ ଘଟୁଛି ତାହାକୁ ନିରୀକ୍ଷଣ କରିବାକୁ ପଡିବ।

Email:aakar.patel@gmail.com

# ଲକ୍‌ଡାଉନର ସାମୟିକ ପ୍ରଭାବ



କୁମାରସମ୍ଭବ ଶ୍ରୀବାସ୍ତବ



ନୀତିନ ସେଠୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ମାର୍ଚ୍ଚ, ୨୦୨୦ରେ ଲକ୍‌ଡାଉନ ଘୋଷଣା କରିଥିଲେ। ଏହାର ପ୍ରାୟ ଏକ ସପ୍ତାହ ପରେ ଭାରତର ପ୍ରତିଷ୍ଠିତ ମେଡିକାଲ ସଂସ୍ଥା ସରକାରଙ୍କୁ ଜଣାଇଥିଲେ ଯେ, ଲକ୍‌ଡାଉନର ପ୍ରଭାବ କରୋନା ମହାମାରୀ ଉପରେ ଅପେକ୍ଷାକୃତ କମ୍ ତଥା ସାମୟିକ ରହିବ । ଏହାଦ୍ୱାରା କେବଳ ୨୦ରୁ ୨୫ ପ୍ରତିଶତ ସଂକ୍ରମଣ ଦୂରହୋଇପାରିବ। ମହାମାରୀକୁ ରୋକିବା ପାଇଁ ବିଜ୍ଞାନସମ୍ମତ ମତ ନ ନେଲେ ଶଟ୍‌ଡାଉନର ପ୍ରଭାବ ସାମୟିକ ହେବ ବୋଲି ମଧ୍ୟ ସରକାରଙ୍କୁ ସୂଚନା ଦିଆଯାଇଥିଲେ ବି ଏହି ତଥ୍ୟ ଲୋକଲୋଚନକୁ ଅଣାଯାଇନଥିଲା। ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ( ଆଇସିଏମ୍ଆର୍) ଭଳି ପ୍ରମୁଖ ସଂସ୍ଥାର ଡାକ୍ତର, ମହାମାରୀ ବିଶେଷଜ୍ଞ ତଥା ଅନ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇ ତଥ୍ୟ ପ୍ରସ୍ତୁତ କରାଯାଇଥିଲା। ଆଗାମୀ ଦିନରେ ସାର୍ବଜନୀନ ସଂକ୍ରମଣ ହେବା ସ୍ୱାଭାବିକ ବୋଲି କରୋନା ମହାମାରୀ ନିୟନ୍ତ୍ରଣ ପାଇଁ ନିଯୁକ୍ତ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ବିନୋଦ କେ. ପଲ୍ ଏହି ତଥ୍ୟକୁ ଆଧାର କରି ସରକାରଙ୍କୁ ଜଣାଇଥିଲେ। ନୀତି ଆୟୋଗର ସଦସ୍ୟ ପଲ୍ ସରକାରଙ୍କୁ ମଧ୍ୟ ଗୋଷ୍ଠୀ ସଂକ୍ରମଣ ସମ୍ବନ୍ଧରେ ଅବଗତ କରିଥିଲେ। ଲକ୍‌ଡାଉନ ଆର୍ଥିକ ବ୍ୟବସ୍ଥାରେ ଜଟିଳ ପରିସ୍ଥିତି ସୃଷ୍ଟି କରିବା ସହ ଗରିବଙ୍କ ଦୁଃଖ ଯନ୍ତ୍ରଣାର କାରଣ ହୋଇଥିବା ନିଜେ ମୋଦି ଏପ୍ରିଲ ୧୪ରେ ଲକ୍‌ଡାଉନ ବୃଦ୍ଧି କରିବା ସମୟରେ ସ୍ୱୀକାର କରିଥିଲେ। ଅପର ପକ୍ଷରେ ପଲ୍ ଜଣାଇଥିଲେ ଯେ, ପ୍ରଥମ ଲକ୍‌ଡାଉନରେ ସଂକ୍ରମିତ ସଂଖ୍ୟା( ସେହି ଦିବସ ସୁଦ୍ଧା) ୪୦ ପ୍ରତିଶତ ହ୍ରାସ ପାଇଥିଲା ଓ ଚିକିତ୍ସା ବ୍ୟବସ୍ଥାରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଳମ୍ବ ହୋଇଥିଲା । ଏହି ସମୟରେ ପ୍ରତି ଘରକୁ ଯାଇ ନମୁନା ସଂଗ୍ରହ କରି ପରୀକ୍ଷା କରିବା, ସଂକ୍ରମିତ ଅଞ୍ଚଳରେ କୋଭିଡ-୧୯ ଲକ୍ଷଣ ଥିବା ଲୋକମାନଙ୍କୁ କ୍ୱାରାଣ୍ଟାଇନରେ ରଖିବା ଭଳି ବ୍ୟାପକ ପଦକ୍ଷେପ ନିଆଯାଇଥିଲେ ସଂକ୍ରମଣକୁ ପ୍ରତିହତ କରାଯାଇପାରିଥାଆନ୍ତା ବୋଲି ପଲ୍ ସୂଚେଇ ଦେଇଥିଲେ। ଏହି ପଦକ୍ଷେପଗୁଡିକୁ ନେବା ପାଇଁ ଭଲ ଭାବେ ପ୍ରସ୍ତୁତ ହୋଇଥିଲେ ଲକ୍‌ଡାଉନ ଅଧିକ ସଫଳ ହୋଇଥାନ୍ତା। ପ୍ରଥମେ ଯେଉଁ ସମୟରେ ସରକାର ଲକ୍‌ଡାଉନ ଲାଗି ରାଜିହୋଇଥିଲେ ସେତେବେଳେ ଯୋଜନା ପ୍ରସ୍ତୁତ କରିବା ଏବଂ ସଂକ୍ରମଣ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ଗୋଟିଏ ସପ୍ତାହ ଆବଶ୍ୟକ ହୋଇଥାନ୍ତା। ଏହାଫଳରେ ଲକ୍‌ଡାଉନ ଶେଷ ହେବା ପୂର୍ବରୁ ସଂକ୍ରମଣର ସମ୍ପୂର୍ଣ୍ଣ ସ୍ଥିତି ଜଣାପଡିବା ସହ ଦେଶ ତଥା ଜିଲା ସ୍ତରରେ ନିର୍ଦ୍ଦିଷ୍ଟ ଭାବେ ସଂକ୍ରମିତଙ୍କ ସଂଖ୍ୟା ପଦାକୁ ଆସିପାରିଥାନ୍ତା। ଦେଶରେ ବହୁଳ ଭାବେ ଜ୍ୱର ଓ କାଶରେ ପୀଡିତ ଲୋକମାନଙ୍କ ପରୀକ୍ଷା କରିବା ପାଇଁ ସେ ମଧ୍ୟ କେତେକ ପ୍ରସ୍ତାବ ଦେଇଥିଲେ ପଲ୍। ଗରିବମାନଙ୍କୁ ଘରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପହଞ୍ଚାଇବା, ପ୍ରତ୍ୟେକ ରାଜ୍ୟ କୋଭିଡ୍-୧୯ ସ୍ଥିତି ପରଖି ସଂକ୍ରମଣ ଧାରାକୁ ନିୟନ୍ତ୍ରଣ କରିବା, ସଂକ୍ରମିତ ଓ କ୍ୱାରାଣ୍ଟାଇନରେ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତ୍ୱରିତ ସୂଚନା ପ୍ରଦାନ କରିବା, ବସ୍ତି ଅଞ୍ଚଳରେ ସେଣ୍ଟ୍ରାଲ କିମ୍ବା ହୋମ୍ କ୍ୱାରଣ୍ଟାଇନ ବ୍ୟବସ୍ଥା କରିବା, ସଂକ୍ରମଣ ସମୟରେ ହସ୍ପିଟାଲରେ ଆଇସିୟୁ ଓ ବେଡ୍ ସଂଖ୍ୟା ବୃଦ୍ଧି କରିବା ଆଦି ପଦକ୍ଷେପକୁ ସୁନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି,ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା କରୋନା ମୁକାବିଲା ପାଇଁ ଭାରତ ପ୍ରସ୍ତୁତ ହୋଇ ନ ଥିଲା। ଏଥିପାଇଁ ଲକ୍‌ଡାଉନ ସତ୍ତ୍ୱେ ବି ବୈଜ୍ଞାନିକମାନେ କୋଭିଡ-୧୯ ସଂକ୍ରମଣ ବୃଦ୍ଧି ପାଇବ ବୋଲି ଆକଳନ କରିଥିଲେ। ପଲ୍ ସୂଚାଇ ଦେଇଥିଲେ ଯେ,ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇଲେ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ବେଶି ସମୟ ଲାଗିବ। ଏହା ଉପରେ ସେ ଏକ ସାଂଖ୍ୟିକ ତଥ୍ୟ ବି ଉପସ୍ଥାପନ କରିଥିଲେ। ସେ କହିଥିଲେ , ଯଦି ଗୋଟିଏ ଅଞ୍ଚଳରେ ଦୈନିକ ୫୦୦ ଜଣ ସଂକ୍ରମିତ ହେବେ, ତେବେ ସରକାର ୧୫୦ ଭେଣ୍ଟିଲେଟର, ୩୦୦ ଆଇସିୟୁ ବେଡ୍ ଓ ୧୨୦୦ ରୁ ୬,୦୦୦ ସାଧାରଣ ବେଡ୍ ଆବଶ୍ୟକ କରିବେ। ପଲ୍‌ଙ୍କ ତଥ୍ୟ ବ୍ୟତୀତ ଆଇସିଏମ୍ଆର୍ ମଧ୍ୟ ଅନୁଧ୍ୟାନ ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲା ; ଯାହା ଏକ ଭୟାନକ ପୂର୍ବାନୁମାନକୁ ଲୋକଲୋଚନକୁ ଆଣିପାରିଛି।

ଆଇସିଏମ୍ଆର୍ ଆକଳନ ମୁତାବକ ସମୟ ଅନୁସାରେ ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟାରେ ଲୋକେ କୋଭିଡ-୧୯ରେ ସଂକ୍ରମିତ( ଗୋଷ୍ଠୀ ସଂକ୍ରମଣ) ହେବା ସୁନିଶ୍ଚିତ। ଆଇସିଏମ୍ଆର୍ ଏହାକୁ ରେଖାଚିତ୍ର ମାଧ୍ୟମରେ ଉପସ୍ଥାପନ କରିଥିଲା ଓ ତାହାକୁ ଏପ୍ରିଲ ପ୍ରଥମ ସପ୍ତାହରେ ପଲଙ୍କ ନିକଟକୁ ପଠାଇଥିଲା। ଉଲ୍ଲେଖନୀୟ ଯେ, ଏଭଳି ପରିସ୍ଥିତି ଉପୁଜିବ ବୋଲି ପଲ୍ ମଧ୍ୟ ସରକାରଙ୍କୁ ଅବଗତ କରିଆସୁଥିଲେ। କେବଳ ଏତିକି ନୁହେଁ ଲକ୍‌ଡାଉନରେ କୋଭିଡ୍-୧୯ ସଂକ୍ରମଣକୁ ୪୦ ପ୍ରତିଶତ ହ୍ରାସ କରାଯିବା ଯାହା କୁହାଯାଉଥିଲା ତାହା କେବଳ କାଗଜ କଲମରେ କଥା ବୋଲି ଆଇସିଏମ୍ଆର୍ ସ୍ପଷ୍ଟ କରିଛି। ବାସ୍ତବରେ ଲକ୍‌ଡାଉନରେ ସଂକ୍ରମଣ ୨୦ରୁ ୨୫ ପ୍ରତିଶତ ହ୍ରାସ ପାଇବାର ସମ୍ଭାବନା ରହିଥିବା ବୈଜ୍ଞାନିକମାନେ ମତ ଦେଇଛନ୍ତି। ମୋଟ ଉପରେ ଦେଖିଲେ ୨୧ ଦିନିଆ ଲକ୍‌ଡାଉନ ସଫଳତା ଉପରେ ସରକାର ଯେଉଁ ମତ ରଖିଥିଲେ ବୈଜ୍ଞାନିକମାନଙ୍କ ଆକଳନ କିନ୍ତୁ ତା'ର ସମ୍ପୂର୍ଣ୍ଣ ବିପରୀତ। ଏବେ ୨୧ ଦିନିଆ ଲକ୍‌ଡାଉନକୁ ଏପ୍ରିଲ ୧୪ରୁ ବଢାଇ ୩ ମେ' ଯାଏ କରାଯାଇଛି। ଲକ୍‌ଡାଉନ ବୃଦ୍ଧି କରିବା ସମୟରେ ମୋଦି କହିଥିଲେ, 'ଆମ ପାଖରେ ୫୫୦ଟି କରୋନା କେସ୍ ଥିବାବେଳେ ଆମେ ୨୧ ଦିନିଆ ଲକ୍‌ଡାଉନ ଭଳି ବଡ ପଦକ୍ଷେପ ନେଇଥିଲୁ। ଭାରତ ସମସ୍ୟାକୁ ଗୁରୁତର ହେବାକୁ ଦେଇ ନ ଥିଲା। ବରଂ ଯେମିତି କରୋନା କେସ୍ ସାମ୍ନାକୁ ଆସିଥିଲା ଯଥାଶୀଘ୍ର ଆମେ ସମସ୍ୟାକୁ ସେଇଠି ରୋକିବାକୁ ପ୍ରୟାସ କରିଥିଲୁ।' ଏପ୍ରିଲ ୧୪ରେ ଲକ୍‌ଡାଉନ ସଫଳ ହୋଇଥିଲା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ଗ୍ରାଫ୍ ପ୍ରକାଶ କରିଥିଲା। ଲକ୍‌ଡାଉନ ଓ କଣ୍ଟେନମେଣ୍ଟ ଦ୍ୱାରା ଏପ୍ରିଲ ୧୦ ସୁଦ୍ଧା କୋଭିଡ-୧୯ ସଂକ୍ରମିତଙ୍କ ସଂଖ୍ୟା ୨,୦୮,୦୦୦ ବଦଳରେ ୭,୪୭୭ରେ ସୀମିତ ରଖାଯାଇଥିବା ମଧ୍ୟ ଏଥିରେ ଦର୍ଶାଯାଇଥିଲା। କିନ୍ତୁ ଗ୍ରାଫ୍‌ରେ ଠିକ୍ ତଥ୍ୟ ପ୍ରଦାନ କରାଯାଇ ନ ଥିଲା। ସରକାର ପ୍ରଦାନ କରିଥିବା ସଂଖ୍ୟାର ମୂଲ୍ୟ ମଧ୍ୟ ନ ଥିଲା। କାରଣ ପରୀକ୍ଷା ହାର ଭାରତରେ ସବୁଠୁ କମ୍ ରହିଥିଲା। ଏପ୍ରିଲ ଅଧା ସୁଦ୍ଧା ବିନା କଣ୍ଟାକ୍ଟ ହିଷ୍ଟ୍ରିରେ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ପରୀକ୍ଷାରୁ ବାଦ ଦିଆଯାଇଥିଲା ବୋଲି ନ୍ୟାଶନାଲ ହେଲ୍‌ଥ ସିଷ୍ଟମସ୍ ରିସୋର୍ସ ସେଣ୍ଟରର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟି . ସୁନ୍ଦରରମଣ ପ୍ରକାଶ କରିଥିଲେ। ବାସ୍ତବରେ ବିଳମ୍ବରେ ସରକାର ପରୀକ୍ଷା ହାରରେ ଉନ୍ନତି ଆଣିବା ପରେ ଦିଲ୍ଲୀ, ମୁମ୍ବାଇ ଭଳି ମହାନଗରରେ ହଟ୍‌ସ୍ପଟ ଓ କଣ୍ଟେନମେଣ୍ଟ ଜୋନ୍ ସଂଖ୍ୟା ବୃଦ୍ଧିପାଇଛି। ଦେଶରେ ମୋଟ୍ କରୋନା ସଂକ୍ରମିତ ସଂଖ୍ୟାର ଏକ ଚତୁର୍ଥାଂଶ ରହିଛନ୍ତି ଦିଲ୍ଲୀରେ। ଲକ୍‌ଡାଉନର ଏକ ସପ୍ତାହ ପରେ ଅର୍ଥାତ୍ ୩୧ ମାର୍ଚ୍ଚରେ ସରକାର ସୁପ୍ରିମକୋର୍ଟରେ ନିଜର ଦାବି ଉପସ୍ଥାପନ କରିଥିଲେ ଯେ ଚିକିତ୍ସା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓ ବିଶେଷଜ୍ଞମାନଙ୍କ ପରାମର୍ଶ ଗ୍ରହଣ କରି ସାମାଜିକ ଦୂରତ୍ୱ ନିଶ୍ଚିତ କରିବା ସହ ସଂକ୍ରମଣ ଚେନ୍‌କୁ ଭାଙ୍ଗିବା ଲାଗି ଦେଶରେ ଲାକ୍‌ଡାଉନ ଘୋଷଣା କରାଯାଇଥିଲା। ବିଶେଷଜ୍ଞମାନଙ୍କ ସହ ବିଚାରବିମର୍ଶ କରାଯାଇ ସମ୍ଭାବ୍ୟ ପରିସ୍ଥିତିକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ସଂକ୍ରମଣର ସମ୍ଭାବନା ଥିବା ଲୋକମାନଙ୍କର ସୀମିତ ପରୀକ୍ଷା, ସମ୍ଭାବ୍ୟ ହଟ୍‌ସ୍ପଟର କମ୍ ନିରୀକ୍ଷଣ କରି ସରକାର କେବଳ ଲୋକାଲ ସଂକ୍ରମଣ କଥା କହିବାରେ ଲାଗିଲେ।

ଏବେ ଆଇସିଏମ୍ଆର୍‌ର ସୁପାରିସରେ କୁହାଯାଇଛି ଯେ,କରୋନାକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କୁ କିଛି ଖାସ୍ ପଦକ୍ଷେପ ନେବାକୁ ହେବ। ଘରେ ଘରେ ଯାଞ୍ଚ ପ୍ରକ୍ରିୟା ଏବଂ ସଂକ୍ରମଣ ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିଙ୍କ ପାଇଁ ଅଧିକ କ୍ୱାରାଣ୍ଟାଇନ ବ୍ୟବସ୍ଥା ଉପରେ ପଦକ୍ଷେପ ନ ନେଇ ସରକାର ଯଦି ଲକ୍‌ଡାଉନ ଉଠାଇଦିଅନ୍ତି ତେବେ ସଂକ୍ରମଣ ପୁଣି ବ୍ୟାପିବ ବୋଲି ଆଇସିଏମ୍ଆର ତା' ଇଣ୍ଟରନାଲ ଡ୍ରାଫ୍ଟରେ ପ୍ରକାଶ କରିଛି। ଦିଲ୍ଲୀର ସଂକ୍ରମଣ ତଥ୍ୟକୁ ବିଶ୍ଳେଷଣ କରିବା ପରେ ଲକ୍‌ଡାଉନ କିଭଳି ସାରା ଦେଶରେ ସଂକ୍ରମଣକୁ ପ୍ରଭାବିତ କରିବ ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛି। ୨୧ ଦିନିଆ ଲକଡାଉନ ସତ୍ତ୍ୱେ ବିଦେଶରେ ୧.୩ ମିଲିଅନ ସଂକ୍ରମିତ ହେବା ଆଶଙ୍କା ରହିଛି। ଆଇସିଏମ୍ଆର୍ ଆକଳନ ଅନୁସାରେ ଲକଡାଉନ କୋଭିଡ୍-୧୯ ସଂକ୍ରମଣରେ ରୋକ ଲଗାଇପାରେ, କିନ୍ତୁ ବିନା ଲକ୍‌ଡାଉନରେ ପ୍ରଥମ ରୋଗୀ ଚିହ୍ନଟ ହେବା ପରେ ୧୦୦ରୁ ୧୫୦ ଦିନ ମଧ୍ୟରେ ସଂକ୍ରମଣ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଅପରପକ୍ଷେ ଲକ୍‌ଡାଉନରେ ଏହା ୧୫୦ରୁ ୨୦୦ ଦିନ ମଧ୍ୟରେ ଘଟିବ। ଏପରି କି ଶେଷରେ ସାରା ଦେଶରେ ସଂକ୍ରମିତଙ୍କ ସଂଖ୍ୟା ସମାନ ହୋଇପାରେ।

ମୋଦି ଏପ୍ରିଲ ୧୪ରେ ଲକ୍‌ଡାଉନ ମେ'୩ ଯାଏ ବୃଦ୍ଧି କରିଛନ୍ତି। ଆଇସିଏମ୍ଆର୍ କହିଛି ଯେ,କରୋନା ସଂକ୍ରମଣ ଉପରେ ଏହାର କମ୍ ପ୍ରଭାବ ରହିବ ଓ ଏହାକୁ ଠିକ ଭାବେ କାର୍ଯ୍ୟକାରୀ କରିବାରେ ଦେଶ ବିଭିନ୍ନ ସମସ୍ୟାର ଆହ୍ୱାନର ସମ୍ମୁଖୀନ ହେବ। ତ୍ୱରିତ କ୍ୱାରାଣ୍ଟାଇନ ଏକମାତ୍ର ଉପାୟ ଯେଉଁଥିରେ କରୋନାକୁ ରୋକିହେବ ବୋଲି ଆଇସିଏମ୍ଆର୍ ଦର୍ଶାଇଛି। କେବଳ ସଂକ୍ରମିତ ନୁହନ୍ତି, ବରଂ ଯେଉଁମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଉଛି ସେମାନଙ୍କ କ୍ୱାରାଣ୍ଟାଇନରେ ରଖିବାକୁ ପରାମର୍ଶ ଦେଇଛି। ଏଣୁ ଆଞ୍ଚଳିକ ଭିତ୍ତିରେ ପରୀକ୍ଷାକୁ ତ୍ୱରାନ୍ୱିତ କରିବା ସହ କ୍ୱାରାଣ୍ଟାଇନ ବଢାଇ ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିଙ୍କୁ କେଉଁ ସମୟ ମଧ୍ୟରେ କ୍ୱାରାଣ୍ଟାଇନରେ ରଖାଯିବ ତାହା ମଧ୍ୟ ବୈଜ୍ଞାନିକମାନେ ଜଣାଇଥିଲେ । କିନ୍ତୁ ଏବେସୁଦ୍ଧା ସରକାର କେବଳ ପରୀକ୍ଷାରେ ଯେଉଁମାନଙ୍କ ପଜିଟିଭ ଚିହ୍ନଟ ହୋଇଛନ୍ତି କିମ୍ବା ସ୍ୱେଚ୍ଛାକୃତ ଭାବେ ସରକାରଙ୍କ ନିକଟରେ ପହଞ୍ଚୁଛନ୍ତି ସେମାନଙ୍କୁ କ୍ୱାରଣ୍ଟାଇନରେ ରଖାଯାଉଛି। କରୋନାର ମୁକାବିଲା ଲାଗି ଅଧିକ ନିରୀକ୍ଷଣ, ଘରକୁ ଯାଇ ପରୀକ୍ଷା କରବା ଓ ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନରେ ରଖିବାକୁ ବି ସେମାନେ କହିଛନ୍ତି। ସରକାର ୨୪ ମାର୍ଚ୍ଚରେ କରୋନା ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଲକ୍‌ଡାଉନ ଏକ ବାଟ ବୋଲି କହିଥିଲେ । କିନ୍ତୁ ବୈଜ୍ଞାନିକମନେ କହିଛନ୍ତି ଲକଡାଉନ ସଂକ୍ରମଣ ଚେନ୍ ଭାଙ୍ଗିବାର ଏକ ମାତ୍ର ବାଟ ନୁହେଁ। ଭାରତ ଠିକ୍ ସମୟରେ ପଦକ୍ଷେପ ନେଇ ନଥିଲେ ଦେଶର ପରିସ୍ଥିତି କ'ଣ ହୋଇଥାଆନ୍ତା ବୋଲି ୧୪ ଏପ୍ରିଲରେ ମୋଦି ଲକ୍‌ଡାଉନ ବୃଦ୍ଧି କରିବା ବେଳେ ଏହା କହିଥିଲେ। ଅତୀତରୁ ଏହା ସ୍ପଷ୍ଟ ଯେ, 'ଆମେ ଯେଉଁ ପଥ ଆପଣାଇଥିଲୁ ତାହା ଠିକ ଥିଲା। ଲକ୍‌ଡାଉନ ଓ ସାମାଜିକ ଦୂରତ୍ୱରୁ ଦେଶ ବହୁ ଫାଇଦା ପାଇଛି। ଭାରତରେ ଏବେ ୧ ଲକ୍ଷ ବେଡ୍ ରହିଛି ଓ ୬୦୦ ହସ୍ପିଟାଲ ବି ପ୍ରସ୍ତୁତ ରହିଛି ।' ବାସ୍ତବ ସ୍ଥିତି କ'ଣ ତାହା ସମୟ କହିବ। ଦେଶରେ ଯଦି ମୋଦି ସରକାର ତୃତୀୟ ଲକ୍‌ଡାଉନ ଯୋଜନା କରିବେ ତେବେ ସେଥିରେ ସାମୟିକ ପ୍ରଭାବ ପରିଲକ୍ଷିତ ହେବାର ଆଶଙ୍କା ରହିଛି ବୋଲି ଶୀର୍ଷ ବୈଜ୍ଞାନିକମାନେ ଦର୍ଶାଇଛନ୍ତି।

(ସୌଜନ୍ୟ: ହଫ୍‌ପୋଷ୍ଟ ଇଣ୍ଡିଆ)

# ଭିଜିଲାନ୍ସ କମିଶନ ମୁଖ୍ୟ

ବ୍ୟକ୍ତିତ୍ୱ



ସଞ୍ଜୟ କୋଠାରି

କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ସରକାରୀ ସ୍ତରରେ ଦେଖାଦେଉଥିବା ଦୁର୍ନୀତିକୁ ରୋକିବା ଦିଗରେ ଗଢ଼ାଯାଇଥିବା ଭାରତର ଏକ ପ୍ରମୁଖ ସରକାରୀ ସଂସ୍ଥା ଭାବେ ପରିଚିତ। ୧୯୬୪ ମସିହାରେ ସୃଷ୍ଟି କରାଯାଇଥିଲା ସିଭିସିକୁ ୨୦୦୩ରେ ପାର୍ଲାମେଣ୍ଟର ଏକ ଆଇନ ବଳରେ ବୈଧାନିକ ସଂସ୍ଥା ମାନ୍ୟତା ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଅଧୀନ କାର୍ଯ୍ୟକୁ ଯାଞ୍ଚ କରିବାର କ୍ଷମତା ପାଇଥିବା ସିଭିସି ଏକ ସ୍ୱୟଂଶାସିତ ସଂସ୍ଥା ଭାବେ ଦାୟିତ୍ୱ ତୁଲାଉଛି। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତାଙ୍କ ସୁପାରିସ ଅନୁଯାୟୀ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଓ ଭିଜିଲାନ୍ସ କମିଶନରଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିଥାଆନ୍ତି। ଏହି କ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନୂଆ ସିଭିସି ଭାବେ ସଞ୍ଜୟ କୋଠାରିଙ୍କୁ ୨୫ ଏପ୍ରିଲରେ ସରକାରୀ ଭାବେ ଶପଥପାଠ କରାଇଛନ୍ତି। ରାଷ୍ଟ୍ରପତିଙ୍କ ସଚିବ ଭାବେ କାର୍ଯ୍ୟ କରିଥିବା କୋଠାରିଙ୍କ ନାମ ଏହି ପଦବୀ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ସୁପାରିସ କରିଥିଲା। ତେବେ ତାଙ୍କ ନିଯୁକ୍ତିକୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ଅଭିହିତ କରି ବିରୋଧ କରିଥିଲେ। ରାଷ୍ଟ୍ରପତିଙ୍କ ସଚିବ ରହିବା ଓ ପରେ ତାଙ୍କୁ ରାଷ୍ଟ୍ରପତି ସିଭିସି ଭାବେ ନିଯୁକ୍ତିକାରୀ କର୍ତ୍ତୃପକ୍ଷ ଭାବେ ପଦବୀ ଦେବା କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ବୋଲି ଅଧୀର ଅଭିଯୋଗ କରିଥିଲେ। ତେବେ ଉକ୍ତ କମିଟିର ସଂଖ୍ୟାଧିକ ମତ (ସ୍ୱରାଷ୍ଟ୍ରମନ୍ତ୍ରୀ ମଧ୍ୟ ସମର୍ଥନ କରିଥିଲେ) ମିଳିବା ପରେ କୋଠାରି ଏଭଳି ବୈଧାନିକ ପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି। ସଞ୍ଜୟ କୋଠାରି ହେଉଛନ୍ତି ୧୯୭୮ ବ୍ୟାଚ୍‌ର ହରିୟାଣା କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ। ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶେଷ କରିବା ପରେ ସେ ବ୍ରିଟେନ୍‌ରୁ ମାଷ୍ଟର ଇନ୍ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନ (ଏମ୍‌ବିଏ) ଡିଗ୍ରୀ ଅର୍ଜନ କରିଥିଲେ। ହରିୟାଣାର ଗୁରୁଗ୍ରାମରେ ଜିଲା ମାଜିଷ୍ଟ୍ରେଟ, ଚଣ୍ଡିଗଡ଼ର ଗୃହ ସଚିବ ଏବଂ ହରିୟାଣା ପର୍ଯ୍ୟଟନର ପରିଚାଳନା ନିର୍ଦ୍ଦେଶକ ତଥା ସଚିବ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ସେ ମଧ୍ୟ ହରିୟାଣାର ରାଜସ୍ୱ ଓ ଥଇଥାନ, ସ୍ୱାସ୍ଥ୍ୟ, ସାଂସ୍କୃତିକ ବ୍ୟାପାର ଓ ଲୋକ ସମ୍ପର୍କ ବିଭାଗର ସଚିବ ରହିଥିଲେ। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ, ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ଏବଂ ପେନ୍‌ସନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପଦବୀରେ ୨୦୧୪ ଯାଏ ଅବସ୍ଥାପିତ ଥିଲେ। ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗରେ ସେ ୧୫ ବର୍ଷ ରହିଥିବା ବେଳେ ହରିୟାଣାର କାର୍ମିକ ଓ ପ୍ରଶାସନିକ ସଂସ୍କାର ଦାୟିତ୍ୱରେ ୫ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିଲେ। କୋଠାରି ସୁଶାସନ (ଗୁଡ୍ ଗଭର୍ନାନ୍ସ) ଉପରେ ଅନେକ ପଦକ୍ଷେପ ନେବା, ବିଭିନ୍ନ ଅନୁଷ୍ଠାନ ଗଢ଼ି ନୂଆ ଚିନ୍ତାଧାରା ଦେବାରେ ରୁଚି ରଖୁଥିବାରୁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁପାରୁଥିଲେ। ପ୍ରତ୍ୟେକ ଯୋଜନାକୁ କାର୍ଯ୍ୟକାରୀ କରିବା ଓ ସେଥିରେ ଅଣାଯାଇପାରୁଥିବା ଅଭିନବତ୍ୱକୁ ଡକ୍ୟୁମେଣ୍ଟ ବା ଦଲିଲଭୁକ୍ତ କରିବାକୁ ଅଧିକ ପସନ୍ଦ କରୁଥିଲେ। ବିଭିନ୍ନ ପଦବୀରେ ଥିବା ବେଳେ ଅର୍ଜନ କରିଥିବ ଅଭିଜ୍ଞତାକୁ ଲେଖା ମାଧ୍ୟମରେ ପ୍ରକାଶ କରିଥିଲେ। ପ୍ରଶାସନିକ ସଂସ୍କାର, ନଗର ଉନ୍ନୟନ ଓ ପର୍ଯ୍ୟଟନ ସମ୍ପର୍କିତ ବିଷୟବସ୍ତୁ ଉପରେ ତାଙ୍କର ପ୍ରକାଶିତ ୩୦ରୁ ଅଧିକ ପ୍ରବନ୍ଧ ବେଶ୍ ପ୍ରଶଂସିତ ହୋଇପାରିଛି। ୨୦୦୭ରେ ତାଙ୍କ ଦ୍ୱାରା ରଚିତ ପୁସ୍ତକ 'ଗୁଡ୍ ଗଭର୍ନାନ୍ସ ଇନିସିଏଟିଭ୍ସ ଆଣ୍ଡ୍ ରିଫର୍ମସ' ଉଭୟ ଶାସନ ଓ ପ୍ରଶାସନରେ ଥିବା ବ୍ୟକ୍ତିଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିଛି ବୋଲି ସମୀକ୍ଷକମାନେ ମତ ଦେଇଥାଆନ୍ତି।

୨୦୧୬ରେ ଚାକିରିରୁ ଅବସର ନେବା ପରେ ତାଙ୍କୁ ରାଷ୍ଟ୍ରପତିଙ୍କ ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା। ସେ ମଧ୍ୟ ପବ୍ଲିକ୍ ଏଣ୍ଟରପ୍ରାଇଜ୍ ସିଲେକ୍‌ଶନ ବୋର୍ଡ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏବେ କୋଠାରିଙ୍କୁ ସିଭିସି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଇଥିଲେ ହେଁ ତାଙ୍କ ବ୍ୟକ୍ତିତ୍ୱ ବିବାଦୀୟ ରହିଯାଇଛି। ତଥାପି ବୈଧାନିକ ପଦବୀରେ ଅସୀନ ହେବା ପରେ ତାଙ୍କ କାର୍ଯ୍ୟଧାରା କେନ୍ଦ୍ରୀୟ ଭିଜିଲାନ୍ସ କମିଶନକୁ ଏକ ନୂଆ ଦିଗ ଦେଖାଇ ନିରପେକ୍ଷତା ବଜାୟ ରଖିପାରିଲେ ସେ ସମାଲୋଚନାର ଊର୍ଦ୍ଧ୍ୱକୁ ଯାଇପାରିବେ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଦିବାସୀଙ୍କ ବିକାଶ ପାଇଁ କାର୍ଯ୍ୟକରି ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି ଡା. ଏମ୍. ରେଗି ଏବଂ ଡା.ଲଳିତା ରେଗି । ଏକ ଡାକ୍ତର ଦମ୍ପତି ତାମିଲନାଡୁର ଧରମପୁରି ଜିଲାର ସିଟିଲିଙ୍ଗରେ ବାସ କରୁଥିବା ଯାଯାବର ଲାମ୍ବାଡି ସମ୍ପ୍ରଦାୟର ଆଦିବାସୀଙ୍କୁ ସହାୟତାର ହାତ ବଢାଇଛନ୍ତି। ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ପାହାଡିଆ ଅଞ୍ଚଳରେ ବାସକରୁଥିବା ପ୍ରାୟ ୧ ଲକ୍ଷ ଆଦିବାସୀଙ୍କୁ ମାଲାଭାସି ବା ପାହାଡ଼ି ମଣିଷ ବୋଲି କୁହାଯାଏ। ଏହି ଦମ୍ପତି ଆଦିବାସୀ ଗାଁ ଗୁଡିକୁ ଯାଇ ଦୀର୍ଘ ୨୫ ବର୍ଷ ହେବ ସେବା କରି ଆସୁଛନ୍ତି। ଏଥିପାଇଁ ଡାକ୍ତର ଦମ୍ପତି ଟ୍ରାଇବାଲ ହେଲ୍‌ଥ ଇନିସିଏଟିଭ(ଟିଏଚଆଇ) ଯୋଜନା ପ୍ରସ୍ତୁତ କରିଛନ୍ତି ଓ ତା' ମାଧ୍ୟମରେ ସେବା କାର୍ଯ୍ୟ ତୁଲାଉଛନ୍ତି। ସେମାନେ ଆଦିବାସୀମାନଙ୍କ ଲାଗି ଏକ ହସ୍ପିଟାଲ ମଧ୍ୟ କରିଛନ୍ତି। ଡାକ୍ତର ଦମ୍ପତି କେବଳ ଆଦିବାସୀମାନଙ୍କ ଚିକିତ୍ସା କରୁନାହାନ୍ତି ବରଂ ସେମାନଙ୍କୁ ବିଭିନ୍ନ ହସ୍ତକଳା ଉପରେ ଶିକ୍ଷା ପ୍ରଦାନ କରି ଆତ୍ମ ନିର୍ଭରଶୀଳ କରୁଛନ୍ତି। ଡାକ୍ତର ଦମ୍ପତିଙ୍କ ଉଦ୍ୟମରେ ଏବେ ସେଠାରେ ଶିଶୁ ମୃତ୍ୟୁହାର ପୂରା କମିଯାଇଛି। ଏପରିକି ଭାରତରେ ସବୁଠାରୁ କମ୍ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୯୫

- ୧୯୯୫ ଏପ୍ରିଲ ପହିଲା ସୁଦ୍ଧା ଷ୍ଟକ ଦଲାଲ ହର୍ଷଦ ମେହେଟ୍ଟାଙ୍କ ଉପରେ ମୋଟ ୫୮୦୯.୮୨ କୋଟି ଟଙ୍କା ଟିକସ ବାକି ରହିଛି ବୋଲି ସରକାର ରାଜ୍ୟ ସଭାରେ ଘୋଷଣା କରିଛନ୍ତି।
- ତାମିଲନାଡୁର ପେରିୟାର ଜିଲାର ମୁଥୁର ଗ୍ରାମଠାରେ ରାସ୍ତାକଡ଼ରେ ଥିବା ଏକ ୬୦ ଫୁଟ୍ ଗଭୀର କୂପ ମଧ୍ୟକୁ ଏକ ଟ୍ରକ୍ ଖସିପଡ଼ିବା ଫଳରେ ୨୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

## ଚିରନ୍ତନୀ

ଜରା ଅଙ୍ଗେ ଆଣଇ ସେ
ଜୀବନର ମଧୁର ଚେତନା
ଶାନ୍ତିର ଶୀତଳ ଆରାଧନା,
ଶିଶୁ ମୁଖେ ଢାଳିଦିଏ ସେ ଚାହାଣି
କରୁଣାର ତରଳ ସେନେହ
ପରାଣ ପୂରାଇ ସେ ତ ପୁଲକାଏ
ଜଡ଼ର ଜୀବନହୀନ ଦେହ। (ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଗନ୍ନାଥ ଦାନ କରନ୍ତୁ

ମହାଶୟ,

ଏବେ ସାରା ପୃଥିବୀରେ କରୋନା ମୁକାବିଲା ଚାଲିଥିବା ବେଳେ ଦେଶର ବଦାନ୍ୟତା ସଂସ୍ଥା, ବ୍ୟକ୍ତିବିଶେଷ, ଫିଲ୍ମଷ୍ଟାର, କମ୍ପାନୀ, ଖେଳାଳି, ନେତା, ରେଳବାଇ କର୍ମଚାରୀ ତଥା ସାଧାରଣ ସହୃଦୟ ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ ସଙ୍ଗଠନ ସମସ୍ତେ ଦିଲ୍ଲୀରୁ ପଲ୍ଲୀଯାଏ ଯାହାକୁ ଯେତିକି ହେଲା ସେମାନେ ରିଲିଫ୍ ଫଣ୍ଡକୁ ଟଙ୍କା ଦାନ କରୁଛନ୍ତି। ସମସ୍ତଙ୍କୁ ଏଥିପାଇଁ କୃତଜ୍ଞତା ଓ ଧନ୍ୟବାଦ। ଅନେକ ସରକାରୀ ସଂସ୍ଥା ଯେଉଁମାନେ କି ଛୁଟିରେ ରହି ଘରେ ଅଛନ୍ତି, ସେମାନେ ମଧ୍ୟ ଦାନ କରନ୍ତୁ। ଯେମିତି କି ଶିକ୍ଷାବିଭାଗ। ଏଯାଏ ଆମ ଆରାଧ୍ୟ ଦେବତା ଦାନ କରି ନାହାନ୍ତି। ଏବେ ତାଙ୍କଠାରେ ୫୫୪ କୋଟି ଟଙ୍କାରୁ ଅଧିକ ଥିବାର ସମସ୍ତେ ଜାଣନ୍ତି। ଏହି ଟଙ୍କାରୁ କରୋନା ମୁକାବିଲା ପାଇଁ କିଛି ଦାନ କରନ୍ତୁ। ତେବେ ସରକାରୀ ହିସାବରେ ଲୋକଙ୍କୁ ଯେଉଁ ଡାଲି, ଚାଉଳ, ଟଙ୍କା ଇତ୍ୟାଦି ଦେବାର ବ୍ୟବସ୍ଥା କରାଯାଇଛି, ସରକାରୀ କର୍ମଚାରୀମାନେ ଦେବଦୂତ ସାଜି ସମସ୍ତଙ୍କ ପାଖରେ ଯେମିତି ଠିକ୍‌ରେ ପହଞ୍ଚିବ ତାହା କରନ୍ତୁ। ତେବେ ଯାଇ ଆମେ ସମସ୍ତେ ସମସ୍ତଙ୍କୁ ସହଯୋଗ କରି କରୋନାର ମୁକାବିଲା କରିପାରିବା।

ପ୍ରଦୀପ୍ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | | | 0 | | C | | | 4 | 6 | A | |
| | | 6 | | | | | 9 | | | | C | | 5 | |
| | | | 7 | 1 | A | | | | | 0 | | | D | |
| 7 | 1 | | | | 8 | | | E | | | | | 2 | |
| | | | | | | 1 | | | | | 6 | | C | 8 |
| | A | 4 | | D | 2 | | | | | 5 | | | 8 | |
| 0 | | | 6 | | 7 | | | 8 | 2 | | | | | 1 |
| | | | | 0 | | D | | B | | C | 3 | | | |
| | E | 2 | | | 9 | | | | 0 | 6 | A | | 4 | 7 |
| | | | | | | | | | | 7 | | | | |
| | 9 | | 1 | | | | A | D | 5 | | 0 | 8 | | 2 |
| | | | | | | 8 | 1 | 7 | | 3 | | 5 | B | |
| | 2 | A | E | 8 | | 4 | B | | | | | | | |
| E | | 5 | | 4 | | | | 0 | C | | | | 6 | |
| | | | 0 | A | | | 3 | | B | | D | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 1 | E | 2 | 4 | A | B | 5 | 7 | 8 | D | 0 | 3 | C | 6 |
| 3 | 8 | B | 6 | 1 | 0 | D | 4 | 2 | C | A | E | 9 | 7 | 5 |
| 6 | C | A | D | B | 7 | 3 | 1 | E | 9 | 2 | 5 | 0 | 8 | 4 |
| 4 | 0 | D | 5 | E | C | 8 | A | 9 | 7 | 3 | 6 | B | 2 | 1 |
| 7 | 5 | 2 | 3 | 8 | 9 | 0 | 6 | C | 1 | B | 4 | A | D | E |
| 8 | 4 | 6 | E | A | 2 | C | 9 | B | 5 | 7 | 3 | 1 | 0 | D |
| D | 2 | 5 | B | 7 | 1 | 4 | E | A | 0 | 8 | 9 | C | 6 | 3 |
| 1 | E | 7 | C | 9 | 6 | 5 | 3 | 0 | A | 4 | D | 8 | B | 2 |
| C | 3 | 9 | 0 | 5 | 8 | 1 | 7 | D | B | 6 | 2 | E | 4 | A |
| A | B | 0 | 4 | D | 3 | 6 | 2 | 8 | E | C | 1 | 5 | 9 | 7 |
| 2 | 7 | 4 | 8 | 0 | 5 | E | C | 1 | D | 9 | A | 6 | 3 | B |
| B | A | C | 7 | 6 | E | 9 | D | 3 | 4 | 5 | 8 | 2 | 1 | 0 |
| 5 | 9 | 3 | 1 | C | D | 2 | 0 | 4 | 6 | E | B | 7 | A | 8 |
| 0 | 6 | 8 | A | 3 | 4 | 7 | B | 5 | 2 | 1 | C | D | E | 9 |
| E | D | 1 | 9 | 2 | B | A | 8 | 6 | 3 | 0 | 7 | 4 | 5 | C |

ଗତକାଲିର ଉତ୍ତର

## ସଂକ୍ଷେପରେ

### ବଜ୍ରପାତରେ ୫ ବଖରା ଜଳିଗଲା



**ବାଙ୍କୀ,୨୫।୪(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅଧୀନ ଭଗିପୁର ପଞ୍ଚାୟତ ଗୟଳବାଙ୍କ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୧ଟା୩୦ରେ ବଜ୍ରପାତ ଘଟି ସୁନୀଲ ସାହୁ, ଧ୍ରୁବଚରଣ ସାହୁ, ସନ୍ତୋଷ ସାହୁ, ଭଗବତୀ ସାହୁ ଏବଂ ଅଭିମନ୍ୟୁ ସାହୁଙ୍କ ବଖରାଏ ଲଖାଏ ଘର ଜଳି ପାଉଁଶ ହୋଇଯାଇଛି। ଏଥିସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ଡମପଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଡମପଡ଼ା ତହସିଲଦାର କ୍ଷୀତିସ୍ ବେହେରା ଘଟଣାସ୍ଥଳକୁ ଏକ ପ୍ରତିନିଧି ଦଳ ପଠାଇ ସ୍ଥିତି ଅନୁଧାନ କରିଛନ୍ତି। ପ୍ରଶାସନ ତରଫରୁ ରନ୍ଧା ଖାଦ୍ୟ, ପଲିଥିନ୍ ଯୋଗାଇ ଦିଆଯାଇଛି। କ୍ଷୟକ୍ଷତି ଆକଳନ ପରେ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ବେହେରା କହିଛନ୍ତି।

### ଖାଦ୍ୟ ବାଣ୍ଟିଲା କ୍ରେଡାଇ ଓଡ଼ିଶା

**ଭୁବନେଶ୍ୱର,୨୫।୪:** ବର୍ତ୍ତମାନର ବର୍ତ୍ତମାନର ଲକ୍‌ଡାଉନ ସମୟରେ ଫସି ରହିଥିବା ଲୋକମାନଙ୍କୁ କ୍ରେଡାଇ ଓଡ଼ିଶା ପକ୍ଷରୁ ସହାୟତା କରାଯାଇଛି। କଟକ ଏବଂ ଭୁବନେଶ୍ୱରରେ ଗରିବ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ଉଭୟ ସହରର ପ୍ରାୟ ୧୦ ହଜାର ଲୋକଙ୍କୁ ଚାଉଳ, ଚୁଡ଼ା, ଗୁଡ଼, ବିସ୍କୁଟ ଏବଂ ଡାଲି ପ୍ୟାକେଟ ପ୍ରଦାନ କରାଯାଇଛି। ପି.ଆର୍.ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠାନର ସଭାପତି ସ୍ୱଦେଶ ରାଉତରାୟ, ସମ୍ପାଦକ ଅନିଲ ଅଗ୍ରୱାଲ, ଅଧକ୍ଷ ଏସ୍.ଟି. ତ୍ରିପାଠୀ, ଉପାଧକ୍ଷ ବିନୟ କ୍ରିଷ୍ଣା, ସଦସ୍ୟ ଭବାନୀ ଶଙ୍କର ଗିରି, ସୌରଜିତ ମହାନ୍ତି, ସୂର୍ଯ୍ୟକାନ୍ତ ବେହେରା ଏବଂ ସନ୍ତୋଷ ସାହୁ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ। ଉପସଭାପତି ଉମେଶ ଖଣ୍ଡେଲୱାଲ ରନ୍ଧାଖାଦ୍ୟ ଯୋଗାଇ ଦେଇଥିଲେ।

### ଭୁବନେଶ୍ୱରରେ ଦୋକାନ ଖୋଲିବା ନେଇ ଆଜି ଆସିବ ଗାଇଡ୍‌ଲାଇନ୍

#### ରେଡ୍ ଜୋନ୍ ପାଇଁ ଦ୍ୱନ୍ଦ୍ୱ, ଚାଲିଛି ଆଲୋଚନା: ବିଏମ୍‌ସି କମିଶନର

**ଭୁବନେଶ୍ୱର, ୨୫।୪(ବ୍ୟୁରୋ):** ଲକ୍‌ଡାଉନ୍ ପାଇଁ ସାରା ଦେଶର ଅର୍ଥନୀତି ଦୋହଲିଯାଇଛି। ପୁନର୍ବାର ଏହାକୁ ଦୃଢ଼ କରିବା ପାଇଁ ସାରା ଦେଶରେ ଦୋକାନ ବଜାର ଉପରେ ଲାଗିଥିବା କଟକଣାକୁ କେନ୍ଦ୍ର ସରକାର କୋହଳ କରିଛନ୍ତି। ଆଜିଠାରୁ ଦେଶରେ ସର୍ତ୍ତମୂଳକ ଭାବେ ସମସ୍ତ ଦୋକାନ ଖୋଲିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟରେ ମଧ କିଛି ସର୍ତ୍ତ ରଖି ସରକାର ଦୋକାନ ଖୋଲିବାକୁ ବ୍ୟବସାୟୀଙ୍କୁ ଆଶ୍ୱାସନା ଦେଇଛନ୍ତି। ତେବେ ରାଜ୍ୟରେ କେଉଁ ଦୋକାନ କେତେ ସମୟ ଖୋଲାରହିବ ତାର ନିଷ୍ପତ୍ତି ଜିଲାପାଳ ଏବଂ ମହାନଗର ନିଗମ କମିଶନର ସ୍ଥିର କରିବେ। ଏହି ମର୍ମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନେତୃତ୍ୱରେ କେଉଁ ଦୋକାନ ଖୋଲାଯିବ ଓ କେଉଁ ଦୋକାନ ବନ୍ଦ ରହିବ ସେନେଇ ଆଲୋଚନା ହୋଇଛି। ଭୁବନେଶ୍ୱର ଏବେ ବି ରେଡ୍ ଜୋନ୍‌ରେ ଥିବାରୁ ସମସ୍ତ ଦିଗକୁ ଧ୍ୟାନରେ ରଖି ରବିବାର ନିଷ୍ପତ୍ତି ଗ୍ରହଣ କରାଯିବ। ମିଳିଥିବା ସୂଚନା ମୁତାବକ, ରାଜ୍ୟରେ କରୋନା ଚିହ୍ନଟ ସ୍ଥାନରେ କିମ୍ବା କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଏହି କୋହଳ ନିୟମ ଲାଗୁ ହେବନାହିଁ। ଶପିଂ ମଲ୍ କିମ୍ବା ଶପିଂ କମ୍ପ୍ଲେକ୍ସ ଖୋଲାଯିବ ନାହିଁ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ସେହିପରି ପଞ୍ଜୀକୃତ ଦୋକାନ ଖୋଲିବାକୁ ଅନୁମତି ଦେବା ସହ ୫୦ ପ୍ରତିଶତ କର୍ମଚାରୀରେ ଦୋକାନ ଖୋଲାଯିବ। କର୍ମଚାରୀ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖି କାର୍ଯ୍ୟ କରିବାକୁ ବାଧ ବୋଲି ରାଜ୍ୟ ସରକାର ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ଶନିବାର ବିଏମ୍‌ସିରେ ହୋଇଥିବା ବୈଠକ ପରେ ଭୁବନେଶ୍ୱରରେ ବଡ଼ ମାର୍କେଟ, ହାଟ ସହ ମଲ୍ଟିପ୍ଲେକ୍ସ, ସେଲୁନ୍ ଓ ମଦଦୋକାନ ବର୍ତ୍ତମାନ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ରେଡ୍ ଜୋନ୍‌ରୁ ଅରେଞ୍ଜ ଓ ପରେ ଗ୍ରୀନ ଜୋନ୍ ନ ହେବା ଯାଏ ବିଭିନ୍ନ ଭିଡ଼ ସ୍ଥାନକୁ ଯେତେ ପରିମାଣରେ ବନ୍ଦ ରଖିହେବ ତାହା ବିଏମ୍‌ସି ଚେଷ୍ଟା କରିବ ବୋଲି ବୈଠକରେ ସ୍ଥିରହୋଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ପନିପରିବା, ଫଳ, ଔଷଧ ଓ ରାଶନ ଦୋକାନ ଖୋଲା ରଖିବା ପାଇଁ ଅନୁମତି ଦିଆଯାଇଥିଲା।

# ଆଜି ଅକ୍ଷୟ ତୃତୀୟା, ଚିନ୍ତାରେ ଚାଷୀ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**



ରବିବାର ଅକ୍ଷୟ ତୃତୀୟା ବା ଅଖିମୁଠି। ପ୍ରତିବର୍ଷ ଭଳି ଚାଷୀପୁଅ କୃଷି କାର୍ଯ୍ୟର ଶୁଭାରମ୍ଭ କରିବ। ମାଟି ମା'କୁ ପୂଜାକରି ବର୍ଷକ ପାଇଁ ଯୋଗାଡ଼ କରିବ ଆହାର। ରାଜ୍ୟରେ ଏହି ଦିନ ହେଉଛି ଓଡ଼ିଆ ଚାଷୀ ପରିବାରଙ୍କ ପାଇଁ ଅତ୍ୟନ୍ତ ଶୁଭ ଦିନ। ଏହି ଦିନ ମଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ପାଇଁ କାଠ ଅନୁକୂଳ ହୁଏ। କେଉଁ ଅନାଦି କାଳରୁ ରାଜ୍ୟରେ ପ୍ରଚଳିତ ହୋଇ ଆସିଛି ଏହି ପରମ୍ପରା। ତେବେ ଚଳିତ ବର୍ଷ କରୋନା(କୋଭିଡ-୧୯) ମହାମାରୀ ଚାଷୀ ଆଗରେ ଏକ ବିରାଟ ପ୍ରତିବନ୍ଧକ ଭାବେ ଛିଡ଼ା ହୋଇଛି। ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। କରୋନା ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ମାସକାଳ ବିଲକୁ ହଳ ଯାଇ ନାହିଁ। ଯାହାକିଛି ପନିପରିବା, ଶାଗମୁଗ ଚାଷ ହୋଇଥିଲା ସେସବୁ ବିଲରେ ଉଜୁଡ଼ି ଗଲା। ମାସ ମାସ ଧରି ଲହୁ ଲୁହକୁ ଏକାଠି କରି ଫଳେଇଥିବା ଫସଲର ମୂଲ ପାଇଲା ନାହିଁ। ଆର୍ଥିକସ୍ତରରେ ଚାଷୀମାନେ ଏକ ପ୍ରକାର ଦେବାଳିଆ ହୋଇ ଯାଇଛନ୍ତି। ନିକଟରେ ଚାଷ କାର୍ଯ୍ୟ ପାଇଁ ସରକାର ଲକ୍‌ଡାଉନ କଟକଣାରେ କୋହଳ କରିବା ପରେ ଚାଷୀ ବିଲକୁ ଯାଇପାରୁଛି। ତେବେ ଅକ୍ଷୟ ତୃତୀୟାରୁ ଚାଷୀମାନେ ପୁଣି ଅଣ୍ଟା ଭିଡ଼ିବେ। ପରମ୍ପରା ଅନୁଯାୟୀ ଅଖିମୁଠିଅନୁକୂଳ ହେବ ବୋଲି ଚାଷୀ ଚୈତନ୍ୟ ପରିଡ଼ା କହିଛନ୍ତି। ସେ କହିଛନ୍ତି ଯେ, ଲକ୍‌ଡାଉନ ଯୋଗୁ ପନିପରିବା ଉଜୁଡ଼ି ଗଲା। ଏବେ ଅଦିନିଆ ବର୍ଷା ମୁଗ ବିରି ଫସଲକୁ ଉଜାଡ଼ି ଦେଇଛି। ଲକ୍‌ଡାଉନ ଯୋଗୁ ବିଲ ହଳ ନ ହୋଇ ପଡ଼ିଆ ପଡ଼ିଛି। ଘାସ ମରି ନ ଥିବାରୁ ଧାନ ଫସଲ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଲକ୍‌ଡାଉନ କଟକଣା ଉଠାଇ ଦିଆଯାଇଥିବାରୁ ଏବେ ହଳଲଙ୍ଗଳ ଏବଂ ଟ୍ରାକ୍ଟର ଚାଷ କାମ ଆରମ୍ଭ ହୋଇଛି। ଚାଷ ଆମର ଜୀବିକା। ଏହାକୁ ଛାଡ଼ି ଆମେ ବଞ୍ଚିପାରିବୁ ନାହିଁ। ସରକାର ସାର, ବିହନ, କୀଟନାଶକ ଏବଂ ଋଣ ଯୋଗାଇଦେଲେ ଆମେ ଚାଷୀକୁଳ ଟିକେ ଉପକୃତ ହୋଇପାରିବୁ ବୋଲି ସେ କହିଛନ୍ତି। ସେହିପରି ଅନ୍ୟଜଣେ ଚାଷୀ ମୋହନ ବିଶ୍ୱାଳ କହିଛନ୍ତି ଯେ, ଆମ ଜୀବନ କାଳରେ ଏଭଳି ବିପତ୍ତି କେବେ ଦେଖି ନ ଥିଲୁ। ରୋଗ ଏମିତି ଅଚଳ କରିଦେବ କେବେବି ବିଶ୍ୱାସ କରି ହେଉନି। ଜୀବନ ରକ୍ଷା ପାଇଁ ସରକାର ବନ୍ଦ ଘୋଷଣା କଲେ। ଏହା ଏକ ଭଲ ପଦକ୍ଷେପ। ଜୀବନ ସିନା ବଞ୍ଚିଯିବ, ହେଲେ ଜୀବିକା ମରିଯାଉଛି। ମାଣେ ଜମିରେ ବାଇଗଣ, ଆଳୁ, ପିଆଜ, ପୋଟଳ, କଖାରୁ, ଟମାଟର କରିଥିଲି। ନିଜ ପରିଶ୍ରମକୁ ଛାଡ଼ି ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲି। ଅଳ୍ପକିଛି ଆଦାୟ ହୋଇଥିବା ବେଳେ ମୂଳଜମା ଉଠିବା ପୂର୍ବରୁ ସବୁକିଛି ବନ୍ଦ ହୋଇଗଲା। ବିଲରେ ପରିବା ପାଚି ଶୁଖି ନଷ୍ଟ ହୋଇଗଲା। ଅଦରରେ ମଧ ବେପାରୀ ନେଲେ ନାହିଁ। ବିଲରେ ଗୋରୁଙ୍କୁ ଛାଡ଼ି ଦେଲୁ। ଏବେ ଧାନ ଚାଷ ସମୟ ଆସୁଛି। ଅଖିମୁଠିତ ନିଶ୍ଚୟ କରିବୁ ହେଲେ ଚାଷ ପାଇଁ ଟଙ୍କା କେଉଁଠୁ ଆଣିବୁ, ତାକୁ ନେଇ ଚିନ୍ତାରେ ରହିଛୁ। କେବଳ ଏ ଦୁଇ ଚାଷୀ ନୁହନ୍ତି, ସମଗ୍ର ରାଜ୍ୟରେ ଚାଷୀଙ୍କର ସମାନ ଅବସ୍ଥା। କରୋନା ମହାମାରୀ ସଙ୍କଟ ଚାଷୀକୁଳକୁ ଦୁର୍ଦ୍ଦିନକୁ ଠେଲି ଦେଇଛି। ପୁଣି ଅଣ୍ଟା ଭିଡ଼ି ଆଗକୁ ଯିବା ଲାଗି ଚାଷୀକୁଳ ସଜବାଜ ହେଉଛି। ରାଜ୍ୟରେ ଚଳିତ ବର୍ଷ ୬୦ଲକ୍ଷ ହେକ୍ଟରରେ ଧାନ ଚାଷ ହେବାର ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଦକ୍ଷିଣପଶ୍ଚିମ ମୌସୁମୀ ସ୍ୱାଭାବିକ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଗଯୋଗ ଠିକ ରହିଲେ ଓଡିଶା ପୁଣି ଧାନ ଉତ୍ପାଦନରେ ଆଗୁଆ ରାଜ୍ୟ ହୋଇପାରିବ ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ଦାଉ ସାଜିଛି କରୋନା**
- ଉଜୁଡ଼ିଗଲା ପରିବା, ମୁଗ, ବିରି
- ପଡ଼ିଆ ପଡ଼ିଛି ବିଲ
- ପୁଣି ଅଣ୍ଟା ଭିଡ଼ିବାକୁ ଚାଷୀଙ୍କ ସଜବାଜ

## ଜରୁରୀକାଳୀନ ପାସ୍ ଦେବାକୁ ଡାକ୍ତର ନେଲେ ଲାଞ୍ଚ

**କାକଟପୁର, ୨୫।୪(ଡି.ଏନ.ଏ)**


ଡାକ୍ତର ଟଙ୍କା ନେଉଥିବାର ଦୃଶ୍ୟ।

ଲକ୍‌ଡାଉନ ସମୟରେ ବାହାରକୁ ଯିବା ପାଇଁ ଆବଶ୍ୟକ ଜରୁରୀକାଳୀନ ପାସ୍ ଦେବାକୁ କାକଟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ସିଡିଏମ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଆଶିଷ ମହାପାତ୍ର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, କେତେଜଣ ସାମାଜିକ କର୍ମୀ ଜଣେ ରୋଗୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନେବା ପାଇଁ ପାସ୍ ଆଣିବାକୁ କାକଟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେତେବେଳେ ଡ୍ୟୁଟିରେ ଥିବା ଡାକ୍ତର ଜଣଙ୍କ ସନ୍ଧ୍ୟାରେ କ୍ୱାର୍ଟର୍ସକୁ ଆସ, ପାସ୍ ନେଇଯିବ ବୋଲି କହିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡାକ୍ତର ତାଙ୍କ କ୍ୱାର୍ଟର୍ସରେ ପାସ୍ ଦେବା ବେଳେ ସିଧାସଳଖ ଟଙ୍କା ମାଗିଥିଲେ। ଟଙ୍କା ମାଗିବା ଓ ଗ୍ରହଣ କରିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହେବାପରେ ଏବେ ଘଟଣାଟି ପଦାକୁ ଆସିଛି। ଉକ୍ତ ଭିଡିଓରେ ଲୋକେ ପାସ୍ ପାଇଁ ଟଙ୍କା ଦେଉଥିବା ସମ୍ପୃକ୍ତ ଡାକ୍ତର ସ୍ୱୀକାର କରିଥିବା ଶୁଣିବାକୁ ମିଳିଛି। ଏଠାରେ ସୂଚନା ଯୋଗ୍ୟ, ୮ମାସ ତଳେ ସମ୍ପୃକ୍ତ ଡାକ୍ତରଙ୍କ ଆଉ ଏକ କାର୍ଯ୍ୟକୁ ନେଇ ହୋହଲ୍ଲା ହେବା ପରେ ତାଙ୍କୁ ବାଲିଦୋକାନ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିଲା। କିନ୍ତୁ ୬ମାସ ପରେ ପୁଣି ତାଙ୍କୁ କାକଟପୁରରେ ଅବସ୍ଥାପିତ କରାଯାଇଛି। ଏବେ ଲାଞ୍ଚ ଘଟଣାର ତଦନ୍ତ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶିଷ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ କହିଛନ୍ତି।

**ସିଡିଏମ୍‌ଓଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ**

# ଅଧୁରା ରହିବ ସୁନା କିଣାବିକା ସ୍ୱପ୍ନ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଆଜି ଅକ୍ଷୟ ତୃତୀୟା। ଏହିଦିନଠାରୁ ସୁନା କିଣିବାକୁ ହିନ୍ଦୁ ପରମ୍ପରା ଅନୁଯାୟୀ ଶୁଭ ବୋଲି ବିବେଚନା କରାଯାଏ। ସୁନା କିଣି ଘରକୁ ଆଣିଲେ ଲକ୍ଷ୍ମୀ ଆସନ୍ତି ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଲୋକେ ପ୍ରତିବର୍ଷ ଅକ୍ଷୟ ତୃତୀୟାରେ କିଛିନା କିଛି ସୁନା କିଣିବାକୁ ମନସ୍ଥ କରିଥାନ୍ତି। ସେହିଭଳି ଭଲ ବେପାର ପାଇଁ ସୁନା ବ୍ୟବସାୟୀ ମଧ ଆଶା ରଖି ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ରଖିବା ସହ ଏହିଦିନକୁ ଅପେକ୍ଷା କରନ୍ତି। ହେଲେ କରୋନା ପାଇଁ ଏସବୁ ସ୍ୱପ୍ନ ଅଧୁରା ରହିଯିବ ବୋଲି ଆଶା କରାଯାଉଛି। ଲକ୍‌ଡାଉନ୍ ଯୋଗୁ ସମସ୍ତ ସୁନା ଦୋକାନ ଓ ଶୋ'ରୁମ୍ ବନ୍ଦ ରହିଥିବାରୁ ଉଭୟ ବ୍ୟବସାୟୀ ଏବଂ ଗ୍ରାହକ ନିରାଶ ହୋଇଛନ୍ତି।

### ଫନୀ ପରେ ଭାରି ପଡ଼ିଲା କରୋନା

ଗତବର୍ଷ ମେ' ୭ ରେ ଅକ୍ଷୟ ତୃତୀୟା ପଡ଼ିଥିବାବେଳେ ଏହା ପୂର୍ବରୁ ଅର୍ଥାତ୍ ମେ' ୩ରେ ବାତ୍ୟା ଫନୀ ଯୋଗୁ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ଭୁବନେଶ୍ୱର ସମେତ ରାଜ୍ୟର ବହୁ ଅଞ୍ଚଳ। ଏଥିଯୋଗୁ ଅକ୍ଷୟ ତୃତୀୟରେ ସୁନା ବିକ୍ରି ଗଭୀରଭାବେ ପ୍ରଭାବିତ ହୋଇଥିଲା। ଗତବର୍ଷ ହାତବାନ୍ଧି ବସିଥିବା ସୁନା ଦୋକାନୀ ଏବର୍ଷ ଭଲ ବେପାର କରିବାକୁ ଆଶା ରଖିଥିଲେ। ହେଲେ କରୋନା ପାଇଁ ରାଜ୍ୟର ସୁନା ବ୍ୟବସାୟୀଙ୍କୁ ସର୍ବାଧିକ କ୍ଷତି ସହିବାକୁ ପଡିଛି। ଏଭଳି ଅନେକ କାରଣ ପାଇଁ ୨୦୧୬ରୁ ଘରୋଇ ବଜାରରେ ଅକ୍ଷୟ ତୃତୀୟା ସମୟରେ ସୁନା କିଣାବିକା ଗଭୀର ଭାବେ ବାଧାପ୍ରାପ୍ତ ହେଉଥିବା ଜଣାପଡିଛି।

### ଅନ୍‌ଲାଇନ୍‌ରେ ସୁନା କିଣା

ଦୋକାନ ବଜାର ବନ୍ଦ ଥିଲେ ମଧ ଘରକୁ ସୁନା ଆଣିବାକୁ ଚାହୁଁଥିବା ଲୋକ ଏହି ଅକ୍ଷୟ ତୃତୀୟାରେ ସୁନା କିଣିପାରିବେ। କୋଭିଡ୍-୧୯ ଲକ୍‌ଡାଉନ୍‌କୁ ଦୃଷ୍ଟିରେ ରଖି ଅଧିକାଂଶ ଜୁଏଲାରି ଏବଂ ବଡ଼ ବଡ଼ ସୁନା ଫ୍ରାଞ୍ଚାଇଜ୍ ଚଳିତବର୍ଷ ଶୋ' ରୁମ୍ ପରିବର୍ତ୍ତେ ଅନ୍‌ଲାଇନ୍ ସେଲ୍ ଆରମ୍ଭ କରିଛନ୍ତି। ଗତ କିଛିଦିନ ହେଲା ଲୋକେ ଅନ୍‌ଲାଇନ୍‌ରେ ସୁନା କିଣୁଥିବାବେଳେ ଅଳଙ୍କାର ଓ କଏନ୍ କିଣୁଥିବା ଲୋକ ଲକ୍‌ଡାଉନ୍ ଉଠିବା ପରେ ହୋମ୍ ଡେଲିଭରି ପାଇବେ। ସେହିଭଳି ଇ-ଗୋଲ୍ଡରେ ଇନ୍‌ଭେଷ୍ଟ କରୁଥିବା ଗ୍ରାହକ ପେଟିଏମ୍, ଗୋଲ୍‌ଡରସ୍ ସହ ବିଭିନ୍ନ ବ୍ୟାଙ୍କିଙ୍ଗ୍ ଆପ୍ଲିକେଶନରେ ଇ-ଗୋଲ୍ଡ କିଣିବାର ଅପସନ୍ ପାଇପାରୁଛନ୍ତି। ତେବେ ଏହା କିଣିବା ପୂର୍ବରୁ ସୁନାର ବଜାର ଦର ଠିକ୍‌ଭାବେ ବୁଝିବା ସହ ସାବଧାନତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି।



ଅକ୍ଷୟ ତୃତୀୟାରେ କୌଣସି ଧାତୁ କିଣିଲେ ଘରକୁ ଧନଦୌଲତ ଆସେ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ପ୍ରତିବର୍ଷ ଛୋଟ ଜିନିଷଟିଏ ହେଲେ ବି କିଛି ନା କିଛି କିଣେ। ଗତବର୍ଷ ଫନୀ ପାଇଁ ସୁନା କିଣିପାରି ନ ଥିଲି। ଏବର୍ଷ ମଧ କରୋନା ପାଇଁ କିଣି ହେବନି।

– ନିବେଦିତା ପ୍ରଧାନ



ଦୋକାନବଜାର ବନ୍ଦ ଯୋଗୁ ଏଥର ଅନ୍‌ଲାଇନ୍‌ରେ ସୁନା କିଣିବି ବୋଲି ଭାବିଛି। ହେଲେ କେଉଁଠାରୁ କିଣିବି, କେମିତି କିଣିବି ତାହା ଏପର୍ଯ୍ୟନ୍ତ ସ୍ଥିର କରିପାରୁନି। ଏଥର ବଜେଟ୍ ଟାଇଟ୍ ଥିଲେ ମଧ ମୁଁ ଛୋଟ କିଛି କିଣିବାକୁ ସ୍ଥିର କରିଛି।

– ସମୀକ୍ଷା ପରିଜା



ଅକ୍ଷୟ ତୃତୀୟାରେ ସୁନା କିଣିବା ପରମ୍ପରାକୁ ମାନିବା ନ ମାନିବା ସମସ୍ତଙ୍କ ଉପରେ ନିର୍ଭର କରେ। କିନ୍ତୁ ବର୍ତ୍ତମାନର ସଂକଟଜନକ ପରିସ୍ଥିତିରେ ପ୍ରଥମେ କେମିତି ଲୋକଙ୍କ ଜୀବନ ରକ୍ଷା ହୋଇପାରିବ ଓ କରୋନା ସଂକ୍ରମଣକୁ ରୋକାଯାଇପାରିବ ତାହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

– ଶ୍ରଦ୍ଧାଞ୍ଜଳୀ ସାହୁ



ଏଥର କରୋନା କଟକଣା ଓ ସଂକ୍ରମଣ ଏଡ଼ାଇବାକୁ ସମସ୍ତେ ଘରେ ରହିଛୁ। ଦୋକାନ ବନ୍ଦ ରହିଥିବାରୁ ସୁନା କିଣିବା ଆମପକ୍ଷେ ଅସମ୍ଭବ। ଆରବର୍ଷକୁ ଅପେକ୍ଷା କରିବି। ଭଗବାନଙ୍କ ଦୟାରୁ ସବୁକିଛି ଶୀଘ୍ର ଠିକ୍ ହୋଇଯାଉ ଓ ପରିସ୍ଥିତି ସ୍ୱାଭାବିକ ହୋଇଯାଉ।

– ଶ୍ରଦ୍ଧାଞ୍ଜଳୀ ପ୍ରଧାନ

# ଅଧାଗଢ଼ା ହୋଇ ନରେନ୍ଦ୍ରରେ ଭାସୁଛନ୍ତି ନନ୍ଦା, ଭଦ୍ରା

**ପୁରୀ ଅଫିସ, ୨୫।୪**



ମହାମାରୀ କରୋନା ବିଶ୍ୱବାସୀଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛି। ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକା ଛଡ଼ାଇ ନେଇଛି। ଏପରି କି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରି ସାଜିଛି। ନୀତିକାନ୍ତି, ପ୍ରଥା, ପରମ୍ପରା ଉପରେ ବିଶେଷ ପ୍ରଭାବ ପଡ଼ିଛି। ଏହି କ୍ରମରେ ପ୍ରସିଦ୍ଧ ଚନ୍ଦନଯାତ୍ରାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ନନ୍ଦା ଓ ଭଦ୍ରାର ଖୁସି ଛଡାଇ ନେଇଛି ମହାମାରୀ କରୋନା। ଆମେ ଯେଉଁ ନନ୍ଦା, ଭଦ୍ରାଙ୍କ କଥା କହୁଛୁ ସେ କୌଣସି ମାନବ ନୁହନ୍ତି। ଦୁଇଟି ଚାପ, ଯେଉଁଥିରେ ମାନବୀୟ ଲୀଳା ସ୍ୱରୂପ ଜଳକ୍ରୀଡ଼ା କରିଥାନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ। ମହାପ୍ରଭୁଙ୍କ ବାଟକୁ ଚାହିଁ ରହିଥିବା ନନ୍ଦା, ଭଦ୍ରାଙ୍କ ଖୁସି ଶେଷ ମୁହୂର୍ତ୍ତରେ ଛଡ଼ାଇ ନେଇଛି କରୋନା।

ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାରେ ନିଜକୁ ନିୟୋଜିତ କରିବା ପାଇଁ ପ୍ରସ୍ତୁତ ହେଉଥିଲେ। ନନ୍ଦା, ଭଦ୍ରାଙ୍କ ମନରେ ଥିଲା ଅସରନ୍ତି ଖୁସି । ସେଥିପାଇଁ ସଜେଇ ବି ହେଉଥିଲେ । ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା କାମ। ବିଜେ କରିଥାନ୍ତେ ବିଶ୍ୱନିୟନ୍ତା। ଆଉ କାତ ମାରି ନାଉରିଆ ବୁହାଇଥାନ୍ତା ଚାପ। ହେଲେ କରୋନା ପାଇଁ ଶେଷ ମୁହୂର୍ତ୍ତରେ ସବୁ କିଛି ବଦଳିଗଲା। ଲକ୍‌ଡାଉନ ଚାଲିଥିବାରୁ ନରେନ୍ଦ୍ରକୁ ଠାକୁର ବିଜେ କରିବେ ନାହିଁ। ଶ୍ରୀମନ୍ଦିର ଭିତରେ ହିଁ ହେବ ଚନ୍ଦନ ଯାତ୍ରା । ଏମିତି ନିଷ୍ପତ୍ତି ପରେ ଅଲୋଡ଼ା ହୋଇଛନ୍ତି ନନ୍ଦା ଓ ଭଦ୍ରା। ସୂଚନାଥାଉ କି, ପ୍ରତିବର୍ଷ ଚନ୍ଦନ ଯାତ୍ରା ସରିବା ପରେ ନନ୍ଦା ଓ ଭଦ୍ରା ଚାପକୁ ନରେନ୍ଦ୍ର ପୁଷ୍କରିଣୀ ଭିତରେ ବୁଡାଇ ରଖାଯାଏ। ଚୈତ୍ର ପୂର୍ଣ୍ଣିମାରେ ଭୋଇ ସେବକମାନେ ଏହି ଡଙ୍ଗାକୁ କାଢିଥାନ୍ତି। ଶୁଖିଗଲା ପରେ ଏଥିରେ ଆବଶ୍ୟକ ମରାମତି ଏବଂ ରଙ୍ଗ ହୁଏ। ଏହାପରେ ଚାପଦ୍ୱୟକୁ ନବବଧୂ ଭଳି ସଜାଇ ଦିଆଯାଏ । ହେଲେ ଶୁକ୍ରବାର ଚନ୍ଦନ ଯାତ୍ରା ନରେନ୍ଦ୍ରରେ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯିବା ପରେ ଚାପ ସଜେଇବା କାମ ବନ୍ଦ ରହିଛି । ଅଧାଗଢ଼ା ଅବସ୍ଥାରେ ଏବେ ନରେନ୍ଦ୍ରରେ ଭାସୁଛନ୍ତି ନନ୍ଦା ଓ ଭଦ୍ରା।

**ଖୁସି ଛଡ଼ାଇନେଲା କରୋନା**

## ଅମରେଶ୍ୱରଙ୍କ ଯାତ୍ରା ବନ୍ଦ, ୧୪୪ ଧାରା ଜାରି

**ନିମାପଡା,୨୫।୪(ଡି.ଏନ.ଏ.):** କରୋନା ସଂକ୍ରମଣ ରୋକିବାକୁ ଚଳିତବର୍ଷ ନିମାପଡା ବ୍ଲକ ତୁଳସୀପୁର ପଞ୍ଚାୟତରେ ଅଧିଷ୍ଠିତ ବାବା ଅମରେଶ୍ୱର ମହାଦେବଙ୍କ ଯାତ୍ରାକୁ ଶନିବାର ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଫଳରେ ଶତାଧିକ ବର୍ଷର ପରମ୍ପରା ଭାଙ୍ଗିଛି। ଏହି ଯାତ୍ରା ବନ୍ଦ ପାଇଁ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ ବାବାଙ୍କ ମନ୍ଦିରସହ ବାବା ବଳେଶ୍ୱର ମହାଦେବଙ୍କ ପୀଠରେ ୧୪୪ ଧାରା ଜାରି କରିଛନ୍ତି। ଯାତ୍ରା ହେଲେ ଶ୍ରଦ୍ଧାଳୁଙ୍କ ଗହଳିକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ତହସିଲଦାର ମଲ୍ଲିକ କହିଛନ୍ତି। ସେହିପରି ଯାତ୍ରା ବନ୍ଦ ସମ୍ପର୍କରେ ଦୁଇ ମନ୍ଦିର କମିଟିର କର୍ମକର୍ତ୍ତାଙ୍କୁ ପୋଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଥିବା ନିମାପଡା ଥାନା ଅଧିକାରୀ ଜନାର୍ଦ୍ଦନ ପାତ୍ରୀ, ଚାରିଛକ ଫାଣ୍ଡି ଏଏସ୍‌ଆଇ ପ୍ରମୋଦ କୁମାର ସେଠୀ କହିଛନ୍ତି। ମନ୍ଦିର ନିକଟ ଗୋଡୀର୍ଥରେ ଅକ୍ଷୟ ତୃତୀୟାରେ ନିଃସନ୍ତାନ ମହିଳା ବୁଡ ପକାଇ ବାବା ଅମରେଶ୍ୱରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଏଥିପାଇଁ ବାବା ଅମରେଶ୍ୱର ମହାଦେବଙ୍କ ପୀଠରେ ଯାତ୍ରା ଅନୁଷ୍ଠିତ ହୋଇଥାଏ।

## ମାସ୍କ ନ ପିନ୍ଧି ୨୨୭ ଜଣ ଦେଲେ ଜରିମାନା

**କଟକ ଅଫିସ,୨୫।୪**

**ଦିନକରେ ୪୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ**



ମାସ୍କ ନ ପିନ୍ଧିଲେ ଜରିମାନା। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଛି କଟକ ମହାନଗର ନିଗମ (ସିଏମ୍‌ସି)। ଶନିବାର ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ଯେଉଁ ବ୍ୟକ୍ତିମାନେ ବାହାରକୁ ବାହାରୁଛନ୍ତି ସେମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ହେଲେ ଅନେକ ସମୟରେ ଏହି ନିର୍ଦ୍ଦେଶକୁ ଲୋକେ ପାଳନ କରୁ ନ ଥିବା ଦେଖିବାକୁ ମିଳୁଛି। ଶନିବାର ସିଏମ୍‌ସି ପକ୍ଷରୁ ଡେପୁଟି କମିଶନର ଡ. ଅବିନାଶ ରାଉତଙ୍କ ନେତୃତ୍ୱରେ ମାଲଗୋଦାମ, ଛତ୍ରବଜାର, ଚୌଧୁରୀ ବଜାର ଅଞ୍ଚଳରେ ଚଢାଉ କରାଯାଇଥିଲା। ଯେଉଁ ବ୍ୟକ୍ତି ମାସ୍କ ପିନ୍ଧି ନ ଥିଲେ ତାଙ୍କ ପାଖରୁ ୨ଶହ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବା ସହ ତାଙ୍କୁ ମାସ୍କ ଦିଆଯାଇଥିଲା। ଗୋଟିଏ ଦିନରେ ୨୨୭ ଜଣଙ୍କଠାରୁ ମୋଟ ୪୫ ହଜାର ୪ଶହ ଟଙ୍କା ଜରିମାନା ଆଦାୟ ହୋଇଥିବା ଡ. ରାଉତ କହିଛନ୍ତି। ଏହି ଚଢାଉ ବେଳେ ଲ୍ୟାଣ୍ଡ ଅଫିସର ସରୋଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ମହଙ୍ଗା ପଡ଼ିଲା ନକଲି ଇନ୍ସପେକ୍ଟରଙ୍କ ମିଶନ ଲଭ୍

**ଭୁବନେଶ୍ୱର,୨୫।୪ (ବ୍ୟୁରୋ)**




- ଗିରଫ ହେଲେ ଖବରଦାତା ଓ ସହଯୋଗୀ
- କାର୍, ଆଇକାର୍ଡ ଓ ମୋବାଇଲ୍ ଫୋନ୍ ଜବତ

ଶୁକ୍ରବାର ଜଣେ ନକଲି ମହିଳା ଆଇପିଏସ୍‌ଙ୍କ କାରନାମା ପଦାକୁ ଆସିଥିବା ବେଳେ ଶନିବାର ଅନୁରୂପ ଘଟଣା ଘଟିଛି। ନକଲି ଇନ୍ସପେକ୍ଟରଙ୍କ ମିଶନ୍ ଲଭ୍ ମହଙ୍ଗା ପଡ଼ିଛି। ଜଣେ ଯୁବକ ନିଜକୁ ଖଣ୍ଡଗିରି ଥାନାର ଇନ୍ସପେକ୍ଟର ପରିଚୟ ଦେଇ ଫୋନ୍‌ରେ ଜଣେ ବଳାତ୍କାର ପୀଡ଼ିତା ନାବାଳିକାଙ୍କୁ ପ୍ରେମ ନିବେଦନ କରୁଥିଲେ। ଯୁବକଙ୍କ କଥାବାର୍ତ୍ତାରୁ ପୋଲିସ ହୋଇନଥିବା ଜାଣି ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। କେସ୍ ନଂ-୨୫୧/୨୦ରେ ମାମଲା ରୁଜୁ କରି ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ଗଡ଼ କେନାଲରୋଡ଼ରେ ରହୁଥିବା ମନୋଜ ମହାନ୍ତି ଓ ଲକ୍ଷ୍ମୀସାଗରର ରବୀନ୍ଦ୍ର କୁମାର ସାହୁ। ପୋଲିସ ସେମାନଙ୍କଠାରୁ କାର୍,ଏକ ଗଣମାଧ୍ୟମର ଆଇକାର୍ଡ ଓ ମୋବାଇଲ୍ ଫୋନ୍ ଜବତ କରିଛି। ମନୋଜ ନିଜକୁ ଖବରଦାତାର ପରିଚୟ ଦେଇ ପୋଲିସକୁ ନାଲି ଆଖି ଦେଖାଉଥିଲେ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

ସୂଚନା ଅନୁଯାୟୀ, ୨ମାସ ତଳେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହେବାପରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଥିଲା। ନାବାଳିକାଙ୍କ ଜଣେ ସାଙ୍ଗର ମାମୁ ହେଉଛନ୍ତି ରବୀନ୍ଦ୍ର। ସେ ଏହି ମଉକାର ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ। ନାବାଳିକାଙ୍କ ବାପା ନ ଥିବାରୁ ତାଙ୍କୁ ସବୁ ପ୍ରକାର ସହଯୋଗ କରିବେ ବୋଲି କହି ଏକୁଟିଆ ଡାକୁଥିଲେ। ହେଲେ ସେ ତାଙ୍କ ଚକ୍କରରେ ପଡ଼ିନଥିଲେ। ଏହାପରେ ରବୀନ୍ଦ୍ର ତାଙ୍କର ସାଙ୍ଗ ମନୋଜଙ୍କୁ ନାବାଳିକାଙ୍କ ବିଷୟରେ କହିଥିଲେ। ଖଣ୍ଡଗିରି ଥାନା ଅଧିକାରୀ ନାବାଳିକାଙ୍କ ସମସ୍ୟା ସମାଧାନ କରିଥିବାରୁ ତାଙ୍କ ପରିଚୟରେ କଥା ହେଲେ ସେ ବିଶ୍ୱାସ କରିବେ ବୋଲି ମନୋଜଙ୍କୁ ପ୍ରବର୍ତ୍ତାଇଥିଲେ। ଫୋନରେ ମନୋଜ ପ୍ରେମ ନିବେଦନ ସହ ଅଶ୍ଳୀଳ କଥାବାର୍ତ୍ତା କରିଥିଲେ, ଯାହାକୁ ନେଇ ନାବାଳିକାଙ୍କ ସନ୍ଦେହ ହୋଇଥିଲା। ଫୋନ୍ ଆସିଥିବା ୩ଟି ନମ୍ବରକୁ ପୋଲିସ ଯାଞ୍ଚ କରିବା ପରେ ତାହା ମନୋଜଙ୍କର ବୋଲି ଜଣାପଡ଼ିଥିଲା। ଫୋନ୍ ନମ୍ବର ଟ୍ରେସ୍ ପରେ ଧରାପଡ଼ିଥିଲେ ଅଭିଯୁକ୍ତ। ସୂଚନାଯୋଗ୍ୟ,ଗତ ସପ୍ତାହରେ ମନୋଜ କଳ୍ପନା ଛକରେ ଏକ ପରିବା ଦୋକାନୀଙ୍କୁ ମାଡ଼ ମାରିଥିଲେ। ପୋଲିସ ତାଙ୍କୁ ଅଟକାଇଥିଲେ ମଧ ନିଜକୁ ସାମ୍ବାଦିକ କହି ସେ ପୋଲିସକୁ ଗାଳିଗୁଲଜ କରିଥିଲେ। ଲକ୍ଷ୍ମୀସାଗର ଥାନାରେ ତାଙ୍କୁ ଅଟକ ରଖାଯାଇଥିଲା। ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା।

## ସଂକ୍ଷେପରେ

### କରୋନା ଟେଷ୍ଟ: ୯୨୯ରୁ ୮୦୨ ରିପୋର୍ଟ ନେଗେଟିଭ

**କେନ୍ଦ୍ରାପଡ଼ା ଅଫିସ୍, ୨୫ା୪:** କେନ୍ଦ୍ରାପଡା ଜିଲାରେ ଗତ ୭ ଓ ୧୨ ତାରିଖରେ ଦୁଇଟି କରୋନା ପଜିଟିଭ୍ ମାମଲା ଜଣାପଡ଼ିବା ପରେ ଜିଲା ପ୍ରଶାସନ ପକ୍ଷରୁ କରୋନା ଟେଷ୍ଟିଂକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜିଲାରୁ ୯୨୯ ନମୁନା ଟେଷ୍ଟିଂ ପାଇଁ ଯାଇଥିବା ବେଳେ ଅଦ୍ୟାବଧି ୮୦୨ଟି ରିପୋର୍ଟ ନେଗେଟିଭ ଆସିଛି। ଏଥିସହିତ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଆଉ ୫୦ଟି ନମୁନା ଟେଷ୍ଟିଂ ପାଇଁ ଲାବକୁ ଯିବ ବୋଲି ଏଡିଏମ୍ଓ ଡା. ମିର୍ଜା ବାବର ବେଗ୍ ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି ଯେ, ଜିଲାରୁ ପ୍ରତ୍ୟେକ ଦିନ ୫୦ ନମୁନା ସଂଗ୍ରହ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ପ୍ରାଥମିକତା ଦିଆଯାଉଛି। ଏଥିସହିତ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଗୁରୁତ୍ୱ ଦିଆଯାଇ ନମୁନା ସଂଗ୍ରହ କରାଯାଇଛି। ଆଗାମୀ ଦିନରେ ନମୁନା ସଂଗ୍ରହ ହାରକୁ ବୃଦ୍ଧି କରାଯିବା ଯୋଜନା ଥିବା ଏଡିଏମ୍ଓ ଡା. ବେଗ୍ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାକୁ ଇତିମଧ୍ୟରେ ୫୯୦ଜଣ ବିଦେଶରୁ ଆସିଥିବା ବେଳେ ୯୧୦୦ ଜଣ ବାହାର ରାଜ୍ୟରୁ ଆସିଥିବା ନେଇ ପଞ୍ଜୀକୃତ ହୋଇଛନ୍ତି। ସେହିପରି ଆସନ୍ତା ମେ ୩ ତାରିଖ ପରେ ବାହାର ରାଜ୍ୟରୁ କେନ୍ଦ୍ରାପଡା ଜିଲାକୁ ଆସିବା ପାଇଁ ଅଦ୍ୟାବଧି ଜିଲାର ୭୮ ଜଣ ପଞ୍ଜୀକରଣ କରାଇଥିବା ସହକାରୀ ଜିଲାପାଳ ବିକ୍ରମ କୁମାର ପରିଡ଼ା ସୂଚନା ଦେଇଛନ୍ତି। ତେବେ ସମୁଦ୍ର ପଥ ଦେଇ କଲିକତାରୁ ଆସୁଥିବା ବହୁ ବ୍ୟକ୍ତିଙ୍କର ନାମ ପଞ୍ଜୀକରଣ ହେଉ ନ ଥିବାରୁ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

### କାରଖାନା ପରିସରରୁ ମୃତଦେହ ଉଦ୍ଧାର

**କଳିଙ୍ଗନଗର, ୨୫ା୪(ଡିଏନଏ):** କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ରୋହିତ ଫେରୋଟେକ କାରଖାନା ପରିସରରୁ ଶନିବାର ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ପଶ୍ଚିମବଙ୍ଗ ବାଙ୍କୁଡ଼ା ଜିଲାର ସୁନୀଲ କର୍ମକାର (୫୫) କଟକ ଇଞ୍ଜିନିୟରିଂ ଠିକାସଂସ୍ଥା ଅଧୀନରେ କୁଶଳୀ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ରାତିରେ ସେ କାରଖାନା କ୍ୟାଣ୍ଟିନରେ ଥିବା ତାଙ୍କ କ୍ୱାଟର୍ସରେ ଶୋଇଥିଲେ। ନିକଟ କ୍ୱାର୍ଟର୍ସର ଜଣେ ଶ୍ରମିକ ଘର ଝରକା ଫାଙ୍କରେ କର୍ମକାର ପଙ୍ଖାରେ ଝୁଲୁଥିବା ଦେଖି ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଯଖପୁରା ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସଆଇ ବାସୁଦେବ ପରିଡ଼ା ପହଞ୍ଚି ଅନୁଧାନ କରିଥିଲେ। ଦାନଗଦି ଅତିରିକ୍ତ ତହସିଲଦାର ନାରାୟଣ ଚନ୍ଦ୍ର ଦୀକ୍ଷିତଙ୍କ ଉପସ୍ଥିତିରେ କାନ୍ଥ ଭାଙ୍ଗାଯାଇ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରିଛି। ତେବେ ତାଙ୍କୁ ୩ ମାସର ଦରମା ମିଳି ନ ଥିବାବେଳେ ତାଙ୍କ ଅନିଚ୍ଛା ସତ୍ତ୍ୱେ ଠିକାସଂସ୍ଥା କାର୍ଯ୍ୟ କରିବାକୁ ବାଧ କରୁଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

# ମହାମାରୀ ସାଜିବ ମାନବାଧିକାର ସଙ୍କଟ

**ଜାତିସଂଘ, ୨୫ା୪**


ଆଣ୍ଟୋନିଓ ଗୁଟେରେସ୍

**ଚେତାଇଦେଲା ଜାତିସଂଘ**
- ବିଶ୍ୱରେ ସୃଷ୍ଟି ହୋଇଛି ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ସଙ୍କଟ
- ମାନବାଧିକାର ଉଲ୍ଲଂଘନର ଆଳ ନ ହେଉ କରୋନା ମୁକାବିଲା
- ଚାଇନା, ଭାରତ, ହଙ୍ଗେରି, ତୁର୍କୀ ଓ ଦକ୍ଷିଣ ଆଫ୍ରିକାରେ ହେଉଛି ଭେଦଭାବ
- ୧୩୧ ରାଷ୍ଟ୍ରରେ ସୀମା ବନ୍ଦ, ୩୦ ଦେଶରେ ଶରଣ ଆଶାୟୀଙ୍କୁ ମିଳୁଛି ପ୍ରବେଶ ଅନୁମତି

ମହାମାରୀ କରୋନା ବିଶ୍ୱରେ ଦ୍ରୁତ ଗତିରେ ମାନବାଧିକାର ସଙ୍କଟର ରୂପ ନେବାରେ ଲାଗିଛି। ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତା ଦାବି କରୁଥିବା ରାଷ୍ଟ୍ରଗୁଡ଼ିକ ଏହି ଘାତକ ଭୂତାଣୁକୁ ବ୍ୟକ୍ତିଗତ ମାନବାଧିକାର ହନନ ଲାଗି ବାହାନା ଭାବେ ବ୍ୟବହାର କରିପାରିବେ ନାହିଁ ବୋଲି ଜାତିସଂଘ ପକ୍ଷରୁ ଚେତବାନୀ ଦିଆଯାଇଛି।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏକ ଭିଡିଓ ସନ୍ଦେଶରେ କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ କରୋନା ଯୋଗୁ ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ସଙ୍କଟ ଦେଖାଦେବା ସହ ବିଶ୍ୱ ପ୍ରଭାବିତ ହୋଇଛି। କୋଭିଡ୍-୧୯ ଭୂତାଣୁ ଭଳି ଏହାର ପ୍ରଭାବ ମଧ୍ୟ ଭେଦଭାବ ଦେଖେନାହିଁ। କିନ୍ତୁ ଚାଇନା, ଭାରତ, ହଙ୍ଗେରି, ତୁର୍କୀ ଓ ଦକ୍ଷିଣ ଆଫ୍ରିକା ଭଳି କେତେକ ରାଷ୍ଟ୍ରରେ ଏହାର ମୁକାବିଲା କ୍ଷେତ୍ରରେ ଭେଦଭାବ ସାମ୍ନାକୁ ଆସିଛି। ଏହି ଦେଶଗୁଡ଼ିକରେ କେତେକ ନିର୍ଦ୍ଦିଷ୍ଟ ସମୁଦାୟ ଉପରେ ଏହାର ବିଷମ ପ୍ରଭାବ ଦେଖିବାକୁ ମିଳୁଛି। ଘୃଣା ମନ୍ତବ୍ୟ, ଦୁର୍ବଳ ବର୍ଗଙ୍କ ଉପରେ ଆକ୍ରମଣ ଓ ସୁରକ୍ଷା କର୍ମୀଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସ୍ୱାସ୍ଥ୍ୟ ସେବା ପରିଚାଳନାକୁ ନ୍ୟୂନ କରିଦେଉଛି ବୋଲି ଗୁଟେରେସ୍ କହିଛନ୍ତି।

ଜାତିସଂଘ ପକ୍ଷରୁ ଜାରି ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଶରଣାର୍ଥୀ ଓ ଆଭ୍ୟନ୍ତରୀ ବିସ୍ଥାପିତ ଲୋକେ ବିଶେଷକରି ଦୁର୍ଦ୍ଦଶା ଭୋଗୁଛନ୍ତି। ଅଦ୍ୟାବଧି ବିଶ୍ୱର ୧୩୧ ରାଷ୍ଟ୍ର ସେମାନଙ୍କ ସୀମାକୁ ବନ୍ଦ କରିଦେଲେଣି। ମାତ୍ର ୩୦ ଦେଶରେ ଶରଣ ଆଶାୟୀଙ୍କୁ ପ୍ରବେଶ ପାଇଁ ଅନୁମତି ମିଳୁଛି। କେତେକ ଦେଶରେ ଜାତିଆଣ-ଜାତୀୟତାବାଦ, ଜନବାଦ, ଅଧିନାୟକବାଦ ଓ ମାନବାଧିକାର ପ୍ରତି ବିପଦ ବଢ଼ିଚାଲିଥିବା ପରିପ୍ରେକ୍ଷୀରେ ଏହି ସଙ୍କଟକୁ କେହି କେହି କରୋନା ମୁକାବିଲା ଲାଗି ଏକ ବାହାନା ଭାବେ ଆପଣାଇପାରନ୍ତି। କେତେକ ସମୟରେ ମିଥ୍ୟା ଖବର ଆଳରେ ଖବରଦାତା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଅଧିକାର କର୍ମୀ କିମ୍ବା ବିରୋଧୀ ଦଳର ନେତାମାନଙ୍କୁ ଗିରଫ କରାଯାଉଛି। ଅନ୍‌ଲାଇନ ସର୍ଭିଲାନ୍ସ ଓ ଆକ୍ରମଣାତ୍ମକ ସାଇବର ନୀତି ମଜଭୁତ ହେବାରେ ଲାଗିଛି, ଯାହାକି ଗ୍ରହଣୀୟ ନୁହେଁ। ତେବେ ସରକାରମାନେ ଭାଇରସ୍ ସଂକ୍ରମଣ ରୋକିବା ସକାଶେ ସେମାନଙ୍କ ଉଦ୍ୟମ ସମ୍ପର୍କରେ ସ୍ୱଚ୍ଛତା ଅବଲମ୍ବନ କରି ସତ୍ୟାସତ୍ୟର ଯାଞ୍ଚ ପାଇଁ ବିରୋଧୀ କିମ୍ବା ସିଭିଲ ସୋସାଇଟି ଗ୍ରୁପ୍‌ଗୁଡ଼ିକୁ ସୁଯୋଗ ଦେବା ଉଚିତ। ଏଥିପାଇଁ ନୂଆ ଜ୍ଞାନକୌଶଳର ଉପଯୋଗ ବିଶେଷ ଭାବେ ସହାୟକ ହେବ ବୋଲି ଗୁଟେରେସ୍ କହିଛନ୍ତି।

ପ୍ରକାଶ ଯେ, ସଂକ୍ରମଣ ବଢ଼ିଚାଲିଥିବାବେଳେ ଜାତିସଂଘ ମୁଖ୍ୟ ବିଶ୍ୱବ୍ୟାପୀ ଅସ୍ତ୍ରବିରତିର ଆହ୍ୱାନ ଦେବା ସହ ଘରୋଇ ହିଂସା ବୃଦ୍ଧି ବିରୋଧରେ ଚେତାବନୀ ଦେଇଛନ୍ତି। ତେବେ ଏହି ସଙ୍କଟରୁ ମୁକ୍ତି ପାଇଁ ସମାଧାନର ବିଶେଷ କିଛି ପନ୍ଥା ବାହାର କରିବାରେ ବିଫଳତାକୁ ନେଇ ଜାତିସଂଘକୁ ବିଭିନ୍ନ ମହଲରେ ସାମଗ୍ରିକ ଭାବେ ସମାଲୋଚନା କରାଯାଉଛି।

# ବାଲେଶ୍ୱରରୁ ୫ ଶହରୁ ଉର୍ଦ୍ଧ୍ୱ ସ୍ୱାବ୍ ସଂଗ୍ରହ


ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀ ନେଳିଆବାଗ ଆବଦ୍ଧାଞ୍ଚଳରେ ସର୍ଭେ କରୁଛନ୍ତି।

**ବାଲେଶ୍ୱର ଅଫିସ, ୨୫ା୪**

**ଶଟ୍‌ଡାଉନରେ କଟକଣା କଡ଼ାକଡ଼ି**

ବାଲେଶ୍ୱର ଜିଲାରେ କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ୨୬ତାରିଖ ରାତି ୧୦ଟାରୁ ରବିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଶଟଡାଉନ୍ ଘୋଷଣା କରାଯାଇଛି। ଶନିବାର କିଛି ଜରୁରୀ ସେବା ବ୍ୟତୀତ ଜିଲାର ସମସ୍ତ ଅଫିସ, ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଇଛି। କରୋନା ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଶନିବାର ଜିଲାର ବିଭିନ୍ନ ବ୍ଲକରେ ୧୩ଟି ଟିମ୍ ଦ୍ୱାରା ୫ଶହରୁ ଉର୍ଦ୍ଧ୍ୱ ସ୍ୱାବ ସଂଗ୍ରହ କରାଯାଇଛି। ବିଶେଷ କରି ବାଲିଆପାଳ, ଭୋଗରାଇ, ଜଳେଶ୍ୱର ଓ ସୋର ବ୍ଲକରେ ସ୍ୱାବ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ କଣ୍ଟେନମେଣ୍ଟ ଜୋନ୍ ଓ ବ୍ଲକରେ ସର୍ଭେ କରିବା ସହ ନମୁନା ସଂଗ୍ରହ କାମ ତ୍ୱରିତ ବେଗରେ ସମ୍ପନ୍ନ କରିଛନ୍ତି। ଜରୁରୀ ପରିସ୍ଥିତିରେ ଲୋକମାନଙ୍କୁ ହେଲ୍ପଲାଇନ୍‌ରେ ଯୋଗାଯୋଗ କରିବାକୁ କୁହାଯାଇଛି। କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଏସ୍.କେ. ବଶିଷ୍ଠଙ୍କୁ ଜିଲାର ତଦାରଖ ନିମନ୍ତେ ଦାୟିତ୍ୱ ଦିଆଯାଇଥିବାବେଳେ ସ୍ଥିତି ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକଙ୍କ ସମେତ ଜିଲାର ବରିଷ୍ଠ ପ୍ରଶାସନିକ, ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଶଟ୍‌ଡାଉନ୍ ଆଦେଶ ଏବଂ କଟକଣାର ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

# ଜମ୍ମୁରେ ଫସିଛନ୍ତି ୨୦୦ରୁ ଅଧିକ ଶ୍ରମିକ

**ରଣପୁର, ୨୫ା୪(ସ୍ୱ.ପ୍ର.)**

**ଭୋକଉପାସରେ ବିତୁଛି ଦିନ**


ଜମ୍ମୁରେ ଫସିଥିବା ଶ୍ରମିକମାନେ।

ନୟାଗଡ ଜିଲା ରଣପୁର ବ୍ଲକର ୨୦୦ରୁ ଉର୍ଦ୍ଧ୍ୱ ଓଡିଆ ଶ୍ରମିକ ଜମ୍ମୁରେ ଫସିରହିଛନ୍ତି। ସେମାନେ ଭୋକଉପାସରେ ପଡିରହିଥିବାବେଳେ ଘରକୁ ଫେରିବା ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ପରିବାର ଭରଣପୋଷଣ ପାଇଁ ରଣପୁର ବ୍ଲକ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ପ୍ରାୟ ୮ବର୍ଷ ତଳେ ଜମ୍ମୁ ଯାଇଥିଲେ। ଜମ୍ମୁ ରେଳ ଷ୍ଟେଶନ ନିକଟରେ ସେମାନେ ଶ୍ରମିକ ଭାବେ କାମ କରୁଥିଲେ। କରୋନା ଲକ୍‌ଡାଉନ ଯୋଗୁ କାମ ହରାଇ ବସି ରହିଛନ୍ତି। ସଞ୍ଚିତ ଅର୍ଥରେ କିଛିଦିନ ଚଳିବା ପରେ ଏବେ ଶୂନ୍ୟହସ୍ତ ହୋଇପଡିଛନ୍ତି। ସରକାରୀ ସହାୟତା ମଧ୍ୟ ମିଳୁ ନାହିଁ। ଏ ନେଇ ମଙ୍ଗରାଜପୁରର ବଳରାମ ମହାନ୍ତି କୁହନ୍ତି, ସଞ୍ଚିତ ଅର୍ଥ ଶେଷ ପରେ ବଞ୍ଚିବା କାଠିକର ପାଠ ହୋଇପଡିଛି। ସରକାର ବି ସାହାଯ୍ୟ କରୁନାହାନ୍ତି। ଘରକୁ ଫେରିବାର ସବୁ ବାଟ ବନ୍ଦ ହୋଇଯାଇଛି। ଏ ନେଇ ନୟାଗଡ ଶ୍ରମ ଅଧିକାରୀ ଲୋକନାଥ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଶ୍ରମିକମାନଙ୍କୁ ଉଦ୍ଧାର କରିବା ସମ୍ଭବ ନୁହେଁ। ଦୁଇରୁ ୩ମାସ ପରେ ଯାହା କିଛି କରାଯାଇ ପାରିବ।


ବିହାରର ଗୟା ଅନ୍ତର୍ଜାତୀୟ ବିମାନବନ୍ଦରରେ ଥାଇଲାଣ୍ଡର ବୌଦ୍ଧଭିକ୍ଷୁମାନେ ସ୍ୱଦେଶ ଫେରିବା ପୂର୍ବରୁ ଯାଞ୍ଚର ସମ୍ମୁଖୀନ ହେଉଛନ୍ତି।

### ଖାଦ୍ୟ, ଯୋଗାଣ ବିଭାଗର କରୋନା ମୁକାବିଲା

**ଭୁବନେଶ୍ୱର, ୨୫ା୪(ବ୍ୟୁରୋ):** ରାଜ୍ୟରେ ପ୍ରସାରିତ ବିଭିନ୍ନ ଖବରକାଗଜ ଏବଂ ସାମାଜିକ ଗଣମାଧ୍ୟମ(ଟ୍ୱିଟର)ରୁ ଆସିଥିବା ଖବର ଏବଂ ସୂଚନାକୁ ଭିତ୍ତିକରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ନୟାଗଡ଼ ଜିଲାର ସରିଗଣ୍ଡା ପଞ୍ଚାୟତର କାମସର ଗ୍ରାମର ବୃଦ୍ଧା ବାଲି ଜାନି ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଓ ଏକ ହଜାର ଟଙ୍କା ପାଇ ନ ଥିବା ଜାଣି ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନୟାଗଡ଼ର ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଦଶପଲ୍ଲାର ଏମ୍ଆଇ ବାଲି ଜାନିଙ୍କ ଘରକୁ ଯାଇ ୩ ମାସର ଚାଉଳ ୩୦ କେଜି ଏବଂ ରିଲିଫ୍ ଆକାରରେ ୧୦୦୦ ଟଙ୍କା ପ୍ରଦାନ କରିଥିଲେ।

ସେହିପରି ଖୁଣ୍ଟୁରା ପଞ୍ଚାୟତର ବିଷ୍ଣୁପୁର(ଭଦ୍ରାସାହି)ର ସୁନୀତା ମୁଣ୍ଡା ରାଶନ୍ କାର୍ଡରେ ଖାଦ୍ୟ ସାମଗ୍ରୀ ପାଇ ନ ଥିବା ଖବରକାଗଜରେ ପ୍ରକାଶିତ ଖବର ଅନୁସାରେ ମନ୍ତ୍ରୀ ସ୍ୱାଇଁ ଟୁଇଟ୍ ଯୋଗେ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳସ୍ୱରୂପ ସୁନୀତା ମୁଣ୍ଡାଙ୍କୁ ତୁରନ୍ତ ୩୦ କେଜି ଚାଉଳ ଯୋଗାଇ ଦିଆଯାଇଥିଲା। ସେହିପରି ଭୁବନେଶ୍ୱର ସାଲିଆ ସାହି ଅଞ୍ଚଳର ଝିଲି ସାହୁ ୩ ମାସର ଆଗୁଆ ରାଶନ ସାମଗ୍ରୀ ପାଇ ନ ଥିବାରୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇ ଅଧିକାରୀମାନେ ତାଙ୍କ ପ୍ରାପ୍ୟ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ।

# ଦୁଇ ଖବରଦାତାଙ୍କ ବିରୋଧରେ ଅଭିଯୋଗ

**ବାଲିକୁଦା, ୨୫ା୪(ସ୍ୱ.ପ୍ର.)**

**ଭିଡିଓ ଭାଇରାଲ ଘଟଣା ସମାଧାନ ପାଇଁ ଛାତ୍ରୀଙ୍କୁ ଚାପ ପକାଉଥିଲେ**

**କମ୍ପ୍ୟୁଟର ଶିକ୍ଷକ ଗିରଫ**

ବାଲିକୁଦା ଥାନା ଅଧୀନ ଏକ ଘରୋଇ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ ମାଲିକ ଶିକ୍ଷା ନାମରେ ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ନେଇ ଗତ ୨୨ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଇନ୍‌ଷ୍ଟିଚ୍ୟୁଟ୍‌ର ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଉକ୍ତ ଘଟଣାକୁ ରଫାଦଫା କରିବା ପାଇଁ ବାଲିକୁଦାର ୨ ଜଣ ଖବରଦାତା ସମ୍ପୃକ୍ତ ଛାତ୍ରୀଙ୍କୁ ଚାପ ପ୍ରୟୋଗ କରୁଥିଲେ। ଫଳରେ ଏନେଇ ଛାତ୍ରୀ ଶନିବାର ଦୁଇ ଖବରଦାତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ ମାଲିକ ଶିକ୍ଷା ନାମରେ ଛାତ୍ରୀମାନଙ୍କ ସହିତ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇଥାନ୍ତି। ପରେ ସେହି ଫଟୋକୁ ଦେଖାଇ ଭାଇରାଲ କରିବା ବାହାନାରେ ଛାତ୍ରୀମାନଙ୍କ ସହିତ ଖରାପ ସମ୍ପର୍କ ରଖନ୍ତି। ଯାହାକୁ ନେଇ ଗତ ୨୨ ତାରିଖରେ ସମ୍ପୃକ୍ତ ଛାତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଘଟଣାରେ ତଦନ୍ତ କରି ୨୩ ତାରିଖରେ ମାମଲା ରୁଜୁ କରିବା ସହ ୨୪ ତାରିଖରେ ସମ୍ପୃକ୍ତ କମ୍ପ୍ୟୁଟର ଇନିଷ୍ଟିଚ୍ୟୁଟ ଶିକ୍ଷକ ତଥା ମାଲିକଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟଚାଲାଣ କରିଛି। ମାତ୍ର ଘଟଣାକୁ ଚପାଇ ଦେବାକୁ ସମ୍ପୃକ୍ତ ଛାତ୍ରୀଙ୍କୁ ବାଲିକୁଦାର ଜଣେ ବରିଷ୍ଠ ଓ ଅନ୍ୟଜଣେ ଯୁବ ଖବରଦାତା ଚାପ ପକାଇଥିଲେ। ଏପରି କି ୧୦ ହଜାର ଟଙ୍କା ନେଇ ମାମଲା ସମାଧାନ କରିଦେବାକୁ କହିଥିଲେ। ନ ହେଲେ ଭିଡିଓ ଭାଇରାଲ କରାଯିବ ବୋଲି ଧମକ ଦେଇଥିଲେ। ତେବେ ଖବରଦାତାଙ୍କ କଥାକୁ ଛାତ୍ରୀ ନ ମାନିବାରୁ ତାଙ୍କ ଗାଁ ନାମରେ ଖବର ପରିବେଷଣ କରାଯାଇଛି ବୋଲି ଅଭିଯୋଗ ହୋଇଛି। ତେଣୁ ସମ୍ପୃକ୍ତ ଖବରଦାତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ରୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିକୁଦା ଥାନା ଆଇଆଇସି ସର୍ବେଶ୍ୱର ବେହେରା କହିଛନ୍ତି, ଅଭିଯୋଗ ଅନୁସାରେ କମ୍ପ୍ୟୁଟର ଶିକ୍ଷକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ତେବେ ଖବରଦାତାଙ୍କ ବିରୋଧରେ ଶନିବାର ଯେଉଁ ଅଭିଯୋଗ ହୋଇଛି ତାହାର ତଦନ୍ତ କରାଯିବ। ଯଦି ଏହାର ସତ୍ୟତା ଥାଏ ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରବାସୀ ଓଡ଼ିଆଙ୍କ କଥା ବୁଝନ୍ତୁ ସରକାର

**ଭୁବନେଶ୍ୱର, ୨୫ା୪(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ନିରଞ୍ଜନଙ୍କ ଚିଠି**

ରାଜ୍ୟ ବାହାରେ ଫସିଥିବା ଓଡ଼ିଆ ଶ୍ରମିକ, ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି କେତେକ ଗଠନଧର୍ମୀ ପରାମର୍ଶ ଦେଇଛନ୍ତି। ଅନୁରୂପ ଭାବେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମଧ୍ୟ ଶ୍ରମିକମାନଙ୍କ ପଞ୍ଜୀକରଣ ଏବଂ କ୍ୱାରାଣ୍ଟାଇନ ନିୟମ ପାଳନ କରିବାକୁ ଟୁଇଟ୍‌ର ମାଧ୍ୟମରେ ପରାମର୍ଶ ଦେଇଛନ୍ତି।

ନିରଞ୍ଜନ କହିଛନ୍ତି ଯେ, ଲକ୍‌ଡାଉନ୍ ଉଠିବା ପରେ ଶ୍ରମିକ ଏବଂ ଫସିଥିବା ଓଡ଼ିଆଙ୍କ ସୁନାମି ରାଜ୍ୟକୁ ଆସିବ। କରୋନା ସଂକ୍ରମଣ ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବାରୁ ଏହାର ମୁକାବିଲା ପାଇଁ ସମ୍ମିଳିତ ପଦକ୍ଷେପ ଜରୁରୀ। ତେଣୁ ସରକାର ରାଜନୈତିକ ଦଳ, ସିଭିଲ ସୋସାଇଟି, କ୍ଷେତ୍ରସ୍ତରରେ କାର୍ଯ୍ୟରତ ବିଭିନ୍ନ ସଙ୍ଗଠନର ପରାମର୍ଶ ନେବା ଆବଶ୍ୟକ। ସେହିପରି ଜାତୀୟ ସ୍ତରରେ ଶ୍ରମିକମାନଙ୍କ ସମସ୍ୟାର ସମାଧାନ ପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଉ। ଏହାଦ୍ୱାରା ରାଜ୍ୟ-ରାଜ୍ୟ ଏବଂ କେନ୍ଦ୍ର-ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ ବୋଲି ନିରଞ୍ଜନ କହିଛନ୍ତି। ସେହିପରି ପଞ୍ଚାୟତ ଏବଂ ସରପଞ୍ଚଙ୍କୁ ପ୍ରଦାନ କରାଯାଇଥିବା କ୍ଷମତାକୁ ପିସିସି ସଭାପତି ପ୍ରଶଂସା କରିଛନ୍ତି। ସ୍ୱଳ୍ପମିଆଦୀ କାର୍ଯ୍ୟକ୍ରମ ଜରିଆରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟଦିବସ ୨୦୦କୁ ବୃଦ୍ଧି କରାଯାଇପାରିବ। ପଞ୍ଜୀକୃତ ଶ୍ରମିକଙ୍କ ଆକାଉଣ୍ଟକୁ ତୁରନ୍ତ ସରକାର ୫୦୦୦ ଟଙ୍କା ଲେଖାଏ ପ୍ରଦାନ କରନ୍ତୁ ବୋଲି ନିରଞ୍ଜନ ପଟ୍ଟନାୟକ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଟୁଇଟ୍ କରି ଭାଜପା ସଭାପତି ସମୀର କହିଛନ୍ତି ଯେ, ପ୍ରବାସୀ ଓଡ଼ିଆମାନେ ରାଜ୍ୟକୁ ଫେରିବା ପୂର୍ବରୁ ପଞ୍ଜୀକରଣ କରନ୍ତୁ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନିଜ ନିଜ ଅଞ୍ଚଳରେ ଥିବା ପଞ୍ଜୀକରଣ କେନ୍ଦ୍ରର ମଧ୍ୟ ସୁବିଧା ନେବା ପାଇଁ ସମୀର ପ୍ରବାସୀ ଓଡ଼ିଆଙ୍କୁ ଅନୁରୋଧ କରିଛନ୍ତି।

# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପୁଣି ୫ ପଞ୍ଚାୟତ

**ଭଦ୍ରକ ଅଫିସ, ୨୫ା୪**

**୧୫ ଶହ ସ୍ୱାବ୍ ସଂଗ୍ରହ**


ଧାମନଗର ବ୍ଲକର ଏକ କଣ୍ଟେନମେଣ୍ଟ ଜୋନ୍‌ରେ ପୋଲିସର କଡ଼ା ପ୍ରହରା।

ଭଦ୍ରକ ଜିଲାରେ ଶୁକ୍ରବାର ୫ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଛି। ନୂଆ ପଜିଟିଭ ବାହାରିଥିବା ତିହିଡ଼ି ଓ ଧାମନଗର ବ୍ଲକର ୫ଟି ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ପୂର୍ବରୁ ୧୩ଟି ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ୍ ପରିସରରେ ରଖାଯାଇଥିବାବେଳେ ଶନିବାର ମୋଟ ୧୮ଟି ପଞ୍ଚାୟତର ୬୯ଟି ଗାଁକୁ ଏହି ଜୋନ୍‌ରେ ରଖାଯାଇଛି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ଛୁଇଁଥିବାରୁ ରକ୍ତ ନମୁନା ସଂଗ୍ରହ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି। ୨ ଦିନ ମଧ୍ୟରେ ପ୍ରାୟ ୧୫୦୦ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି। ୪ଟି ଦଳ ଜିଲାର ବିଭିନ୍ନ ଅଞ୍ଚଳକୁ ଯାଇ ଏହି କାର୍ଯ୍ୟ ଜାରି ରଖିଛନ୍ତି। ସଂକ୍ରମଣ ରୋକିବା ପାଇଁ ଜିଲାରେ ୬୦ଘଣ୍ଟିଆ ଶଟ୍‌ଡାଉନ କରାଯାଇଛି। ଶନିବାର ଦ୍ୱିତୀୟ ଦିବସରେ ଲୋକେ ପ୍ରଶାସନକୁ ସହଯୋଗ କରି ଘରୁ ବାହାରକୁ ବାହାରି ନ ଥିବାରୁ ରାସ୍ତାଘାଟ ଶୂନ୍‌ଶାନ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷେ ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ଜିଲା ପ୍ରଶାସନର ମୁଣ୍ଡବ୍ୟଥା ବଢ଼ିଛି। ପ୍ରଶାସନ ପକ୍ଷରୁ ପ୍ରାୟ ୮ ଶହ ବ୍ୟକ୍ତି କଲିକତାରୁ ଫେରିଥିବା କୁହାଯାଉଥିଲେ ହେଁ ଏହି ସଂଖ୍ୟା ଅଧିକ ବୋଲି ଆଲୋଚନା ହେଉଛି। ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ କୁହନ୍ତି, ତାଙ୍କ ବ୍ଲକରେ ପ୍ରାୟ ୫୨୩ ଜଣ କଲିକତା ଫେରନ୍ତା ରହିଛନ୍ତି। ସେହି ଅନୁଯାୟୀ ବାସୁଦେବପୁର, ତିହିଡ଼ି ଓ ଧାମନଗର ବ୍ଲକରେ କୋଲକତା ଫେରନ୍ତାଙ୍କ ସଂଖ୍ୟା ପ୍ରାୟ ୧ହଜାରରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ତେଣୁ ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କ ମାଧ୍ୟମରେ ସମସ୍ତ କଲିକତା ଫେରନ୍ତାଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ଦାବି ହୋଇଛି। ଶୁକ୍ରବାର ଅପରାହ୍ନରୁ ଲାଗି ରହିଥିବା ବର୍ଷା କାରଣରୁ ସଂକ୍ରମିତ ଚିହ୍ନଟ ହୋଇଥିବା କେତେକ ଅଞ୍ଚଳରେ ରାସ୍ତା ସିଲ୍ ହୋଇପାରି ନ ଥିଲା। ଶନିବାର ସକାଳୁ ସମସ୍ତ ପ୍ରବେଶ ପଥଗୁଡ଼ିକ ପୋଲିସ ଓ ବ୍ଲକ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ତିହିଡ଼ି ବ୍ଲକର ବାମନବିନ୍ଧା ପଞ୍ଚାୟତର କାନପୁର, ସନ୍ଦକପୁର, ବାମନବିନ୍ଧା, କାଁପଡ଼ା ପଞ୍ଚାୟତର କାଁପଡ଼ା ଗାଁ, କାଁପଡ଼ାବିନ୍ଧା, ତଳକାଁପଡ଼ା ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିଭଳି ଧାମନଗର ବ୍ଲକର କଲ୍ୟାଣୀ ପଞ୍ଚାୟତ ଅନ୍ତର୍ଗତ ୨ଟି ଗାଁ, ଖଡ଼ିପଦା ପଞ୍ଚାୟତର ୬ଟି ଗାଁ, ଆନନ୍ଦପୁର ପଞ୍ଚାୟତର ଉତେଇପୁର ଗାଁକୁ ସିଲ୍ କରାଯାଇ ଯାତାୟାତରେ କଟକଣା ଜାରି କରାଯାଇଛି। ଏହି ୨ ବ୍ଲକର କଣ୍ଟେନମେଣ୍ଟ ଜୋନ୍ ପାଇଁ ୪ ଜଣ ନୋଡାଲ ଅଫିସର୍‌ଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୨ ବ୍ଲକର ବିଡିଓଙ୍କୁ ସୁପରଭାଇଜିଂ ଦାୟିତ୍ୱ ଦିଆଯାଇଛି। ଏହି ସବୁ ଅଞ୍ଚଳର ଗ୍ରାମବାସୀଙ୍କୁ ଘରୁ ନ ବାହାରିବା ଓ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ୬୦ ଘଣ୍ଟିଆ ଶଟ୍ ଡାଉନ ବଳବତ୍ତର ରହିଛି। କିନ୍ତୁ ଏହି କଣ୍ଟେନମେଣ୍ଟ ଜୋନ୍ ଘୋଷଣା ପରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ଅଞ୍ଚଳଗୁଡ଼ିକରେ ସ୍କ୍ରିନିଂ କରାଯାଇ ଅଧିକରୁ ଅଧିକ ରକ୍ତନମୁନା ଓ କଣ୍ଟାକ୍ଟ ଟ୍ରେସିଂ କାର୍ଯ୍ୟ ଜୋରଦାର କରାଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଭଦ୍ରକ ପୌରାଞ୍ଚଳର ସମସ୍ତ ଯୋଗାଯୋଗ ରାସ୍ତା ସିଲ୍ ହୋଇଥିବାରୁ ରାସ୍ତାଘାଟ ଖାଁ ଖାଁ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲ।

## ସଂକ୍ଷେପରେ

### ବଜ୍ରପାତରେ ଗଲା ଯୁବତୀଙ୍କ ଜୀବନ

**ଜୁନାଗଡ,୨୫।୪(ଡି.ଏନ୍.ଏ):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଆଟିଗାଁରେ ଶନିବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତାଙ୍କ ନାମ ଶିବାନୀ ପଧାନ(୨୦)। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୬ଟାରେ ସେ ଶୌଚହେବା ପାଇଁ ଯାଉଥିବାବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଶିବାନୀଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୦) ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

### ୪ ଲୁଟ୍ ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୨୫।୪:** ଏକ ଲୁଟ୍ ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଢେଙ୍କାନାଳ ସଦର ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଏକ ବୋଲେରୋ, ଲୁଟ୍ ମୋବାଇଲ ଫୋନ୍ ସହ ୨୭୦୦ ଟଙ୍କା ଜବତ କରାଯାଇଛି। ତେବେ ତଦନ୍ତ ଚାଲିଥିବାରୁ ଏ ସମ୍ପର୍କରେ ଅଧିକ ସୂଚନା ଦେବାକୁ ପୋଲିସ ମନା କରିଦେଇଛି। ପୁରୁଣା କଟକ-ସମ୍ବଲପୁର ରାସ୍ତାର ଅଚଳକୋଟ ବ୍ରିଜ୍ ନିକଟରୁ ଶୁକ୍ରବାର ରାତିରେ ତିଗିରିଆ ଥାନା ଅଚଳକୋଟ ଗ୍ରାମର ଅଧୀର ଜେନାଙ୍କଠାରୁ ଉକ୍ତ ଟଙ୍କା ଏବଂ ମୋବାଇଲ୍ ଲୁଟ୍ ହୋଇଥିଲା।

### ହୋମ୍ କ୍ୱାରାଣ୍ଟାଇନରେ ଥାନା ଅଧିକାରୀ

**ବରଗଡ଼ ଅଫିସ୍,୨୫।୪:** ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ ହୋମ କ୍ୱାରାଣ୍ଟାଇନରେ ରହିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଥାନା ଅଧିକାରୀ ଗୋଚ୍ଛାୟତ ଏକ ଚାରିଚକିଆ ଗାଡ଼ିରେ ଗତ ୧୬ତାରିଖ ବାଲେଶ୍ୱର ଜିଲାକୁ ଯାଇଥିଲେ। ସେଠାରୁ ସେ ମେଲଛାମୁଣ୍ଡାକୁ ଗତ ୧୮ତାରିଖ ଫେରିଥିଲେ। ତାଙ୍କ ସହିତ ଥାନା ଅଧିକାରୀଙ୍କ ଆଉ ଜଣେ ସମ୍ପର୍କୀୟ ମଧ୍ୟ ଆସିଛନ୍ତି। ଏଠାରେ ପହଞ୍ଚିବା ପରେ ତାଙ୍କୁ ୧୮ ତାରିଖରୁ ମେ ୧ତାରିଖ ପର୍ଯ୍ୟନ୍ତ ହୋମ କ୍ୱାରାଣ୍ଟାଇନରେ ରହିବାକୁ ପଦ୍ମପୁର(ରାଜବୋଡ଼ସମ୍ବର) ବିଡ଼ିଓ ଶଙ୍କର୍ଷଣ ବେହେରା ପରାମର୍ଶ ଦେଇଛନ୍ତି। ତେବେ ବାଲେଶ୍ୱର ଜିଲାରେ କରୋନା(କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ବଢ଼ିଚାଲି ଥିବାବେଳେ କେଉଁ ପରିସ୍ଥିତିରେ ସେଠାକୁ ଯିବା ପାଇଁ ଅନୁମତି ତଥା ଗାଡ଼ିପାସ୍ ମିଳିଥିଲା ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

### ଶିକାରୀ ଗିରଫ, ବନ୍ଧୁକ ଜବତ



**ଡାବୁଗାଁ, ୨୫।୪ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ମଇଦଲପୁର ସେକ୍ସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲରେ ଗୁରୁବାର ରାତିରେ ଜଣେ ବ୍ୟକ୍ତି ବନ୍ୟଜନ୍ତୁ ଶିକାର ପାଇଁ ବୁଲୁଥିବା ବେଳେ ପାଟ୍ରୋଲିଂ କରୁଥିବା ବନ ବିଭାଗ ତାଙ୍କୁ ଗିରଫ କରିଛି। ସେ ହେଲେ କଳାମାଟିଗଡ଼ା ଗ୍ରାମର ଦେଉଡୁ ଜାନି(୫୫)। ତାଙ୍କଠାରୁ ବନ୍ଧୁକ, ଟାଙ୍ଗିଆ ଓ ଟର୍ଚ୍ଚ ଲାଇଟ ଜବତ ହୋଇଛି। କେସ୍ ନଂ ୩୨/୨୦/୨୧ରେ ମାମଲା ରୁଜୁ କରାଯାଇ ଦେଉଡୁଙ୍କୁ କୋର୍ଟଚାଲାଣ କରାଯାଇଛି। ପାଟ୍ରୋଲିଂରେ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ସୁବ୍ରତ ବାବାଲି ସାମିଲ ଥିଲେ।

### ଲକ୍‌ଡାଉନ ନ ମାନି ସେଲୁନ ସିଲ୍

**ରାୟଗଡ଼ା ଅଫିସ,୨୫।୪:** ଲକ୍‌ଡାଉନ ନିୟମ ଅବମାନନା କରି ସେଲୁନ ଦୋକାନ ଖୋଲିଥିବାରୁ ରାୟଗଡ଼ାର ରାଣୀଗୁଡ଼ାଠାରେ ଥିବା ମା' ମଝିଗୌରୀ ସେଲୁନକୁ ପ୍ରଶାସନ ସିଲ୍ କରିଛି। ଅତିରିକ୍ତ ତହସିଲଦାର ସୁନୀଲ ଖରା ଏବଂ ସ୍ଥାନୀୟ ପୋଲିସ ମିଶି ସହରରେ ଲକ୍‌ଡାଉନ ସମୟରେ ଦୋକାନ ଖୋଲିବା ପାଇଁ ଅନୁମତି ପାଇ ନ ଥିବା ଦୋକାନକୁ ବନ୍ଦ କରିଛନ୍ତି।

# ଫେରିବେ ୯୦ ହଜାରରୁ ଅଧିକ ପ୍ରବାସୀ ଶ୍ରମିକ

**ବଳାଙ୍ଗୀର ଜିଲା**
- ସରପଞ୍ଚଙ୍କ ସହ ଆଲୋଚନା କଲେ ଜିଲାପାଳ
- ସୁବ୍ୟବସ୍ଥା କରିବା ହେବ ବଡ଼ ଚ୍ୟାଲେଞ୍ଜ
- ସାମାଜିକ ଦୂରତ୍ୱ, କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ଜରୁରୀ
- ସଂକ୍ରମଣ ଭୟରେ ଗ୍ରାମାଞ୍ଚଳ ଅଧିବାସୀ

**ବଳାଙ୍ଗୀର ଅଫିସ, ୨୫।୪**

ମେ' ୩ରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଅବଧି ସରିବ । ଏହାପରେ ଜିଲା ତଥା ରାଜ୍ୟ ବାହାରେ ଥିବା ପ୍ରବାସୀ ଶ୍ରମିକମାନେ ଘରକୁ ଫେରିବେ । ଏହିକ୍ରମରେ ୯୦ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଜିଲାକୁ ଫେରିବେ ବୋଲି ସୂଚନା ମିଳିଛି । ହେଲେ ସମସ୍ତ ପ୍ରବାସୀ ଶ୍ରମିକଙ୍କ ନାମ ପଞ୍ଜୀକରଣ, ସେମାନଙ୍କ ରହିବା, ଖାଇବା ଓ ସଂକ୍ରମିତ ଶ୍ରମିକଙ୍କୁ ଚିହ୍ନଟ କରିବା ପ୍ରଶାସନ ପାଇଁ ବଡ ଚ୍ୟାଲେଞ୍ଜ ହେବ । ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ପକ୍ଷରୁ ସରପଞ୍ଚମାନଙ୍କ ସହିତ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି । ଯଦି କୌଣସି କ୍ଷେତ୍ରରେ ସାମାନ୍ୟ ତ୍ରୁଟି ରହିବ ତାହା ଜିଲା ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ପଞ୍ଚାୟତସ୍ତରରୁ ମିଳିଥିବା ରିପୋର୍ଟ ଅନୁସାରେ ୮୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ନିଜ ନିଜ ଗାଁକୁ ଫେରିବେ । ଏହି ସଂଖ୍ୟା ଆହୁରି ବଢ଼ିପାରେ । ଏତେ ସଂଖ୍ୟକ ପ୍ରବାସୀ ଶ୍ରମିକ ଜିଲାକୁ ଫେରିଲେ ସେମାନଙ୍କୁ ପ୍ରଥମେ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ମାତ୍ର ସମସ୍ତଙ୍କ ପାଇଁ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରିବା ସହଜ କଥା ନୁହେଁ । ଏ ସଂକ୍ରାନ୍ତରେ ଜିଲାପାଳ ଅରିନ୍ଦମ ଡାକୁଆ ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ବିଭିନ୍ନ ବ୍ଲକ୍ ଅଫିସରୁ ସରପଞ୍ଚମାନଙ୍କ ସହ ଆଲୋଚନା କରିଛନ୍ତି । ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ, ସେମାନଙ୍କ ରହିବା, ଖାଇବା ସୁବ୍ୟବସ୍ଥା ସହ ସ୍ୱାସ୍ଥ୍ୟ ପରୀକ୍ଷା ଓ ଆବଶ୍ୟକ ସେବା ଯୋଗାଇବାକୁ ସେ ଚିକିନିଖି ଆଲୋଚନା କରିଥିବା ଜଣାପଡିଛି । ପୂର୍ବରୁ ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଦିଗରେ ସରପଞ୍ଚମାନଙ୍କ ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ କହି ସେମାନଙ୍କୁ ଜିଲାପାଳଙ୍କ କ୍ଷମତା ପ୍ରଦାନ କରିଛନ୍ତି । ଜିଲାର ୧୪ଟି ବ୍ଲକ୍ ଅନ୍ତର୍ଗତ ୩୧୭ ଗ୍ରାମ ପଞ୍ଚାୟତ ସରପଞ୍ଚମାନେ ଏଦିଗରେ ନିଜର ଅଙ୍ଗୀକାରବଦ୍ଧତା ପ୍ରଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଏସବୁ ସତ୍ତ୍ୱେ କିଛି ସମସ୍ୟା ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଲକ୍‌ଡାଉନ୍ ଅବଧି ପରେ ଯଦି ଗାଁକୁ ପ୍ରବାସୀ ଶ୍ରମିକମାନଙ୍କ ସୁଅ ଛୁଟିବ ତେବେ ସେମାନଙ୍କ ନାମ ପଞ୍ଜୀକରଣ, ରହିବା, ଖାଇବା ସୁବ୍ୟବସ୍ଥା ଓ ସାମାଜିକ ଦୂରତ୍ୱ କେତେ ମାତ୍ରାରେ ପାଳନ ହୋଇପାରିବ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରତ୍ୟେକ ପଞ୍ଚାୟତରେ ସରକାର ସର୍ବନିମ୍ନ ୩୦ରୁ ସର୍ବାଧିକ ୧୦୦ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ୍ ସେଣ୍ଟର କରିବାକୁ ବ୍ୟବସ୍ଥା କରିଛନ୍ତି । ଯଦି ହଜାର ହଜାର ଶ୍ରମିକ ଗାଁକୁ ଏକା ସଙ୍ଗରେ ଫେରିବେ ତେବେ ସମସ୍ତଙ୍କ ପାଇଁ କ୍ୱାରାଣ୍ଟାଇନ ସେଣ୍ଟର ଯୋଗାଇବା କଷ୍ଟକର ବ୍ୟାପାର ହୋଇପଡିବ । ଏଭଳି କ୍ଷେତ୍ରରେ ସଂକ୍ରମିତ ବ୍ୟକ୍ତିଙ୍କୁ ବା ସାମାନ୍ୟ ଲକ୍ଷଣ ଥିବା ଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କୁ ଅଲଗା ରଖିବା ଆହୁରି ବଡ ଚ୍ୟାଲେଞ୍ଜ ହେବ । ପ୍ରବାସୀ ଶ୍ରମିକଙ୍କ ସହ ସେମାନଙ୍କ ପରିବାର ସଦସ୍ୟଙ୍କ ମିଳାମିଶା ଯେପରି ନ ହେବ ତାକୁ ସୁନିଶ୍ଚିତ କରିବା ଆହୁରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

ଏନେଇ ଜିଲାପାଳ ଅରିନ୍ଦମ ଡାକୁଆ କହିଛନ୍ତି, ପ୍ରଶାସନ ପକ୍ଷରୁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରମାନଙ୍କ ସହ ବ୍ୟାପକ ଆଲୋଚନା ଚାଲିଛି । ସମସ୍ତଙ୍କ ପାଇଁ ସୁବ୍ୟବସ୍ଥା କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏ ପର୍ଯ୍ୟନ୍ତ ବଳାଙ୍ଗୀର ଜିଲାରେ ଜଣେ ମାତ୍ର କରୋନା ରୋଗୀ ଚିହ୍ନଟ ହୋଇନାହାନ୍ତି ।

# ମାରଣାସ୍ତ୍ର ଦେଖାଇ ଆତଙ୍କ, କାବୁକଲେ ଏସ୍‌ଏଚ୍‌ଜି ମହିଳା




ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ବରଗଡ଼ ଅଫିସ୍,୨୫।୪**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଢ଼େନ ଥାନାର ଲୁହାଖାନ ଗ୍ରାମରେ ଶନିବାର ପିସ୍ତଲ, ଛୁରି ଭଳି ମାରଣାସ୍ତ୍ର ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଅଭିଯୁକ୍ତମାନଙ୍କୁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମହିଳାମାନେ କାବୁ କରିଛନ୍ତି। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ପଦ୍ମପୁରର ପିଣ୍ଟୁ ବେହେରା, ସୁଶୀଲ ରୋହିଦାସ ଏବଂ ଲୁହାଖାନ ଗ୍ରାମର ଶୋଭାକର ମାଝି । ସେମାନଙ୍କ ବିରୋଧରେ ବୁଢ଼େନ ଥାନାରେ ଏକ ମାମଲା(ନଂ.୫୬/୨୦) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ପାଖରୁ ଏକ ବାଇକ୍(ନଂ.ଓଡ଼ି୧୭ଏସ୍ ୭୦୯୪), ୩ଟି ମୋବାଇଲ ଏବଂ ବ୍ୟବହୃତ ଛୁରି, ପିସ୍ତଲ ଜବତ୍ କରାଯାଇଛି। ଅଭିଯୁକ୍ତମାନେ ଲୁହାଖାନ ଗ୍ରାମର ଦେବାର୍ଚ୍ଚନ ନାଗଙ୍କ ଘରକୁ ଯାଇ ତାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏହାପରେ ଦେବାର୍ଚ୍ଚନଙ୍କ ସ୍ତ୍ରୀ ଭାନୁମତୀ ସାହସର ସହିତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀକୁ ଖବର ଦେଇଥିଲେ। ଏହାପରେ ଏସ୍‌ଏଚ୍‌ଜି ମହିଳାମାନେ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ ।

# କ୍ୱାରାଣ୍ଟାଇନକୁ ଗଲେ ୬ ଶ୍ରମିକ

**ବାହାର ରାଜ୍ୟରୁ ଚାଲିଚାଲି ଫେରିବା ବେଳେ ଧରିଲା ପୋଲିସ**

**ରାୟଗଡ଼ା ଅଫିସ,୨୫।୪**

ରାୟଗଡ଼ା ସଦରସ୍ଥିତ ମଝିଘରିଆଣୀ ମନ୍ଦିର ନିକଟରୁ ଶନିବାର ୬ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି ଟାଉନ ଥାନା ପୋଲିସ। ସ୍ୱାସ୍ଥ୍ୟ ବିଭାଗକୁ ଖବର ଦିଆଯିବା ପରେ ସମସ୍ତ ଶ୍ରମିକଙ୍କୁ କ୍ୱାରାଣ୍ଟାଇନକୁ ପଠାଯାଇଛି। ୬ ଜଣ ଶ୍ରମିକଙ୍କ ମଧ୍ୟରୁ ୨ ଜଣ ସୁଶାନ୍ତ ଚିନ୍ତାଡ଼ା ଓ ମୋହନ ବିଡ଼ିକା ବିଜୟୱାଡ଼ାରୁ କୋଲନରା ବ୍ଲକ ଢ଼େପସାହିକୁ ଆସୁଥିଲେ। ବିଜୟୱାଡ଼ାର ଏକ ହୋଟେଲରେ ଦୀର୍ଘ ଦିନ ଧରି ୱେଟର ଭାବେ କାମ କରୁଥିଲେ ଏହି ଦୁଇଜଣ। ଲକ୍‌ଡାଉନ ଯୋଗୁ ହୋଟେଲ ବନ୍ଦ ହେବା ପରେ ସେମାନେ ଟଙ୍କା ଅଭାବରୁ ବାଧହୋଇ ଗତ ମଙ୍ଗଳବାର ନିଜ ଗାଁକୁ ଚାଲିଚାଲି ଫେରୁଥିଲେ। ଅନ୍ୟ ୪ ଜଣ ଶ୍ରମିକ ବିଶାଖାପାଟଣାରୁ ଟିଟିଲାଗଡ଼ ଯାଉଥିଲେ। ଭୀମ ବାଗ, ନିରେନ ବାଗ, ରୋମାଞ୍ଚଳ ଛତର, କ୍ରିଷ୍ଣାସିନ୍ଧୁ ବାଗ ଟିଟିଲାଗଡ଼ର ରାମମନ୍ଦିର ପଡ଼ାର ବାସିନ୍ଦା। ବିଶାଖାପାଟଣାରେ ସେମାନେ ନିର୍ମାଣ ଶ୍ରମିକ ଭାବେ କାମ କରୁଥିଲେ। ବାହାର ରାଜ୍ୟରେ ଭୋକ ଉପାସରେ ରହିବା ପରେ ବାଧହୋଇ ସେମାନେ ଟ୍ରେନ ଟ୍ରାକ ଦେଇ ଚାଲିଚାଲି ନିଜ ଗାଁକୁ ଫେରୁଥିଲେ। ଗତ ୨୦ ତାରିଖ ସନ୍ଧ୍ୟାରୁ ଏମାନେ ଚାଲିଚାଲି ଶନିବାର ରାୟଗଡ଼ାରେ ପହଞ୍ଚିଥିଲେ।



ବିଜୟୱାଡ଼ାରୁ କୋଲନରା ଫେରୁଥିବା ୨ ଯୁବକ।

# ଆଜିଠୁ ଟେଲି କନ୍‌ସୋଲେଶନ ସେବା

**ଢେଙ୍କାନାଳ ଅଫିସ, ୨୫।୪**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାରଠାରୁ ଟେଲି କନ୍‌ସୋଲେଶନ ସେବା ଆରମ୍ଭ ହେବ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ରୋଗୀମାନେ ହ୍ୱାଟ୍‌ସଆପ୍ ଭଏସ କଲ୍ ଏବଂ ଭିଡିଓ କଲ ମାଧ୍ୟମରେ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଜେନେରାଲ ମେଡିସିନ ପାଇଁ ୯୯୩୭୧୯୨୩୭୦ ଏବଂ ୯୦୪୦୭୦୦୨୧୮, ଚକ୍ଷୁ ଚିକିତ୍ସା ପାଇଁ ୯୪୩୭୧୮୭୪୧୦, ଜେନେରାଲ ସର୍ଜରି ପାଇଁ ୯୪୩୭୬୨୦୧୮୮ ଓ ୯୪୩୭୧୮୬୭୫୦, ଦନ୍ତ ଚିକିତ୍ସା ପାଇଁ ୯୭୭୮୬୯୦୧୦୦, ଇଏନ୍‌ଟି ପାଇଁ ୭୦୦୮୮୩୪୨୫୨ ଓ ଅର୍ଥୋପେଡିକ୍ ପାଇଁ ୯୪୩୭୧୧୯୦୦୬, ସ୍ତ୍ରୀ ଓ ପ୍ରସୂତି ରୋଗ ପାଇଁ ୯୪୩୮୧୦୭୬୫୮ ଓ ୯୪୩୭୨୧୨୯୨୫, ଟିବି ଓ ଛାତି ରୋଗ ପାଇଁ ୯୪୩୭୮୭୨୨୩୪, ଶିଶୁ ବିଭାଗ ପାଇଁ ୯୪୩୮୭୮୯୦୦୮ ନମ୍ବରରେ ଯୋଗାଯୋଗ କରିହେବ। କୌଣସି ସମସ୍ୟା ଉପୁଜିଲେ ମେଡିକାଲ ଅଫିସରଙ୍କ ନଂ. ୮୯୮୪୧୮୬୮୮୧ ଓ ୯୪୩୭୯୩୫୬୭୧ରେ ଯୋଗାଯୋଗ କରିବାକୁ ସିଡିଏମ୍‌ଓ ନିବେଦନ କରିଛନ୍ତି।

# ବୌଦ୍ଧରୁ ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ପୁରୀ ଗଲା



ପୁରୀ ଯିବା ପୂର୍ବରୁ ଟ୍ରକରେ ଯାଉଥିବା ରଥକାଠକୁ ପୂଜାର୍ଚ୍ଚନା କରାଯାଉଛି।

**ବୌଦ୍ଧ, ୨୫।୪(ସ୍ୱ.ପ୍ର)**

ପୁରୀ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ବୌଦ୍ଧରୁ ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ପଠାଯାଇଛି। ଶନିବାର ଅପରାହ୍ନରେ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନି ଦେଇ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ଘୋଷଯାତ୍ରା ପାଇଁ ରଥ ନିର୍ମାଣ ନିମନ୍ତେ ତିନିଟି ଟ୍ରକରେ କାଠ ପଠାଇଥିଲେ। ବୌଦ୍ଧ ବନଖଣ୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁନ୍ଦୁଲିଆ ପଞ୍ଚାୟତର ମନମୁଣ୍ଡାରେ ମାଳତୀଗୋଛାପଡା ଜଙ୍ଗଲରୁ ୩୦ଖଣ୍ଡ ଧଉରା ଓ ୨୭ ଖଣ୍ଡ ଫାସୀ କାଠ କଟାଯାଇ ତିନୋଟି ଟ୍ରକରେ ବୌଦ୍ଧ ଅଣାଯାଇଥିଲା। ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ପୂଜାର୍ଚ୍ଚନା ପରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶଶାଙ୍କ ଶେଖର ଦାଶ,ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ସାହୁ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶାନ୍ତନୁ କୁମାର ନାଏକ, ଅବକାରୀ ଅଧିକ୍ଷକ ଶାନ୍ତନୁ କୁମାର ଦାଶ ପ୍ରମୁଖ ସବୁଜ ପତାକା ଦେଖାଇ ରଥାକାଠକୁ ବିଦାୟ ଦେଇଥିଲେ। ଏହି ଅବସରରେ ରଥକାଠ ସଂଗ୍ରହ ପାଇଁ ଆସିଥିବା ପୁରୀର ପ୍ରତିନିଧି ସୁଦର୍ଶନ ମେକାପ, ସୀତାରାମ ମହାରଣା ଓ ସୁରେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ବର୍ଷ ପାଇଁ ବୌଦ୍ଧରୁ ପୁରୀ ରଥ ନିର୍ମାଣ ପାଇଁ ରଥକାଠ ପଠାଯାଇଛି। ଚଳିତବର୍ଷ ଆହୁରି ଦୁଇଟ୍ରକ କାଠ ଯିବ ବୋଲି ବନ ବିଭାଗ ନିକଟରୁ ସୂଚନା ମିଳିଛି।

# ପଶ୍ଚିମବଙ୍ଗ ଫେରନ୍ତା ୨୭ ଜଣଙ୍କ ସ୍ୱାବ୍ ପଠାଗଲା

**ଜୟପୁର,୨୫।୪(ଡି.ଏନ୍.ଏ.):** କୋରାପୁଟ ଜିଲାକୁ ଗତ କିଛି ସପ୍ତାହ ମଧ୍ୟରେ ପଡ଼ୋଶୀ ପଶ୍ଚିମବଙ୍ଗରୁ ୪୩ ଜଣ ଲୋକ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ପ୍ରଶାସନ ଠାବ କରିଛି। ଅନ୍ୟ ୧୬ ଜଣଙ୍କୁ ଶନିବାର ସନ୍ଧ୍ୟା ଏଯାବତ୍ ଠାବ କରାଯାଇପାରି ନାହିଁ। ତେଣୁ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ିଛି। ଚିହ୍ନଟ ହୋଇଥିବା ୨୭ ଜଣଙ୍କ ସ୍ୱାବ ଓ ରକ୍ତ ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ଶନିବାର ସୁଦ୍ଧା ଜିଲାର ୩୯୮ ଜଣଙ୍କ ନମୁନା ସଂଗ୍ରହ ପରେ ପରୀକ୍ଷାଗାରକୁ ପଠାଯାଇଥିଲା। ସେଥିରୁ ୩୧୦ ଜଣଙ୍କ ନେଗେଟିଭ ରହିଛି। ବାକି ୮୮ ଜଣଙ୍କ ନମୁନା ପରୀକ୍ଷା ଅପେକ୍ଷାରେ ରହିଥିବା ସିଡିଏମ୍‌ଓ ଡା. ମକରନ୍ଦ ବେଉରା ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାରେ ପଡ଼ୋଶୀ ପଶ୍ଚିମବଙ୍ଗରୁ ଫେରିଥିବା ଅଧିକାଂଶ ବ୍ୟକ୍ତି କରୋନା ଭୂତାଣୁରେ ଆକ୍ରାନ୍ତ ରହିଛନ୍ତି। ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ପଶ୍ଚିମବଙ୍ଗରୁ ଆସିଥିବା ବ୍ୟକ୍ତିଙ୍କ ମୋବାଇଲ ଟ୍ରାକ୍ କରି ଜିଲା ପ୍ରଶାସନକୁ ସୂଚନା ଦେଇଛନ୍ତି।

# ଲକ୍‌ଡାଉନ୍ ବେଳେ ଚୋରାମଦ ବିକ୍ରି
## ତହସିଲଦାରଙ୍କୁ ଜଣାଇଲେ ଗ୍ରାମବାସୀ

**କାଲିମେଳା,୨୫।୪(ଡି.ଏନ.ଏ.)**

କରୋନାକୁ ନେଇ ଏବେ ସବୁଆଡ଼େ ଲକ୍‌ଡାଉନ ଚାଲିଛି। ଦୋକାନ ବଜାର, ଗାଡ଼ିମୋଟର ଚଳାଚଳ ସବୁ ବନ୍ଦ ରହିଛି। ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଉଣ୍ଡୁକୋଣ୍ଡା ଗ୍ରାମରେ ବିହାର ଅଞ୍ଚଳର କେତେଜଣ ବ୍ୟବସାୟୀ ଆସି ଏଠାରେ ଚୋରାରେ ମଦ ବିକ୍ରି କରୁଥିବା ନେଇ ଗ୍ରାମର କେତେଜଣ ବ୍ୟକ୍ତି ଶନିବାର କାଲିମେଳା ତହସିଲଦାର ଆଲୋକ କୁମାର ଅନୁଗୁଳିଆଙ୍କ ନିକଟରେ ଲିଖିତ ଅଭିଯୋଗ କରୁଛନ୍ତି। ଗ୍ରାମବାସୀ କହିଛନ୍ତି ଯେ, ବିହାର ଅଞ୍ଚଳର ସୁବାସ ଯାଦବ ଏବଂ ଅନ୍ୟ ୨ ଜଣ କରୋନା ସମୟରେ ଉଣ୍ଡୁକୋଣ୍ଡାର ପଞ୍ଚାୟତ ଅଫିସ ଏବଂ ଆର୍‌ଆଇ ଅଫିସ ନିକଟରେ ମଦ ବିକ୍ରି କରୁଛନ୍ତି । ଅନ୍ୟ ଗ୍ରାମାଞ୍ଚଳରେ ମଧ ଚୋରାରେ କାରବାର କରୁଥିବା ଗ୍ରାମ ସଭାପତି ସୁନୀଲ ସରଦାର, ସମ୍ପାଦକ ଦେବାଶିଷ ସରଦାର, ଆନନ୍ଦ ମଲ୍ଲ, ରାକେଶ ସରଦାର ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ତହସିଲଦାର ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଅନୁଗୁଳିଆ କହିଛନ୍ତି ।



ଗ୍ରାମବାସୀ ତହସିଲଦାରଙ୍କୁ ମଦ ବିକ୍ରି ସମ୍ପର୍କରେ ଜଣାଉଛନ୍ତି।

# ଦୁର୍ଦ୍ଦିନରେ ଟେଣ୍ଟହାଉସ୍ ମାଲିକ, କର୍ମଚାରୀ



ଚିତ୍ରାଳୟ ଆଗରେ ସଂଘ ସଭାପତି ଓ କର୍ମଚାରୀ।

- ହାତ ବାନ୍ଧିଦେଇଛି କରୋନା
- ରାଜ୍ୟର ୧୧୨୫ ଚିତ୍ରାଳୟ କ୍ଷତିଗ୍ରସ୍ତ

**ନୟାଗଡ଼ ଅଫିସ,୨୫।୪**

କରୋନା କଟକଣା ଯୋଗୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ବାଣିଜ୍ୟ ବ୍ୟବସାୟ ବୁଡିବାକୁ ବସିଛି। ଚିତ୍ରାଳୟ ବି ଏଥିରୁ ବାଦ୍ ପଡିନି। ମିଳିଥିବା ସୂଚନା ଅନୁସାରେ ରାଜ୍ୟର ୧୧୨୫ ଚିତ୍ରାଳୟ ମାଲିକ ଓ ଏହା ଉପରେ ନିର୍ଭର କରୁଥିବା ୫୦ ହଜାର କର୍ମଚାରୀ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଟେଣ୍ଟହାଉସ୍ ମାଲିକ ଓ କର୍ମଚାରୀ ବି ହାତବାନ୍ଧି ଘରେ ବସି ରହିଛନ୍ତି। ଦଣ୍ଡଯାତ୍ରାକୁ ଆଖିଆଗରେ ରଖି କିଛି ଚିତ୍ରାଳୟ ଓ ଟେଣ୍ଟହାଉସ୍ ମାଲିକ ଲକ୍ଷାଧିକ ଟଙ୍କାର ଉପକରଣ କିଣି ନିଜ ପାଇଁ ଦାରିଦ୍ର୍ୟକୁ ଡାକିଆଣିଛନ୍ତି।

ଏ ନେଇ ଚିତ୍ରାଳୟ ସଂଘର ରାଜ୍ୟ ଓ ନୟାଗଡ଼ ଜିଲା ସଭାପତି ନାରାୟଣ ସାହୁ କୁହନ୍ତି, କରୋନା କଟକଣା ଦୁଃଖ ବଢ଼ାଇଛି। ରୋଜଗାର ହରାଇ ଘରେ ଏବେ ସବୁ ପରିବାର ସଦସ୍ୟ। ପରିବାର ଚଳାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ନୟାଗଡ଼ ଜିଲାର ୨୦ ଓ ରାଜ୍ୟର ୧୧୨୫ ଚିତ୍ରାଳୟର ମାଲିକ ଓ କର୍ମଚାରୀଙ୍କ ଚିନ୍ତା ବଢ଼ିଯାଇଛି। ମୋ ପରି କିଛି ଚିତ୍ରାଳୟର ମାଲିକ ଧାରକରଜ କରି ଦଣ୍ଡନାଚ ପାଇଁ ୩ରୁ ୫ ଲକ୍ଷ ଟଙ୍କାର ଉପକରଣ କିଣିଦେଇଥିଲୁ, ଯାହାକି ଆମ ପାଇଁ ବୋଝ ହୋଇଛି। ନାରାୟଣ ଚିତ୍ରାଳୟ ମାଛିପଡାର ଜଣେ କର୍ମଚାରୀ ଲକ୍ଷ୍ମୀଧର ସାହୁ କୁହନ୍ତି, ଚିତ୍ରାଳୟ ହେବା ଦିନଠାରୁ ପ୍ରାୟ ୪୦ ବର୍ଷ ହେଲା ମୁଁ ନାରାୟଣ ସାହୁଙ୍କ ସହ କାମ କରିଆସୁଛି। ହେଲେ ଏଭଳି ବିପତ୍ତି କେବେ ଦେଖାଦେଇ ନ ଥିଲା। ବର୍ତ୍ତମାନ କରୋନା ଯୋଗୁ ମୋ ପରି ଅନେକ କର୍ମଚାରୀଙ୍କ ଘରେ ଚୁଲି ଜଳୁନି। ସରକାରୀ ସହାୟତା ଆମ ପାଇଁ ସ୍ୱପ୍ନ। ସରକାର ଚିତ୍ରାଳୟ ମାଲିକ ଓ କର୍ମଚାରୀଙ୍କୁ ଚିହ୍ନଟ କରି ସହାୟତାର ହାତ ବଢ଼ାନ୍ତୁ। ବାବା ବାଲୁଙ୍କେଶ୍ୱର ଟେଣ୍ଟହାଉସ୍ ସୋଲପଟାର ମାଲିକ କୁହନ୍ତି, ମୁଁ ଚିତ୍ରାଳୟ ଓ ଟେଣ୍ଟହାଉସ୍ ଚଳାଏ। ପ୍ରତିବର୍ଷ ଆମେ ନିଜ ମୂଳଧନ ସହ ବାହାରୁ କିଛି ଟଙ୍କା ଋଣ ଆଣି ବ୍ୟବସାୟରେ ବିନିଯୋଗ କରୁ। କଲ୍ ହେବା ପରେ ଋଣ ଟଙ୍କା ଶୁଝିଥାଉ। ହେଲେ ଚଳିତବର୍ଷ ଆମ ପାଖରେ କିଛି ଟଙ୍କା ନାହିଁ। କରୋନା କଲ୍ ବନ୍ଦ କରିଦେଲା। ତଥାପି କିଛି କର୍ମଚାରୀଙ୍କୁ ବାଧହୋଇ କାମରେ ଲଗାଇଛୁ। କାରଣ ସେମାନେ କାମ ନ କଲେ ଘରେ ଚୁଲି ଜଳିବନି। ସାମାଜିକ ଦୂରତ୍ୱ ରଖି ଘର ଭିତରେ କିଛି କାମ କରୁଛୁ। ସରକାରୀ ସହାୟତା ଆମ ପାଇଁ ନିହାତି ଦରକାର। ଚିତ୍ରାଳୟରେ କାମ କରୁଥିବା ସିଲେଇ ମେଶିନ କାରିଗର ଗୋବର୍ଦ୍ଧନ ମହାପାତ୍ର କୁହନ୍ତି, ପୂର୍ବରୁ ମାସିକ ୧୦ରୁ ୧୨ ହଜାର ଟଙ୍କା ରୋଜଗାର ହେଉଥିଲା। ଏବେ ମାସକୁ ୩ରୁ ୪ ହଜାର ହେଉଛି। କାମ ନ ଥିଲେ ବି ଦୁର୍ଦ୍ଦିନ ସମୟରେ ମାଲିକ ଆମକୁ ବାଧ ହୋଇ କାମରେ ଲଗାଉଛନ୍ତି।



କରୋନା ସଂକ୍ରମଣ ଯୋଗୁ ସାରା ପୃଥିବୀରେ ଅଚଳାବସ୍ଥା ଦେଖାଦେଇଛି। ସଂକ୍ରମଣରୁ ଦୂରେଇ ରହିବା ପାଇଁ କେତେକ ଦେଶରେ ଲକ୍‌ଡାଉନ୍ ମଧ୍ୟ ଜାରି ରହିଛି। ଏପରିସ୍ଥଳେ ଭିଏତ୍‌ନାମ୍ ବିନା ଲକ୍‌ଡାଉନ୍‌ରେ କରୋନାକୁ ପରାସ୍ତ କରିବାରେ ସକ୍ଷମ ହୋଇଛି। ଏଠାରେ ବର୍ତ୍ତମାନ ସୁଦ୍ଧା ୨୬୮ ଜଣଙ୍କ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ତେବେ କୌଣସି ସଂକ୍ରମିତଙ୍କ ମୃତ୍ୟୁ ଏଠାରେ ଘଟି ନାହିଁ। ଭିଏତ୍‌ନାମ୍‌ର ସୀମା ଚାଇନା ସହିତ ଲାଗିଛି।

# କରୋନା ଅଟୋ

**ଚେନ୍ନାଇ:** କରୋନା ମହାମାରୀର ରୂପ ନେବା ପରଠାରୁ ଲୋକଙ୍କ ମନରେ ଆତଙ୍କ ଖେଳିଯାଇଛି। ଏଥିଲାଗି ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ସାମାଜିକ ଦୂରତ୍ୱ ରକ୍ଷାକରିବା ଲାଗି ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। ତଥାପି କେତେଜଣ ଏହି କଟକଣା ମାନିବାକୁ ନାରାଜ୍। ଯେତେ ସଚେତନ କଲେ ବି ସେମାନେ ଏହାକୁ ଗ୍ରହଣ କରୁନାହାନ୍ତି। ଏବେ କରୋନା ଭାଇରସ୍ ନେଇ ସମସ୍ତଙ୍କୁ ସଚେତନ କରିବା ପାଇଁ ଅଧିକ ପ୍ରୟାସ ଜାରିରହିଛି। କେଉଁଠି ପୋଲିସ ବିଭିନ୍ନ ଢଙ୍ଗରେ ନିଜକୁ ସଜାଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି ତ କେଉଁଠି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ତେବେ ଲୋକଙ୍କୁ ଏ ନେଇ ସଚେତନ କରିବାକୁ ବାହାରିଛି ଚେନ୍ନାଇର ଏକ ଅଟୋ। ଚେନ୍ନାଇର ୧୨ ଜୋନ୍ ଡିଭିଜନ୍‌ରେ ଏଭଳି ଏକ ଅଟୋ ରାସ୍ତା ଉପରେ ଦେଖିବାକୁ ମିଳୁଛି, ଯାହା ଦେଖିବାକୁ କରୋନା ଭାଇରସ୍ ଭଳି। କରୋନା ଭାଇରସ୍ ନେଇ ସଚେତନ କରୁଥିବା ଏହି ଅଟୋଟି ଏବେ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ଘରେ ରହିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ କହିବା ଆରମ୍ଭ କରିଛି। ଏହା ସହିତ କରୋନା ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ସମସ୍ତେ ମାସ୍କ ପିନ୍ଧିବା ସହ ସ୍ୱଚ୍ଛତାକୁ ମଧ୍ୟ ଦୃଷ୍ଟିଦେବା ଉଚିତ। ଏମିତି ବିଭିନ୍ନ ପ୍ରକାରର ସଚେତନତା ବାର୍ତ୍ତା ଦେଉଥିବା ଏହି ଅଟୋ ଏବେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ପ୍ରଶାସନର ସହଯୋଗରେ ଏଭଳି ଏକ ଅଟୋ ଏବେ କିଛି ମାତ୍ରାରେ ଲୋକଙ୍କୁ ଅଧିକ ସଚେତନ କରିପାରୁଛି ବୋଲି ଅଧିକାରୀମାନେ ବିଶ୍ୱାସ କରୁଛନ୍ତି।




# ୧ ହଜାର ପିପିଇ କିଟ୍ ଦାନକଲେ ବିଦ୍ୟା



ବିଦ୍ୟା ବାଲାନ

**ମୁମ୍ବାଇ:** କରୋନା ଭାଇରସ୍‌କୁ ହରାଇବା ପାଇଁ ସବୁ ସ୍ତରରେ ଉଦ୍ୟମ ଚାଲିଥିବା ବେଳେ ଏ କ୍ଷେତ୍ରରେ ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି ବଲିଉଡ୍ ସେଲିବ୍ରିଟିମାନେ। ଏବେ ବିଦ୍ୟା ବଲାନଙ୍କ ନାଁ ମଧ୍ୟ ଏହି ତାଲିକାରେ ଯୋଡ଼ି ହୋଇଯାଇଛି। ଅଭିନେତ୍ରୀ ବିଦ୍ୟା ଏବେ ଦେଶର କରୋନା ଯୋଦ୍ଧାଙ୍କ ପାଇଁ ୧ ହଜାର ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟସ୍(ପିପିଇ) ଦାନ କରିଥିବା ଜଣାପଡ଼ିଛି। ଅଭିନେତ୍ରୀ ନିଜେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କରୋନା ସହ ସିଧାସଳଖ ମୁକାବିଲା କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ପିପିଇ କିଟ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ଯାହା ସେମାନଙ୍କୁ କରୋନା କବଳରୁ ରକ୍ଷା କରିବ। ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ବିଦ୍ୟା ଏହି ପିପିଇ କିଟ୍ ଦାନ କରିଥିବା କଥା କହିଛନ୍ତି। ଏହା ପୂର୍ବରୁ ବିଦ୍ୟା ଘରେ କିପରି ମାସ୍କ ତିଆରି କରାଯାଇ ପାରିବ, ତାକୁ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିବା ପରେ ଏହା ସମସ୍ତଙ୍କୁ ଖୁବ୍ ପସନ୍ଦ ଆସିଥିଲା। କରୋନା ଯୁଦ୍ଧରେ ଯେ ଆମେ ଜଣେ ଜଣେ ଯୋଦ୍ଧା ପରୋକ୍ଷରେ ବିଦ୍ୟା ଏହା କହିବାକୁ ଚାହିଁଛନ୍ତି।

# ଘଣ୍ଟାଏ ଅପେକ୍ଷାକଲେ ସଂକ୍ରମିତ

**ଲକ୍ଷ୍ନୌ:** ଉତ୍ତରପ୍ରଦେଶରେ କରୋନା ସଂକ୍ରମିତଙ୍କ ସହ ବଡ଼ ଅବହେଳା କରାଯାଇଥିବା ଚିତ୍ର ସାମ୍ନାକୁ ଆସିଛି। ହସ୍ପିଟାଲରେ ଭର୍ତ୍ତି ହେବା ପାଇଁ କରୋନା ଭୂତାଣୁ ସଂକ୍ରମିତମାନେ ରାସ୍ତାରେ ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ଇଟାଓ୍ୱା ଜିଲାର ଏକ ସରକାରୀ ହସ୍ପିଟାଲ ଓ ମେଡିକାଲ କଲେଜରେ। ଗୁରୁବାର ସକାଳେ ୬୯ଜଣ ସଂକ୍ରମିତ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହେବା ପାଇଁ ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ ବାହାରେ ଲାଇନ ଲଗାଇ ଅପେକ୍ଷା କରିଥିଲେ। ଏହା ପରେ ଏକ ମେଡିକାଲ ଟିମ୍ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ହସ୍ପିଟାଲ ଭିତରକୁ ନେଇଥିବା ଜଣାପଡ଼ିଛି। ଏହାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ, ଏହି ରୋଗୀଙ୍କୁ ଆଗ୍ରାରୁ ଉକ୍ତ ହସ୍ପିଟାଲକୁ ପଠାଯାଇଥିଲା। ସେମାନଙ୍କ ସହ ବସ୍‌ରେ ଏସ୍କର୍ଟ ଟିମ୍‌ଙ୍କୁ ମଧ୍ୟ ପଠାଯାଇଥିଲା ବୋଲି ସ୍ଥାନୀୟ ପ୍ରଶାସନ କହିଛି। ତେବେ ଏଭଳି ସ୍ଥିତରେ କିପରି ଏହି ଘଟଣା ଘଟିଲା, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଉକ୍ତ ହସ୍ପିଟାଲ ଚଳାଉଥିବା ବିଶ୍ୱବିଦ୍ୟାଳୟର କୁଳପତି କହିଛନ୍ତି, ସୂଚନା ଅଭାବ ଯୋଗୁ ଏଭଳି ଘଟଣା ଘଟିଥିଲା। ଅପରପକ୍ଷେ ଏହି ରୋଗୀଙ୍କୁ ଭର୍ତ୍ତି କରିବାକୁ ନେଇ ଡାକ୍ତର ଓ ହସ୍ପିଟାଲ ଷ୍ଟାଫଙ୍କ ମଧ୍ୟରେ ହୋଇଥିବା ବିବାଦ ଏହି ଅବହେଳାର ମୁଖ୍ୟ କାରଣ ବୋଲି କୁହାଯାଉଛି। ତେବେ ଏଭଳି ଘଟିବା ହସ୍ପିଟାଲର ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ଚର୍ଚ୍ଚା ହେଉଛି।



# ନୂତନ ଉଦ୍ଭାବନକୁ ଉତ୍ସାହ ଯୋଗାଏ

**ନୂଆଦିଲ୍ଲୀ:** ପ୍ରତିବର୍ଷ ଏପ୍ରିଲ ୨୬ ତାରିଖକୁ ବିଶ୍ୱ ବୌଦ୍ଧିକ ସମ୍ପଦ ଦିବସ ଭାବେ ପାଳନ କରାଯାଏ। ବିଶ୍ୱ ବୌଦ୍ଧିକ ସମ୍ପଦ ସଙ୍ଗଠନ ଦ୍ୱାରା ପେଟେଣ୍ଟ, ଟ୍ରେଡ୍‌ମାର୍କ, ଔଦ୍ୟୋଗିକ ଡିଜାଇନ୍, କପିରାଇଟ୍‌ର ଭୂମିକା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ନୂଆ ନୂଆ ଉଦ୍ଭାବନ ଲାଗି ଉତ୍ସାହ ଆଣିଦେଇଥାଏ। ୧୯୯୯ ଅକ୍ଟୋବରରେ ବିଶ୍ୱ ବୌଦ୍ଧିକ ସମ୍ପଦ ସଙ୍ଗଠନର ମହାସଭାରେ ଏହି ଦିବସକୁ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ଏହାକୁ ପ୍ରୋତ୍ସାହନ ଦେବା ଲାଗି ବିଭିନ୍ନ ସରକାରୀ ଏଜେନ୍ସି, ବେସରକାରୀ ସଙ୍ଗଠନ, ବ୍ୟକ୍ତିଗତ ଓ ସାମୁହିକ ଭାବେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଥାଏ। ୧୯୬୭ରେ ଗଠିତ ଏହି ସଙ୍ଗଠନ ରଚନାତ୍ମକ ଗତିବିଧିକୁ ପ୍ରୋତ୍ସାହନ ଦେବା ଓ ବିଶ୍ୱ ବୌଦ୍ଧିକ ସମ୍ପଦର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଲାଗି କାମ କରିଆସୁଛି। ସ୍ୱିଜରଲାଣ୍ଡର ଜେନିଭାରେ ଏହି ସଙ୍ଗଠନର କାର୍ଯ୍ୟାଳୟ ରହିଛି। ଭାରତ ୧୯୭୫ରେ ଏହାର ସଦସ୍ୟତା ଗ୍ରହଣ କରିସାରିଛି। ବୌଦ୍ଧିକ ବିକାଶ ଓ ସବୁଜ ଭବିଷ୍ୟତ ଗଠନ ସହ ଆଗାମୀ କାଲିର ସ୍ୱପ୍ନକୁ ପୂରଣ କରିବାରେ ଏହି ଦିବସ ପାଳନର ବେଶ୍ ମହତ୍ୱ ରହିଛି।




ବିଶ୍ୱ ବୌଦ୍ଧିକ ସମ୍ପଦ ଦିବସ ଆଜି

# ସାମାଜିକ ଦୂରତ୍ୱ ଲାଗି କାଚ ପାଚେରି



**ପ୍ୟାରିସ୍:** କରୋନା ସଂକ୍ରମଣ ନେଇ ପୃଥିବୀରେ ସଙ୍କଟଜନକ ସ୍ଥିତି ସୃଷ୍ଟି ହୋଇଛି। ବହୁ ଦେଶରେ ସୁରକ୍ଷା ଦୃଷ୍ଟିରୁ ଲକ୍‌ଡାଉନ୍ ଜାରି ହୋଇଛି। ୟୁରୋପର କିଛି ଦଶେରେ ଧୀରେ ଧୀରେ ଲକ୍‌ଡାଉନ୍ ଉଠୁଛି। ତେବେ କରୋନା ମହାମାରୀ ପରେ ସମସ୍ତଙ୍କ ମନରେ ଭୟ ଓ ଆତଙ୍କର ଛାପ ରହିଛି। କରୋନା ସମସ୍ତଙ୍କର ଜୀବନଶୈଳୀରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ସାମାଜିକ ଦୂରତା ବଜାୟ ରଖିବା ଉପରେ ସବୁଠାରେ ଗୁରୁତ୍ୱ ଦିଆଯାଉଛି। ୟୁରୋପର କେତେକ ରେଷ୍ଟୁରାଣ୍ଟ ପୂର୍ବପରି ସ୍ୱାଭାବିକ ହେବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ପ୍ରତି ଖାଇବା ଟେବୁଲ ମଝିରେ ଏବେ କାଚ ପାଚେରୀ ଦିଆଯାଇଛି। ସ୍କୁଲ, ପାର୍କ ଆଦି ସ୍ଥାନରେ ସାମାଜିକ ଦୂରତା ବଜାୟ ଉପରେ ଗୁରୁତ୍ୱ ଦିଆଯାଉଛି। ଅଫିସ୍‌ରେ କର୍ମଚାରୀମାନେ ମାସ୍କ ପିନ୍ଧିବା ସହିତ ପରସ୍ପରକୁ ନମସ୍କାର ଦ୍ୱାରା ଅଭିବାଦନ ଜଣାଉଛନ୍ତି। ସେହିପରି ପ୍ରତି ଚେୟାର ମଧ୍ୟରେ ନିର୍ଦ୍ଦିଷ୍ଟ ଦୂରତା ରହିଛି।

# ସମୁଦ୍ରରେ ନୀଳ ଆଲୋକ

**ମେକ୍ସିକୋ ସିଟି:** କରୋନା ପାଇଁ ଏବେ ବିଶ୍ୱର ସବୁଆଡ଼େ ଲକ୍‌ଡାଉନ୍ ଚାଲିଛି। ଏଥିପାଇଁ ସବୁଠୁ ବଡ଼ ଫାଇଦା ମିଳିଛି ପ୍ରକୃତିକୁ। ବିଭିନ୍ନ ସ୍ଥାନରେ ପ୍ରଦୂଷଣର ମାତ୍ରା ବହୁତ କମିଯାଇଛି। ସେଥିପାଇଁ ଏହି ସମୟରେ ପ୍ରକୃତିର ବହୁ ସୁନ୍ଦର ଆଉ ବିଚିତ୍ର ରୂପ ଦେଖିବାକୁ ମିଳୁଛି। ପ୍ରଦୂଷଣ କମ୍ ହେବା ଫଳରେ ଏବେ ସମୁଦ୍ର ଲହଡ଼ିରେ ବି ରଙ୍ଗିନ ଆଲୋକ ଦେଖିବାକୁ ମିଳୁଛି। ଏମିତି ଏକ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ମିଳିଛି ମେକ୍ସିକୋର ଅକାପୁଲ୍‌କୋ ନିକଟରେ ଥିବା ସମୁଦ୍ରରେ।

କରୋନା କଟକଣା ପାଇଁ ସମୁଦ୍ର କୂଳରେ ଲୋକଙ୍କର ଆଦୌ ଗହଳି ରହୁନାହିଁ। ଏଥିପାଇଁ ସମୁଦ୍ରରେ ରହୁଥିବା ଜୀବମାନଙ୍କ ମଧ୍ୟରେ ଏକ ଅଦ୍ଭୁତ ବାୟୋଲୁମିନିସେଣ୍ଟ ଦେଖିବାକୁ ମିଳିଛି। କୌଣସି ଜୀବର ଶରୀରରୁ ଭିନ୍ନ ପ୍ରକାରର ରଶ୍ମି ବାହାରିବାକୁ ବାୟୋଲୁମିନିସେଣ୍ଟ କୁହାଯାଏ। ତେଣୁ ବିଶେଷଜ୍ଞଙ୍କ କହିବା ଅନୁସାରେ ପାଣିରେ ମାଇକ୍ରୋଅର୍ଗାନିଜିମ୍ ବାୟୋକେମିକାଲ୍ ପ୍ରତିକ୍ରିୟା ଫଳରେ ସମୁଦ୍ର ଲହଡ଼ିରେ ଏଭଳି ରଙ୍ଗିନ ରଶ୍ମି ଦେଖିବାକୁ ମିଳୁଛି। ସମୁଦ୍ରରେ ଏଭଳି ଦୃଶ୍ୟ ଦେଖାଯାଉଥିବା ଖବର ପାଇବା ମାତ୍ରେ ହଠାତ୍ ଆଖପାଖର କିଛି ଲୋକ ପ୍ରକୃତିର ଏହି ଦୃଶ୍ୟ ଉପଭୋଗ କରିବା ପାଇଁ ଭୁଲି ନ ଥିଲେ। କିଛି ଲୋକ ଏହି ଦୃଶ୍ୟକୁ ଫଟୋ ଏବଂ ଭିଡିଓ କରି ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଏକ ଗଣମାଧ୍ୟମ ସୂଚନା ଅନୁସାରେ ଗତ ୬୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଦେଖିବାକୁ ମିଳିଛି। ତେବେ ମେକ୍ସିକୋର ଅକାପୁଲ୍‌କୋ ଟୁରିଜମ୍ ବୋର୍ଡର କହିବା ଅନୁସାରେ ମାଇକ୍ରୋଅର୍ଗାନିଜିମ୍ ଫଳରେ ହୋଇଥିବା ବାୟୋକେମିକାଲ୍ ରିଆକ୍‌ସନ୍ ଫଳରେ ଏପରି ହୋଇଛି।



## ଅନୁଷ୍କାଙ୍କ ୱେବ୍ ସିରିଜ୍‌ର ଟିଜର ରିଲିଜ

**ମୁମ୍ବାଇ:** ୨୦୧୮ ମସିହାରେ ଜିରୋ ଫିଲ୍ମ ରିଲିଜ ପରେ ଅନୁଷ୍କା ଶର୍ମା ବଲିଉଡ୍ ଇଣ୍ଡଷ୍ଟ୍ରିରୁ ଏ କ ପ୍ର କା ର ଦୂରେଇ ଯାଇଥିଲେ। ବର୍ତ୍ତମାନ ଏକ ଲମ୍ବା ସମୟ ପରେ ଅନୁଷ୍କା ନିଜର ପ୍ରଡକ୍ସନ ହାଉସ୍ 'କ୍ଲିନ ସେଲ୍ଟ'କୁ ନିଜ ଭାଇ କର୍ନେଶ୍ ଶର୍ମାଙ୍କ ସହ ମିଶି ତିଆରି କରିଛନ୍ତି। ଏହି ପ୍ରଡକ୍ସନ ହାଉସ୍ ନିର୍ମିତ 'ପାତାଳ ଲୋକ' ଦର୍ଶକଙ୍କ ପାଇଁ ଆସୁଛି। ଏହାର ଟିଜର୍ ରିଲିଜ୍ କରିଦିଆଯାଇଛି। ଯାହାକୁ ମେ' ୧୫ରୁ ଆମାଜନ୍ ପ୍ରାଇମ୍‌ରେ ଦର୍ଶକ ଦେଖିପାରିବେ। ଏହା ପ୍ରଥମଥର ପାଇଁ ଆମାଜନ୍ ପ୍ରାଇମ୍ ଓରିଜିନାଲରେ ଲୋକେ ଦେଖିପାରିବେ। ନିକଟରେ ଅନୁଷ୍କା ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏହାର ଟିଜର ଶେୟାର କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ସମାଜରେ ଘଟୁଥିବା କ୍ରାଇମ୍, ଥ୍ରୀଲର, ଆକ୍ସନ ଏବଂ ଭ୍ରଷ୍ଟାଚାରକୁ ନେଇ ଏହାର କାହାଣୀ ଆଧାରିତ। ଏହାକୁ ଦେଖିବା ପରେ ଲୋକେ ନିଜର ସମାଜିକ ଦାୟିତ୍ୱବୋଧକୁ ବୁଝିପାରିବେ। ତେବେ ଏହି ପ୍ରଡକ୍ସନ ହାଉସ୍ 'ଏନ୍‌ଏଚ୍-୧୦' ଏବଂ 'ପରୀ' ଭଳି ଫିଲ୍ମ ତିଆରି କରିସାରିଛି। ଏଥିରେ ଲିଡ୍ ରୋଲ୍‌ରେ ଜୟ ଅହଲାବତ୍, ଗୁଲ ପନାଗ, ଅଭିଷେକ ବାନାର୍ଜୀ, ନୀରଜ୍ କବି ପ୍ରମୁଖ ନଜର ଆସିବେ।



## ଅନ୍‌ଲାଇନ ସର୍ଚ୍ଚରେ କନିକା ଆଗରେ

**ମୁମ୍ବାଇ:** ବଲିଉଡ୍ ପ୍ଲେ ବ୍ୟାକ୍ ସିଙ୍ଗର ତଥା 'ବେବି ଡଲ୍' ଗୀତର ଗାୟିକା ଭାବେ ଜଣାଶୁଣା କନିକା କପୁରଙ୍କୁ ଲୋକେ ଲକ୍‌ଡାଉନ୍ ସମୟରେ ଅନ୍‌ଲାଇନରେ ଅଧିକ ସର୍ଚ୍ଚ କରିଛନ୍ତି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ କେବଳ ଜଣେ ଗାୟିକା ଭାବେ ଜଣାଶୁଣା ଥିବା କନିକା କିଛିଦିନ ମଧ୍ୟରେ ଅଧିକ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଲକ୍‌ଡାଉନ୍ ପୂର୍ବରୁ ଅଧିକ ସର୍ଚ୍ଚ ହୋଇଥିବା ସେଲିବ୍ରିଟିଙ୍କ ମଧ୍ୟରେ ଥିବା ପ୍ରିୟଙ୍କା ଚୋପ୍ରା ଓ ରଜନୀକାନ୍ତଙ୍କୁ କନିକା ଟପିଯାଇଥିବା ସର୍ଚ୍ଚ ଇଞ୍ଜିନ ୟାହୁ ତାହାର ଏକ ବିବୃତ୍ତିରେ ପ୍ରକାଶ କରିଛି। ଉଭୟ ମହିଳା ଓ ପୁରୁଷ ସେଲିବ୍ରିଟିଙ୍କ ମଧ୍ୟରେ କନିକା ସର୍ଚ୍ଚ ଲିଷ୍ଟରେ ଆଗରେ ରହିଛନ୍ତି। ଲକ୍‌ଡାଉନ୍ ସମୟରେ କନିକାଙ୍କ ବିଷୟରେ ଜାଣିବା ପାଇଁ ଅଧିକ ଲୋକେ ଅନ୍‌ଲାଇନରେ ଖୋଜିଥିବା ଏହି ବିବୃତ୍ତିରୁ ଜଣାପଡ଼ିଛି। ବଲିଉଡ୍ ସେଲିବ୍ରିଟିଙ୍କ ମଧ୍ୟରେ କନିକା କପୁର ପ୍ରଥମେ କରୋନାରେ ଆକ୍ରାନ୍ତ ହୋଇଥିଲେ। ବିଦେଶରୁ ଫେରି କ୍ୱାରାଣ୍ଟାଇନ୍‌ରେ ନ ରହିବା, ପାର୍ଟି ଆୟୋଜନ କରିବା ଓ ଅନ୍ୟାନ୍ୟ ଅବହେଳା କାରଣରୁ ତାଙ୍କୁ ବିଭିନ୍ନ ମହଲରେ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏପରିକି ଥାନାରେ ତାଙ୍କ ନାମରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ଏଥିଯୋଗୁ ଅନ୍‌ଲାଇନରେ ମୋଷ୍ଟ ସର୍ଚ୍ଚ ହୋଇଥିବା ସେଲିବ୍ରିଟିଙ୍କ ଲିଷ୍ଟରେ ତାଙ୍କ ନାମ ରହିଥିବା କୁହାଯାଇଛି।



## ଲକ୍‌ଡାଉନ୍‌ରେ ମନେପଡୁଛନ୍ତି ରିଚା

**ମୁମ୍ବାଇ:** କରୋନା ଭାଇରସ୍ ସଂକ୍ରମଣ ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ଲକ୍‌ଡାଉନ୍ ପାଇଁ ବହୁଲୋକଙ୍କ ସ୍ପେଶିଆଲ ପ୍ଲାନ୍‌ଗୁଡ଼ିକ ସବୁ ବନ୍ଦ ହୋଇଯାଇଛି। ଏଥିରୁ ବାଦ୍ ପଡ଼ିନାହାନ୍ତି ବଲିଉଡ୍ ତାରକା। ରିଚା ଚଡ୍ଢା ଏବଂ ଅଲି ଫଜଲ ଦୁହେଁ ଦୁହିଁଙ୍କୁ ପ୍ରେମ କରୁଥିଲେ। ସେମାନେ ଏଇ ଏପ୍ରିଲରେ ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତେ। କିନ୍ତୁ କୋଭିଡ-୧୯ ପାଇଁ ତାଙ୍କର ପ୍ଲାନ୍‌ଗୁଡ଼ିକୁ ସ୍ଥଗିତ କରିବାକୁ ପଡ଼ିଛି। ଏବେ ଦୁହେଁ ଅଲଗା ଅଲଗା ରହି ଲକ୍‌ଡାଉନ୍ ପାଳନ କରୁଛନ୍ତି। ଦୁହେଁ ଭିଡିଓ କଲ୍‌ରେ କଥା ହେଉଛନ୍ତି। ଅଲି କିନ୍ତୁ ରିଚାଙ୍କୁ ନ ଦେଖି ରହିପାରୁନାହାନ୍ତି। ସେଥିଲାଗି ସେ ଭାବୁଛନ୍ତି ମୁମ୍ବାଇ ପୋଲିସଠାରୁ ଅନୁମତି ଆଣି ତାଙ୍କୁ ଦେଖା କରିବେ ବୋଲି। ତେବେ ଦେଖାଯାଉ, ଅଲି ତାଙ୍କ ଗର୍ଲଫ୍ରେଣ୍ଡ ରିଚାଙ୍କୁ ଦେଖା କରି ପାରୁଛନ୍ତି କି ନାହିଁ।



# ଫିଟ୍‌ନେସ୍ ଆଟ୍ ହୋମ୍

**କରୋନା ପାଇଁ ଚାଲିଛି ଲକ୍‌ଡାଉନ୍ । ସମସ୍ତେ ଏବେ ଘର ଭିତରେ। ଏକ୍ସରସାଇଜ୍ ପାଇଁ ନା ଯାଇହେଉଛି ଜିମ୍ ନା ୱାକ୍ ପାଇଁ ପାର୍କ । ତେବେ ଏମିତିରେ ସଭିଙ୍କ ଫିଟ୍‌ନେସ୍ ଫଣ୍ଡା ସାଜିଛି ଜିମ୍ ଆଟ୍ ହୋମ୍...**

ଲକ୍‌ଡାଉନ୍ ପାଇଁ ଏବେ ସବୁ ଜିମ୍ ବନ୍ଦ। ତେଣୁ ଏସମୟରେ ସମସ୍ତେ ଘରେ ଏକ୍ସରସାଇଜ୍ କରି ନିଜକୁ ଫିଟ୍ ରଖିପାରିବେ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦିଅନ୍ତୁ।

– ୱାର୍କ ଫ୍ରମ୍ ହୋମ୍ କରୁଥିବା ଲୋକେ ଘରେ କିଛିସମୟ ନିଶ୍ଚୟ ଯୋଗ ଏବଂ ବ୍ୟାୟାମ କରନ୍ତୁ। ପିଠି ଦରଜ କିମ୍ବା ବ୍ୟାକ୍ ପେନ୍ ଆଦିରୁ ଆରାମ ମିଳିବ।

– ଏକ୍ସରସାଇଜ୍ ପାଇଁ ଅତିକମରେ ୩୦ ମିନିଟ୍ ଜଗିଂ କରନ୍ତୁ। ଗୋଟିଏ ସ୍ଥାନରେ ଛିଡ଼ା ହୋଇ ବି ଜମ୍ପ୍ କରିପାରିବେ। ପାଦର ଏକ୍ସରସାଇଜ୍ ନିମନ୍ତେ ଆପଣ ଚେୟାରରେ ବସି ଗୋଡ଼କୁ ଆଗପଛ କରିପାରିବେ।

– ଯଦି ଆପଣଙ୍କର ଘରେ କୌଣସି ଏକ୍ସରସାଇଜ୍ କରିବାର ଅଭ୍ୟାସ ନାହିଁ ତେବେ ହାଲ୍‌କା ଏକ୍ସରସାଇଜ୍ କରି ଧିରେ ଧିରେ ଅଭ୍ୟାସ ଆରମ୍ଭ କରନ୍ତୁ।

– ଘରେ ରହି ସବୁ ସମୟରେ ଖାଇବା ପ୍ରତି ଦୃଷ୍ଟି ଦିଅନ୍ତୁ ନାହିଁ। ଭୋକ ହେଲେ ହିଁ ଖାଆନ୍ତୁ। ନଚେତ୍ ଆପଣ ମୋଟାପଣର ଶିକାର ହୋଇଯିବେ।








ଦେବର୍ଚ୍ଛିତା


ସୁନିତା


ମୁକେଶ


ଚିନ୍ମୟ


ବୃଷନ୍

### ଘରେ ସବୁ କରୁଛି

*(ବୃଷନ୍ ପ୍ରଧାନ, ଫିଟ୍‌ନେସ୍ ଟ୍ରେନର, ଇଭଲ୍‌ବ ଜିମ୍, ଜୟଦେବବିହାର)*

ଲକ୍‌ଡାଉନ୍ ପାଇଁ ସବୁ ଜିମ୍ ବନ୍ଦ ହୋଇଯାଇଛି ବୋଲି ଘରେ ରହି ମୁଁ ସବୁ ପ୍ରକାରର ଏକ୍ସରସାଇଜ୍ କରୁଛି। ପ୍ରତିଦିନ ଠିକ୍ ସମୟରେ ମୁଁ ବିଭିନ୍ନ ପ୍ରକାରର ୱାର୍କଆଉଟ୍ କରୁଛି, ଯାହା ମତେ ଜିମ୍ ଯିବା ଭଳି ଫାଇଦା ଦେଇପାରୁଛି। ପ୍ରଥମେ ସୂର୍ଯ୍ୟ ନମସ୍କାର ତା'ପରେ ପୁସ୍ ଅପ୍, ଡିକ୍ଲାଇନ୍ ପୁସ୍ ଅପ୍, ସ୍କ୍ୱାର୍ଟ, ହାଇ ନି, ଜମ୍ପିଂ ଜ୍ୟାକ୍ ଓ ସ୍କିପିଂ ଆଦି କରୁଛି। ଜିମ୍‌ର ସବୁ ଇକ୍ୟୁପମେଣ୍ଟଗୁଡ଼ିକ ଘରେ ନ ଥିଲେ ବି ଯାହା ଅଛି ସେଥିରେ ଏକ୍ସରସାଇଜ୍ କରି ହେଉଛି। ଏହାଛଡ଼ା ଖାଦ୍ୟ କଣ୍ଟ୍ରୋଲ କରିବା ବି ଜାରି ରଖିଛି। ଶରୀରକୁ ଫିଟ୍ ରଖିବା ପାଇଁ ଜିମ୍ ଯାଇ ନ ପାରିଲେ ବି ଘରେ ସମସ୍ତେ ବିକଳ୍ପ ଏକ୍ସରସାଇଜ୍ କରିବା ନିହାତି ଆବଶ୍ୟକ।

### ଘରେ ଯଥେଷ୍ଟ ସମୟ ମିଳୁଛି

*(ଦେବର୍ଚ୍ଛିତା ମହାପାତ୍ର, ଲିଗାଲ ଆଡ୍‌ଭାଇଜର୍, ସମର୍ପଣ ଚାରିଟେବଲ ଟ୍ରଷ୍ଟ, ଭୁବନେଶ୍ୱର)*

ନିଜକୁ ଫିଟ୍ ରଖିବା ପାଇଁ ମୁଁ ସବୁ ଦିନ ଭୁବନେଶ୍ୱର ହେଲ୍‌ଥ କ୍ଲବ ଯାଇ ଢେର୍ ସମୟ ଏକ୍ସର ସାଇଜ୍ କରୁଥିଲି। ଲକ୍‌ଡାଉନ୍ ପାଇଁ ଏବେ ଜିମ୍ ଯାଉନଥିଲେ ବି ଘରେ ରହି ଢେର୍ ଏକ୍ସରସାଇଜ୍ କରୁଛି। ଅବଶ୍ୟ ଜିମ୍ ଭଳି ଘରେ ସବୁ ପ୍ରକାରର ସୁବିଧା ନାହିଁ। କିନ୍ତୁ ଘରେ ରହି ଯେଉଁସବୁ ବ୍ୟାୟାମ ଓ ଯୋଗ କରିହେବ ସେସବୁ ପ୍ରତିଦିନ କରୁଛି। ପ୍ରାୟ ୧୦ ଥର ସୂର୍ଯ୍ୟ ମନସ୍କାର ସହିତ ପୁସ୍ ଅପ୍, ପ୍ଲାଙ୍କସୁମୋ ସ୍କ୍ୱାଟ୍, କିକ୍ ବୁଟ୍ ରନିଂ, ବର୍ପିଜ୍, ଓବ୍ଲିକ୍ କ୍ରଞ୍ଚେସ୍ ଆଦି ଏକ୍ସରସାଇଜ୍ କରିପାରୁଛି।

ମୁଁ ଯେଉଁ ଏନଜିଓରେ କାମ କରେ ତାହା ପୂରା ବନ୍ଦ ହୋଇଥିବାରୁ ଘରେ ବହୁ ସମୟ ମିଳୁଛି। ତେଣୁ ଠିକ୍ ସମୟରେ ଯୋଗ, ବ୍ୟାୟାମ କରି ଶରୀରକୁ ଫିଟ୍ ରଖିବାକୁ ଚେଷ୍ଟା କରୁଛି। ଅବଶ୍ୟ ଘରେ ମାଆଙ୍କ ହାତରନ୍ଧା ଖାଦ୍ୟ କେବେକେବେ ଟିକେ ଅଧିକ ଖାଇ ଦେଉଛି, କିନ୍ତୁ ଡାଏଟ୍ ଚାର୍ଟକୁ ବି ପୂରା ଭୁଲିନି।

### ଫିଟ୍‌ନେସ୍ ସହ ପାଠ ପଢ଼ାକୁ ଗୁରୁତ୍ୱ ଦେଉଛି

*ଚିନ୍ମୟ ମହାପାତ୍ର (ବି.ଟେକ୍, ମେକାନିକାଲ ଇଞ୍ଜିନିୟରିଂ, ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି, ଫୁଲନଖରା, କଟକ)*

ଏବେ ସମଗ୍ର ବିଶ୍ୱକୁ ମହାମାରୀ କରୋନା ଆକ୍ରାନ୍ତ କରିଛି। ଏଥିରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ଏବଂ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ସେଥିରୁ ରକ୍ଷା ପାଇବା ପାଇଁ ଆମକୁ ସୋସିଆଲ ଡିଷ୍ଟାନ୍ସ ମେଣ୍ଟେନ କରିବାକୁ ପଡୁଛି ତା' ସହ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଲକ୍‌ଡାଉନ୍‌କୁ ପାଳନ କରିବାକୁ ପଡୁଛି। ନିତିଦିନିଆ ଜୀବନରେ ହଠାତ୍ କରୋନା ପରି ଏକ ଝଡ ଆସିବ ତାହା କେହି ବି କଳ୍ପନା କରି ନ ଥିଲେ। ଏହାକୁ ମୁଁ ମଧ୍ୟ ବିଶ୍ୱାସ କରିପାରୁନାହିଁ। ତଥାପି ଆମକୁ ଏପରି କଷ୍ଟକର ସମୟ ସହ ପାଦ ମିଳାଇ ଚାଲିବାକୁ ପଡିବ। କଲେଜରେ ପାଦ ଦେବା ପୂର୍ବରୁ ମୁଁ ମୋ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ। ଗତ କିଛି ବର୍ଷ ହେଲା ଜିମ୍ ଯାଉଛି। ପ୍ରତିଦିନ ସକାଳୁ ଉଠିବା ପରେ ମୋର ପ୍ରଥମ କାମ ହେଲା ଜିମ୍ ଯିବା। ଯେହେତୁ ଏବେ ଲକ୍‌ଡାଉନ୍ ଚାଲିଛି ତେଣୁ ଜିମ୍ ବନ୍ଦ। ହେଲେ ମୋ ଡେଲି ରୁଟିନ୍‌ରୁ ମୁଁ ଫିଟ୍‌ନେସ୍‌କୁ ବାଦ୍ ଦେଇନି। ଲକ୍‌ଡାଉନ୍ ପୂର୍ବରୁ ମୁଁ ଜିମ୍‌ରେ ଦୁଇ ଘଣ୍ଟା ୱାର୍କଆଉଟ୍ କରୁଥିଲି। ଏବେ ଘରେ ମଧ୍ୟ ସେଥିପାଇଁ ପାଖାପାଖି ଘଣ୍ଟାଏ ସମୟ ଦେଉଛି। ଘରେ ଷ୍ଟ୍ରେନ୍‌ଥ ଟ୍ରେନିଂ ଏବଂ ଅଧିକ କାଓଡିଓ ଏକ୍ସରସାଇଜ କରୁଛି। ତା' ସହ ଡାଏଟିଂ ଚାଲିଛି। ଚଳିତବର୍ଷ ମୋର ଇଞ୍ଜିନିୟରିଂର ଶେଷ ବର୍ଷ। ତେଣୁ ପାଠପଢ଼ା ପ୍ରତି ଧ୍ୟାନ ଦେଉଛି। ତା' ସହ ପ୍ରତିଦିନ ମା'ଙ୍କୁ ଘରକାମରେ ସାହାଯ୍ୟ କରୁଛି। ଖାସ୍ କଥା ହେଲା ମୋର ଫିଟ୍‌ନେସ ହେଉ ଅବା ପାଠପଢ଼ା ମୋ ବାବା ଚନ୍ଦ୍ରଶେଖର ମହାପାତ୍ର ଏବଂ ମା' ପ୍ରତିମା ମହାପାତ୍ରଙ୍କ ଟିପ୍ସ ବେଶ୍ ସହାୟକ ହେଉଛି।

### ଘରେ ଥାଇ ବି ଜାରି ରଖିଛି ଅଭ୍ୟାସ

*ସୁନିତା(ଅଭିନେତ୍ରୀ)*

ବର୍ତ୍ତମାନ କରୋନା ପାଇଁ ଲକ୍‌ଡାଉନ ଚାଲିଥିବାରୁ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ସକାଳୁ ୱାକ୍ ଲାଗି ପାର୍କ କିମ୍ବା ଏକ୍ସରସାଇଜ୍ ପାଇଁ ଜିମ୍ ଯାଇ ନ ହେଉଥିଲେ ବି ଘରେ ଥାଇ ଏସବୁ ଅଭ୍ୟାସ ବନ୍ଦ କରିନାହିଁ। ଛାତ ଉପରେ ଚାଲିବା, ମ୍ୟୁଜିକ୍ ଲଗାଇ ଡ୍ୟାନ୍ସ ଏବଂ ଏରୋବିକ୍ସ ଏକ୍ସରସାଇଜ୍ କରିବାଠାରୁ ଆରମ୍ଭ କରି ଯୋଗ, ପ୍ରାଣାୟମ ଆଦି କରୁଛି। ସ୍ୱାମୀ ମଧ୍ୟ ମୋ ସହ ଏସବୁ ଏକ୍ସରସାଇଜ୍ କରୁଛନ୍ତି। ଏହାବ୍ୟତୀତ ଫିଟ୍‌ନେସ୍ ପାଇଁ ଗ୍ରୀନ୍ ଟି' ପିଉଛି ଏବଂ ଘରେ ଭଲ ଭଲ ସୁଷମ ଖାଦ୍ୟ ପ୍ରସ୍ତୁତ କରି ନିଜେ ଖାଇବା ସହ ପରିବାର ଲୋକଙ୍କୁ ଖୁଆଇବାର ଆନନ୍ଦ ନେଉଛି।

### ଖୋଲା ପବନରେ ଏକ୍ସରସାଇଜ୍ କରିବାର ମଜା ନିଆରା

*ମୁକେଶ(ଆଙ୍କର, ଅଭିନେତା)*

ଶାରୀରିକ ଏବଂ ମାନସିକ ସ୍ତରରେ ନିଜକୁ ଫିଟ୍ ରଖିବା ଲାଗି ପ୍ରତିଦିନ ଏକ୍ସରସାଇଜ୍ ଆବଶ୍ୟକ। ହେଲେ ବର୍ତ୍ତମାନ କରୋନା ପାଇଁ ଜିମ୍ ଯାଇ ହେଉନି, ତଥାପି ନିଜର ଏହି ଅଭ୍ୟାସରେ ଆଦୌ ଅବହେଳା କରୁନାହିଁ। ଛାତ ଉପରେ ମ୍ୟାଟ୍ ବିଛାଇ ଖୋଲା ପବନରେ ଏକ୍ସରସାଇଜ୍ କରିବାର ମଜା ବି ନିଆରା। ଘରେ ସମସ୍ତ ଜିମ୍ ଉପକରଣ ନ ଥିଲେ ବି ଲୁହା ପାଇପ୍, ପାଣି ବୋତଲ ଆଦି ସାହାଯ୍ୟରେ ୱେଟ୍‌ଲିଫ୍ଟ, ତାଜାକୁ ଧରି ୱାର୍ମଅପ୍ ଆଦି କରୁଛି। ଇଣ୍ଟରନେଟ୍‌ରୁ ବି ଘରେ ଏକ୍ସରସାଇଜ୍ କରିବାର ଖୁବ୍ ଭଲ ଭଲ ଆଇଡିଆ ଶିଖି ଏହାକୁ ଆପ୍ଲାଏ କରୁଛି। ଏହା ସହିତ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେଉଛି। ଏହି ଲକ୍‌ଡାଉନ୍ ଟାଇମ୍‌ରେ ପ୍ରୋଟିନ୍ ଜୁସ୍ ବଦଳରେ ବେଲପଣା, ଗାଁରେ ମିଳୁଥିବା ଟଟକା ପନିପରିବା ଏବଂ ଗାଁ ପୋଖରୀର ବୂନା ମାଛ ମୋ ଫିଟ୍‌ନେସ୍‌ର ରିଏଲ୍ ସିକ୍ରେଟ।

# ଲକ୍‌ଡାଉନ୍‌ରେ ଇଣ୍ଟରନେଟ୍

**ଲକ୍‌ଡାଉନ୍ ସମୟରେ ଏବେ ସମସ୍ତଙ୍କ ଲାଇଫ୍ ଷ୍ଟାଇଲ୍ ବଦଳିଛି। ଇଣ୍ଟରନେଟ୍ ମାଧ୍ୟମରେ ଦୂରରେ ଥିବା ନିଜ ସମ୍ପର୍କୀୟମାନଙ୍କ ସହ ଯୋଗାଯୋଗ ରଖି ହେଉଛି। ଯଦି ନିଜକୁ ଇଣ୍ଟରନେଣ୍ଟ ସହ ଜଡିତ ରଖୁଛନ୍ତି ତେବେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି...**

➡ ବର୍ତ୍ତମାନ ଲକ୍‌ଡାଉନ୍ ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ପ୍ରାୟ ସବୁ କାମ କରାଯାଉଛି। ତେଣୁ ୟଙ୍ଗମାସ୍ ବୟସ୍କ ବ୍ୟକ୍ତିମାନଙ୍କୁ ଇଣ୍ଟରନେଟ୍‌କୁ ବିଭିନ୍ନ ଦିଗରେ କିପରି ବ୍ୟବହାର କରାଯାଇପାରିବ ସେ ନେଇ ଟିପ୍ସ ଦେଇପାରିବେ।

➡ ଲକ୍‌ଡାଉନ୍ ସମୟରେ ଏବେ ବୟସ୍କମାନଙ୍କୁ ଇଣ୍ଟରନେଟରେ ଅଡିଓ-ଭିଡିଓ କଲ୍, ୟୁଟ୍ୟୁବ୍, ଅନ୍‌ଲାଇନ୍ ମନୋରଞ୍ଜନ ବିଷୟରେ ସବୁ ଜଣାନ୍ତୁ। ଏହା ଫଳରେ ସେମାନେ ସମୟ କଟାଇବା ପାଇଁ ନିଜେ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହୋଇପାରିବେ ଓ କାହା ଉପରେ ନିର୍ଭର କରିବେ ନାହିଁ। ଏହା ଫଳରେ ଆପଣଙ୍କର ବି କାମ କମ୍ ହୋଇଯିବ।





➡ ସ୍ମାର୍ଟଫୋନର ସବୁ ଫିଚର୍ସ ସମ୍ପର୍କରେ ସେମାନଙ୍କୁ ଜଣାନ୍ତୁ। ଫଳରେ ସେମାନେ ନିଜ ଇଚ୍ଛାରେ ଫଟୋ ଉଠାଇବା, ଭିଡିଓ ସୁଟ୍ କରିବା ଆଦି କାମ କରିପାରିବେ। ତେଣୁ ନିଜର ନିଃସଙ୍ଗତା ବି ଦୂର କରିପାରିବେ।

➡ ସୋସିଆଲ୍ ମିଡିଆରେ ସେମାନଙ୍କୁ ସାମିଲ୍ କରନ୍ତୁ। ହ୍ୱାଟ୍ସ ଆପ୍ କିମ୍ବା ଫେସବୁକ୍ ଆଦି ଯେ କୌଣସି ଲୋକପ୍ରିୟ ସୋସିଆଲ୍ ମିଡିଆରେ ସେମାନଙ୍କ ଆକାଉଣ୍ଟ ଖୋଲି ସେମାନଙ୍କୁ ବିଭିନ୍ନ ଲୋକଙ୍କ ସହିତ ଯୋଡନ୍ତୁ। ଏପରି କରିବା ଫଳରେ ସେମାନେ ବେଶ୍ ଖୁସି ହୋଇପାରିବେ ଓ ନିଜ ମନ କଥା ପ୍ରକାଶ କରିବାର ଏକ ମାଧ୍ୟମ ପାଇପାରିବେ।

➡ ଇଣ୍ଟରନେଟ୍ ମାଧ୍ୟମରେ ମନପସନ୍ଦର ଖବରକାଗଜ କିମ୍ବା ମାଗାଜିନ୍ ମଧ୍ୟ ପଢିହେବ। ଏ ସମ୍ପର୍କରେ ବିଭିନ୍ନ ହେଲ୍‌ପ ଲାଇନ୍ କିମ୍ବା ୱେବସାଇଟ୍ ବିଷୟରେ ଜଣାନ୍ତୁ। କାରଣ ଆବଶ୍ୟକ ସମୟରେ ସେସବୁର ଉପଯୋଗ କରିପାରିବେ।

## ଏ ସପ୍ତାହର ପ୍ରଶ୍ନ

୧– କାଉନ୍ସିଲ୍ ଅଫ୍ ସାଇନ୍‌ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ.......... ମସିହାରେ ପ୍ରତିଷ୍ଠା କରାଯାଇଥିଲା ?
୨– ଭାରତୀୟ ରେଳ ବିଭାଗ ଦିନକୁ.........କୁ ୧୦,୦୦୦ଟି ପାଣି ବୋତଲ ଯୋଗାଇଦେଉଛି ?
୩–ଗ୍ଲୋବାଲ୍ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦେଶ...... ?
୪– ଇଣ୍ଡିଆନ୍ ରେଲୱେର କଷ୍ଟମର ସର୍ଭିସ ନମ୍ବର..... ?
୫– ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା.........ରେ ଆରମ୍ଭ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ରାଷ୍ଟ୍ରପତି
୨ ଦୁର୍ଗା ଦାସ ବାବୁ
୩ ୧୮୫୩
୪ ୱାଇଲ୍ଡ ଫ୍ଲାୱାର ହଲ୍, ଶିମ୍‌ଲା
୫ ହରପାଲ୍ ସିଂ

## ଉତ୍ତର ଦାତା


ଦିବ୍ୟଲୋଚନ ପଣ୍ଡା, ବ୍ରହ୍ମପୁର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଅଜବ ନାମ ଥିବା ଏୟାରପୋର୍ଟ



ବ୍ୟାଟମ୍ୟାନ ଏୟାରପୋର୍ଟ

୧– ବ୍ୟାଟମ୍ୟାନ ଏୟାରପୋର୍ଟ........................ ତୁର୍କୀ
୨– ୟୁଜ୍‌ଲେସ୍ ଲୁପ୍ ଏୟାରପୋର୍ଟ........................ ଅଷ୍ଟ୍ରେଲିଆ
୩– ମାଫିଆ ଏୟାରପୋର୍ଟ........................ ତାନ୍‌ଜାନିଆ
୪– ମୋରନ୍ ଏୟାରପୋର୍ଟ........................ ମଙ୍ଗୋଲିଆ
୫– ଓଜଲ୍ ଏୟାରପୋର୍ଟ........................ ଗୁଆନା
୬– ବ୍ରେଷ୍ଟ ଏୟାରପୋର୍ଟ........................ ଫ୍ରାନ୍ସ
୭– ଇକ୍ ଏୟାରପୋର୍ଟ........................ ଆମେରିକା
୮– ବ୍ଲାକ୍ ଟିକ୍‌ଲ ଏୟାରପୋର୍ଟ........................ କାନାଡା
୯– ପିକ୍‌ଲ ଲେକ୍ ଏୟାରପୋର୍ଟ........................ କାନାଡା
୧୦– ରାସ୍ପବେରୀ ଷ୍ଟ୍ରେଟ୍ ଏୟାରପୋର୍ଟ........................ ଆମେରିକା

# ଇମ୍ୟୁନିଟି ବୁଷ୍ଟର



**କରୋନାର ପ୍ରଭାବରୁ ରକ୍ଷା ପାଇବା ପାଇଁ ହେଲେ ଏବେ ସମସ୍ତେ ନିଜର ଇମ୍ୟୁନିଟି ବଢାଇବା ଦରକାର। ତେଣୁ ନିଜ ଡାଏଟ୍ ପ୍ଲାନରେ ଏଭଳି ଖାଦ୍ୟ ସାମିଲ୍ କରନ୍ତୁ, ଯାହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବ। ଜାଣନ୍ତୁ ସେ ସମ୍ପର୍କରେ..**

– ପ୍ରତିଦିନ ସକାଳୁ ଖାଲିପେଟରେ ଜିରା କିମ୍ବା ଡାଲଚିନି ଭିଜା ହୋଇଥିବା ପାଣି ପିଅନ୍ତୁ। ଏହା ସହିତ ୫ଟି କାଜୁବାଦାମ କିମ୍ବା ଅଖରୋଟ ଖାଆନ୍ତୁ।

– ଜଳଖିଆରେ ପନିର୍ ସାଣ୍ଡୱିଚ୍, ଆମ୍‌ଲେଟ୍, ଓଟ୍‌ସ କିମ୍ବା ଉପମା ଆଦି ଖାଆନ୍ତୁ।

– ସକାଳ ଦଶଟାରୁ ବାରଟା ମଧ୍ୟରେ କ୍ୱିବି, ସେଓ କିମ୍ବା କମଳା କିଛି ଖାଆନ୍ତୁ।

– ମଧ୍ୟାହ୍ନ ଭୋଜନରେ ଭାତ, ସମ୍ବର, ରୁଟି ପାଳଙ୍ଗ ଡାଲି, ଖେଚୁଡ଼ି, ଦହି ଆଦି ଖାଆନ୍ତୁ।

– ଅପରାହ୍ନ ସମୟରେ ଡାଲଚିନି ଓ ଅଦା ଚା କିମ୍ବା ଅଦା, ଲେମ୍ବୁ ମିଶା ଗ୍ରୀନ୍‌ଟି ଆଦି ପିଅନ୍ତୁ।

– ସନ୍ଧ୍ୟା ୫ଟାରୁ ୬ଟା ସମୟରେ କିଛି ଫଳ ଖାଆନ୍ତୁ। ଏହା ବ୍ୟତୀତ କିଛି ଭେଜ୍ ସୁପ୍ ବା ପନିର କିମ୍ବା ଟୋଫୁ ଖାଆନ୍ତୁ।

## ତେଲଙ୍ଗାନାରେ ଓଡ଼ିଆ ଶ୍ରମିକଙ୍କୁ ମିଳିଲା ସହାୟତା

ଅସ୍ତରଙ୍ଗ,୨୫।୪(ଡି.ଏନ.ଏ): କରୋନା କଟକଣା ପରେ ରାଜ୍ୟ ବାହାରେ ଅନେକ ଶ୍ରମଜୀବୀ ଫସିରହିଛନ୍ତି । ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଛୁରିଆନା ପଞ୍ଚାୟତରୁ ତେଲଙ୍ଗାନାର ହାଇଦ୍ରାବାଦ ସହରରେ ଫସିରହିଥିଲେ ୨୫ ଜଣ ଯୁବକ। ଏହା ଜାଣିବା ପରେ ଅସ୍ତରଙ୍ଗ ପଞ୍ଚାୟତ ମାଳଦା ଗ୍ରାମର ଯୁବକ ଅମୀୟ ରଞ୍ଜନ ବାରିକ ଏ ସମ୍ପର୍କରେ ତେଲଙ୍ଗାନା ପ୍ରଶାସନଙ୍କୁ ଟୁଇଟ କରି ଜଣାଇଥିଲେ। ଏହାର ଦୁଇ ଘଣ୍ଟା ପରେ ଶ୍ରମଜୀବୀମାନଙ୍କ ପାଖରେ ତେଲଙ୍ଗାନା ପ୍ରଶାସନ ପହଞ୍ଚି ତ୍ୱରିତ ରନ୍ଧାଖାଦ୍ୟ ଯୋଗାଇଥିଲେ। ଯେପର୍ଯ୍ୟନ୍ତ ଲକଡାଉନ ନ ହଟିଛି ସେ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଶ୍ରମିକମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।

**ସଂକ୍ଷେପରେ**

## କ୍ରେନ୍ ଚକ ଚଢ଼ିଯିବାରୁ ଶ୍ରମିକ ମୃତ

**ବ୍ରହ୍ମଗିରି,୨୫।୪(ଡି.ଏନ.ଏ):** ବ୍ରହ୍ମଗିରି ଥାନା ଅଧୀନ ପଲଙ୍କ ଗାଁରେ ପାନୀୟଜଳ ପ୍ରକଳ୍ପର ପାଇପଲାଇନ୍ କାମ ଚାଲିଥିବାବେଳେ ଶନିବାର କ୍ରେନ୍ ଚକାତଳେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଠୁଆଆରେଡି ଗ୍ରାମର ବିଭୂତି ପାତ୍ର। ବ୍ରହ୍ମଗିରି ବାଲିହରଚଣ୍ଡୀ ରାସ୍ତାର ପଲଙ୍କ ଗ୍ରାମରେ ପାଇପ୍ ଲାଇନ୍ କାମ ଚାଲିଥିଲା। କାମରେ ବିଭୂତି ଶ୍ରମିକ ଭାବେ ନିୟୋଜିତ ଥିଲେ। କ୍ରେନ ଦ୍ୱାରା ପାଇପ୍ ଉଠାଯାଉଥିବାବେଳେ କ୍ରେନ୍ ବେଲ୍ଟ ଛିଣ୍ଡିଯିବାରୁ ବିଭୂତିଙ୍କ ଦେହରେ ପାଇପ୍ ପିଟି ହୋଇଥିଲା। ଫଳରେ ସେ କ୍ରେନ୍ ସାମ୍ନାକୁ ଛିଟିକି ପଡ଼ିଥିଲେ। ଚକା ତାଙ୍କ ଉପରେ ଚଢ଼ିଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ବଜ୍ରପାତରେ ଯୁବକ ମୃତ

**ବ୍ରହ୍ମଗିରି,୨୫।୪(ଡି.ଏନ.ଏ):** ପୁରୀ ଜିଲା ବ୍ରହ୍ମଗିରି ଥାନା ଅଧୀନ ସହଦେବପୁର ଗ୍ରାମରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ତୋଷ ଛୋଟରାୟ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ବ୍ରହ୍ମଗିରିରେ କାଳବୈଶାଖୀ ବର୍ଷା ଓ ବଜ୍ରପାତ ଲାଗିରହିଥିଲା। ସେହି ସମୟରେ ସନ୍ତୋଷ ନିଜ ବାଡ଼ିପଟୁ ଘରକୁ ଫେରୁଥିବାବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ତାଙ୍କୁ ଘରଲୋକେ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ସଦର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ୨୮ରେ ସଂଗ୍ରହ ହେବ ସନ୍ଦିଗ୍ଧଙ୍କ ସ୍ୱାବ୍

**ବଡ଼ମ୍ବା,୨୫।୪(ଡି.ଏନ.ଏ.):** ଲକ୍‌ଡାଉନ୍ ଜାରି ରହିଥିବାବେଳେ ଏବେ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଗ୍ରାମର ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଉଛି। ଏହିକ୍ରମରେ ବଡ଼ମ୍ବା ବ୍ଲକ ଅଞ୍ଚଳର ଆଶା ଓ ଅଙ୍ଗନୱାଡି କର୍ମୀ ପ୍ରତ୍ୟେକ ଗ୍ରାମ ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ତେବେ ଯେଉଁମାନଙ୍କ ଥଣ୍ଡା, ଜ୍ୱର କିମ୍ବା ଅନ୍ୟ ଲକ୍ଷଣ ଦେଖାଯାଉଛି ସେମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରାଥମିକଭାବେ ଆସନ୍ତା ୨୮ ତାରିଖରେ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟଠାରେ ସନ୍ଦିଗ୍ଧଙ୍କ ସ୍ୱାବ୍ ସଂଗ୍ରହ କରାଯିବ। ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡ. ବିଶ୍ୱନାଥ ଆଢେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଡିଓ ଉଜ୍ଜଳ ରଞ୍ଜନ ଆଚାର୍ଯ୍ୟ, ତହସିଲଦାର ଅନିଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସି ୱାର୍ଡ ଅଫିସ୍‌ରେ ହେବ ପଞ୍ଜୀକରଣ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ):** କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ଓଡ଼ିଶା ଫେରନ୍ତା ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର କିଛି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବାହାରୁ ଫେରୁଥିବା ସମସ୍ତଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଓଡ଼ିଶା ଫେରିବାକୁ ଚାହୁଁଥିବା ଲୋକ ନିଜେ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କ ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳର ନୋଡାଲ ଅଫିସରଙ୍କ ଦ୍ୱାରା ନାମ ପଞ୍ଜୀକରଣ କରିପାରିବେ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ପୌରାଞ୍ଚଳ ଅଧିକାରୀ ଓ ଜିଲାପାଳଙ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଭୁବନେଶ୍ୱର ଫେରନ୍ତାଙ୍କ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛି। ସେମାନେ covid19.odisha.gov.inରେ ପଞ୍ଜୀକରଣ କରିପାରିବେ ନଚେତ୍ ବିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ଟୋଲଫ୍ରି ନମ୍ବର ୧୯୨୯ କିମ୍ବା ସବୁ ୱାର୍ଡରେ ଥିବା ୱାର୍ଡ ଅଫିସ୍‌ରେ ଯାଇ ନାମ ପଞ୍ଜୀକରଣ କରିପାରିବେ। ଅନ୍‌ଲାଇନ ପଞ୍ଜୀକରଣରେ କୌଣସି ସମସ୍ୟା ଉପୁଜୁଛି ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କୀୟ ଯାଇ ୱାର୍ଡ ଅଫିସ୍‌ରେ ପଞ୍ଜୀକରଣ କରାଇପାରିବେ। ପଞ୍ଜୀକରଣ ପରେ ସମ୍ପୃକ୍ତ ବ୍ୟକ୍ତି ବିନା କୌଣସି ବାଧାରେ ଭୁବନେଶ୍ୱର ଫେରିପାରିବେ। ଫେରିବା ପରେ ବାଧ୍ୟତାମୂଳକ ସେ କ୍ୱାରାଣ୍ଟାଇନ୍‌ରେ ରହିବେ। ଯଦି ସେ ହୋଟେଲ୍‌ରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଚାହୁଁଛନ୍ତି, ତେବେ ବିଏମ୍‌ସି ଦ୍ୱାରା ଆରମ୍ଭ କରାଯାଇଥିବା ଦେୟଯୁକ୍ତ ସୁବିଧା ପ୍ରଦାନ କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି।

# ସହରକୁ ଆସୁଛି ଗାଁ ଦେଶୀ ରନ୍ଧା ମଦ

**ଲକ୍‌ଡାଉନରେ ବଢ଼ିଛି ମଦ କାରବାର**

**କଟକ ଅଫିସ,୨୫।୪**

କରୋନା ସଂକ୍ରମଣ ରୋକିବାକୁ ଜାରି ହୋଇଛି ଲକ୍‌ଡାଉନ। ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡ଼ି ଅନ୍ୟ ସବୁ ଦୋକାନ ବନ୍ଦ ରହିଛି। ବିଶେଷକରି ସର୍ବାଧିକ ରାଜସ୍ୱ ଦେଉଥିବା ମଦ ଦୋକାନଗୁଡ଼ିକ ମଧ୍ୟ ବନ୍ଦ ରହିଛି। ଏହାର ସୁଯୋଗ ନେଇ ସହରକୁ ପ୍ରଚୁର ପରିମାଣରେ ଚୋରା ଦେଶୀ ମଦ ଆସୁଛି। ପୂର୍ବରୁ ଏଭଳି ଚିତ୍ର କଟକରେ ଦେଖିବାକୁ ମିଳି ନଥିବା ବେଳେ ଏବେ ଅବକାରୀ ବିଭାଗର ଏକ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଜିଲା ଅବକାରୀ ବିଭାଗ ପକ୍ଷରୁ ପ୍ରତ୍ୟେକ ଦିନ ସହରର ପ୍ରବେଶ ପଥରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଦେଶୀ ମଦ ଜବତ କରାଯାଉଛି। ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳରେ ଥିବା ଚୋରା ଦେଶୀ ମଦ ଭାଟିରେ ମଧ୍ୟ ଚଢ଼ାଉ ହେଉଛି। କଟକ ଉପକଣ୍ଠ ଗ୍ରାମାଞ୍ଚଳରୁ ବ୍ୟାପକ ପରିମାଣର ଦେଶୀ ମଦ ସହର ଭିତରକୁ ଅଣାଯାଉଥିବା ଜଣାପଡ଼ିଛି।

ଲକ୍‌ଡାଉନ ବଳବତ୍ତର ଥିଲେ ସୁଦ୍ଧା ବେଆଇନ ଭାବେ ମଦ ବେପାର ଜୋରଦାର ଚାଲିଛି। ମଦ ବେପାରୀମାନେ ଚୋରାରେ ଓ ଖୁବ୍ ସତର୍କତାର ସହ ଗ୍ରାହକଙ୍କ ନିକଟରେ ମଦ ପହଞ୍ଚାଉଛନ୍ତି। ଆଠଗଡ଼, ଚୌଦ୍ୱାରରୁ ଜଗତପୁର ଛକଦେଇ ଏବଂ ବାଙ୍କୀ ଅଞ୍ଚଳରୁ ମୁଣ୍ଡଳୀ କିମ୍ବା ତ୍ରିଶୁଳିଆ ଛକ ଦେଇ କଟକ ଭିତରକୁ ଏହି ସବୁ ଦେଶୀ ରନ୍ଧା ମଦ ସହର ଭିତରକୁ ଚାଲାଣ କରାଯାଉଛି। ଗତ ଗୁରୁବାର ମିଳିଥିବା ରିପୋର୍ଟରୁ କଟକ ଜିଲା ଅବକାରୀ ବିଭାଗ ମୋଟ ୨୩୩.୨୪୦ ଲିଟର ମଦ ଜବତ କରିଛି। ଏହାଛଡ଼ା ଶୁକ୍ରବାର ମଧ୍ୟ କଟକ ଉପକଣ୍ଠ ବିଭିନ୍ନ ସ୍ଥାନରୁ ଦେଶୀ ମଦ ଜବତ କରାଯାଇଥିବାବେଳେ ଶନିବାର ବାଙ୍କୀ ଅଞ୍ଚଳର କିଛି ଦେଶୀ ମଦ ଭାଟିରେ ଚଢ଼ାଉ କରାଯାଇ ଭାଟି ସବୁ ଭଙ୍ଗାଯାଇ ନଷ୍ଟ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ସେମାନେ କୁହନ୍ତି...**



ଲକ୍‌ଡାଉନ ଯୋଗୁ ଯାତାୟାତ ବନ୍ଦ ଥିବାରୁ ଗ୍ରାମାଞ୍ଚଳରେ ଦେଶୀ ରନ୍ଧା ମଦର ଉତ୍ପାଦନ ବଢ଼ିଛି। ଲୋକ ବେଆଇନ ଭାବେ ଏହି କାର୍ଯ୍ୟ କରୁଛନ୍ତି। ଏହାକୁ ରୋକିବାକୁ ବିଭିନ୍ନ ସମୟରେ ଚଢ଼ାଉକୁ ଜୋରଦାର କରାଯାଉଛି। ସହରରେ ମଦ ମିଳୁ ନ ଥିବାରୁ ଗ୍ରାମାଞ୍ଚଳ ଲୋକଙ୍କ ସହାୟତାରେ କଟକ ଭିତରକୁ ମଦ ଅଣାଯାଉଛି। ବିଭିନ୍ନ ଗାଡ଼ି ଜବତ ହୋଇଥିବାବେଳେ ଅନେକେ ଗିରଫ ହୋଇ ସାରିଲେଣି। ତଥାପି ନିୟମିତ ଭାବେ ଦେଶୀ ରନ୍ଧା ମଦ ଜବତ କରୁଛୁ। ଆଗାମୀ ଦିନରେ ଏହାକୁ ଜୋରଦାର କରାଯିବ।

**–ଅଶୋକ କୁମାର ଶତପଥୀ, ସୁପରିଣ୍ଟେଣ୍ଡେଣ୍ଟ, ଜିଲା ଅବକାରୀ**



ଏହା ଏକ ରୁଗ୍‌ଣ ମାନସିକତା । ଲକ୍‌ଡାଉନ ସମୟରେ ସବୁ ବନ୍ଦ ଥିବାରୁ ମଦ ଛାଡ଼ିବାର ଏକ ସୁବର୍ଣ୍ଣ ସୁଯୋଗ ଲୋକଙ୍କ ପାଖକୁ ଆସିଛି। ହେଲେ ଲୋକ ଏହା ବୁଝି ପାରୁନାହାନ୍ତି। ନିୟମିତ ମଦ ପିଉଥିବା ବ୍ୟକ୍ତି ହଠାତ୍ ମଦ ବନ୍ଦ କରିଦେଲେ ପ୍ରଥମ ଦୁଇସପ୍ତାହ ତାଙ୍କ ନିକଟରେ ଅସ୍ୱାଭାବିକ ବ୍ୟବହାର ଦେଖିବାକୁ ମିଳେ। ଦେହ ହାତ ଥରିବା ସହ ଝାଳ ବାହାରେ। ରାତିରେ ନିଦ ମଧ୍ୟ ହୁଏନି । ହେଲେ ମନୋବଳ ବଢ଼ାଇବା ଦରକାର। ମଦ ଉପରେ ନିର୍ଭରଶୀଳ ନ ହୋଇ ନିଜକୁ ମାନସିକ ଭାବେ ଶକ୍ତ କରିବା ଉଚିତ।

**–ଡା. ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ**

ଲାଇସେନ୍ସପ୍ରାପ୍ତ ବିଦେଶୀ ଓ ଦେଶୀ ମଦ ଦୋକାନ ଏବେ ବନ୍ଦ। ଏଣୁ ଗାଁ ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ ଅଧିକ ଉତ୍ପାଦନ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ଯଦି ଚୋରା ଦେଶୀମଦ କାରବାର ଚାଲିବ ତେବେ ୧୯୯୨ରେ କଟକରେ ହୋଇଥିବା ମଦମୃତ୍ୟୁ ଘଟଣାର ପୁନରାବୃତ୍ତି ହୋଇପାରେ ବୋଲି ଆଶଙ୍କା କରାଯାଉଛି।

# ଖୋର୍ଦ୍ଧା ଗାମୁଛାରେ ପ୍ରସ୍ତୁତ ମାସ୍କର ଚାହିଦା ବୃଦ୍ଧି

**ଖୋର୍ଦ୍ଧା ଅଫିସ,୨୫।୪**

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଦେଶରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ବାହାରକୁ ବାହାରିଲେ ମାସ୍କ ପରିଧାନ ଲାଗି ସରକାର କଟକଣା କରିଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ମାସ୍କର ଚାହିଦା ବୃଦ୍ଧି ପାଇଛି। ଏହି ପ୍ରେରିପ୍ରେକ୍ଷୀରେ ଖୋର୍ଦ୍ଧା ପୌର ପ୍ରଶାସନ ଆନୁକୂଲ୍ୟରେ ୫ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଖୋର୍ଦ୍ଧା ଗାମୁଛା ଓ କପଡାର ମାସ୍କ ପ୍ରସ୍ତୁତ କରୁଛନ୍ତି। ସମ୍ବଲପୁରୀ କପଡାରେ ମାସ୍କକୁ ଜନସାଧାରଣ ପସନ୍ଦ କରିଥିବା ବେଳେ ଏବେ ଖୋର୍ଦ୍ଧା ଗାମୁଛାର ପ୍ରସ୍ତୁତ ମାସ୍କର ଚାହିଦା ବୃଦ୍ଧି ପାଇଛି। ଏସ୍‌ଏସ୍‌ଜି ଗ୍ରୁପ ଦ୍ୱାରା ପ୍ରସ୍ତୁତ ଏହି ମାସ୍କକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏ ନେଇ ଖୋର୍ଦ୍ଧା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କୁହନ୍ତି, ୧୦ ହଜାର ମାସ୍କ ପ୍ରସ୍ତୁତ ଲାଗି ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୫ଟି ଗ୍ରୁପ ଖୋର୍ଦ୍ଧା ଗାମୁଛାରୁ ମାସ୍କ ପ୍ରସ୍ତୁତ କରି ଏକ ହଜାର ପୌର କାର୍ଯ୍ୟାଳୟକୁ ପ୍ରଦାନ କରିଛନ୍ତି। କେତେଗୋଟି ଏସ୍‌ଏସ୍‌ଜି



ଏହାର ବ୍ରିକି ବଟା ଆରମ୍ଭ କରିଛନ୍ତି। ଲୋକଙ୍କ ଚାହିଦାକୁ ଦେଖି ଏହାକୁ ବ୍ୟାପକ ପରିମାଣରେ ପ୍ରସ୍ତୁତ ଲାଗି ଗ୍ରୁପ ମହିଳାଙ୍କୁ କୁହାଯାଇଛି।



ବିଦ୍ୟାଳୟରେ ବଣ୍ଟନ ହେଉଥିବା ସରକାରୀ ପାଠ୍ୟପୁସ୍ତକ ଧରି ପିଲାମାନେ ଶନିବାର ଝାଞ୍ଜିରମଙ୍ଗଳା ରାସ୍ତାରେ ଫେରୁଛନ୍ତି।

## ଅସଦାଚରଣ ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

**ଖୁଣ୍ଟୁଣୀ,୨୫।୪(ଡି.ଏନ.ଏ.)**

ଗୁରୁଡିଝାଟିଆ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାରଣ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ଶନିବାର ପୋଲିସ ଗିରଫ କରିଛି। ଯୁବକ ଜଣକ ତାଙ୍କ ମୋବାଇଲ ଫୋନରୁ ଅଶ୍ଳୀଳ ଭିଡିଓ ଦେଖାଇ ନାବାଳିକାଙ୍କୁ ପ୍ରବର୍ତ୍ତାଉଥିବା ବେଳେ ତାଙ୍କ ସାଙ୍ଗମାନେ ଏହା ଦେଖି ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ ବିଜୟ କୁମାର ବିସି ଘଟଣାସ୍ଥଳରେ ପହଞ୍ଚି ଯୁବକ ଜଣକ ନାବାଳିକାଙ୍କୁ ଏକ ଘର ଭିତରକୁ ନେଉଥିବା ବେଳେ କାବୁକରିନେଇଥିଲେ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବିସି ସୂଚନା ଦେଇଛନ୍ତି। ଥାନାରେ ନଂ.୫୦/୨୦ରେ ଏକ ମାମଲା ରୁଜୁ ହୋଇଛି।

# ଶ୍ରୀକ୍ଷେତ୍ର ବାହାରେ ହୋଇଛି ଚନ୍ଦନଯାତ୍ରା

**ପୁରୀ ଅଫିସ, ୨୫।୪**

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଚନ୍ଦନ ଯାତ୍ରା ଅନ୍ୟତମ । ଏହି ଯାତ୍ରା ବୈଶାଖ ଶୁକ୍ଳପକ୍ଷ ତୃତୀୟା ତିଥିରେ ଆରମ୍ଭ ହୁଏ। ଓଡ଼ିଶାରେ ଏହି ଦିନଟି ଅକ୍ଷୟ ତୃତୀୟା ନାମରେ ପ୍ରସିଦ୍ଧ। ଶ୍ରୀମନ୍ଦିରରେ ସବୁଠୁ ଦୀର୍ଘକାଳୀନ ଯାତ୍ରା ଭାବେ ଚନ୍ଦନ ଯାତ୍ରା ପରିଚିତ। ଏହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀରେ ସରିଥାଏ। ଏଥିମଧ୍ୟରୁ ବାହାର ଚନ୍ଦନ ୨୧ଦିନ ଏବଂ ଭିତର ଚନ୍ଦନ ୨୧ଦିନ ହୁଏ। ତେବେ ଏଥର କରୋନା କଟକଣା ଯୋଗୁ ବାହାର ଚନ୍ଦନ ଶ୍ରୀମନ୍ଦିର ଭିତରେ ହେଉଛି। ପୂର୍ବରୁ ମଧ୍ୟ କିଛି ପ୍ରତିକୂଳ ପରିସ୍ଥିତି ଯୋଗୁ ଶ୍ରୀକ୍ଷେତ୍ର ବାହାରେ ହୋଇଛି ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା।

ବାହାର ଚନ୍ଦନରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ, ଶ୍ରୀରାମ, ଶ୍ରୀକୃଷ୍ଣ ଏବଂ ପଞ୍ଚ ମହାଦେବ ବିଜେ କରନ୍ତି ଚନ୍ଦନ ପୋଖରୀକୁ। ମହାପ୍ରଭୁଙ୍କ ଚନ୍ଦନ ପୋଖରୀ ହେଉଛି ନରେନ୍ଦ୍ର। ଶ୍ରୀମନ୍ଦିରରୁ ମଣିବିମାନ ଏବଂ ପାଲିଙ୍କିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବଡ଼ଦାଣ୍ଡ ଦେଇ ବିଜେ କରୁଥିବାବେଳେ ପଞ୍ଚ ମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱର) ନିଜ ନିଜ ମନ୍ଦିରରୁ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥାନ୍ତି। ନରେନ୍ଦ୍ରରେ ପହଞ୍ଚିବାପରେ ପ୍ରଥମେ କର୍ପୂରର ଜଳରେ ମଣୋହି କରାଯାଏ। ପୂର୍ବରୁ ସୁସଜ୍ଜିତ ଥିବା ନନ୍ଦା ଓ ଭଦ୍ରା ଚାପରେ ଦେବଦେବୀ ବିଜେ କରି ନୌବିହାର କରିଥାନ୍ତି। ଏହାକୁ ଦିନ ଚାପ କୁହାଯାଏ। ଗୋଟିଏ ଘେରା ନୌବିହାର ହୁଏ। ରାତି ଚାପରେ ୩ ଘେରା ବୁଲିଥାନ୍ତି। ଏହାପରେ ଆବଶ୍ୟକ ନୀତି ସାରି ଫେରିଥାନ୍ତି। ବାହାର ଚନ୍ଦନ ୨୧ଦିନ ମଧ୍ୟରୁ ୨୦ତମ ଦିନରେ ରାତି ଚାପ ୨୧ ଘେରା ହୁଏ। ଏହାକୁ ଭଉଁରୀ ଯାତ୍ରା କୁହାଯାଏ। ୨୧ତମ ଦିନ ଚାପ ହୁଏ ନାହିଁ, କେବଳ ହଳଦୀ ପାଣି ନୀତି କରାଯାଏ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି ଶ୍ରୀମନ୍ଦିର ଆକ୍ରମଣ ସମୟରେ ଅନେକଥର ଚନ୍ଦନ ଯାତ୍ରା ବନ୍ଦ ରହିଛି। ୧୬୦୧ ମସିହାରେ ମିର୍ଜା ଖୁରୁମ୍ ଆକ୍ରମଣ କାଳରେ ଚନ୍ଦନ ଯାତ୍ରା କପିଳେଶ୍ୱରପୁରଠାରେ ହୋଇଥିଲା। ସେହିପରି ୧୬୨୧ରେ ଗଡ଼ମାଣତ୍ରୀଠାରେ ଏବଂ ୧୬୯୨ରେ ଗଡ଼କୋକଲଠାରେ ଚନ୍ଦନ ଯାତ୍ରା ହୋଇଥିଲା। ଗଙ୍ଗବଂଶର ଗଜପତି ଦ୍ୱିତୀୟ ନରସିଂହ ଦେବଙ୍କ (୧୨୭୮–୧୩୦୬) ସମୟରେ ଚନ୍ଦନ ଯାତ୍ରା ଉତ୍ସବ ଆରମ୍ଭ ହୋଇଥିବା ଇତିହାସରୁ ଜଣାପଡେ ବୋଲି ଡ. ମିଶ୍ର କହିଛନ୍ତି ।

## ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଗୋପ,୨୫।୪(ଡି.ଏନ୍.ଏ.)**

ଗୋପ ଥାନା ଅଧୀନ ହନ୍ତସରା ଗ୍ରାମର ଅଜୟ ବିଶୋଇଙ୍କ ପତ୍ନୀ ଡଲିଲତା (୩୦) ଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି। ସେ ଗର୍ଭବତୀ ଥିଲେ। ହେଲେ ପ୍ରସବ ଆଗରୁ ତାଙ୍କ ମୃତ୍ୟୁ ସନ୍ଦେହ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ୨୦୧୦ ମସିହାରେ ଅଜୟ ବଳଙ୍ଗାର ଡଲିଲତାଙ୍କୁ ବିବାହ କରିଥିଲେ। ତାଙ୍କର ୨ଟି ଝିଅ ଅଛନ୍ତି । ପୁଅଟିଏ ପାଇଁ ଡଲିଲତା ତୃତୀୟ ଥର ଗର୍ଭବତୀ ହୋଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଡଲିଲତା ଜଳଖିଆ ଖାଇବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ଅଜୟ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ଲାଗି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ବର୍ଷା ପବନ ହେଉଥିବାରୁ ଡାକ୍ତରଖାନା ନେବାରେ ବିଳମ୍ବ ହୋଇଥିଲା। ଘଣ୍ଟାଏ ପରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ମୃତ୍ୟୁ ଘୋଷଣା କରିଥିଲେ। ମୃତ୍ୟୁବେଳକୁ ଡଲିଲତାଙ୍କ ପାଟି ଓ ନାକରୁ ରକ୍ତମିଶା ଫେଣ ବାହାରୁଥିଲା,ଯାହାକୁ ନେଇ ଡାକ୍ତରଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ସେ ଗୋପ ଥାନାକୁ ଏ ସମ୍ପର୍କରେ ଅବଗତ କରିଥିଲେ। ପୋଲିସ ଶନିବାର ସକାଳୁ ମୃତଦେହ ବ୍ୟବଚ୍ଛେଦ ଲାଗି ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ଡଲିଲତାଙ୍କ ଭାଇ ଶଙ୍କର ମୁଦୁଲି ଅଭିଯୋଗ ଦେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ ମହିଳା ବେଦପୁର ପଞ୍ଚାୟତ ଅଧୀନ ୧୮ ନମ୍ବର ୱାର୍ଡର ୱାର୍ଡସଭ୍ୟ ବୋଲି ଜଣାପଡ଼ିଛି । ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସରପଞ୍ଚ ଶଙ୍ଖଲତା ମିଶ୍ର ଦାବି କରିଛନ୍ତି ।

## ସ୍ୱାମୀ ଦିବ୍ୟାନନ୍ଦଙ୍କ ସ୍ପିରିଚୁଆଲ ଏକାଡେମୀର ସେବାକାର୍ଯ୍ୟ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

କରୋନା ମହାମାରୀର ମହାବିପତ୍ତି ସମୟରେ ସ୍ୱାମୀ ଦିବ୍ୟାନନ୍ଦଙ୍କ ସ୍ପିରିଚୁଆଲ ଏକାଡେମୀ ପକ୍ଷରୁ ପୁରୀ, ଭୁବନେଶ୍ୱରରେ ବିଭିନ୍ନ ସେବାକାର୍ଯ୍ୟ କରାଯାଉଛି। କ୍ଷୁଧାର୍ତ୍ତ ଲୋକଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କୁ ଆହାର ଦିଆଯାଉଛି। ପୁରୀ ଶ୍ରୀମନ୍ଦିର ଭକ୍ତଙ୍କ ଲାଗି ବନ୍ଦ ହେବା ପରେ ମାଙ୍କଡମାନେ ଅନାହାରରେ ରହୁଥିଲେ। ଏକାଡେମୀ ପକ୍ଷରୁ ମାଙ୍କଡମାନଙ୍କୁ ବିଭିନ୍ନ ଫଳ ଖାଇବାକୁ ଦିଆଯାଉଛି। ସେହିପରି ଲକ୍‌ଡାଉନ ଯୋଗୁ ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରେ କ୍ଷୁଧାର୍ତ୍ତ ଲୋକମାନେ ପିଲାଛୁଆ ଧରି ଫଶି ରହିଥିବା ସମ୍ପର୍କରେ ସ୍ୱାମୀ ଦିବ୍ୟାନନ୍ଦଙ୍କୁ କେହି ଜଣେ ଅବଗତ କରାଇଥିଲେ। ଏହାପରେ ଏକାଡେମୀ ପକ୍ଷରୁ ସେମାନଙ୍କୁ ରନ୍ଧାଖାଦ୍ୟ ନିୟମିତ ଯୋଗାଇ ଦିଆଯାଉଛି। ସ୍ପିରିଚୁଆଲ ଏକାଡେମୀର ସେବାକାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଉଛି।

# ରିଲିଫ ବଣ୍ଟନରେ ଅନିୟମିତତା ଅଭିଯୋଗ

**ଚାଉଳିଆଗଞ୍ଜ ଥାନାରେ ଏତଲା ଦେଲା ଭାଜପା**

**କଟକ ଅଫିସ,୨୫।୪:**

ଅସହାୟଙ୍କୁ ରିଲିଫ ବଣ୍ଟନ କ୍ଷେତ୍ରରେ ଅନିୟମିତତା ହୋଇଛି। ଦଳୀୟ ଭିତ୍ତିରେ ରିଲିଫ ଦିଆଯାଉଥିବା ଭାଜପା ନୂଆବଜାର ମଣ୍ଡଳ ଅଭିଯୋଗ କରିଛି। ଏନେଇ ଶନିବାର ଦଳ ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଏତଲା ଦିଆଯାଇଛି। ଗୋପାଳ ବେହେରା, ପୂର୍ବତନ କର୍ପୋରେଟର ବୈଦେଶ୍ୱର ପଣ୍ଡା ଓ ଜଗଦାନନ୍ଦ ତ୍ରିପାଠୀ ପ୍ରମୁଖ ଏହି ଏତଲା ପ୍ରଦାନ କରିଛନ୍ତି। ଲକ୍‌ଡାଉନ ବେଳେ ସହରରେ ଅସହାୟଙ୍କୁ ରିଲିଫ ପ୍ରଦାନ ଲାଗି ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ପ୍ରତ୍ୟେକ ୱାର୍ଡରେ ନିଯୁକ୍ତ ୱାର୍ଡ ଅଫିସର ଓ କମ୍ୟୁନିଟି ଅର୍ଗାନାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ସରକାରୀ କର୍ମଚାରୀଙ୍କୁ ବାଦ ଦେଇ କଟକ-ଚୌଦ୍ୱାର ବିଧାୟକ ଦଳୀୟ କର୍ମୀଙ୍କ ମଧ୍ୟରେ



ସରକାରୀ ରିଲିଫ୍ ଅନିୟମିତତା ଅଭିଯୋଗ ନେଇ ଚାଉଳିଆଗଞ୍ଜ ଥାନାରେ ଭାଜପା ନୂଆବଜାର ମଣ୍ଡଳ ପକ୍ଷରୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ରିଲିଫ ସାମଗ୍ରୀ ବାଣ୍ଟୁଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଗତ ଶୁକ୍ରବାର ବିଧାୟକ ମହାନଦୀବିହାରସ୍ଥିତ ସିଏମ୍‌ସିର କମ୍ୟୁନିଟି ସେଣ୍ଟରରେ କମ୍ୟୁନିଟି ଅର୍ଗାନାଇଜରଙ୍କ ଉପସ୍ଥିତିରେ ଦଳୀୟକର୍ମୀଙ୍କୁ ରିଲିଫ୍ ସାମଗ୍ରୀ ବିତରଣ କରିଥିଲେ। ଏପରି କି ଏହି ସମୟରେ ସାମାଜିକ ଦୂରତ୍ୱ କଟକଣା ପାଳନ କରାଯାଇ ନ ଥିଲା। ସାଧାରଣ ଲୋକଙ୍କୁ ବିନା ମାସ୍କ ଓ ସୁରକ୍ଷାରେ ଏକତ୍ରିତ କରିବା ସହ ରିଲିଫ ପ୍ରଦାନରେ ପଲିଥିନ ବ୍ୟବହାର କରାଯାଉଥିବା ଏତଲାରେ ଦର୍ଶାଯାଇଛି।

## କୃଷ୍ଣପ୍ରସାଦରେ କାଳବୈଶାଖୀ



କାଳବୈଶାଖୀରେ ବିଦ୍ୟାଳୟର ଆଜ୍‌ବେଷ୍ଟସ ଉଡ଼ିଯାଇଛି।

**କୃଷ୍ଣପ୍ରସାଦ, ୨୫।୪ (ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଶୁକ୍ରବାର ସନ୍ଧ୍ୟା ୬ଟାରୁ କାଳବୈଶାଖୀ ହୋଇଥିଲା। ପ୍ରବଳ ବର୍ଷା ସହ ଝଡ ତୋଫାନ ହୋଇଥିଲା। ବିଭିନ୍ନ ସ୍ଥାନରେ ବଡବଡ ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଥିଲା। ସେହିଭଳି ଚଢେୟା ଫୁଲବାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଆଜବେଷ୍ଟସ ଉଡିଯାଇଛି। ବଡଅଁଳ ଗାଁର ବିରଞ୍ଚି ପ୍ରଧାନ ଏବଂ ସୁରେନ୍ଦ୍ର ପ୍ରଧାନଙ୍କ ଗୁହାଳ ଘର ଭାଙ୍ଗିଯିବା ସହ ୪ ଗାଈ ଗୁରୁତର ଭାବେ ଆହତ ହୋଇଛନ୍ତି। କୃଷ୍ଣପ୍ରସାଦରୁ ଘିମୁଦା ପେଣ୍ଠ, କୃଷ୍ଣପ୍ରସାଦରୁ ଚାରିଛକ ଚିଲିକା ନୂଆପଡା ଯାଏ ପଥପାର୍ଶ୍ୱରେ ଲଗା ଯାଇଥିବା ଗଛ ସବୁ ଭାଙ୍ଗି ଛାରଖାର ହୋଇପଡିଛି। ଶୁକ୍ରବାର ରାତିରୁ ଶନିବାର ସକାଳ ୬ଟା ଯାଏ ପ୍ରବଳ ବର୍ଷା ହୋଇଥିଲା।

# ଜବତ ମଦ ମୂଲ୍ୟ ୭୦ ଲକ୍ଷରୁ ଊର୍ଦ୍ଧ୍ୱ

**ବନ୍ଦ ଘରୁ ବିପୁଳ ବିଦେଶୀ ମଦ ମିଳିବା ଘଟଣା**

- ମାମଲା ରୁଜୁ କରି ପୋଲିସ ଚୁପ
- ରାଜନୈତିକ ଚାପରେ ପୋଲିସ

**ଖୋର୍ଦ୍ଧା ଅଫିସ,୨୫।୪**

ଖୋର୍ଦ୍ଧା ଟାଉନ ଥାନା ୫୭ ନଂ. ଜାତୀୟ ରାଜପଥ ପଲ୍ଲା ତୋଟାପଡା ଅଞ୍ଚଳ ଏକ ବନ୍ଦ ଘର ଉପରେ ଶୁକ୍ରବାର ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ଅଚାନକ ଚଢାଉ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ତାଲା ଭାଙ୍ଗି ଘରୁ ୩୧୦୦ ପେଟି ବିଦେଶୀ ମଦ ଜବତ କରିଥିଲା। ଜବତ ମଦର ମୂଲ୍ୟ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ ଅନୁମାନ କରିଛି। ବେଆଇନ ଭାବେ ମଦ ଗଚ୍ଛିତ ନେଇ ଟାଉନ ଥାନା ସବ୍‌ଇନ୍ସପେକ୍ଟର ଆର୍ତ୍ତତ୍ରାଣ ନନ୍ଦଙ୍କ ଅଭିଯୋଗକ୍ରମେ ନଂ.୧୪୩/୨୦ରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି।

ଅନ୍ୟପକ୍ଷେ ଏସ୍‌ପି ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ନିକଟରେ ଥିବା ଲାଇସେନ୍ସ ପ୍ରାପ୍ତ ମଦ ଦୋକାନକୁ ଅବକାରୀ ପକ୍ଷରୁ ସିଲ୍ କରାଯାଇଛି। ସିଲ୍ ହୋଇଥିବା ମଦ ଦୋକାନରେ ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଗଚ୍ଛିତ ରହିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ଏତେ ପରିମାଣର ମଦ ଏହି ସ୍ଥାନକୁ କିପରି ଆସିଲା ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଘଟଣାର ତଦନ୍ତ ଜାରି ରହିଥିବା କହି ପୋଲିସ ମୁହଁ ଖୋଲିବାକୁ ନାରାଜ। ମଦ ଜବତ ଘଟଣାକୁ ଚାପି ଦେବା ଲାଗି ରାଜନୈତିକ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡିଛି। ମଦ କାରବାର ପଛରେ ବହୁ ପ୍ରଭାବଶାଳୀ ନେତାଙ୍କ ପ୍ରୋତ୍ସାହନ ରହିଥିବା ଚର୍ଚ୍ଚା ହେଉଛି। ଘଟଣା ପ୍ରଘଟ ହେଲେ ବହୁ ଗୁମର ପଦାକୁ ଆସିବାର ସମ୍ଭାବନା ରହିଛି। ଉପର ମୁଣ୍ଡରୁ ଚାପ ପଡୁଥିବାରୁ ପୋଲିସ କେବଳ ମାମଲା ରୁଜୁ କରି ଚୁପ ହୋଇ ବସିଛି ବୋଲି ଅଭିଯୋଗ ହୋଇଥିଲା ଏହାକୁ ଏସ୍‌ପି ସ୍ୱାଇଁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କାହା ଚାପରେ ମୁଁ ନାହିଁ। ଘଟଣାର ଖୋଳତାଡ ଜାରି ରହିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।

ପଲ୍ଲା ତୋଟାପଡାରେ ପ୍ରକାଶ ଚନ୍ଦ୍ର ବରାଳଙ୍କ ନାମରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଛି ବୋଲି ଥାନା ଅଧିକାରୀ ସିଂ କହିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଏହା ଆରମ୍ଭ ଦିନଠାରୁ ବନ୍ଦ ରହିଛି। ଲାଇସେନ୍ସ ପ୍ରାପ୍ତ ହେବାଠାରୁ ସମ୍ପୃକ୍ତ ବ୍ୟବସାୟୀ ବିଦେଶୀ ମଦ କ୍ରୟ କରି ଚାଲିଥିଲେ ବୋଲି ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ କହିଛନ୍ତି। ଅପରପକ୍ଷରେ ଏହି ଗଚ୍ଛିତ ମଦକୁ ଚୋରାରେ ଚଢା ଦରରେ ବିକ୍ରି ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଲକ୍‌ଡାଉନ ଯୋଗୁ ମଦ ବିକ୍ରି ଉପରେ କଟକଣା ରହିଛି। ଗଚ୍ଛିତ ଏତେ ପରିମାଣର ମଦ କେଉଁଠି ଆସିଲା, ଏହା ପଛରେ କେଉଁମାନଙ୍କ ହାତ ରହିଛି, ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# କ୍ୱାରାଣ୍ଟାଇନରେ ୬୩୮ ପ୍ରବାସୀ

**ଯାଜପୁର ଅଫିସ,୨୫।୪**

ଯାଜପୁର ଜିଲାରେ କରୋନା ମୁକାବିଲା ପାଇଁ ସଚେତନତା ସୃଷ୍ଟି ସହ ସନ୍ଦିଗ୍ଧ ଲୋକଙ୍କୁ କ୍ୱାରାଣ୍ଟାଇନରେ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ କେତେକ କ୍ୱାରାଣ୍ଟାଇନ କେନ୍ଦ୍ରରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଆବଶ୍ୟକ ସୁବିଧା ସୁଯୋଗ ମିଳୁନାହିଁ ବୋଲି ବିଭିନ୍ନ ମାଧ୍ୟମରେ ଅଭିଯୋଗ ହେଉଛି। ଏହାକୁ ଅତି ଗୁରୁତରଭାବେ ଗ୍ରହଣ କରି କ୍ୱାରଣ୍ଟାଇନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନରେ ଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ଜିଲାର ୧୦ଟି ଯାକ ବ୍ଲକରେ ବର୍ତ୍ତମାନ ସୁଦ୍ଧା ମୋଟ ୩୩୬ଟି ଅସ୍ଥାୟୀ ଚିକିତ୍ସା ଶିବିର(ଟିଏମସି) କରାଯାଇଛି। ଯେଉଁଥିରେ ୧୦୭୩୩ ଲୋକଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇ ପାରିବ। ବର୍ତ୍ତମାନ ସୁଦ୍ଧା ଜିଲାର ବିଭିନ୍ନ ଟିଏମସିରେ ୬୩୮ଜଣ କ୍ୱାରାଣ୍ଟାଇନରେ ରହିଛନ୍ତି। ଅନ୍ୟ ରାଜ୍ୟରେ ଅଟକି ରହିଥିବା ଲୋକ ଲକଡାଉନ ଉଠିବା ପରେ ଫେରିବାର ଆଶଙ୍କା ଥିବାରୁ ଆଉ ଅଧିକ ଟିଏମସି ଓ ରହଣୀ ବ୍ୟବସ୍ଥା କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

**ଯାଜପୁର ଜିଲାରେ କରୋନା କ୍ୱାରାଣ୍ଟାଇନ**



ସେହିପରି ସରକାରଙ୍କ ଦ୍ୱାରା ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଦିଆଯାଇଥିବାରୁ ସରପଞ୍ଚମାନେ ଗ୍ରାମୱାରୀ ଫେରିବାକୁ ଥିବା ବ୍ୟକ୍ତିଙ୍କ ସଂଖ୍ୟା ଅନୁସାରେ ରହଣି, ଖାଇବା, ପାନୀୟ ଜଳ, ଶୌଚ, ସ୍ନାନ ଇତ୍ୟାଦିର ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ଦାସ ଅନୁରୋଧ କରିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଜିଲାପାଳ ଦାସ ମଧ ଭିଡିଓ କନଫରେନ୍ସ ମାଧ୍ୟମରେ ସରପଞ୍ଚଙ୍କ ଦାୟିତ୍ୱ, କର୍ତ୍ତବ୍ୟ ସମ୍ପର୍କରେ ବିଷଦଭାବେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ନିୟମାବଳୀ ମଧ ପ୍ରଣୟନ କରାଯାଇଛି। ତେଣୁ ସମସ୍ତ ସରପଞ୍ଚ ଓ ଅନ୍ୟାନ୍ୟ ଲୋକ ପ୍ରତିନିଧିମାନେ ଉତ୍ତରଦାୟୀଭାବେ ଲୋକଙ୍କୁ ସହଯୋଗ ପାଇଁ ଆଗେଇ ଆସିବାକୁ ଜିଲାପାଳ ଦାସ ଅନୁରୋଧ କରିଛନ୍ତି। ସରକାରୀ ନିୟମ ଅନୁସାରେ ବାହାରୁ ଯିଏ ଆସିବେ ସେ ପ୍ରଥମେ ନିଜ ନାମ ପଞ୍ଜୀକୃତ କରାଇବେ। ଏଥିପାଇଁ ରାଜ୍ୟ ସରକାର ଏକ ପୋର୍ଟାଲ covid19.odisha.gov.in ନାମରେ ଖୋଲିଛନ୍ତି। କୌଣସି ପରିସ୍ଥିତିରେ ବିନା ପଞ୍ଜୀକରଣରେ ଯେପରି କେହି ବି ଗାଁରେ ନ ପଶନ୍ତି ସେଥିପ୍ରତି ପ୍ରତ୍ୟେକ ଧ୍ୟାନ ଦେବା ଜରୁରୀ। ତେବେ କ୍ୱାରାଣ୍ଟାଇନ ସମୟରେ ସେମାନଙ୍କ ଖାଇବା, ରହିବା, ସ୍ୱାସ୍ଥ୍ୟସେବା ଯୋଗାଇବାର ବ୍ୟବସ୍ଥା କରାଯାଇଛି। କ୍ୱାରାଣ୍ଟାଇନରେ ରହୁଥିବା ବ୍ୟକ୍ତିଙ୍କର ଆବଶ୍ୟକସ୍ଥଳେ ସ୍ୱାବ ପରୀକ୍ଷା କରାଯିବ। କିନ୍ତୁ ଶିବିରରେ ରହୁଥିବା ବ୍ୟକ୍ତିମାନେ ପରସ୍ପରଠାରୁ ସାମାଜିକ ଦୂରତା ରଖିବା ଅତ୍ୟନ୍ତ ଜରୁରୀ। କରୋନା ପଜିଟିଭ ବ୍ୟକ୍ତି ସଂସ୍ପର୍ଶରେ ଆସିଲେ ନେଗେଟିଭ ଲୋକ ମଧ ସଂକ୍ରମିତ ହେବେ। ଏଥିପାଇଁ ପ୍ରତ୍ୟେକ ସାମାଜିକ ଦୂରତା ବଜାୟ ରଖିବାକୁ ଜିଲାପାଳ ଦାସ ନିବେଦନ କରିଛନ୍ତି। ଯାଜପୁର ଜିଲାରେ ପଛରେ ୪ ପଜିଟିଭ ବାହାରିଥିବା ବ୍ୟକ୍ତି କୋଲକୋତାରୁ ଆସିଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ହିଁ ସଂକ୍ରମିତ ହୋଇଛନ୍ତି। ତେଣୁ ପ୍ରତ୍ୟେକ ସଚେତନ ଓ ସତର୍କ ହେବାକୁ ଜିଲାପାଳ ଦାସ ବାରମ୍ବାର ଅନୁରୋଧ କରିଛନ୍ତି।

- ୩୩୬ ଟିଏମଟିରେ ୧୦୭୩୩ ଲୋକଙ୍କ ପାଇଁ ବ୍ୟବସ୍ଥା
- ଲକ୍‌ଡାଉନ ପରେ ଅଧିକ ଟିଏମସି କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ
- କ୍ୱାରାଣ୍ଟାଇନ କେନ୍ଦ୍ରରେ ସାମାଜିକ ଦୂରତା ଅପରିହାର୍ଯ୍ୟ

## ସଂକ୍ଷେପରେ

### ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ

**ଯାଜପୁର ଅଫିସ,୨୫।୪:** ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଲିଙ୍ଗରାଜ ଖଣ୍ଡାୟତ ରାୟଙ୍କୁ ଜିଲାପାଳ ରଞ୍ଜନ କୁମାର ଦାସ ଶନିବାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଲିଙ୍ଗରାଜ ହେଡକ୍ୱାର୍ଟରରେ ନ ରହି ଦୈନିକ ଭୁବନେଶ୍ୱରରୁ ଯାଜପୁରକୁ ଯିବା ଆସିବା କରୁଥିବାରୁ ଜିଲାପାଳ ଏଭଳି ପଦକ୍ଷେପ ନେଇଛନ୍ତି। ଅପରପକ୍ଷରେ ରୋଗୀ ସେବାରେ ଅନାସକ୍ତ, ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଆଦେଶର ଅବମାନନା, ସହଯୋଗ ନ କରିବା, ରୋଗୀଙ୍କୁ ନିଜ ଇଚ୍ଛାନୁସାରେ ଚିକିତ୍ସା କରିବା ଇତ୍ୟାଦି ଅଭିଯୋଗ ମିଳିବା ପରେ ଜିଲାପାଳ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। କରୋନା ପରିପ୍ରେକ୍ଷୀରେ ସମସ୍ତେ ବର୍ତ୍ତମାନ ଡାକ୍ତରଙ୍କୁ ଦେବତା ସଦୃଶ୍ୟ ମାନୁଥିବାବେଳେ ଓ ତାଙ୍କର ସୁରକ୍ଷା ସମ୍ମାନ ପାଇଁ କେନ୍ଦ୍ରରୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମାତ୍ର ରୋଗୀଙ୍କ ପ୍ରତି ତାଙ୍କର ଏଭଳି ମନୋଭାବନା ଦୁଃଖଦାୟକ ବୋଲି ଜିଲାପାଳ ଦାସ ମତ ଦେଇଛନ୍ତି।

### ସିଏମ୍‌ଆର୍‌ଏଫ୍‌କୁ ଜିଲା ଶିକ୍ଷା ବିଭାଗ ଦେଲା ୧୩ ଲକ୍ଷ

**ଜଗତ୍‌ସିଂହପୁର ଅଫିସ,୨୫।୪:** କରୋନା ମୁକାବିଲା ପାଇଁ ଜଗତ୍‌ସିଂହପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି (ସିଏମ୍‌ଆର୍‌ଏଫ୍)କୁ ୧୩ ଲକ୍ଷ ୫୦ ହଜାର ୪୫ଟଙ୍କା ପ୍ରଦାନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟାଳୟର କର୍ମଚାରୀ ଏବଂ ଜିଲାର ୧୨୦ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମିଳିତ ଭାବେ ଏହି ରାଶି ସଂଗ୍ରହ କରି ଷ୍ଟେଟ୍ ବ୍ୟାଙ୍କ ଶାଖା ମାଧମରେ ଦେଇଛନ୍ତି। ଏହି ଅର୍ଥ ପ୍ରଦାନ ସମୟରେ ଜିଲା ଶିକ୍ଷା ଅଧିକାରୀ, ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ, ଓଡ଼ିଶୋସ୍ଥିତ କୁତାମଚଣ୍ଡୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ, ଓଷ୍ଟା ଜିଲା ସମ୍ପାଦକ ନାରାୟଣ ବାରିକ, ଜୁନିୟର ରେଡକ୍ରସ୍ ଅଧିକାରୀ ତ୍ରିଲୋଚନ ସାହୁ ଓ ଶ୍ରୀପତି ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ସହାୟତା

**ଆଳି, ୨୫।୪ (ଡି.ଏନ୍.ଏ.):** କରୋନା ମୁକାବିଲା ପାଇଁ ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ମା' ନାରାୟଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଆଳି ବ୍ଲକ ସିଡିପିଓ କଳ୍ପନା ଧଳଙ୍କୁ ଉକ୍ତ ଗୋଷ୍ଠୀର ସଭାପତି ତପସ୍ୱିନୀ ପଲାଇ ଓ ସମ୍ପାଦିକା ଦେବକୀ ପଲାଇ ଏହି ଅର୍ଥ ରାଶି ବାବଦ ଚେକ୍ ପ୍ରଦାନ କରିଛନ୍ତି। ସେହିପରି ସିଡିପିଓ ଅଫିସ କର୍ମଚାରୀ ଓ ବ୍ଲକ ଅଞ୍ଚଳର ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ୧ଲକ୍ଷ ୩୧ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଦାନ କରିଛନ୍ତି।

### ଅଟୋ ରିକ୍ସା ପୋଡ଼ି ଅଭିଯୋଗ

**ଧର୍ମଶାଳା,୨୫।୪(ଡିଏନଏ):** ଧର୍ମଶାଳା ଥାନା ପାଟପୁର ପଞ୍ଚାୟତ ପାଟପୁର ଗାଁରେ ପୂର୍ବତନ ସରପଞ୍ଚ ତପସ୍ୱିନୀ ବେହେରାଙ୍କ ସ୍ୱାମୀ ମନୋଜ ବେହେରାଙ୍କ ଅଟୋ ରିକ୍ସାକୁ କେହି ଦୁର୍ବୃତ୍ତ ପୋଡି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ମନୋଜ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଅଟୋରେ ନିଆଁ ଲଗାଇ ଦେଇଥିବାରୁ ଅଟୋଟି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଶନିବାର ସକାଳେ ଏହା ଜଣାପଡିବା ପରେ ସେ ଥାନାରେ ଏତଲା ଦେଇଛନ୍ତି।

### ମାସ୍କ ନ ପିନ୍ଧିବାରୁ ଗଣିଲେ ଡଣ୍ଡ

**ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.):** ମାସ୍କ ନ ପିନ୍ଧି ବାହାରେ ବୁଲୁଥିବା ୨୭ଜଣ ବ୍ୟକ୍ତିଙ୍କଠାରୁ ଖଣ୍ଡପଡା ପୋଲିସ ଶନିବାର ଜରିମାନା ବାବଦରେ ୫ହଜାର ୪ଶହ ଟଙ୍କା ଆଦାୟ କରିଛି। ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ରାମଦାସ ବେଶ୍ରା, ରଘୁନାଥ ଷଡଙ୍ଗୀ, ଏସ୍‌ଆଇ ସନ୍ତୋଷ କୁମାର ସୁବୁଦ୍ଧି, ଅମୂଲ୍ୟ କୁମାର ମହାନ୍ତି ପ୍ରମୁଖ ଖଣ୍ଡପଡା, ଖଳିସାହି ଅଞ୍ଚଳରେ ଚଢାଉ କରିଥିଲେ।

# କରୋନା ଆତଙ୍କ: ଖଣି ଅଞ୍ଚଳ ଶୂନ୍‌ଶାନ୍




ଶଟ୍‌ଡାଉନ୍ ଯୋଗୁ ଖଣି ଅଞ୍ଚଳରେ ଶୂନଶାନ ହୋଇପଡ଼ିଛି।

**କାଳିଆପାଣି, ୨୫।୪**

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଯାଜପୁର ସମେତ ୩ ଜିଲାକୁ ୬୦ ଘଣ୍ଟା ଯାଏ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ କାଳିଆପାଣି ଖଣି ଅଞ୍ଚଳର ସମସ୍ତ ବଜାର ବନ୍ଦ ଥିବା ବେଳେ ରାସ୍ତାରେ ଗୋଟିଏ ବି ଗାଡ଼ି ମୋଟର ଚଳାଚଳ କରୁ ନଥିବା ଦେଖାଯାଇଛି। ସେହିପରି ଢେଙ୍କାନାଳ ଜିଲା ସୀମାନ୍ତକୁ ଲାଗିଥିବା ଯାଜପୁର ଜିଲାର ସୁକିନ୍ଦା ବ୍ଲକ ବାମ୍ଫିଲୋ, ଗାଁସୋଳ, ବରଗଜୀ, କୁସୁମଘୁଟ, ଖରଖରୀ, ରଗଦା ପ୍ରଭୃତି ଗ୍ରାମଗୁଡ଼ିକର ସୀମାନ୍ତ ପୋଲିସ ପକ୍ଷରୁ ସିଲ୍ କରିଦିଆଯାଇଛି। ବାହାର ଲୋକ ଜିଲାକୁ ପ୍ରବେଶ କରିପାରିବେ ନାହିଁ ଓ ଜିଲାବାସୀ ବାହାରକୁ ଯାଇ ନ ପାରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। କାଳିଆପାଣି ଥାନା ଆଇଆଇସି ରମାକାନ୍ତ ମୁଦୁଲି ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା ବେଳେ ଥାନାର ୨ ଏସ୍‌ଆଇ ବିଭୂତି ଭୂଷଣ ମହାପାତ୍ର ଓ ମନୋରଞ୍ଜନ ସେଠୀ ଜୋରଦାର ପାଟ୍ରୋଲିଂ କରୁଥିବା ଦେଖାଯାଉଛି। ଟାଟା ବଜାର ଓ ଟମକା ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ କରିଥିବା ବେଳେ ବିଭିନ୍ନ ଛକ ଜାଗାରେ କଡ଼ା ପ୍ରହରା ଦିଆଯାଉଛି। ଟାଟା ଓ କାଳିଆପାଣି ବଜାରରେ ଔଷଧ ଦୋକାନ ବ୍ୟତୀତ ଅନ୍ୟ ସବୁ ଦୋକାନ ବନ୍ଦ ରହିଥିବା ଦେଖାଯାଉଛି।

# ଲକ୍‌ଡାଉନ ବଳବତ୍ତର, ଗୋଟିକିଆ ଦୋକାନ ଖୋଲିବ

**ଯାଜପୁର ଅଫିସ,୨୫।୪**

- ଆଜି ପୂର୍ବାହ୍ନ ୧୦ଟାରେ ଉଠିବ ଶଟଡାଉନ
- ହୋଟେଲ, ରେଷ୍ଟୁରାଣ୍ଟ ପାର୍ସଲ କରିପାରିବେ ଖାଦ୍ୟ

ଯାଜପୁରରୁ ରବିବାର ପୂର୍ବାହ୍ନ ୧୦ଟାରେ ସଟଡାଉନ ଉଠିବ। ମାତ୍ର ଲକଡାଉନ ପୂର୍ବ ପରି ବଳବତ୍ତର ରହିବ। ଏହି ସମୟରେ ସମଗ୍ର ଜିଲାରେ ଥିବା ଗୋଟିକିଆ ଲାଇସେନ୍ସପ୍ରାପ୍ତ ଦୋକାନ ସେମାନଙ୍କ ଅର୍ଦ୍ଧେକ କର୍ମଚାରୀଙ୍କୁ ବିନିଯୋଗ କରି ଏବଂ ସାମାଜିକ ଦୂରତ୍ୱ ବ୍ୟବସ୍ଥାକୁ ଲାଗୁ କରି ସକାଳ ୬ରୁ ପୂର୍ବାହ୍ନ ୧୦ଟା ଏବଂ ଅପରାହ୍ନ ୪ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲି ପାରିବେ। ଗ୍ରାମାଞ୍ଚଳ ଓ ପୌରାଞ୍ଚଳର ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନୀମାନେ ମଧ ଏହି ନିୟମ ପାଳନ କରି ଖୋଲି ପାରିବେ। ମାତ୍ର ସମସ୍ତ କ୍ରେତା, ବିକ୍ରେତା ଓ କର୍ମଚାରୀଙ୍କୁ ମାସ୍କ ପରିଧାନ କରିବା ବାଧ୍ୟତାମୂଳକ ହେବ। ଉଭୟ ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳରେ ଥିବା ସିଙ୍ଗଲ ଓ ମଲଟି ବ୍ରାଣ୍ଡ ମଲ ସବୁ ଏଥିରୁ ବାଦ ପଡିବେ। ମାତ୍ର ସେମାନେ କେବଳ ଖାଦ୍ୟ ପଦାର୍ଥ, ତେଜରାତି, ଫଳ, ପନିପରିବା, ଦୁଗ୍ଧଜାତ ପଦାର୍ଥ, ମାଛ, ମାଂସ, ଅଣ୍ଡା, ବ୍ୟକ୍ତିଗତ ପରିଚ୍ଛନ୍ନତା ସାମଗ୍ରୀ ସବୁ ବିକ୍ରି କରିପାରିବେ। ହୋଟେଲ ଓ ରେଷ୍ଟୁରାଣ୍ଟ ପାର୍ସଲ ମାଧ୍ୟମରେ ଖାଦ୍ୟ ବିକ୍ରି କରିପାରିବେ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

# କାଳବୈଶାଖୀରେ ଉଡ଼ିଲା ଛପର

**ବିଞ୍ଝାରପୁର,୨୫।୪(ଡି.ଏନ.ଏ):** କାଳବୈଶାଖୀଜନିତ ବର୍ଷା ଓ ପବନରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଶତାଧିକ ଘରର ଛପର ଉଡ଼ିଯାଇଛି। ଗୁରୁବାର ଓ ଶୁକ୍ରବାର ପ୍ରବଳ ବେଗରେ ପବନ ସାଙ୍ଗକୁ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ଫଳରେ ବ୍ଲକର ଚନ୍ଦ୍ରମୁଁ, ରଣପୁର, ଜରି, ବାଙ୍ଗରା, ଗୁହାଳି, ଚିକଣା, ଉତ୍ତରଙ୍ଗ ସମେତ ବହୁ ପଞ୍ଚାୟତରେ ଘରର ଛପର ଉଡ଼ି ଯାଇଥିବାବେଳେ ଶାସନ୍ଦା ପଞ୍ଚାୟତର ସଂଖ୍ୟାଲଘୁ ବସ୍ତିର ସୁରେତୁନ ନେସାଁ, ସେକ ସାବି ଅଲ୍ଲୀ, ସେକ ଜମାଲୁଦ୍ଦିନଙ୍କ ସମେତ ବହୁ ଲୋକଙ୍କ ଘର ଛପର ଉଡ଼ିଯାଇଛି। ଛପର ଉଡ଼ିଯାଇଥିବା ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ଚନ୍ଦନଯାତ୍ରା ଲାଗି ଧର୍ମାନୁଷ୍ଠାନରେ ୧୪୪ ଧାରା

**ଜଗତ୍‌ସିଂହପୁର ଅଫିସ,୨୫।୪**

ରବିବାରଠାରୁ ଚନ୍ଦନ ଯାତ୍ରା ଆରମ୍ଭ ହେବ। ଏହା ୨୧ ଦିନ ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଚଳିତବର୍ଷ କରୋନା ଭୂତାଣୁର ଦ୍ରୁତ ସଂକ୍ରମଣ ଯୋଗୁ ଜଗତ୍‌ସିଂହପୁର ଜିଲାରେ ବିଭିନ୍ନ ମନ୍ଦିରରେ ହେବାକୁ ଥିବା ଚନ୍ଦନ ଯାତ୍ରା ଉପରେ ୧୪୪ ଧାରା ଜାରି କରାଯାଇଛି। ଏହି ୧୪୪ ଧାରା ରବିବାରଠାରୁ ମେ' ୧୩ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ସମ୍ପୃକ୍ତ ମନ୍ଦିର ପରିସର ତଥା ଆଖପାଖ ଅଞ୍ଚଳ ଓ ଚନ୍ଦନ ଯାତ୍ରା ପୋଖରୀ ନିକଟରେ ୪ ଜଣରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ମା' ଶାରଳାଙ୍କ ପୀଠରେ ୧୪୪ ଧାରା ଜାରି କରାଯାଇଛି। କିନ୍ତୁ ବିଧିରକ୍ଷା ପାଇଁ ସେଠାରେ ଚନ୍ଦନ ଯାତ୍ରା ହେବ। ସେହିପରି ତିର୍ତ୍ତୋଲ ବ୍ଲକ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ, ପାରାଦୀପ ପୌର ପରିଷଦ ଅନ୍ତର୍ଗତ ମଧୁବନ ଜଗନ୍ନାଥ ମନ୍ଦିର, ଏରସମା ତହସିଲ ଅନ୍ତର୍ଗତ ଗଡ଼କୁଜଙ୍ଗସ୍ଥିତ ଜଗନ୍ନାଥ ମନ୍ଦିର, ଗ୍ରାମେଶ୍ୱର ମନ୍ଦିର, ପଞ୍ଚପଲ୍ଲୀ ସରବନ୍ତ ଜଗନ୍ନାଥ ମନ୍ଦିର, ସାହାଡାବେଦୀ, ଗୋଡାର ଶ୍ରୀ ବୃନ୍ଦାବନ ବିହାରୀଜୀଉ ମନ୍ଦିର, ନାଉଗାଁ ତହସିଲ ଅନ୍ତର୍ଗତ ଗାରୋଇ ଜଗନ୍ନାଥ ମନ୍ଦିର, କୋରୁଅସ୍ଥିତ ନିଳକଣ୍ଠେଶ୍ୱର ମହାଦେବ ମନ୍ଦିର, ଗୋଠଦା ମଠ, ଚାନ୍ଦପୁରା ଜଗନ୍ନାଥ ମନ୍ଦିର, ଅଲଣା ଜଗନ୍ନାଥ ମନ୍ଦିର ଆଦି ଧର୍ମାନୁଷ୍ଠାନଗୁଡିକରେ ୧୪୪ ଧାରା ଜାରି କରାଯାଇଛି। ଏ ସମ୍ପର୍କରେ ଶାରଳା ମନ୍ଦିର ବଡ ପଣ୍ଡା ରଞ୍ଜନ ପଣ୍ଡା କହିଛନ୍ତି, ଶାରଳା ମନ୍ଦିର ଭିତରେ ଚନ୍ଦନ ଯାତ୍ରା ହେବ। କିନ୍ତୁ ବାହାରେ ବନ୍ଦ। ଅର୍ଥାତ୍ ପୁଷ୍କରିଣୀରେ ଚାପ ଖେଳ ହେବ ନାହିଁ।

# ଧରାପଡ଼ିଲେ କ୍ୱାରାଣ୍ଟାଇନ କେନ୍ଦ୍ରରୁ ଫେରାର ୪ କୋଲକାତା ଫେରନ୍ତା

**ବିଞ୍ଝାରପୁର,୨୫।୪(ଡି.ଏନ.ଏ)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତ ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟସ୍ଥିତ କ୍ୱାରାଣ୍ଟାଇନ କେନ୍ଦ୍ରରୁ ୪ଜଣ କୋଲକାତା ଫେରନ୍ତା ଶୁକ୍ରବାର ବିଳମ୍ବିତ ରାତିରେ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଶନିବାର ବିଞ୍ଝାରପୁର ପୋଲିସ ଧରି ପୁଣି ସଂଗରୋଧକ କେନ୍ଦ୍ରକୁ ଆସିବା ଭଳି ଘଟଣା ବିଞ୍ଝାରପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତ ଜଇଁମରା ଗ୍ରାମର ୪ଜଣ କୋଲକାତା ଫେରନ୍ତାଙ୍କୁ ପ୍ରଶାସନ ତରଫରୁ ୩ଦିନ ପୂର୍ବେ ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟସ୍ଥିତ କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯାଇଥିଲା। ହଠାତ ଶୁକ୍ରବାର ବିଳମ୍ବିତ ରାତିରେ ସେମାନେ ହାଇସ୍କୁଲ ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ପ୍ରଶାସନଠାରୁ ଅଭିଯୋଗ ପାଇ ବିଞ୍ଝାରପୁର ଆଇଆଇସି ଶିବଚରଣ ବେହେରା ସେମାନଙ୍କୁ ଜଇଁମରା ଗ୍ରାମରେ ଥିବା ସେମାନଙ୍କ ବାସଗୃହରୁ ଧରିବା ସହିତ ସେମାନଙ୍କୁ ପୁନର୍ବାର ବରୁଣେଶ୍ୱର ହାଇସ୍କୁଲ କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖିଥିବା ଜଣାଯାଇଛି।

# ଟେଲି ମେଡିସିନ୍ ସେବା ଆରମ୍ଭ

**ନୟାଗଡ଼ ଅଫିସ,୨୫।୪:** ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଟେଲି ମେଡିସିନ୍ ସେବା ଆରମ୍ଭ ହୋଇଛି। ଏହା ଦ୍ୱାରା ଲୋକମାନେ ଘରେ ରହି ଡାକ୍ତରୀ ସେବା ପାଇପାରିବେ। ବିଭିନ୍ନ ବିଭାଗର ଡାକ୍ତରଙ୍କ ସହିତ ହ୍ୱାଟ୍‌ସଆପ୍, ଭଏସ୍ କଲ୍ ଓ ଭିଡିଓ କଲ୍ ମାଧ୍ୟମରେ ପରାମର୍ଶ ନେଇପାରିବେ। ଏହି ସେବା ପ୍ରତ୍ୟହ ସକାଳ ୮ଘଟିକାଠାରୁ ମଧ୍ୟାହ୍ନ ୧୨ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଯେଉଁ ବିଭାଗର ଡାକ୍ତରଙ୍କ ସହ କଥା ହେବାକୁ ଚାହିଁବେ ସେମାନଙ୍କ ଫୋନ ନମ୍ବର ମଧ ସିଡିଏମ୍‌ଓଙ୍କ ଅଫିସ ପକ୍ଷରୁ ପ୍ରଦାନ କରାଯାଇଛି। ଜନସାଧାରଣ ଏହି ସେବାର ସୁଯୋଗ ନେବା ପାଇଁ ନୟାଗଡ ଜିଲାପାଳ ପୋମା ଟୁଡୁ ପରାମର୍ଶ ଦେଇଛନ୍ତି।

# ମନ୍ଦିର ପରିସରରେ ହେବ ଦେବନୀତି

**କେନ୍ଦ୍ରାପଡା ଅଫିସ, ୨୫।୪**

ତୁଳସୀ କ୍ଷେତ୍ରରେ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ନେଇ ଆସନ୍ତା ମେ ୩ ତାରିଖ ପରେ ନିଷ୍ପତ୍ତି ନିଆଯିବ। ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ରଥ ଅନୁକୂଳ ହେବ। ସେହିପରି ଚନ୍ଦନ ଯାତ୍ରା ଓ ଅକ୍ଷୟ ତୃତୀୟା ପର୍ବ ମନ୍ଦିର ପରିସରରେ ଅନୁଷ୍ଠିତ ହେବ ବୋଲି ଶ୍ରୀଜୀଉଙ୍କ ଦେବୋତ୍ତର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଶନିବାର ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦେଶ ତଥା ରାଜ୍ୟରେ ତାଲାବନ୍ଦ ଘୋଷଣା କରାଯାଇଛି। ଏହି ଘୋଷଣା ଅନୁଯାୟୀ ଶ୍ରୀଜୀଉଙ୍କ ଦେବନୀତି ମନ୍ଦିର ମଧରେ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ବାହାର ନୀତିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶରେ ଦେବନୀତିରେ ପରିବର୍ତ୍ତନ କରାଯାଇଛି। ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀରେ ଚାପ ଖେଳକୁ ବନ୍ଦ କରାଯାଇଛି। ମନ୍ଦିର ପରିସରରେ ଚନ୍ଦନଯାତ୍ରା ଅନୁଷ୍ଠିତ ହେବ। ଆଗାମୀ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ କରାଯିବ ବୋଲି ପତ୍ରୀ ପ୍ରକାଶ କରିଛନ୍ତି।

# ମନ୍ଦିର ପରିସରରେ ଚନ୍ଦନଯାତ୍ରା ଆଜିଠାରୁ

**ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.):** ରବିବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ କଣ୍ଟିଲୋ ବିଜେ ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ଉତ୍ସବ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଶ୍ରୀ ମନ୍ଦିର ପୂଜାନୀତି ସହ ସାମଞ୍ଜସ୍ୟ ରହୁଥିବା ନୀଳମାଧବ ଜୀଉ ପ୍ରତିବର୍ଷ ମନ୍ଦିରରୁ ବାହାରି ଚନ୍ଦନ ପୋଖରୀରେ ଚାପ ଖେଳିଥାନ୍ତି। ଚଳିତବର୍ଷ କରୋନା ଯୋଗୁ ଏହି ପରମ୍ପରାରେ ବ୍ୟତିକ୍ରମ ଦେଖାଦେଇଛି। ସମଗ୍ର ଦେଶରେ ଲକ୍‌ଡାଉନ ଜାରି ହୋଇଥିବାରୁ ଏହି ୨୧ଦିନିଆ ଚନ୍ଦନ ଉତ୍ସବ ମନ୍ଦିର ପରିସରରେ ସମାପନ କରିବା ପାଇଁ ନୟାଗଡ଼ ଉପଜିଲାପାଳ ଚିଠି ମାଧ୍ୟମରେ ସମସ୍ତ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ଏହି ସମୟରେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ କତିପୟ ସେବାୟତଙ୍କୁ ନେଇ ଯାତ୍ରା ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ଗାଁକୁ ଫେରି ଯାଉଥିଲେ ଶ୍ରମିକ, ଅଟକାଇଲା ପ୍ରଶାସନ

**ରତ୍ନଗିରି,୨୫।୪(ଡି.ଏନ.ଏ)**

ବରୀ ବ୍ଲକ୍ ଅଧୀନ ବାଲିବିଲି ଗ୍ରାମ ନିକଟରେ ନିର୍ମାଣାଧୀନ ସାଇ ମନ୍ଦିର ନିକଟରେ କାର୍ଯ୍ୟରତ ଶ୍ରମିକମାନେ ଲକ୍‌ଡାଉନ ଯୋଗୁ ଅଟକି ରହିଥିଲେ। ଶନିବାର କାର୍ଯ୍ୟରତ ଶ୍ରମିକମାନେ ଖାଦ୍ୟ ଅଭାବରୁ ନିଜ ଜନ୍ମ ସ୍ଥାନକୁ ଫେରିଯିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶ୍ୱତ ଜେନା ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇ ସରକାରୀ ନିୟମ ମୁତାବକ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ସାମାଜିକ ଦୂରତା ନ ରଖିଲେ ଦୋକାନ ସିଲ୍

**ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.)**

ବର୍ତ୍ତମାନ ସମୟରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଉଛି। ମାତ୍ର କେତେକ ବ୍ୟବସାୟ ପ୍ରତିଷ୍ଠାନ ସାମାଜିକ ଦୂରତା ନ ରଖି ଗ୍ରାହକମାନଙ୍କୁ ଖାଉଟି ସାମଗ୍ରୀ ବିକ୍ରି କରୁଛନ୍ତି। ଏହା ଜଣାପଡିବା ପରେ ଖଣ୍ଡପଡା ପୋଲିସ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ତାଗିଦ୍ କରାଯାଇଛି। ଏପରି କି ସାମାଜିକ ଦୂରତା ନିୟମ ପାଳନ ନ କଲେ ବ୍ୟବସାୟ ପ୍ରତିଷ୍ଠାନ ସିଲ୍ କରି ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଶନିବାର ବିଭିନ୍ନ ଅଞ୍ଚଳ ଗସ୍ତ କରି ବ୍ୟବସାୟୀମାନଙ୍କୁ ଏ ସମ୍ପର୍କରେ ସଚେତନ କରିଛନ୍ତି। ସେହିପରି ଲକ୍‌ଡାଉନ ନିୟମ ନ ମାନି ଚା ଓ ଜଳଖିଆ ଦୋକାନ ଚଳାଇଥିବା ବ୍ୟବସାୟୀଙ୍କୁ ଥାନାକୁ ଆଣି ପୋଲିସ ଜେରା କରିଛି।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.)**

ଶୁକ୍ରବାର ହୋଇଥିବା କାଳବୈଶାଖୀରେ ଖଣ୍ଡପଡା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପନିପରିବା ଚାଷୀ, ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିବା ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ରବି ଫସଲ କରିଥିବା ଚାଷୀମାନେ ଫସଲ ନଷ୍ଟ ହେବା ଆଶଙ୍କା କରି ହତୋତ୍ସାହ ହୋଇପଡିଛନ୍ତି। ବର୍ଷା ଓ ପବନ ଯୋଗୁ ସୂର୍ଯ୍ୟମୁଖୀ, ଆଖୁଚାଷ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଝାଟିମାଟି ଚାଳଛପର ଉଡିଯାଇଥିବାବେଳେ ଅନେକଙ୍କ ଘରେ ଟିଭି, ଫ୍ରିଜ ଆଦି ପୋଡି ନଷ୍ଟ ହୋଇଯାଇଛି।

# ଜୀବିକା ହରାଇ ଦୁର୍ଦ୍ଦଶାରେ କାରିଗର

**ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.)**

**କଂସାପିତଳ ବାସନ ଶିଳ୍ପ ଉପରେ କରୋନା ମାଡ଼**



କାରିଗରଙ୍କ ସମସ୍ୟା ସମ୍ପର୍କରେ ସୂଚନା ଦେଉଛନ୍ତି ସଭାପତି।

ମହାମାରୀ କରୋନା ସଂକ୍ରମଣ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ ବ୍ୟବସ୍ଥା ଲାଗୁ ହୋଇଛି। ଦୀର୍ଘ ୧ମାସରୁ ଅଧିକ ସମୟ ଧରି ଏହି ବ୍ୟବସ୍ଥା ଜାରି ରହିଛି। ଏହାର ପ୍ରଭାବ କଂସା ପିତଳ ବାସନ ଓ ପିତଳ ମୂର୍ତ୍ତି କାରିଗରୀ ଶିଳ୍ପ ଉପରେ ପଡିଛି। ଏଥିଯୋଗୁ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ଓ ଖଳିସାହି ଅଞ୍ଚଳରେ ରହିଥିବା ଶତାଧିକ କାରିଗର ଜୀବିକା ହରାଇ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ପରିବାର ପ୍ରତିପୋଷଣ ସେମାନଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ରୂପେ ମୁଣ୍ଡ ଟେକିଛି।

ପୂର୍ବରୁ କଞ୍ଚା ମାଲ ସାଙ୍ଗକୁ କୋଇଲା ଅଭାବ, ଦରବୃଦ୍ଧି, ଆଧୁନିକ ଜ୍ଞାନକୌଶଳ ଅଭାବ କଂସାରି କାରିଗରଙ୍କ ପାଇଁ ବାଧକ ସାଜିଥିଲା। ଏବେ କରୋନା ପ୍ରଭାବ ସେମାନଙ୍କ ପାଇଁ ବେଢି ଉପରେ କରୋଡା ମାଡ଼ ସଦୃଶ ହୋଇଛି। କାମଧନ୍ଦା ଅଭାବରୁ ଦୟନୀୟ ଅବସ୍ଥାରେ ସେମାନେ ପଡିରହିଛନ୍ତି। ରାଶନ କାର୍ଡ, ଲେବର କାର୍ଡ, ବିପିଏଲ ତାଲିକାଭୁକ୍ତ ହୋଇ ନ ଥିବାରୁ ବହୁ କାରିଗର ସରକାରଙ୍କ ସୁବିଧା ପାଇ ପାରୁନାହାନ୍ତି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ନିଖିଳ ଉତ୍କଳ କଂସାରି ସମାଜ, ଓଡିଶାର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ଓ ସଂଘ ସଦସ୍ୟମାନେ ଦାବି କରିଛନ୍ତି। ଖଳିସାହି ପିତଳମୂର୍ତ୍ତି କାରିଗର ସଂଘ ପକ୍ଷରୁ ଖଳିସାହିଠରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂସାରୀ ସମାଜର କାର୍ଯ୍ୟକାରୀ ସଭାପତି ମହାରଣା ଯୋଗଦେଇ କାରିଗରମାନଙ୍କ ନ୍ୟାଯ୍ୟ ଦାବିପ୍ରତି ସରକାର ଧ୍ୟାନ ଦେବା ଜରୁରୀ ବୋଲି ମତ ଦେଇଥିଲେ। କାମଧନ୍ଦା ନ ଥିବାରୁ କାରିଗରମାନେ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି। ରାଶନ ସାମଗ୍ରୀ ସହ ସମସ୍ତଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ, ପ୍ରତି ମାସରେ ଭତ୍ତା ଏପରି କି ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ନାବାଳିକା ଗଣବଳାତ୍କାର, ହତ୍ୟା ଘଟଣା
## ଧରାପଡ଼ିଲେ ୩ ନାବାଳକ

ଯୋଡା, ୨୫।୪ (ଡି.ଏନ.ଏ.)-କେନ୍ଦୁଝରର ଜିଲା ବାମେବାରୀ ଥାନା ଅଞ୍ଚଳରେ ଜଣେ ୬ବର୍ଷୀୟା ନାବାଳିକାଙ୍କୁ ଗଣ ବଳାତ୍କାର ପରେ ହତ୍ୟା ଘଟଣାରେ ପୋଲିସ ୩ ନାବାଳକଙ୍କୁ ଧରି ବାଳ ସୁଧାର କେନ୍ଦ୍ରକୁ ପଠାଇଛି। ଏନେଇ ତଦନ୍ତ ଜାରି ରହିଥିବା ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି। ଗତ ୨୦ ତାରିଖରେ ଜଣେ ୬ବର୍ଷୀୟା ନାବାଳିକାଙ୍କୁ ୩ ଜଣ ନାବାଳକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଡାକି ନେଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ବାମେବାରୀ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୪୮/୨୦୨୦) ରୁଜୁ କରିଛି।

## ଖବରଦାତାଙ୍କ ବିରୋଧରେ ଏତଲା

କେନ୍ଦୁଝର, ୨୫।୪(ସ୍ୱ.ପ୍ର.)-ଏଆଇସିସି ସଭାନେତ୍ରୀ ସୋନିଆ ଗାନ୍ଧୀ ଓ କଂଗ୍ରେସ ଦଳ ବିରୋଧରେ ରିପବ୍ଲିକ ଟିଭିର ସମ୍ପାଦକ ଅର୍ଣ୍ଣବ ରଞ୍ଜନ ଗୋସ୍ୱାମୀ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ପ୍ରତିବାଦରେ କେନ୍ଦୁଝର ଜିଲା କଂଗ୍ରେସ କମିଟି ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ସଭାପତି ମୋହନ ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲା ସମ୍ପାଦକ ବିଜୟ କୁମାର ରଣା, ସୁଦ୍ଧଲ କୁମାର ସେଠୀ, କୋଦଣ୍ଡଧର ଜେନା ସମେତ ଟାଉନ ଥାନା ଦାୟିତ୍ୱରେ ଥିବା ଅଧିକାରୀ ଅମିତ କୁମାର ଭୂୟାଁଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

## କେନ୍ଦୁଝର, ଭଦ୍ରକ ସୀମାରେ ବଢ଼ିଲା ସୁରକ୍ଷା

କେନ୍ଦୁଝର, ୨୫।୪(ସ୍ୱ.ପ୍ର.)-ରାଜ୍ୟରେ ଭଦ୍ରକ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ଭୟରେ ବହୁ ଲୋକ ରାତି ଅଧରେ ବିଭିନ୍ନ ରାସ୍ତାରେ କେନ୍ଦୁଝରକୁ ନିଜ ନିଜ ସମ୍ପର୍କୀୟ ବା ଘରକୁ ଚାଲିଆସୁଥିବା ଅଭିଯୋଗ ହେଉଛି। ଏଣୁ କେନ୍ଦୁଝର-ଭଦ୍ରକ ସୀମାରେ କେନ୍ଦୁଝର ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆନେକ ସ୍ଥାନରେ ପୋଲିସ ଟେଣ୍ଟ ମାରି ଦିନ ରାତି ପହରା ଦେଉଛି।

# କରୋନା ସାଙ୍ଗକୁ କାଳବୈଶାଖୀ

- ବର୍ଷା, କୁଆପଥର ମାଡ଼ରେ ଫସଲ ନଷ୍ଟ
- ସହାୟତା ଦାବି କଲେ ଚାଷୀ

ବାରିପଦା ଅଫିସ, ୨୫।୪

ମହାମାରୀ କରୋନା ଲାଗି ଲୋକଙ୍କ ଜୀବନ ଦୁର୍ବିଷହ ହୋଇପଡିଥିବା ବେଳେ ବେଡି ଉପରେ କୋରଡା ମାଡ ସଦୃଶ ଚାଷୀଙ୍କ ପାଇଁ ସର୍ବନାଶ କାରଣ ହୋଇଛି କାଳବୈଶାଖୀ। ଏହାର ପ୍ରଭାବରେ ପ୍ରତିଦିନ ବର୍ଷା ଓ କୁଆପଥର ମାଡ଼ରେ ମୟୂରଭଞ୍ଜ ଜିଲାରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏନେଇ ଚାଷୀଙ୍କ ଚିନ୍ତା ବଢି ଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ଘର ଓ ଗଛ ଭାଙ୍ଗିବା ସହ ପନି ପରିବା ଫସଲ କ୍ଷତି ହୋଇଛି। କୁଳିଅଣା ବ୍ଲକ ଅଧୀନ ଆନିଆପାଳ ଗ୍ରାମରେ ୨୦୦ରୁ ଉର୍ଦ୍ଧ୍ୱ ପରିବାର ୧୨ ମାସ ଚାଷ କରି ବାରିପଦା ସହରକୁ ପରିବା ଯୋଗାଇ ଥାଆନ୍ତି। ପୋଟଳ, ବାଇଗଣ, କଖାରୁ, କୁନ୍ଦୁରି,


ଗଛରେ ବାଇଗଣ ପଚି ନଷ୍ଟ ହେଉଛି।

କାକୁଡ଼ି ଆଦି ଚାଷ କରନ୍ତି। କରୋନା ଯୋଗୁଁ ଲକଡ଼ାଉନ ହୋଇଯିବା ଫଳରେ ଚାଷୀମାନେ ଏହାକୁ ବିକ୍ରି କରିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେମାନେ ନିଜେ ପରିବା ନେଇ ବାରିପଦା ସହରକୁ ବିକ୍ରି କରିବାକୁ ଆସିବା ବେଳେ ପୋଲିସ ହାବୁଡ଼ରେ ପଡ଼ି ହୀନସ୍ତା ହେଉଛନ୍ତି। ଫଳରେ ଚାଷୀମାନେ ଆଉ ବଜାରକୁ ପରିବା ନେଇ ଆସୁ ନାହାନ୍ତି। ଗଛରେ ପନିପରିବା ପଚି ନଷ୍ଟ ହେଉଥିବାରୁ କେହି କେହି ପଡ଼ୋଶୀମାନଙ୍କୁ ମଧ ବାଣ୍ଟି ଦେଉଛନ୍ତି। କେତେକ ଚାଷୀ ସେମାନଙ୍କ ଘରେ କୁଇଣ୍ଟାଲ କୁଇଣ୍ଟାଲ କଖାରୁ ଗଛିତ ରଖିଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ଏହି କଖାରୁ ପଚି ନଷ୍ଟ ହେଉଥିବା ବେଳେ ଏହାକୁ ପିଙ୍ଗି ଦେବାକୁ ପଡୁଛି। ଚାଷୀମାନେ ବିଭିନ୍ନ ଆଡୁ ଟଙ୍କା ଧାର ଉଦ୍ଧାର କରି ଫସଲ ଚାଷ କରିଥିବା ବେଳେ ଏଭଳି ସମସ୍ୟା ସେମାନଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ତେଣୁ ସରକାର ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଆନିଆପାଳ ଗ୍ରାମର ଯାନକିଶୋର ବେହେରା, ରାଜକୁମାର ସିଂ, ଚକ୍ରଧର ଜେନାଙ୍କ ସମେତ ଏକାଧିକ ଚାଷୀ ଦାବି କରିଛନ୍ତି।

# ବର୍ଜ୍ୟବସ୍ତୁରେ କରୋନା ଯୋଦ୍ଧା ଶହୀଦ ସ୍ମୃତିସ୍ତମ୍ଭ

### ଶିଳ୍ପୀ କେଶୁ ଦାସଙ୍କ ଅଭିନବ ପ୍ରୟାସ

ରୂପସା, ୨୫।୪(ଡି.ଏନ.ଏ.)

ସାରା ଦେଶ ଏବେ କରୋନା ପାଇଁ ଲକ୍‌ଡାଉନରେ ରହିଛି। ସମସ୍ତେ ସରକାରଙ୍କ ନିୟମ ମାନି ନିଜ ନିଜ ଘରେ ରହୁଥିବା ବେଳେ ସୁରକ୍ଷା ଦେବା ପାଇଁ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ପ୍ରଶାସନିକ ଅଧିକାରୀ ଓ ସମାଜସେବୀ ଆଗେଇ ଆସିଛନ୍ତି। ବହୁ ଚିତ୍ରଶିଳ୍ପୀ ମଧ୍ୟ ନିଜ ନିଜ ସ୍ତରରେ ସଚେତନତା ସୃଷ୍ଟି କରିଚାଲିଛନ୍ତି। ବହୁ ଡାକ୍ତର, ପୋଲିସ, ସ୍ୱାସ୍ଥ୍ୟକର୍ମୀ କରୋନା ସହ ଲଢି ନିଜେ ଆକ୍ରାନ୍ତ ହୋଇଯାଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପ୍ରାଣ ବଳିଦାନ ଦେଇଛନ୍ତି। ସେମାନେ ଆମ ଦେଶ ପାଇଁ ଜଣେ ଜଣେ ଶହୀଦ। ଶହୀଦଙ୍କୁ ସମ୍ମାନ ଜଣାଇ ବାଲେଶ୍ୱର ଜିଲା ସଦର ବ୍ଲକର ଦୁବୁଲାଗଡ଼ି ଗ୍ରାମର ଶିଳ୍ପୀ କେଶୁଦାସଙ୍କ ପରିବାର ଏକ କରୋନା ଯୋଦ୍ଧା ଶହୀଦ ସ୍ମୃତି ସ୍ତମ୍ଭ ତିଆରି କରିଛନ୍ତି। ଲକ୍‌ଡାଉନ ସମୟରେ ପାଖରେ କୌଣସି ଉପକରଣ ପାଇ ନ ଥିଲେ ମଧ୍ୟ ନିଜ ଘରେ ଥିବା ଅଦରକାରୀ ବର୍ଜ୍ୟବସ୍ତୁକୁ ନେଇ ତିଆରି କରିଛନ୍ତି ୬ ଫୁଟ୍ ଉଚ୍ଚତାର ଏକ ସ୍ମୃତିସ୍ତମ୍ଭ। ଏଥିରେ ଭଙ୍ଗା ଟାଇଲ, ଇଟା, କାଠ ପଟା, ଟାୟାର, ସିମେଣ୍ଟ ଓ ଟିଣ ଆଜବେଷ୍ଟସ, ସିମେଣ୍ଟ ନନ୍ଦ, ପାଣିକୁଣ୍ଡ, ଭଙ୍ଗା ଟିଭି ଡିସ୍ ଆଦିକୁ ନେଇ ଆକର୍ଷଣୀୟ ସ୍ତମ୍ଭଟିଏ ଗଢ଼ିଛନ୍ତି। ନିଜ ବାସଭବନ ପରିସରରେ


ଗଢ଼ା ଯାଇଥିବା ସ୍ମୃତି ସ୍ତମ୍ଭ

ଏହାକୁ ଗଢ଼ିବା ପାଇଁ ପରିବାରର ବଡ଼ଭାଇ ପତିତପାବନ ଦାସ, ପୁତୁରା ଭକ୍ତଚରଣ ଦାସ, ପୁଅ ଅଙ୍କିତ ଦାସ ଓ ନାତି ରାଖାଲ ମାଇତି ପ୍ରମୁଖ ସହଯୋଗ କରିଥିଲେ। ଏହା କରୋନା ଯୋଦ୍ଧାଙ୍କ ପାଇଁ ପ୍ରଥମ ଶହୀଦ ସ୍ମୃତି ସ୍ତମ୍ଭ ବୋଲି ଶିଳ୍ପୀ ଦାସ ଦାବି କରିଛନ୍ତି। ଆଗାମୀ ଦିନରେ ଏହାକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରାଯାଇ କରୋନା ଶହୀଦମାନଙ୍କର ପ୍ରତିମୂର୍ତ୍ତି ଓ ବିବରଣୀ ସବୁ ସ୍ଥାନିତ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଉତ୍ତେଜନା ପରେ ବନ୍ଦ ହେଲା ଟ୍ରାନ୍ସପୋର୍ଟ ଅଫିସ

କେନ୍ଦୁଝର, ୨୫।୪(ସ୍ୱ.ପ୍ର.)

କଟକଣା ସତ୍ତ୍ୱେ କେନ୍ଦୁଝର ସଦର ଥାନା ଅଧୀନ ପଳାଶପଙ୍ଗାଠାରେ ଚାଲିଥିବା ଟ୍ରାନ୍ସପୋର୍ଟ ଅଫିସରେ ଟ୍ରକ ଡ୍ରାଇଭରମାନଙ୍କ ଭିଡ ଜମୁଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ଲୋକେ ଟ୍ରାନ୍ସପୋର୍ଟ ଅଫିସ ଘେରାଉ କରି ବନ୍ଦ କରିବାକୁ ଅଡି ବସିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପରେ ସ୍ଥାନୀୟ ସରପଞ୍ଚ ସଞ୍ଜୟ ନାୟକ ହସ୍ତକ୍ଷେପ କରି ରାସ୍ତାରେ ଠିଆ ହେଉଥିବା ଟ୍ରକ ଓ ଡ୍ରାଇଭରମାନଙ୍କ ଭିଡ଼ ହଟାଇଥିଲେ। ଏସ୍‌ପି ମିତ୍ରଭାନୁ ମହାପାତ୍ର ଓ ଡିଏସ୍‌ପି ଇନ୍ଦୁପ୍ରଭା ପଶ୍ଚିମକବାଟଙ୍କ ହସ୍ତକ୍ଷେପ ପରେ ସଦର ଥାନା ଅଧିକାରୀ ଜୟ ନାରାୟଣ ଖଣ୍ଡେଇ ଘଟଣାସ୍ଥଳକୁ ଯାଇ ଅଫିସ ବନ୍ଦ କରିଥିଲେ।

ବଡ଼ବିଲ ଓ କୋଇଡା ସେକ୍ଟରରୁ ଖଣିଜ ପଥର ପାରାଦୀପକୁ ପ୍ରତ୍ୟେକ


ଟ୍ରାନ୍ସପୋର୍ଟ ଅଫିସକୁ ଗ୍ରାମବାସୀ ଘେରାଉ କରିଛନ୍ତି ।

ଦିନ ଶହ ଶହ ଟ୍ରକରେ ପରିବହନ ହୋଇଥାଏ। କରୋନା କଟକଣା ସତ୍ତ୍ୱେ ସରକାର ଲୁହାପଥର ପଥର ପରିବହନ ଉପରେ କଟକଣା ଲାଗୁ କରି ନ ଥିଲେ। ତେବେ ଖଣିଠାରୁ ପ୍ରାୟ ୬୦ରୁ ୧୦୦ କି.ମି. ଦୂର ପଳାଶପଙ୍ଗାଠାରେ ଟ୍ରାନ୍ସପୋର୍ଟରମାନେ ଅଫିସ ଖୋଲି ଟ୍ରକ ଚାଳକଙ୍କୁ ପରିବହନ ପାଇଁ ଅର୍ଡର ଦେଉଥିଲେ। ସେଠାରେ ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର ଆଦି ପାଳନ ହେଉ ନ ଥିବାରୁ କରୋନା ସଂକ୍ରମଣ ଆଶଙ୍କା କରି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଆଗାମୀ ଦିନରେ ଏଭଳି ସମସ୍ୟା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

## ଘରବାହୁଡ଼ାଙ୍କ ନାମ ପଞ୍ଜୀକରଣ ପାଇଁ ଭିଡ଼

ଆନନ୍ଦପୁର, ୨୫। ୪(ସ୍ୱ.ପ୍ର.)

ଘରବାହୁଡାଙ୍କ ପାଇଁ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ନାମ ପଞ୍ଜିକରଣ ବାଧ୍ୟତାମୂଳକ ହୋଇଥିବାରୁ ତତ୍ପରତା ପ୍ରକାଶ ପାଇଛି। ଆନନ୍ଦପୁର ବ୍ଲକ ବାଉଁଶଗଡ ପଞ୍ଚାୟତରେ ଭିଡ ପରିଲକ୍ଷିତ ହୋଇଛି। କୋଭିଡ-୧୯ର କଟକଣା ପାଇଁ ବାହାର ରାଜ୍ୟରେ ରହୁଥିବା ଲୋକମାନେ ନିଜ ଘରକୁ ଫେରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ସ୍ତରରେ ନାମ ପଞ୍ଜିକରଣ କରିବା ପରେ ବାହାର ରାଜ୍ୟରେ ରହୁଥିବା ଲୋକମାନେ ଘରକୁ ଫେରିବା ସହଜ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପରିବାରବର୍ଗଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ବାଉଁଶଗଡ ପଞ୍ଚାୟତରେ ୪୦୦ରୁ ଉର୍ଦ୍ଧ୍ୱ ଅଧିବାସୀ ବାହାରେ ରହି କାମଧନ୍ଦା କରୁଛନ୍ତି। ମେ' ୩ ତାରିଖରେ ଲକ୍‌ଡାଉନ୍ କଟକଣା ସରିବା ପରେ ସେମାନେ ନିଜ ଘରକୁ ଫେରିବେ। ହେଲେ ସରକାରଙ୍କ ବିଧିବ୍ୟବସ୍ଥା ଅନୁଯାୟୀ ନାମ ପଞ୍ଜିକରଣ ପରେ ସେମାନଙ୍କୁ କ୍ୱାରାଣ୍ଟାଇନ୍ ରଖିବାର ବ୍ୟବସ୍ଥା କରାଯାଇଛି।

# ୩୭ ସୀମାନ୍ତ ରାସ୍ତା ଉପରେ କଡ଼ା ନଜର


ପଶ୍ଚିମବଙ୍ଗ ସୀମାନ୍ତ ଭୋଗରାଇ-ଭୂଆବନ୍ଧ ରାସ୍ତାକୁ ବନ୍ଦ କରାଯାଇଛି।

ଭୋଗରାଇ, ୨୫।୪(ଡି.ଏନ.ଏ.)

ଓଡ଼ିଶାର ଏକ ତୃତୀୟାଂଶ କରୋନା ସଂକ୍ରମିତଙ୍କ ପଶ୍ଚିମବଙ୍ଗରୁ ଲିଙ୍କ୍ ଜଣାପଡିବା ପରେ ଗତ ଗୁରୁବାର ରାତି ୧୦ଟାରୁ ବାଲେଶ୍ୱର ଜିଲାକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଜିଲାରେ ଅଦ୍ୟାବଧି ୧୦ଜଣଙ୍କୁ କରୋନା ପଜିଟିଭ୍ ବାହାରିଥିବାରୁ ପଶ୍ଚିମବଙ୍ଗ ସୀମାନ୍ତକୁ ସିଲ୍ କରାଯାଇ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି। ସୀମାନ୍ତକୁ ଲାଗିଥିବା ଜଳେଶ୍ୱର ଓ ଭୋଗରାଇର ଅଞ୍ଚଳର ୮୪ଟି ଗାଁର ୩୭ଟି ଛୋଟବଡ଼ ରାସ୍ତାକୁ ସିଲ୍ କରାଯାଇ ତୀକ୍ଷ୍ଣ ନଜର ରଖାଯାଇଛି। ପଶ୍ଚିମବଙ୍ଗରୁ ଓଡ଼ିଶା ମଧ୍ୟକୁ ଲୋକେ ଯେପରି ପଶି ନ ପାରିବେ ସେଥିପାଇଁ ସୀମାନ୍ତ ଗାଁ କମିଟି ବାଉଁଶବାଡ଼ ଓ ତାର ଖଞ୍ଜି ରାସ୍ତା ଅବରୋଧ କରିଛନ୍ତି।

# ଭଲି ଖେଳରୁ ଗୋଷ୍ଠୀ ସଂଘର୍ଷ, ୨୧ ଆହତ

ଆର.ଉଦୟଗିରି, ୨୫।୪(ଡି.ଏନ.ଏ.)

ଆର୍.ଉଦୟଗିରି ଥାନା ଖମାରିସାହି ଗ୍ରାମରେ ଭଲିଖେଳକୁ ନେଇ ଶନିବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୨୧ଜଣ ଆହତ ହୋଇ ଚନ୍ଦ୍ରଗିରି ଏବଂ ଆର.ଉଦୟଗିରି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉତ୍ତେଜନାମୂଳକ ପରିସ୍ଥିତିକୁ ଦେଖି ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖାଯାଇଛି।

ଗ୍ରାମର ଏକ ଜମିରେ ଗୁରୁବାର ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଭଲି ଖେଳୁଥିଲେ। ଲକ୍‌ଡାଉନ ଜାରି ହୋଇଥିବାରୁ ଭଲି ନ ଖେଳିବାକୁ ସମ୍ପୃକ୍ତ ସାହିର ଅନ୍ୟ ଏକ ଗୋଷ୍ଠୀର ଲୋକେ କହିଥିଲେ। ମାତ୍ର ସେମାନେ ମାନି ନ ଥିଲେ। ଶନିବାର ସକାଳୁ ନେଟ୍ କଟାଯାଇଥିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ପଥର ଫିଙ୍ଗା ସହ ସଂଘର୍ଷ ଘଟିଥିଲା।

# ନଡ଼ିଆଗଛ ପଡ଼ି ମହିଳା ମୃତ

ଛତ୍ରପୁର, ୨୫।୪(ଡି.ଏନ୍.ଏ.)

ବିଲରୁ ଫେରୁଥିବା ଜଣେ ମହିଳାଙ୍କ ଉପରେ ନଡ଼ିଆ ଗଛ ଭାଙ୍ଗି ପଡ଼ିବାରୁ ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ବ୍ଲକ ବି. ବାହାଡ଼ାପାଲି ଗାଁର କାମିନୀ ଦାସ (୫୦)। ବିଲରୁ କାମ ସାରି ଘରକୁ ଫେରିବା ବେଳେ ହଠାତ୍ ଏକ ନଡ଼ିଆ ଗଛ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ତାଙ୍କୁ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

# ଅବକାରୀ ଧରପଗଡ଼ ବେଳେ ସଂଘବଦ୍ଧ ଆକ୍ରମଣ

### ୬ ପୋଲିସ କର୍ମଚାରୀ ଆହତ, ୧୨ ଗିରଫ

ପୋଲସରା, ୨୫।୪(ଡି.ଏନ.ଏ.)

ପୋଲସରା ଥାନା ପାଣ୍ଡିରିପଡ଼ା ପଞ୍ଚାୟତ ବଡ଼ତଇଲା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବେଆଇନଭାବେ ମଦ ରନ୍ଧା ହେଉଥିବାବେଳେ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ସେଠାରୁ ପ୍ରାୟ ୨ ହଜାର ଲିଟର ମଦ ସହ ବହୁ ସରଞ୍ଜାମ ଜବତ ହୋଇଥିଲା। ଫେରିବାବେଳେ ବଡ଼ତଇଲାର ମହିଳା ଓ ପୁରୁଷମାନେ କଟୁରି, ପନିକି ଓ ଠେଙ୍ଗା ଧରି ପୋଲିସକୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ୬ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଥାନାଧିକାରୀ ମଲ୍ଲିକ ଘଟଣାସ୍ଥଳରୁ ୫ ମହିଳା ଓ ୭ଜଣ ପୁରୁଷ ଏହିପରି ୧୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ରଜନୀ ଶବର, ଫୁଲ ଶବର, ରୁକୁନା ଶବର, ଶିରିମି ଶବର, ସୁକୁମାରୀ ଶବର ଓ ସତ୍ୟ ଶବର, ରଞ୍ଜିତ ଶବର, ପୂର୍ଣ୍ଣ ଶବର, ଗଙ୍ଗାଧର ଶବର, ଖଲିଆ ଶବର, ଲଡ୍ଡୁ ଶବର ଓ ପଞ୍ଚୁ ଶବର।

# ମଦ ଜବତ, ପୋଚ ନଷ୍ଟ: ୮ ଗିରଫ

ଆସିକା, ୨୫।୪(ଡି.ଏନ୍.ଏ.)

ଆସିକା ଥାନା ଇଲାକାରେ ଦୁଇଦିନ ମଧ୍ୟରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ପୃଥକ ଭାବେ ଚଢାଉ କରାଯାଇ ଶହ ଶହ ଲିଟର ରନ୍ଧାମଦ ଜବତ କରାଯିବା ସହ ପୋଚ ନଷ୍ଟ କରାଯାଇଛି। ଏଥିରେ ମୋଟ ୮ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଭ୍ରାମ୍ୟମାଣ ସ୍କ୍ୱାଡ୍ ଓ ଆସିକା ଅବକାରୀ ବିଭାଗ ପକ୍ଷରୁ ବ୍ଲକର ବାଲିସିରା, ଲଣ୍ଡାଜୁଆଳ ଓ କମାଗଡ ଆଦି ଗ୍ରାମରେ ଚଢାଉ କରାଯାଇ ୮୪୬ ଲିଟର ରନ୍ଧାମଦ ଜବତ ହୋଇଥିଲା। ପ୍ରାୟ ୧୬ ହଜାର ଲିଟର ପୋଚ ନଷ୍ଟ କରାଯିବା ସହ ୭ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଶନିବାର ଆସିକା ପୋଲିସ ପକ୍ଷରୁ ସହର ଉପକଣ୍ଠ ପୁଡୁଗେଶ୍ୱରପଲ୍ଲୀ ଗ୍ରାମରୁ ୫୦ ଲିଟର ରନ୍ଧା ମଦ ଜବତ କରାଯାଇ ଜଣଙ୍କୁ ଗିରଫ କରାଯାଇଛି।

## ବ୍ରହ୍ମପୁର

# ଏମ୍‌କେସିଜିରେ ୨ ସନ୍ଦିଗ୍ଧ ଭର୍ତ୍ତି

ବ୍ରହ୍ମପୁର ଅଫିସ, ୨୫।୪

ଏମ୍‌କେସିଜି ମେଡିକାଲର ସ୍ୱତନ୍ତ୍ର କରୋନା ୱାର୍ଡରେ ଶନିବାର ୨ ଜଣ ଭର୍ତ୍ତି ହୋଇଛନ୍ତି। ତାମିଲନାଡୁରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଟ୍ରକ୍ ଡ୍ରାଇଭର ଦୁର୍ଘଟଣାରେ ଆହତ ହୋଇଥିବା ବେଳେ ବ୍ରହ୍ମପୁର ପୋଲିସ ଉକ୍ତ ସନ୍ଦିଗ୍ଧଙ୍କୁ ମେଡିକାଲରେ ଭର୍ତ୍ତି କରିଛି। ତାଙ୍କୁ ଏବେ ସ୍ୱତନ୍ତ୍ର କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି। ସେହିଭଳି ମାର୍ଚ୍ଚ ୧୫ରେ ଦିଲ୍ଲୀରେ ରହି ପାଠ ପଢୁଥିବା ଆସ୍କା ଅଞ୍ଚଳର ଜଣେ ଯୁବକ ଗାଁକୁ ଫେରିଥିବା ବେଳେ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ଶୁକ୍ରବାର ସେ ହଠାତ୍ କାଶ ଓ ଜ୍ୱରରେ ଆକ୍ରାନ୍ତ ହେବା ପରେ ଶନିବାର ତାଙ୍କୁ ଏମ୍‌କେସିଜି ମେଡିକାଲ କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି ବୋଲି ଅଧୀକ୍ଷକ ପ୍ରଫେସର ଡ.ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଶନିବାର ଉଭୟ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ମେଡିକାଲ କରୋନା ୱାର୍ଡରେ ଥିବା ୨ ଜଣ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କର ସ୍ୱାବ୍ ପରୀକ୍ଷା ରିପୋର୍ଟ ଆସି ନ ଥିବା ସେ କହିଛନ୍ତି।

## ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଟପୁର, ୨୫।୪

ପାଟପୁର ଥାନା ପଦ୍ମପୁର ଗ୍ରାମ ଖାରିଢ଼େପ ପଡିଆରେ ଏକ ଗଛରୁ ଶନିବାର ପୂର୍ବାହ୍ନ ପ୍ରାୟ ୯ ଟାରେ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ପାଟପୁର ପୋଲିସ ଉଦ୍ଧାର କରିଛି। ଝିଅଟି ନାବାଳିକା ଥିବା ଜଣାପଡିଛି। ପାଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ପ୍ରକାଶ ଯେ, ଉଭୟେ ସମ୍ପର୍କରେ ଭାଇ ଭଉଣୀ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିବାହ କରିବା ପାଇଁ ଘରେ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏଥିରେ କେହି ରାଜି ହୋଇ ନ ଥିବାରୁ ଆତ୍ମହତ୍ୟା କରିଥିବା ଜଣାପଡିଛି।

# ଗଞ୍ଜାମରେ ମେ ୩ ସୁଦ୍ଧା ବଣ୍ଟାଯିବ ୧୮୭୭୨୫୮ ବହି

### ଛାତ୍ରୀଛାତ୍ରଙ୍କୁ ଘରକୁ ଯାଇ ପୁସ୍ତକ ବାଣ୍ଟିଲେ ଶିକ୍ଷକ

ବ୍ରହ୍ମପୁର ଅଫିସ, ୨୫।୪

କରୋନା ମୁକାବିଲା ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହାର ପ୍ରଭାବରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଛି। ଯାହାଦ୍ୱାରା ବିଦ୍ୟାର୍ଥୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ଅନ୍ୟପକ୍ଷରେ ନୂତନ ଶିକ୍ଷାବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ନିକଟରେ ପାଠ୍ୟପୁସ୍ତକ ପହଞ୍ଚାଇବା ଲାଗି ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଘରକୁ ଘର ବୁଲି ପାଠ୍ୟପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗଞ୍ଜାମ ଜିଲାରେ ଶୁକ୍ରବାରରୁ ଏହା ଆରମ୍ଭ ହୋଇଥିବା ବେଳେ ଜିଲାର ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନେ ଏଥିରେ ସାମିଲ ହୋଇଛନ୍ତି। ମେ ୩ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କୁ ଏହା ବଣ୍ଟନ କରାଯିବ। ଗଞ୍ଜାମ ଜିଲାର ୨୯୭୬ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମୋଟ ୧୮ ଲକ୍ଷ ୭୭ ହଜାର ୨୫୮ ପୁସ୍ତକ ବଣ୍ଟନ କରାଯିବାକୁ ଥିବା ନେଇ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ସମୁଦ୍ରରେ ଡଙ୍ଗାବୁଡ଼ି ମତ୍ସ୍ୟଜୀବୀ ମୃତ: ପହଁରି କୂଳକୁ ୪ ଫେରିଲେ

ଗଞ୍ଜାମ, ୨୫।୪(ଡି.ଏନ୍.ଏ.)

ସମୁଦ୍ରରେ ଡଙ୍ଗା ବୁଡି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ପହଁରି କୂଳକୁ ଫେରିଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲା ପାଲିବନ୍ଧ ପଞ୍ଚାୟତ ପୋଡ଼ମପେଟା-୨ ଗ୍ରାମର ସି. ଏର୍. ଦାନେୟା (୨୫)। ଶୁକ୍ରବାର ରାତିରେ ପୋଡ଼ମପେଟା ଗ୍ରାମର ସି. ଏର୍. ଦାନେୟା, ବି. ବୁଦ୍ଧିଆ, ସିଏର୍.ମଙ୍ଗଳା, ବି.ବାବାଜୀ ଓ ବି. ଗଜ ଡଙ୍ଗା ନେଇ ମାଛ ମାରିବାକୁ ସମୁଦ୍ରକୁ ଯାଇଥିଲେ। କୌଣସି କାରଣରୁ ଡଙ୍ଗାଟି ବୁଡି ଯାଇଥିଲା। ଫଳରେ ଦାନେୟା ବୁଡ଼ି ଯାଇଥିବା ବେଳେ ଅନ୍ୟ ୪ ଜଣ ପହଁରି କୂଳକୁ ଆସିଥିଲେ। ଶନିବାର ସକାଳ ପ୍ରାୟ ୯ ଟାରେ ପ୍ରୟାଗୀ ନିକଟସ୍ଥ ସମୁଦ୍ରକୂଳରୁ ଦାନେୟାଙ୍କ ମୃତଦେହ ଉଦ୍ଧାର ହୋଇଥିବା ସରପଞ୍ଚ ଦିଲୀପ କୁମାର ଛୋଟରାୟ କହିଛନ୍ତି।

## ନାବାଳିକା ବଳାତ୍କାର ଘଟଣା ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ, ୨୫।୪

ସଦର ଥାନା ପୋଲିସ ଶନିବାର ଜଣେ ବଳାତ୍କାରୀଙ୍କୁ ମାମଲା ନମ୍ବର ୧୧୬/୨୦ରେ କୋର୍ଟ ଚାଲାଣ କରିଛି। ପୂର୍ବରୁ ତାଙ୍କର କୋଭିଡ୍ -୧୯ ପରୀକ୍ଷା କରାଯାଇଛି ବୋଲି ପୋଲିସ କହିଛି। ଅଭିଯୁକ୍ତ ଜଣଙ୍କ ଦକ୍ଷିଣପୁରର ଦେବାଶିଷ ନାୟକ (୨୭)। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ତାଙ୍କୁ ହଜାର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଗୁଳିମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣା, ୨ ଗିରଫ

ବୁଗୁଡ଼ା, ୨୫।୪(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ କଇମ ନିକଟସ୍ଥ କୁବେରେଶ୍ୱର ମନ୍ଦିରରେ ଏପ୍ରିଲ୍ ୪ରେ ଗୁଳିମାଡରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ବୁଗୁଡ଼ା ପୋଲିସ ଶନିବାର ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବୁଗୁଡ଼ାର ଧନୁ ସାହୁ ଓ ଭଗବାନ ସାହୁ। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଗତପାଟଣା ଗ୍ରାମର ଅର୍ଜୁନ କର ଏବେବି ଫେରାର ଅଛନ୍ତି। ପ୍ରକାଶ ଯେ ଗତ ୨ରୁ ନୟାଗଡ଼ ଜିଲା କଳାପଥର ଅନ୍ତର୍ଗତ ମାଣିକଗଡ଼ର ରଞ୍ଜନ କୁମାର ଦଳେଇ ଓ ତାଙ୍କ ଦୁଇଜଣ ସହଯୋଗୀ ଅର୍ଜୁନଙ୍କ ଘରେ ରହୁଥିଲେ। ଅର୍ଜୁନଙ୍କ ଭଣଜା ଡ୍ରଗ୍ସ କାରବାରରେ ଗିରଫ ହୋଇ ଜେଲରେ ଥିବାବେଳେ ପୋଲିସକୁ ରଞ୍ଜନ ଭଣଜାକୁ ଧରାଇବାରେ ହାତ ଥିବା ସନ୍ଦେହ କରି ଅର୍ଜୁନ ଯୋଜନା ମୁତାବକ ବାଇକରେ ରଞ୍ଜନଙ୍କୁ କୁବେରେଶ୍ୱର ମନ୍ଦିର ନିକଟକୁ ନେଇଥିଲେ। ସେଠାକୁ ଫୋନ କଲ ପାଇ ଧନୁ ଓ ଭଗବାନ ମଧ ଯାଇଥିଲେ। ମନ୍ଦିରରେ ପ୍ରମାଣ କରିବାକୁ ନେଇ ରଞ୍ଜନ ଓ ଅର୍ଜୁନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶେଷରେ ରାଗିଯାଇ ଅର୍ଜୁନ ପିସ୍ତଲ ବାହାର କରି ରଞ୍ଜନଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ।

## ୩ ପଞ୍ଚାୟତକୁ ଜାତୀୟ ପୁରସ୍କାର ଜିଲା ପ୍ରଶାସନକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଛତ୍ରପୁର, ୨୫।୪(ଡି.ଏନ୍.ଏ.):

ଗଞ୍ଜାମ ଜିଲାର ୩ ପଞ୍ଚାୟତ ଜାତୀୟ ପଞ୍ଚାୟତିରାଜ ଦିବସରେ ୩ ବିଭାଗରେ ଜାତୀୟ ପଞ୍ଚାୟତ ପୁରସ୍କାର ପାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଜିଲା ପ୍ରଶାସନକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଗଞ୍ଜାମ ପ୍ରଶାସନ ଗ୍ରାମାଞ୍ଚଳର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଥିବା, ଗ୍ରାମାଞ୍ଚଳ ମଙ୍ଗଳ କାର୍ଯ୍ୟକ୍ରମର ଠିକ ମନିଟରିଂ କରୁଥିବାରୁ ଏହି ସଫଳତା ମିଳିଥିବା ମୁଖ୍ୟମନ୍ତ୍ରୀ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଓଡିଶାରେ ଶ୍ରେଷ୍ଠ ବିକାଶ ଯୋଜନା କରିବାରେ ଗଞ୍ଜାମ ବ୍ଲକର କାଇଁଚପୁର, ଶ୍ରେଷ୍ଠ ଚାଇଲ୍ଡ ଫ୍ରେଣ୍ଡଲି ପଞ୍ଚାୟତ ଭାବେ ବେଲଗୁଣ୍ଠା ବ୍ଲକର ବଡ଼ବରସିଙ୍ଗି ଏବଂ ନାନାଜୀ ଦେଶମୁଖ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତକୁ ମିଳିଛି।

# ମତ୍ସ୍ୟ ଯାଆଁଳ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ

ଭଞ୍ଜନଗର, ୨୫।୪(ଡି.ଏନ.ଏ)

ଚାଷ କାର୍ଯ୍ୟ ଲକ୍‌ଡାଉନ୍ କଟକଣାମୁକ୍ତ ଘୋଷଣା ହେବା ପରେ ଭଞ୍ଜନଗର ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରରେ ଶନିବାରଠାରୁ ଯାଆଁଳ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଜୁନ୍ ଶେଷ ସପ୍ତାହରେ ଏହି ପ୍ରକ୍ରିୟା ଆରମ୍ଭ ହେଉଥିଲା। ଏଥର ଏହା ଆଗୁଆ ଆରମ୍ଭ ହେଉଥିବାରୁ ଚାଷୀଙ୍କୁ ପୂର୍ବ ଅପେକ୍ଷା ବଡ଼ ଯାଆଁଳ ମିଳିବ। ତ୍ୱରିତ ପ୍ରଜନନ ଯୋଜନା ମାଧ୍ୟମରେ ଯାଆଁଳ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଚଳିତବର୍ଷ ଭଞ୍ଜନଗର କେନ୍ଦ୍ରରୁ ସାଢ଼େ ୩ କୋଟି ଯାଆଁଳ ବିକ୍ରି ଲକ୍ଷ୍ୟ ରଖାଯାଇଛି। ଆଗକୁ ଏହି ଲକ୍ଷ୍ୟ ବଢ଼ିବା ସମ୍ଭାବନା ରହିଛି।


ଯାଆଁଳ ଉତ୍ପାଦନ ପ୍ରକ୍ରିୟା ଚାଲିଛି ।

ଯାଆଁଳ ଉତ୍ପାଦନ କେନ୍ଦ୍ର ପରିଚାଳକ ସରିଫ୍ ଅହମ୍ମଦ କହିଛନ୍ତି, ପ୍ରଥମଥର ପାଇଁ ଏପ୍ରିଲରୁ ଏହି ପ୍ରକ୍ରିୟା ହେଉଛି । ଏହାଦ୍ୱାରା ଚାଷୀମାନେ ଲାଭବାନ ହେବେ।

# ପାଳନ ହେବନି ଅକ୍ଷୟ ତୃତୀୟା

**ଢେଙ୍କାନାଳ ଅଫିସ, ୨୫।୪**

- ଚାଷୀ ଆରମ୍ଭ କରିପାରିବେ ଚାଷକାର୍ଯ୍ୟ
- ରଖିବାକୁ ପଡ଼ିବ ସାମାଜିକ ଦୂରତା
- ଜିଲାରେ ୩୦୧.୮ ମିଲିମିଟର ବର୍ଷା


କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା।

ଓଡ଼ିଶାର କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା। ଏହି ଦିନଠାରୁ ଚାଷ ପାଇଁ ଆରମ୍ଭ ହୁଏ ପାଗଭିଡ଼ା। ଅକ୍ଷି ମୁଠି ଅନୁକୂଳ ପରେ ଚାଷମନା ହୁଏ ଚାଷୀ। ହେଲେ ଚଳିତବର୍ଷ ସବୁକିଛି ବିଗାଡ଼ି ଦେଇଛି କରୋନା। ସାମାଜିକ ଦୂରତ୍ୱ ନିୟମ ଆଗରେ ପରମ୍ପରା ବଞ୍ଚାଇବା କାଠିକର ପାଠ ହୋଇପଡ଼ିଛି। ଏହିକ୍ରମରେ ରବିବାର ହେବାକୁ ଥିବା ଜିଲା ତଥା ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ମହୋତ୍ସବକୁ ବନ୍ଦ ରଖିଛି ଢେଙ୍କାନାଳ ଜିଲା ପ୍ରଶାସନ। ବିଧି ବଞ୍ଚାଇବାକୁ ଚାଷୀମାନେ ବ୍ୟକ୍ତିଗତ ଭାବେ ସାମାଜିକ ଦୂରତା ରଖି ଚାଷ କାର୍ଯ୍ୟ ଆରମ୍ଭ କରିପାରିବେ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି ।

ଢେଙ୍କାନାଳ ଜିଲାରେ ଅକ୍ଷୟ ତୃତୀୟା ଗଣପର୍ବ ଭାବେ ଦୀର୍ଘଦିନରୁ ପାଳିତ ହୋଇ ଆସୁଛି। ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ସମେତ ସରକାରୀସ୍ତରରେ ବ୍ଲକ ଏବଂ ଜିଲାସ୍ତରରେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ପାରମ୍ପରିକ ପଦ୍ଧତିରେ ପୂଜାର୍ଚ୍ଚନା ପରେ ଅକ୍ଷିମୁଠି ଅନୁକୂଳ କରାଯିବା ନିୟମ ରହିଛି। ହେଲେ କରୋନା ପ୍ରକୋପ ଯୋଗୁ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ସଂଖ୍ୟାଧିକ ଲୋକଙ୍କ ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାକୁ ସବୁ ଚାଷୀ ପରିବାର ପାଳନ କରିବାକୁ ଜିଲା କୃଷି ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

ଚଳିତ ମାସ ୧୯, ୨୨, ୨୪ ଓ ୨୫ ତାରିଖରେ କାଳବୈଶାଖୀ ପ୍ରଭାବରେ ଜିଲାରେ ବର୍ଷା ହୋଇଛି। ହେଲେ ଏଥିରେ ଚାଷ କ୍ଷତିଗ୍ରସ୍ତ ହୋଇ ନ ଥିବା ଜିଲା କୃଷି ଉପନିର୍ଦ୍ଦେଶକ କହିଛନ୍ତି। ଅଦିନିଆ ବର୍ଷା ଏବଂ ତଜ୍ଜନିତ ଫସଲ କ୍ଷୟକ୍ଷତି ସମ୍ପର୍କରେ ଅତିରିକ୍ତ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେଇଛନ୍ତି। ଏହି ରିପୋର୍ଟ ଅନୁଯାୟୀ ଜିଲାରେ ୯୦ ପ୍ରତିଶତ ଅଣଧାନ ଫସଲ ଅମଳ ସରିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଲା କୃଷି ବିଭାଗ ଓ ଜରୁରୀ ଏବଂ ଆପାତ୍‌କାଳୀନ ବିଭାଗ ପକ୍ଷରୁ ଶନିବାର ମିଳିଥିବା ତଥ୍ୟ ଅନୁଯାୟୀ, ଶନିବାର ସୁଦ୍ଧା ଜିଲାରେ ମୋଟ୍ ୩୦୧.୮ ମିମି ବର୍ଷା ହୋଇଛି। ଢେଙ୍କାନାଳରେ ୨୬.୩, ଗଁଦିଆରେ ୨୩, ଓଡ଼ାପଡ଼ାରେ ୭୭, ହିନ୍ଦୋଳରେ ୨୯.୨, କାମାକ୍ଷାନଗରରେ ୩୬.୧, ଭୁବନରେ ୩୨, ପରଜଙ୍ଗରେ ୬୧ ଏବଂ କଙ୍କଡ଼ାହାଡ଼ରେ ୧୭.୨ ମିମି ବର୍ଷା ରେକର୍ଡ କରାଯାଇଥିବା ଜିଲା ଜରୁରୀ ଓ ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ସୂଚନା ଦେଇଛନ୍ତି ।

# ମାସ୍କ ନ ପିନ୍ଧିଲେ ମିଳିବନି ସାମଗ୍ରୀ

**ଢେଙ୍କାନାଳ ଅଫିସ, ୨୫।୪**


ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା।

- ସହରାଞ୍ଚଳ ବାହାରେ ଖୋଲିବ ଦୋକାନ
- ଖିଲାପ କଲେ ଦଣ୍ଡିତ ହେବେ ଦୋକାନୀ

କରୋନା ସଂକ୍ରମଣ ପ୍ରତିହତ କରିବାକୁ ମାର୍ଚ୍ଚ ୨୫ରୁ ଲକ୍‌ଡାଉନ୍ ଜାରି ରହିଛି। ଲୋକମାନଙ୍କ ସୁବିଧା ଏବଂ ଗ୍ରାମାଞ୍ଚଳ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବାକୁ ଶନିବାର ତାଲାବନ୍ଦ ନିୟମରେ ସାମାନ୍ୟ କୋହଳ କରାଯାଇଛି। ରାଜ୍ୟ ସରକାରଙ୍କ ପରିବର୍ତ୍ତିତ ନିର୍ଦ୍ଦେଶନାମା ଅନୁଯାୟୀ ପୌରାଞ୍ଚଳ ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦ ବାହାରେ ଥିବା ଦୋକାନ ଖୋଲା ରହିବ। ତେବେ ମାସ୍କ ନ ପିନ୍ଧିଲେ କୌଣସି ଦୋକାନରୁ ସାମଗ୍ରୀ ମିଳିବ ନାହିଁ। ସେହିପରି ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ସଂକ୍ରମଣ ଆଶଙ୍କା ବୃଦ୍ଧି କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନ ଯଥା, ମଲ୍, ହୋଟେଲ୍, ରେଷ୍ଟୁରାଣ୍ଟ, ଚା' ଦୋକାନ, ପାନ ଦୋକାନ, ଉଠା ଜଳଖିଆ ଦୋକାନ, ଜୁସ୍ ସେଣ୍ଟର, ସେଲୁନ୍ ଓ ବିଉଟି ପାର୍ଲର, ଧର୍ମପୀଠ ନିକଟ ଭୋଗ ଦୋକାନକୁ ଏଥିରୁ ବାଦ୍ ଦିଆଯାଇଛି। ପୂର୍ବଭଳି ଏସବୁ ବ୍ୟବସାୟିକ ଅନୁଷ୍ଠାନ ଖୋଲିବାକୁ ଅନୁମତି ମିଳିନାହିଁ। ଏହାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦୋକାନ ଖୋଲିବ। ଖୋଲିଥିବା ଦୋକାନ ୫୦% କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ସମସ୍ତେ ମାସ୍କ ବ୍ୟବହାର କରିବା ବାଧ୍ୟତାମୂଳକ କରାଯାଇଛି।

ଏ ନେଇ ଜିଲାପାଳ କୁହନ୍ତି, ମ୍ୟୁନିସିପାଲିଟି ଏବଂ ଏନ୍‌ଏସି ଅଞ୍ଚଳରେ ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ ଦୋକାନଗୁଡ଼ିକ ଖୋଲାରହିବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଦୋକାନ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୭ଟାରୁ ଦିନ ୧୧ଟା ଯାଏ ଖୋଲିବ। ଏଥିରେ ଖିଲାପ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ଜିଲାପାଳ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଜିଲାରେ ଢେଙ୍କାନାଳ ପୌରସଂସ୍ଥା ସମେତ କାମାକ୍ଷାନଗର, ଭୁବନ ଏବଂ ହିନ୍ଦୋଳ ଏନ୍‌ଏସି ରହିଛି।

## ସଂକ୍ଷେପରେ

### ସେବା ଟ୍ରଷ୍ଟ ଦେଲା ରନ୍ଧାଖାଦ୍ୟ



**ଆଠମଲ୍ଲିକ, ୨୫।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ବିଭିନ୍ନ ପଞ୍ଚାୟତର ପ୍ରାୟ ୬ଶହ ଅସହାୟ, ଭିକ୍ଷକ ଓ ମାନସିକ ବିକୃତ ଲୋକଙ୍କୁ ସଞ୍ଜୟ ସେବା ଟ୍ରଷ୍ଟ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଲକ୍‌ଡାଉନ ଉଠିବା ଯାଏ ଏହି ବ୍ୟବସ୍ଥା ଚାଲୁ ରହିବ ବୋଲି ଟ୍ରଷ୍ଟ ପରିଚାଳକ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି। କିଆକଟା ସରପଞ୍ଚ ସୋମନାଥ ମାଲିକ, ଗ୍ରାମରୋଜଗାର ସେବକ ସୁନୀଲ କୁମାର ଭୋଇ, ସରୋଜ କୁମାର ପ୍ରଧାନ, ସୁନୀଲ କୁମାର ମହାନ୍ତି ସହଯୋଗ କରିଥିଲେ।

### ଗ୍ରାମାଞ୍ଚଳରେ ଖୋଲିବ ଦୋକାନ

**ଅନୁଗୋଳ ଅଫିସ, ୨୫।୪:** ଓଡ଼ିଶା ସରକାରଙ୍କ ପରିବର୍ତ୍ତିତ ନିର୍ଦ୍ଦେଶନାମା ଅନୁଯାୟୀ ମ୍ୟୁନିସିପାଲିଟି ଅଞ୍ଚଳ ବାହାରେ ଥିବା ଦୋକାନ (ମଲ୍ ବ୍ୟତୀତ) ଖୋଲା ରହିବ। ୫୦ ପ୍ରତିଶତ କର୍ମଚାରୀଙ୍କ ଦ୍ୱାରା ଏହା ପରିଚାଳିତ ହେବ ଓ କର୍ମଚାରୀମାନେ ମାସ୍କ ବ୍ୟବହାର କରିବା ବାଧ୍ୟତାମୂଳକ। ସେହିପରି ଦୋକାନ ଆଗରେ ସାମାଜିକ ଦୂରତ୍ୱ ବଜାୟ ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି। ତେବେ ମ୍ୟୁନିସିପାଲିଟି ଅଞ୍ଚଳରେ ପୂର୍ବ ନିର୍ଦ୍ଦେଶନାମା ବଳବତ୍ତର ରହିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ଏଥିରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

### ଅସହାୟଙ୍କୁ ଖାଦ୍ୟ ବଣ୍ଟନ



**ବଇଣ୍ଡା/କଣିହାଁ, ୨୫।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ବାମୁର ପଞ୍ଚାୟତର ବାମୁର, ଡଙ୍ଗାପାଳ ଗ୍ରାମର ଦିନ ମଜୁରିଆ, ଭିକ୍ଷକ ୧୯ ପରିବାରକୁ ଶନିବାର ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସାମାଜିକ କର୍ମୀ ଅର୍ଜୁନ ସାହୁ, ଦିଲୀପ ପ୍ରଧାନ, ପ୍ରଫୁଲ୍ଲ ବାହିନୀ ପତି, ହରିହର ସାହୁ ପ୍ରମୁଖ ଖାଦ୍ୟ ସହ ମାସ୍କ ବଣ୍ଟନ କରିଥିଲେ। ସେହିପରି କଣିହାଁ ବ୍ଲକ ରଙ୍ଗବେଡ଼ା ଛକସ୍ଥିତ 'ଆପଣଙ୍କ ସେବା ପରିବାର' ପକ୍ଷରୁ ଅସହାୟଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଜଙ୍ଗଲରୁ ମହୁ ସଂଗ୍ରହ କରି ଚଳୁଥିବା ଯାଜପୁର ଜିଲା ମଣ୍ଡୁମାଳ ଗ୍ରାମର ଠକ ସାହୁଙ୍କ ସହ ମୋଟ୍ ୧୧ଜଣଙ୍କୁ ସେବା ପରିବାର ସଦସ୍ୟ ଅଜୟ କୁମାର ରାୟ, ମାନସ ପ୍ରଧାନ ପ୍ରମୁଖ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

### ବଳାତ୍କାର ଭିଡିଓ ଭାଇରାଲ, ୨ ଗିରଫ

**ଢେଙ୍କାନାଳ ଅଫିସ, ୨୫।୪:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ସହ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ପ୍ରତାପ ରାଉତ (୪୭) ଏବଂ ତାଙ୍କ ସହଯୋଗୀ ରଣଜିତ ସାମଲଙ୍କୁ ପୋଲିସ ଗିରଫ କରିଛି। ଏହି ଘଟଣାର ତଦନ୍ତ କରାଯାଉଥିବା ଥାନାଧିକାରୀ ଜିତେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# କରୋନା ମୁକାବିଲାର ସମୀକ୍ଷା କଲେ ବିଧାୟକ


ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିଧାୟକ ସମୀକ୍ଷା କରୁଛନ୍ତି।

**ଅନୁଗୋଳ ଅଫିସ, ୨୫।୪**

କରୋନାର ମୁକାବିଲା ନିମନ୍ତେ ଅନୁଗୋଳ ଜିଲା ପ୍ରଶାସନ କିଭଳି ପଦକ୍ଷେପ ନେଇଛି ସେ ନେଇ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଶନିବାର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଓ ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରାକ୍ ଆକଳନ ଅନୁଯାୟୀ ରାଜ୍ୟ ବାହାରେ ଥିବା ୧୫ରୁ ୧୭ ହଜାର ଓଡ଼ିଆ ଜିଲାକୁ ଫେରି ଆସିବାର ସମ୍ଭାବନା ରହିଛି। ତେଣୁ ସମସ୍ତଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରିବା ସହ ଆସନ୍ତା ୫ ତାରିଖ ସୁଦ୍ଧା ଏ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା ଶେଷ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ।

# ବାହାରୁ ଆସିବା ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ

**ଅନୁଗୋଳ ଅଫିସ, ୨୫।୪**

ବାହାର ରାଜ୍ୟରୁ ଫେରିବାକୁ ଚାହୁଁଥିବା ଓଡ଼ିଆମାନେ ନାମ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ଏ ନେଇ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରବାସୀ ଓଡ଼ିଆମାନେ ସରକାରୀ ପୋର୍ଟାଲରେ ପଞ୍ଜୀକରଣ କରିବା ପରେ ଯାଇ ଓଡ଼ିଶାରେ ପ୍ରବେଶ କରିପାରିବେ। ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ୍‌ରେ ନିଜେ ତଥା ସମ୍ପର୍କୀୟଙ୍କ ମାଧ୍ୟମରେ ପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ନିର୍ଦ୍ଧାରିତ ଫର୍ମରେ ଏହାକୁ ଜମା କରାଯାଇପାରିବ। ବିନା ପଞ୍ଜୀକରଣରେ ପ୍ରବେଶ କଲେ କିମ୍ବା ସରକାରଙ୍କ ନିର୍ଦ୍ଦେଶନାମା ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଦୋକାନୀଙ୍କ ବିରୋଧରେ ମାମଲା

**ଅନୁଗୋଳ ଅଫିସ, ୨୫।୪**

କଟକଣା ଉଲ୍ଲଂଘନ କରି ଶନିବାର ସକାଳେ ଅନୁଗୋଳ ସହରରେ ଦୋକାନ ଖୋଲିଥିବା କେତେଜଣ ବ୍ୟବସାୟୀଙ୍କ ନାମରେ ପୋଲିସ ମାମଲା ରୁଜୁ ସହ ସେମାନଙ୍କୁ ଗିରଫ କରିଛି। ପୋଲିସ କହିଛି, ସକାଳୁ ସହରର ବିଭିନ୍ନ ସ୍ଥାନରେ କେତୋଟି ଚା, ପାନ, କପଡ଼ା, ଷ୍ଟେଶନାରି ଓ ସୁନା ଦୋକାନ ଖୋଲାଥିବା ସୂଚନା ମିଳିଥିଲା। ତୁରନ୍ତ ପୋଲିସ କର୍ମଚାରୀମାନେ ସହରରେ ପାଟ୍ରୋଲିଂ କରିଥିଲେ। ମହିଳା ମହାବିଦ୍ୟାଳୟ ନିକଟରେ ଏକ ସେଲୁନ୍ ଖୋଲା ରହିଥିବାରୁ ଦୋକାନୀଙ୍କୁ ଥାନାକୁ ଅଣାଯାଇଥିଲା। ପରେ କପଡ଼ା, ଚା ଓ ଷ୍ଟେଶନାରି ଦୋକାନୀଙ୍କୁ ପୋଲିସ ଉଠାଇ ଆଣିଥିଲା। ଏହା ଜାଣିବା ପରେ ଆଇନ ଉଲ୍ଲଂଘନ କରିଥିବା ସହରର ଅନ୍ୟ ଦୋକାନୀମାନେ ଛାନିଆ ହୋଇଯାଇଥିଲେ। କେତେଜଣ ଦୋକାନ ଭିତରେ ରହି ଶଟର ପକାଇ ଦେଇଥିଲେ। ଜଣେ ସୁନା ଦୋକାନୀ ଶଟର ମଧ୍ୟରେ ଅଧଘଣ୍ଟା ଯାଏ ରହିଥିଲେ। ପରେ ତାଙ୍କ ସମ୍ପର୍କୀୟମାନେ ଦୋକାନ ସମ୍ମୁଖରେ ପହଞ୍ଚିବା ପରେ ଦୋକାନୀ ବାହାରକୁ ଆସିଥିଲେ। ପୋଲିସ ହାବୁଡ଼ରେ ପଡ଼ିଥିବା ଦୋକାନୀଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

# ୪୦ ହଜାର ଟଙ୍କା ଜରିମାନା ଆଦାୟ

**ଅନୁଗୋଳ ଅଫିସ, ୨୫।୪**


ଅନୁଗୋଳ ପୋଲିସ ପକ୍ଷରୁ ଥାନା ଛକଠାରେ ଯାଞ୍ଚ କରାଯାଉଛି।

ଅନୁଗୋଳ ପୋଲିସ ପକ୍ଷରୁ ଶନିବାର ଥାନା ଛକରେ ଗାଡ଼ି ଯାଞ୍ଚ କରାଯାଇ ୫୦ ଜଣଙ୍କଠାରୁ ୪୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏସ୍‌ପି ଜଗମୋହନ ମୀନା ଏହି ଯାଞ୍ଚ ବେଳେ ଉପସ୍ଥିତ ରହି କିଏ କେଉଁ କାମରେ ବାହାରକୁ ଆସିଛନ୍ତି ତାହା ପଚାରି ବୁଝିବା ସହ ଅମାନିଆଁଙ୍କ ନିକଟରୁ ଜରିମାନା ଆଦାୟ କରିବାକୁ କହିଥିଲେ। ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ସହ ଏସ୍‌ଆଇ ପ୍ରକାଶ ମାଝି, ବିପ୍ଳବ ସାହୁ, ତୁଷାର ମହାନ୍ତି, ଏଏସ୍‌ଆଇ ପି.ସି. ବେହେରା ପ୍ରମୁଖ ପୂର୍ବାହ୍ନ ସାଢ଼େ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଯାଞ୍ଚ କରିଥିଲେ। ପରେ ଏସ୍‌ପି ମୀନା ପହଞ୍ଚି ଯାଞ୍ଚ ତଦାରଖ କରିଥିଲେ। ଗ୍ରାମାଞ୍ଚଳରେ ମଧ୍ୟ ଏହି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି କହିଛନ୍ତି।

# ଘରକୁ ଫେରୁଥିବାବେଳେ ହାତୀ ଦଳିଦେଲା

**ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଭାଲୁତଇଲାଠରେ ଶନିବାର ହାତୀ ଆକ୍ରମଣରେ କଣଲୋଇ ଗ୍ରାମର କିଶୋର ଚନ୍ଦ୍ର ସାହୁଙ୍କ ମୃତ୍ୟୁ ହୋଇଛି। ମଝିସାହି ବନସଂରକ୍ଷଣ ସମିତି ପକ୍ଷରୁ କିଶୋର ଭାଲୁତଇଲା ନିକଟସ୍ଥ ଜଙ୍ଗଲ ଜଗିବା ପାଇଁ ଯାଇଥିଲେ। ମଧ୍ୟାହ୍ନରେ ସେ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହ ସରକାରୀ ନିୟମ ଅନୁଯାୟୀ ବକେୟା କ୍ଷତିପୂରଣ ଓ ଜଣକୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଗାମୁଛା, ମାସ୍କ, ସାବୁନ ବଣ୍ଟନ

**ଢେଙ୍କାନାଳ ଅଫିସ, ୨୫।୪**

ଢେଙ୍କାନାଳ ପୌରାଞ୍ଚଳ ୧୮ନଂ. ୱାର୍ଡ ଅଧୀନ ଭଗବାନପୁର ଦେହୁରୀ ସାହି ଏବଂ ଜୁଆଙ୍ଗ ସାହିରେ ଶୁକ୍ରବାର କରୋନା ସଂକ୍ରମଣ ପ୍ରତିରୋଧ କରିବାକୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏମ୍‌ପି ମହେଶ ସାହୁ ଉପସ୍ଥିତ ରହି ୨୫୦ ମାସ୍କ, ୧୫୦ ସାବୁନ ଏବଂ ୧୦୦ଟି ଗାମୁଛା ବଣ୍ଟନ କରିଥିଲେ। ଏହି ଅବସରରେ ଏମ୍‌ପି ଘରକୁ ଘର ବୁଲି ମହିଳା ଏବଂ ଛୋଟ ପିଲାଙ୍କୁ ସଚେତନ କରାଇଥିଲେ। ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଫୋରମ୍‌ର ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ପଙ୍କଜ ନାୟକ, ସମ୍ପାଦକ ଭରତ ଦାସ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ଚନ୍ଦ୍ରଶେଖର ନାଥ, ଅଜୟ ଶଙ୍କର ମିଶ୍ର, ଇଂ. ଦେବବ୍ରତ ଭଞ୍ଜ, ବିନୋଦ ଅଗ୍ରୱାଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।


ଏମ୍‌ପି ଜଣେ ମହିଳାଙ୍କୁ ମାସ୍କ ପିନ୍ଧାଉଛନ୍ତି।

# ନିର୍ଯାତନା ଦେଇ ଶିକ୍ଷକ ଗିରଫ

**ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.)**

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଜରପଡ଼ା ପୋଲିସ ଓଗୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବିନାରାୟଣ ନାଏକଙ୍କୁ ଗିରଫ କରିଛି। ଶିକ୍ଷକଙ୍କୁ ବାରମ୍ବାର ବୁଝାଶୁଝା କରାଯାଇଥିଲେ ବି ସେ ଦୀର୍ଘଦିନ ହେଲା ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ତେଣୁ ଅଭିଯୋଗକୁ ଭିତ୍ତିକରି ନଂ. ୭୬/୨୦ରେ ଏକ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ଫଟୋରେ ଖବର...


ଶନିବାରଠାରୁ ପବିତ୍ର ରମଜାନ ମାସ ଆରମ୍ଭ ହୋଇଥିଲେ ହେଁ କରୋନା କଟକଣା ଯୋଗୁ ଅନୁଗୋଳ ସହରର ଏକ ମସ୍‌ଜିଦ୍‌ରେ ତାଲା ପଡ଼ିଛି। (ଫଟୋ- ବୁବୁ)

# ଭାଟି ଲାଇସେନ୍ସ ରଦ୍ଦ ପାଇଁ ହେବ ଆବେଦନ

**ଅନୁଗୋଳ ଅଫିସ, ୨୫।୪**

## ମିଳିଲା ଚୋରା କାରବାର ଚେର ଘଟଣା


ଭାଟିର ଏକ କୋଠରିକୁ ସିଲ୍ କରାଯାଇଛି।

ଅନୁଗୋଳ ସହର ଉପକଣ୍ଠରେ ଥିବା କରଡ଼ାଗାଡ଼ିଆ ମଦ ଭାଟିକୁ ବନ୍ଦ କରାଯାଇଥିଲେ ବି ସେଠାରୁ ୪୪୪୦ ଲିଟର ଦେଶୀ ଚୋରା ମଦ ସହ ୬ ହଜାର ଲିଟର ପୋଚ ଜବତ ଘଟଣାର ତଦନ୍ତ ଅନୁଗୋଳ ପୋଲିସ ପକ୍ଷରୁ ଜାରି ରହିଛି। ପୂରା ଘଟଣା ସମ୍ପର୍କରେ ଲିଖିତ ଭାବେ ଅନୁଗୋଳ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅନୁଗୋଳ ଏସ୍‌ପି ଜଗମୋହନ ମୀନା କହିଛନ୍ତି।

ଲକ୍‌ଡାଉନ୍ ବେଳେ ଅନୁଗୋଳ ପୋଲିସ ପକ୍ଷରୁ ଗୋଟିଏ ଦିନରେ ଏପରି ବିପୁଳ ପରିମାଣର ମଦ ଜବତ ସହ ଏତେ ସଂଖ୍ୟକ ଲୋକଙ୍କୁ ଗିରଫ କରାଯିବା ରାଜ୍ୟରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏହି ଘଟଣା ପଛରେ ଯେଉଁମାନଙ୍କ ହାତ ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ମୀନା ସ୍ପଷ୍ଟ କରିଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଗିରଫ ମଦ ବ୍ୟବସାୟୀ ବିକ୍ରମ କିଶୋର ସାହୁଙ୍କ ଉପରେ ପୋଲିସ କଡ଼ା ନଜର ରଖିଛି। ତଦନ୍ତ ପ୍ରଭାବିତ ହେବା ଆଶଙ୍କାରେ ତାଙ୍କ ନିକଟକୁ ମୋବାଇଲ ଫୋନ୍ ବାରଣ କରାଯିବ। ଡାକ୍ତରଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି ଓ ତାହା ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଆବଶ୍ୟକ ପଡ଼ିଲେ ବିକ୍ରମଙ୍କ ସମ୍ପତ୍ତିର ତଦନ୍ତ କରିବାକୁ ଇଡି ଓ ଅନ୍ୟ ବିଭାଗକୁ ଚିଠି କରାଯିବ। ଏଥିସହ ବିକ୍ରମଙ୍କ ଭାଟି ଲାଇସେନ୍ସ ରଦ୍ଦ ପାଇଁ ମଧ୍ୟ ଆବେଦନ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନୁଗୋଳ ପୋଲିସର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି।

ଧରିତ୍ରୀ DHARITRI
ରବିବାର, ୨୬ ଏପ୍ରିଲ, ୨୦୨୦



## ସଂକ୍ଷେପରେ

### ବଜ୍ରପାତ ନେଲା ୬ ଗୋରୁଙ୍କ ଜୀବନ

ଖପ୍ରାଖୋଲ, ୨୫।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ପ୍ରବଳ ପବନ ବର୍ଷା ସାଙ୍ଗକୁ ବଜ୍ରପାତରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବ୍ଲକ ଅନ୍ତର୍ଗତ ଚାଉଳବାଂଜି ଗାଁରେ ବଜ୍ରପାତରେ ୬ ଗୋରୁଙ୍କର ମୃତ୍ୟୁ ଘଟିଛି । ଅପରାହ୍ନରେ ପ୍ରବଳ ବର୍ଷା ଓ ପବନ ହୋଇଥିଲା । ଗାଁର ଅନେକ ଗୋରୁ ଗାଁ ମୁଣ୍ଡ ବରଗଛ ମୂଳେ ରହି ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଅନଙ୍ଗ ଧରୁଆ, ବଂଶୀ ନିଆଲ, ପବିତ୍ର ନିଆଲ, ମୂରଲୀ ଧରୁଆଙ୍କ ଗୋଟିଏ ଲେଖାଏ ବଳଦ ଏବଂ ଚୂଡା ଖର୍ସେଲଙ୍କ ବଳଦ ଏବଂ ବାଛୁରୀର ମୃତ୍ୟୁ ହୋଇଯାଇଥିଲା। ସେହିପରି କାଳବୈଶାଖୀ ଯୋଗୁଁ ଗଛ ଭାଙ୍ଗି ବାଘମୁଣ୍ଡ ପଞ୍ଚାୟତ ହିର୍ଲି ଗାଁରେ ଗୋଟିଏ ବଳଦର ମତ୍ୟୁ ହୋଇଥିବା ବେଳେ ଅନ୍ୟ ୪ଟି ବଳଦ ଗୁରୁତର ହୋଇଛନ୍ତି। କୁଆପଥର ବର୍ଷା ଯୋଗୁଁ ବ୍ୟାପକ ରବିଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ସେହିପରି ବଜ୍ରପାତ ଯୋଗୁଁ ଦମେଇପାଲି ଗାଁ ଜଗନ୍ନାଥ ମନ୍ଦିରର ଦଧିନଉତିର ଧ୍ୱଜା ଉଡିଜିବା ସହ କିଛି ଇଟା ମଧ୍ୟ ଭାଙ୍ଗି ପଡିଛି ।

### ହାଇୱାକୁ ପିଟିଲା ଟ୍ରକ୍, ହେଲ୍‌ପର ମୃତ

ରେଙ୍ଗାଲି, ୨୫।୪ (ଡି.ଏନ.ଏ.): ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସର ରେଙ୍ଗାଲି ଥାନା ରମ୍ଭେଲା ଗାଁ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ରାସ୍ତାରେ ଠିଆ ହୋଇଥିବା ଏକ ଟିପ୍ପ ବୋଝେଇ ହାଇୱାକୁ ଏକ ଟ୍ରକ ପଛ ପଟୁ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଟ୍ରକ ହେଲପର ଅଜିତ କୁମାର ସିଂ(୩୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଗୁରୁତର ହୋଇଛନ୍ତି। ରେଙ୍ଗାଲି ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଗ୍ୟାସ କଟର ସାହାଯ୍ୟରେ କାଟି ଗାଡିତଳେ ଚାପି ହୋଇ ରହିଥିବା ଡ୍ରାଇଭର ଅଭୟ କୁମାର (୩୦)ଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ବୁର୍ଲା ପଠାଯାଇଛି। ଅଜିତଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଉଭୟ ଅଜିତ ଓ ଅଭୟଙ୍କ ଘର ବିହାରର ଔରଙ୍ଗାବାଦ ବୋଲି ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଟିପ୍ପ ବୋଝେଇ ହାଇୱା (ନଂ.ଓଡି୨୩ବି୯୮୯୨) ଓ ଟ୍ରକ (ନଂ.ଓଡି୧୭ଏନ୯୦୧୧)କୁ ଜବତ କରିଛି ।

### ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

ବଲାଙ୍ଗୀର ଅଫିସ, ୨୫।୪: ବଲାଙ୍ଗୀର ବ୍ରାହ୍ମଣପଡା ସୁନାରି ଗଳିରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ପୋଲିସ ଶନିବାର ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୨ ହଜାର ଟଙ୍କା, ୬ ପ୍ୟାକେଟ୍ ତାସ ଓ ୫ଟି ମୋବାଇଲ ଜବତ୍ କରାଯାଇଛି। ଗିରଫ ଜୁଆଡୀମାନେ ହେଲେ ବ୍ରାହ୍ମଣପଡାର ଅରୁଣ ରାଉତ୍, ତୁଲସୀନଗରର ପରମାନନ୍ଦ ପୁଟେଲ, ଭିକି ରାଉତ୍, ବାବୁ ସ୍ୱାଇଁ, ରିକି ରାଉତ୍, ହାଟପଦାପଡାର ବାବୁଲୁ ସ୍ୱାଇଁ ଓ ଠିକାଦାରପଡାର ରାଜେଶ୍ୱର ନାଏକ ।

# ଚାଷୀଙ୍କ ଦୁଃଖ କରାମାଡ଼

ବରଗଡ଼ ଜିଲାର ଚାଷୀଙ୍କୁ ସମସ୍ୟା ପିଛା ଛାଡ଼ିନାହିଁ । କେତେବେଳେ ଅନାବୃଷ୍ଟି ଯୋଗୁ ମରୁଡ଼ି ତ ଆଉ କେବେ ରୋଗପୋକ ଉପଦ୍ରବ ଯୋଗୁ ଚାଷୀଙ୍କ ଧାନ ଫସଲ ଧୂଳିସାତ୍ ହୋଇ ପଡୁଛି । ଏଥର ଚାଷୀ ଆହୁରି ଦୁର୍ଦ୍ଦିନକୁ ଠେଲି ହୋଇ ଯାଇଛି । ଗୋଟିଏ ପଟେ କରୋନା ସଂକ୍ରମଣ ତଥା ଏଥିପାଇଁ ହୋଇଥିବା ଲକ୍ ଡାଉନ୍ କଟକଣା ଯୋଗୁ ଚାଷ, ଚାଷୀକୁଳ ପ୍ରଭାବିତ ହୋଇଥିବା ବେଳେ ତୁହାକୁ ତୁହା କରାମାଡ଼ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି । ଗତ ୨୧ ଓ ୨୪ ତାରିଖରେ ହୋଇଥିବା କରାମାଡ଼ରେ ଜିଲାର ଚାଷୀଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ଏଥିରେ ଜିଲାର ଅତାବିରା, ଭେଡ଼େନ, ବରପାଲି, ବିଜେପୁର, ବରପାଲି, ବରଗଡ଼ ଏବଂ ଭଟଲି ବ୍ଲକର ୧୯ହଜାର ୯୫୫ ହେକ୍ଟର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା କୃଷି ଓ ରାଜସ୍ୱ ବିଭାଗର ମିଳିତ ପ୍ରାଥମିକ ଆକଳନରୁ ଜଣାପଡ଼ିଛି । ମାତ୍ର ଫସଲକ୍ଷତି ପରିମାଣ ଆହୁରି ଅଧିକ ହେବ । ଏ ନେଇ ବରଗଡ଼ରୁ ପ୍ରେମାନନ୍ଦ ଖମାରୀଙ୍କ ମତାମତ ଭିତ୍ତିକ ଉପସ୍ଥାପନା ।

### ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି



ଖରା, ବର୍ଷା, ଶୀତ ସହ୍ୟ କରି ଚାଷୀ ଚାଷ କରୁଛି । ହେଲେ ଏଥର ଉଭୟ କରୋନା ଓ କରାମାଡ଼ ଚାଷୀଙ୍କୁ ସର୍ବସ୍ୱାନ୍ତ କରି ପକାଇଛି। ଚାଷୀଙ୍କ ଭାବନା ଦୋହଲି ପଡ଼ିଛି। ଉଭୟ ଧାନ, ପରିବା ଫସଲ ନଷ୍ଟ ହୋଇ ଯାଇଛି। ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାର ଆବଶ୍ୟକତା ରହିଛି । ଏହାହେଲେ ଯାଇ ଚାଷୀ ପରବର୍ତ୍ତୀ ଫସଲ କରିପାରିବେ।

-ହର ବଣିଆ, ଚାଷୀନେତା



ବରଗଡ଼ ଜିଲା ବିଜେପୁର ଅଞ୍ଚଳରେ କୃଷି, ରାଜସ୍ୱ ଅଧିକାରୀମାନେ କ୍ଷତିଗ୍ରସ୍ତ ଫସଲ ବୁଲି ଦେଖୁଛନ୍ତି ।

### ଚାଷୀଙ୍କୁ କ୍ଷତିପୂରଣ ମିଳୁ



ଗର୍ଭଣୀ ଅବସ୍ଥାରେ ରହିଥିବା ଧାନକେଣ୍ଡାରେ କରାମାଡ଼ ହୋଇଛି । ଫଳରେ ସେସବୁ ଅଗାଡ଼ି ହୋଇଯିବା ନେଇ ସ୍ପଷ୍ଟ ହୋଇଛି। ସେହିପରି କରାମାଡ଼ ଯୋଗୁ ପାଚିଲା ଧାନକେଣ୍ଡାରୁ ଧାନ ଝଡ଼ି ପଡ଼ିଛି। କୃଷି ବିଭାଗ ଠିକ୍ ଭାବେ ଆକଳନ କ୍ଷତିପୂରଣ ଦେବା ଦରକାର । ଏଥର ଚାଷୀ ଠିକ୍ ଭାବେ ଧାନ ବିକି ପାରିବ କି ନାହିଁ, ତାହା ବି ଆଶଙ୍କାରେ ରହିଛି।

-ସୁଦାମ ସାହୁ, ଚାଷୀ

### ଫସଲ କ୍ଷତି ଠିକ୍ ଆକଳନ ହେଉ



ଦୁଇଥର କରାମାଡ଼ ଫଳରେ ବହୁତ କ୍ଷୟକ୍ଷତି ହୋଇଛି। ଧାନ ସାଙ୍ଗକୁ ପରିବା ଫସଲ ଉଜୁଡ଼ି ଯାଇଛି। ସରକାର ଠିକ୍ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ଏବଂ ଇନପୁଟ୍ ସବସିଡ୍ ଦେବା ଉଚିତ । ଏହାହେଲେ ଚାଷୀଙ୍କ କିଛି କ୍ଷୟକ୍ଷତି ଲାଘବ ହୋଇ ପାରିବ। ନଚେତ ଚାଷୀଙ୍କୁ ନିଜ ପରିବାର ଚଳାଇବା କଷ୍ଟସାଧ୍ୟ ହେବ।

-ଲକ୍ଷ୍ମଣ ପ୍ରଧାନ, ଚାଷୀନେତା

### କ୍ଷତିଗ୍ରସ୍ତଙ୍କୁ ମିଳିବ କ୍ଷତିପୂରଣ



ଆସନ୍ତା ୩ଦିନ ମଧ୍ୟରେ କ୍ଷୟକ୍ଷତି ନେଇ ଚୂଡ଼ାନ୍ତ ଆକଳନ ରିପୋର୍ଟ ପ୍ରସ୍ତୁତ ହେବ ଏବଂ ତାହା ସରକାରଙ୍କ ପାଖକୁ ପଠାଯିବ। ଯେଉଁ ଚାଷୀମାନେ ଫସଲବୀମା କରିଛନ୍ତି, ସେମାନଙ୍କୁ ବୀମା କ୍ଷତିପୂରଣ ଏବଂ ଯେଉଁ ଚାଷୀ ଫସଲବୀମା କରିନାହାନ୍ତି, ସେମାନଙ୍କୁ ଇନପୁଟ୍ ସବ୍‌ସିଡ଼ି ପ୍ରଦାନ ଦିଗରେ ପଦକ୍ଷେପ ନିଆଯାଉଛି ।

-ଦୀନବନ୍ଧୁ ଗାନ୍ଧୀ, ଜିଲା ମୁଖ୍ୟ କୃଷି ଅଧିକାରୀ



ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରୁଛନ୍ତି ।

## କୋଭିଡ୍ ହସ୍ପିଟାଲ ପରିଦର୍ଶନ କଲେ ଆର୍‌ଡିସି

ବୌଦ୍ଧ,୨୫।୪(ସ୍ୱ.ପ୍ର)

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି. ଅପଙ୍ଗ ଆଓ ଶନିବାର ଅଚାନକ ବୌଦ୍ଧ ଜିଲା ଗସ୍ତ କରି କରୋନା ମୁକାବିଲା ନେଇ ଜିଲାରେ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିବା ସହ କୋଭିଡ ହସ୍ପିଟାଲ ପରିଦର୍ଶନ କରିଥିଲେ। ରାଜସ୍ୱ ଆୟୁକ୍ତ ମଧ୍ୟାହ୍ନ ସମୟରେ ବୌଦ୍ଧ ଜିଲାରେ ପୁରୁଣାଜେଲ ପରିସରରେ ହୋଇଥିବା କୋଭିଡ ହସ୍ପିଟାଲ ଦେଖିବା ସହ ଜିଲାର ସ୍ଥିତି ବୁଝିଥିଲେ। ହସ୍ପିଟାଲ ପରିଦର୍ଶନ ସମୟରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସହାୟତା ଦାବିକଲା ନିଖିଳ ଓଡ଼ିଶା ମେହେର ସମାଜ

ସିନାପାଲି,୨୫।୪ (ଡି.ଏନ୍.ଏ.)

ଲକ୍‌ଡାଉନ କଟକଣା ଯୋଗୁ ଅନ୍ୟ କାରିଗରଙ୍କ ପରି ବୁଣାକାରମାନେ ବି ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଛି । ଏଥିପାଇଁ ରାଜ୍ୟର ହଜାରରୁ ଊର୍ଦ୍ଧ୍ୱ ବୁଣାକାର ପରିବାର କାମ କରି ନ ପାରି ହାତବାନ୍ଧି ବସିଛନ୍ତି। ତେଣୁ ଓଡ଼ିଶାର ହସ୍ତତନ୍ତ ବୁଣାକାର ପରିବାରକୁ ରାଜ୍ୟ ସରକାର ଯଥାଶୀଘ୍ର ସହୟତା ପ୍ରଦାନ କରିବା ସହିତ ଏଭଳି କୁଟୀରଶିଳ୍ପ କିଭଳି ଚାଲିପାରିବ ତାର ବ୍ୟବସ୍ଥା କରିବାକୁ ନିଖିଳ ଓଡ଼ିଶା ମେହେର ସମାଜ ପକ୍ଷରୁ ଦାବି ହୋଇଛି । ଏ ସଂକ୍ରାନ୍ତରେ ମେହେର ସମାଜ ପକ୍ଷରୁ ରାଜ୍ୟ ସଭାପତି ବୈଷମ୍ପାୟନ ମେହେର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଲୁଗାବୁଣା, ବାନ୍ଧକାମ ଓ ସୂତାକାମରେ ପରିବାର ସଦସ୍ୟମାନେ ସାମିଲ ଥିବାରୁ ସାମାଜିକ ଦୂରତ୍ୱ ରକ୍ଷା କରାଯାଇପାରିବ । ଏହି କାରିଗରମାନଙ୍କୁ ଆବଶ୍ୟକ କଞ୍ଚାମାଲ ଯୋଗାଇ ଦେବା ସହିତ କୋଭିଡ୍-୧୯ ଗାଇଡଲାଇନରେ କୋହଳ କରିବା ପାଇଁ ସମାଜ ତରଫରୁ ଦାବି କରାଯାଇଛି।

## କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

ମନମୁଣ୍ଡା,୨୫।୪(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତର ଏକାଧିକ ଗ୍ରାମ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତିଗସ୍ତ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ସହ ପ୍ରବଳ ବର୍ଷା ହୋଇଥିଲା । ଡିମିରିମୁଣ୍ଡାର ଗଣେଶ୍ୱର କହଁର, କୃଷ୍ଣ କହଁର, ମନବୋଧ କହଁର, ଚିତ୍ତରଞ୍ଜନ ପ୍ରଧାନ, ସଦାନନ୍ଦପୁରର ସୁମନ୍ତ ମେହେର, ନବୀନ ମେହେର, ରବିନାରାୟଣ ସ୍ୱାଇଁ, ଶ୍ରୀବନ୍ତ ସ୍ୱାଇଁ, ଦଶରଥ ମେହେର, ପ୍ରଦୀପ ପ୍ରଧାନ, ମୀନ କୁଦେଇ ଏବଂ ରାବିଡି ଗ୍ରାମର ହୃଷୀକେଶ ମିଶ୍ରଙ୍କ ସମେତ ବହୁ ଲୋକଙ୍କ ଘର ଛପର ଉଡ଼ିଯାଉଛି । କେତେକ ମାଟି ଘର ଭାଙ୍ଗି ଚୁରମାର ହୋଇଯାଇଛି । ଏହି ପରିବାର ସଦସ୍ୟମାନେ ବାସହରା ହୋଇପଡିଥିବା ସ୍ଥାନୀୟ ସରପଞ୍ଚ ବିଦ୍ୟାଧର ମହାକୁଡ କହିଛନ୍ତି। ରାବିଡିର ହୃଷିକେଶ ମିଶ୍ରଙ୍କ ଘରର ବ୍ୟାପକ କ୍ଷତି ଘଟିଛି । ତାଙ୍କ ଘର ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଛି । ବର୍ଷାରେ ସମସ୍ତ ଖାଦ୍ୟ ପଦାର୍ଥ, ଚାଉଳ, ଆସବାବପତ୍ର ନଷ୍ଟ ହୋଇଯାଇଛି । ତଥାପି ପରିବାର ସଦସ୍ୟମାନେ ଏହି ବିପଦରୁ ରକ୍ଷା ପାଇଯାଇଛନ୍ତି। ସରପଞ୍ଚ ମହାକୁଡ, ସାମାଜିକ କର୍ମୀ ପ୍ରହଲ୍ଲାଦ ଭୋଇ ପରିସ୍ଥିତି ଅନୁଧ୍ୟାନ କରିବା ସହିତ ସହଯୋଗର ହାତ ବଢାଇଛନ୍ତି। ପରା ଆରଆଇ ସର୍କଲ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଅଦ୍ୟାବଧି ସେମାନଙ୍କୁ ପ୍ରଶାସନ ତରଫରୁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ । କରୋନା ମହାମାରୀ ତଥା ଲକ୍‌ଡାଉନ ସମୟରେ ଏହି ପ୍ରାକୃତିକ ଦୁର୍ବିପାକ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।



କାଳବୈଶାଖୀ ଜନିତ ବର୍ଷା ପବନରେ ଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ।

# କ୍ୱାରାଣ୍ଟାଇନ ଗଲେ ୧୩ ଶ୍ରମିକ

ବୌଦ୍ଧ,୨୫।୪(ସ୍ୱ.ପ୍ର)

### ରାତି ଅଧରେ ନୟାଗଡ଼ ଯିବାବେଳେ ଅଟକ



ବୌଦ୍ଧ କଲେଜରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟର।

- ଲକ୍‌ଡାଉନରେ ଜିଲାର ସୀମା ସିଲ୍ ନାମକୁ ମାତ୍ର
- ବରଗଡ଼ ଜିଲାକୁ କୁଅ ଖୋଳିବାକୁ ଯାଇଥିଲେ ଶ୍ରମିକ
- କାମ ବନ୍ଦ ହେବାରୁ ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲା ଦେଇ ଫେରୁଥିଲେ

କରୋନା ସଂକ୍ରମଣକୁ ମୁକାବିଲା କରିବା ପାଇଁ ସାରା ଦେଶକୁ ଲକଡାଉନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଜିଲାର ସୀମା ଗୁଡିକ ସିଲ୍ କରାଯାଇଛି। କିନ୍ତୁ ବର୍ତ୍ତମାନ ଏହି ସିଲ୍ କେବଳ ନାମକୁ ମାତ୍ର ବୋଲି ଜଣାପଡିଛି। ୧୩ଜଣ ଶ୍ରମିକ ବରଗଡ଼ରୁ ନୟାଗଡ ଜିଲାକୁ ଚାଲି ଚାଲି ଯାଉଥିବା ବେଳେ ରାତି ଅଧରେ ବୌଦ୍ଧରେ ଅଟକ ରହିବା ପରେ ଘଟଣା ପଦାକୁ ଆସିଛି ।

ସୂଚନା ମୁତାବକ, ନୟାଗଡ ଜିଲାର ଓଡଗାଁ ଅଞ୍ଚଳରୁ କୁଅ ଖୋଳିବାକୁ ବରଗଡ ଜିଲାକୁ ଯାଇଥିବା ୧୩ ଜଣ ଶ୍ରମିକ ଲକଡାଉନ ଯୋଗୁ ଆଉ ଗ୍ରାମକୁ ଫେରିପାରି ନ ଥିଲେ। ଲକଡାଉନ ବୃଦ୍ଧି ଯୋଗୁ କାମ ବନ୍ଦ ହେବା ପରେ ସେମାନେ ଘରକୁ ଫେରିବାର ନିଷ୍ପତ୍ତି ନେଇଥିଲେ ଏବଂ ଚାଲି ଚାଲି ବରଗଡ ଜିଲାର ଗାଇସିଲେଟ ଅଞ୍ଚଳରୁ ବଲାଙ୍ଗୀର, ସୁବର୍ଣ୍ଣପୁର ଦେଇ ମନମୁଣ୍ଡା ରାସ୍ତାରେ ବୌଦ୍ଧ ଜିଲାରେ ପ୍ରବେଶ କରିଥିଲେ। ଶୁକ୍ରବାର ଜାତୀୟ ରାଜପଥ ଦେଇ ସେମାନେ ନୟାଗଡକୁ ଚାଲି ଚାଲି ଯାଉଥିବା ସମୟରେ ବିଳମ୍ବିତ ରାତିରେ ବୌଦ୍ଧ ମହାନଦୀ ବ୍ରିଜ ଛକଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସୂଚନା ପାଇ ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ ଓ ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା ସେଠାରେ ପହଞ୍ଚି ଶ୍ରମିକମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ନେଇ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଥିଲେ । ତେବେ ଜିଲା ଗୁଡିକର ସୀମା ସିଲ୍ ଥିବା କୁହାଯାଉଥିବା ବେଳେ ୩ ଜିଲା ଦେଇ ଏବଂ ଜାତୀୟ ରାଜପଥ କଡରେ ରହିଥିବା ଅନେକ ଗୁଡିଏ ଥାନା ଅତିକ୍ରମ କରି ଏହି ଶ୍ରମିକମାନେ ଚାଲି ଚାଲି ଯାଉଥିଲେ ମଧ୍ୟ ସେମାନଙ୍କୁ କୌଣସି ସ୍ଥାନରେ ଅଟକାଯାଇ ନ ଥିଲା । ଏହି ଘଟଣାରୁ ପଶ୍ଚିମ ଓଡ଼ିଶାର ସୀମା ସିଲ୍ ନାମକୁ ମାତ୍ର ବୋଲି ଜଣାପଡିଛି । ଏ ନେଇ ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ଇଂ. ପଣ୍ଡାଙ୍କୁ ପଚାରିବାରୁ ସମସ୍ତ ୧୩ ଶ୍ରମିକଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ଜିଲାପାଳଙ୍କ ସହ ଆଲୋଚନା ପରେ ଛଡାଯିବ କି ନାହିଁ ଜଣାପଡିବ ବୋଲି ସେ ପ୍ରକାଶ କରିଥିଲେ ।

### ଶ୍ରମିକ କାର୍ଡ ନାମରେ ଠକେଇ ଅଭିଯୋଗ

ସମ୍ବଲପୁର,୨୫।୪(ବ୍ୟୁରୋ): କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ ଜାରି କରାଯାଇଛି । ରୋଜଗାର ହରାଇଥିବା ଶ୍ରମିକ ଓ ଗରିବ ଲୋକମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହାୟତା ସହିତ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି । ଏପରି ପରିସ୍ଥିତିରେ କେତେଜଣ ଯୁବତୀ ଯୁବକ ଶ୍ରମିକ କାର୍ଡ କରିଦେବା କହି ଠକେଇ କରୁଥିବା ଅଭିଯୋଗ ହୋଇଛି। ସେମାନେ ଗାଁକୁ ଗାଁ ବୁଲୁଛନ୍ତି। ଆଧାର କାର୍ଡ, ଭୋଟର କାର୍ଡ ଓ ଫଟୋ ମାଗୁଛନ୍ତି । ଏକ ଡାଏରୀରେ ହିତଧିକାରୀଙ୍କ ନାମ ଲେଖି ୧ଶହ ଟଙ୍କା ନେଉଛନ୍ତି। ବାସ୍ତବରେ ସେମାନେ ସରକାରୀ କର୍ମଚାରୀ ନା ଅନ୍ୟ କେଉଁ ସଂସ୍ଥାରୁ ଆସିଛନ୍ତି ତାହା ଜଣାପଡିନାହିଁ। ସଂପୃକ୍ତ ଯୁବତୀ ଯୁବକଙ୍କୁ କେବେ କାର୍ଡ ମିଳିବ ବୋଲି ପ୍ରଶ୍ନ କରିବାରୁ ଅଳ୍ପ ଦିନ ପରେ କାର୍ଡ ଦିଆଯିବ ବୋଲି କହୁଛନ୍ତି । ଏହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ(ଡିଏଲ୍‌ଓ) ସୁମିତ୍ରା ମାଝିଙ୍କୁ ପଚାରିବାରୁ ସେ କହିଛନ୍ତି ବର୍ତ୍ତମାନ ସମୟରେ କୌଣସି କାର୍ଡ କରାଯାଉ ନାହିଁ । ଲୋକମାନେ ଟଙ୍କା ଦେଇ କାର୍ଡ କରିବା ଆବଶ୍ୟକ ନାହିଁ । ଲକ୍‌ଡାଉନ ପରେ ଶ୍ରମ ବିଭାଗ ଅଫିସ ଆସି କାର୍ଡ ତିଆରି କରିପାରିବେ । ଯେଉଁ ଗାଁରେ ଏପରି ଘଟଣା ଘଟୁଛି ସେ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ସହ ଆମକୁ ଖବର ଦିଅନ୍ତୁ ।

## ଫେରିବେ ୯୫୮୮, ଗ୍ରାମାଞ୍ଚଳରେ ସ୍ଥାନାଭାବ

### ସୁବର୍ଣ୍ଣପୁର ଜିଲା

ସୋନପୁର,୨୫।୪(ନି.ପ୍ର.)

ଲକ୍‌ଡାଉନ୍ କଟକଣା ହଟିଲା ପରେ ଅନ୍ୟ ରାଜ୍ୟରେ ଫସି ରହିଥିବା ଛାତ୍ରୀଛାତ୍ର, ଚାକିରିଆ ଓ ଦାଦନ ଶ୍ରମିକଙ୍କୁ ଓଡିଶା ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ସୁବର୍ଣ୍ଣପୁର ଜିଲାର ୧୧ହଜାର ୮୮ଜଣ ବାହାର ରାଜ୍ୟରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୯୫୮୮ଜଣ ନିଜ ଘରକୁ ଫେରିବାକୁ ଚାହୁଁଥିବା ସର୍ଭେରୁ ଜଣାପଡିଛି। ସର୍ବାଧିକ ୭୦୪୩ଜଣ ତାମିଲନାଡୁରେ ଓ ଦ୍ୱିତୀୟ ସର୍ବାଧିକ ୯୫୯ଜଣ ଆନ୍ଧ୍ରପ୍ରଦେଶରେ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଗ୍ରୀନ୍ ଜୋନରେ ରହିଛି ସୁବର୍ଣ୍ଣପୁର। ବହିରାଗତଙ୍କ ଆଗମନ ପରେ ଏହା ଜିଲା ପାଇଁ ବିପଦ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି। ତେବେ ପ୍ରଶାସନ ଏଥିପାଇଁ ପ୍ରସ୍ତୁତ ଥିବା ଜିଲାପାଳ ମୋନିଷା ବାନାର୍ଜୀ କହିଛନ୍ତି। ଲକ୍‌ଡାଉନ୍ ପରେ ଅନ୍ୟ ରାଜ୍ୟରୁ ଓଡିଶା ଫେରୁଥିବା ବ୍ୟକ୍ତିଙ୍କ ପଞ୍ଜିକରଣ ସରକାର ବାଧ୍ୟତାମୂଳକ କରିଛନ୍ତି। ଫର୍ମ ପୂରଣ କରି ପଞ୍ଜୀକରଣ ପାଇଁ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ଲକ୍‌ଡାଉନ ପରେ ବାହାରୁ ଆସିଥିବା ଲୋକଙ୍କୁ ସଙ୍ଗରୋଧରେ ରଖାଯିବ। ସମସ୍ତ ଖର୍ଚ୍ଚ ସରକାର ବୁଝିବେ। ୩ଟି ସହରରେ ଲୋକମାନଙ୍କ ରହିବା ପାଇଁ ୧୨ଟି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଯଥେଷ୍ଟ ହେବ। ତେବେ ଗ୍ରାମାଞ୍ଚଳରେ ଏତେ ସଂଖ୍ୟକ ଲୋକଙ୍କୁ ୧୫୦ଟି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସଙ୍ଗରୋଧ କରି ରଖିବା ସମ୍ଭବ ନୁହଁ। କାରଣ ବର୍ତ୍ତମାନ ସୁଦ୍ଧା ମାତ୍ର ୪ହଜାର ଶଯ୍ୟାର ସମସ୍ତ ବ୍ୟବସ୍ଥା ହୋଇପାରିଛି। ଯଦି ସମସ୍ତଙ୍କୁ ଏକକାଳୀନ ଫେରାଇ ଅଣାଯାଏ ତେବେ ତାହା ଆଗାମୀ ଦିନରେ ଜିଲାବାସୀଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଅତିରିକ୍ତ ଜିଲାପାଳ ତଥା ଜିଲାସ୍ତରୀୟ ନୋଡାଲ ଅଫିସର ଶରତ ଚନ୍ଦ୍ର ପଣ୍ଡା କୁହନ୍ତି, ଅସ୍ଥାୟୀ ଶିବିରରେ ୮ହଜାର ଲୋକ ସଙ୍ଗରୋଧରେ ରହିବା ପାଇଁ ସ୍ଥାନ ଅଛି। ଏଥିପାଇଁ ଆଉ ୪ ହଜାର ଶଯ୍ୟା କିଣାଯିବ। ଆବଶ୍ୟକ ପଡିଲେ ଶିବିରର କକ୍ଷ ସଂଖ୍ୟା ବୃଦ୍ଧି କରାଯିବ।

# ଦୟନୀୟ ସ୍ଥିତିରେ କୁମ୍ଭକାର ପରିବାର

କୁନାଗଡ,୨୫।୪(ଡି.ଏନ୍.ଏ.)

### କରୋନା ଛଡ଼ାଇନେଲା ରୋଜଗାର



- ସାମଗ୍ରୀ ଅଛି, ବିକ୍ରି ହେଉନାହିଁ
- ସରକାରୀ ସହାୟତା ପାଇଁ ନିବେଦନ

ମହାମାରୀ କରୋନା ଯୋଗୁ ସରକାରଙ୍କ କଟକଣା ଓ ଲକ୍‌ଡାଉନ ଲୋକଙ୍କ ହାତରୁ ରୋଜଗାର ଛଡାଇ ନେଇଛି। କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କଳିଆକୁଣ୍ଡଲ ଗ୍ରାମରେ ମାଟି ସାମଗ୍ରୀ ତିଆରି କରି ପେଟ ପୋଷୁଥିବା ଶତାଧିକ କୁମ୍ଭକାର ପରିବାର ଏବେ ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ବର୍ତ୍ତମାନ ସେମାନଙ୍କ ପାଇଁ ଦୁଇବେଳା ଖାଇବା ଯୋଗାଡ କରିବା ମଧ୍ୟ କଷ୍ଟକର ହୋଇପଡିଛି। ଗ୍ରାମରେ ୩ଶହ କୁମ୍ଭାର ପରିବାର ରହୁଥିବାବେଳେ ସେଥିମଧ୍ୟରୁ ଶହେ ପରିବାର ମାଟି ସାମଗ୍ରୀ ତିଆରି କରନ୍ତି। ମାଟିରେ ତିଆରି ହାଣ୍ଡି,ପଲମ,ସୁରେଇ,ତେଲୁଣି ଆଦି ବିଭିନ୍ନ ପ୍ରକାର ସାମଗ୍ରୀକୁ ସ୍ଥାନୀୟ ଗ୍ରାମ ଓ ବଜାରରେ ବିକ୍ରି କରି ସେମାନେ ଜୀବିକା ନିର୍ବାହ କରିଥାନ୍ତି। ସେହିପରି ବିବାହ, ବ୍ରତ ଓ ଶୁଦ୍ଧ ଆଦି ସାମାଜିକ କାମରେ ମଧ୍ୟ ଏହି ଗାଁର ମାଟି ସାମଗ୍ରୀ ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ଜାନୁୟାରୀରୁ ଜୁନ୍ ୬ମାସ ଯାଏଁ ମାଟିପାତ୍ରର ଭଲ ବ୍ୟବସାୟ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଏହି ଗାଁର କୁମ୍ଭକାରମାନେ ମାଟି ସାମଗ୍ରୀ ତିଆରି କରିଥିଲେ। ହେଲେ କରୋନା ମହାମାରୀ ସବୁ ବିଗାଡିଦେଲା। ଲକ୍‌ଡାଉନ କଟକଣା ଯୋଗୁ ବିବାହ, ବ୍ରତ ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ ବନ୍ଦ କରି ଦିଆଯାଇଛି । ଫଳରେ ତିଆରି ସାମଗ୍ରୀ ସେମିତି ଘରେ ପଡି ରହିଛି। ନିଜ ପରିଶ୍ରମ କଥା ଛାଡନ୍ତୁ ଟ୍ରାକ୍ଟରରେ ମାଟି ଆଣି ପାତ୍ର ଗଢିବା ଓ କାଠ କିଣି ତାକୁ ପୋଡିବାରେ ଯେଉଁ ଟଙ୍କା ଖର୍ଚ୍ଚ ହୋଇଥିଲା ତାହା ଫେରସ୍ତ ମିଳିବା ସମ୍ଭାବନା ନାହିଁ ବୋଲି କୁମ୍ଭକାର ପୂର୍ଣ୍ଣଚନ୍ଦ୍ର ରଣା ଦୁଃଖର ସହ କହିଛନ୍ତି। ତେଣୁ ସରକାର କୁମ୍ଭକାରମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ମୋହନ ରଣା, ଗଞ୍ଜିଲ ରଣା, ପଦ୍ମନ ରଣା, ରୁଦ୍ର ରଣା, ସୁଦାନ ରଣା, ବିଶ୍ୱାମିତ୍ର ରଣା, ଚୌବନ ରଣା, କୈଳାସ ରଣା ପ୍ରମୁଖ କୁମ୍ଭକାର ନିବେଦନ କରିଛନ୍ତି।

# ଆୟ ବନ୍ଦ, ଗରିବ ମଧ୍ୟବିତ୍ତଙ୍କୁ ଆହାର ଚିନ୍ତା

## ୨୫ ବାଉଁଶ କାରିଗରଙ୍କ ଜୀବିକା ହୁଡ଼ିଛି

ଜୟପୁର,୨୫।୪(ନି.ପ୍ର.)


ଜୟପୁର ଏମ୍‌ଜି ରୋଡ୍ ପାର୍ଶ୍ୱରେ ବାଉଁଶ କାରିଗରଙ୍କ ପସରା ପଡିରହିଛି ।

ଲକ୍‌ଡାଉନ ଯୋଗୁ ସମସ୍ତଙ୍କ ଆୟର ବାଟ ବନ୍ଦ। କିନ୍ତୁ ଏଥିରେ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ। କୋରାପୁଟ ଜିଲା ଜୟପୁର ଏମ୍‌ଜି ରୋଡ ପାର୍ଶ୍ୱରେ ରହୁଥିବା ୨୫ଟି ବାଉଁଶ କାରିଗର ପରିବାର ଏବେ ଚିନ୍ତାରେ ଦିନ କାଟୁଛନ୍ତି। ବାଉଁଶରେ କୁଲା, ଟୋକେଇ, ଝୁଡ଼ି, କୁଲା, ଗୁଲି ଭଳି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ସେମାନେ ଗୁଜୁରାଣ ମେଣ୍ଟାନ୍ତି। ଲକ୍‌ଡାଉନ ଯୋଗୁ ଚୈତ୍ର ମାସର ଘଟପର୍ବ ବନ୍ଦ ହେବା ସହ ବିବାହ ବ୍ରତ ମଧ୍ୟ ହୋଇପାରୁ ନାହିଁ। ବାଉଁଶ ତିଆରି ସାମଗ୍ରୀ ଘରେ ଗଦା ହୋଇ ପଡ଼ିରହିଛି। ସରକାର ଦେଉଥିବା ଚାଉଳ ଗଣ୍ଡେ ରୋଷେଇ କରି ଭୋକ ମେଣ୍ଟାଇବା ଛଡ଼ା ଆଉ କିଛି ଉପାୟ ନାହିଁ ବୋଲି କହିଛନ୍ତି ବାଉଁଶ କାରିଗର । ଦିନ ଥିଲା ନିଜ ହାତ ତିଆରି ବିଭିନ୍ନ ଘରକରଣା ବାଉଁଶ ସାମଗ୍ରୀ ବଜାରକୁ ନେଇ ବିକିବା ପରେ ବେଶ୍ ଦୁଇ ପଇସା ରୋଜଗାର ହେଉଥିଲା। ତେବେ ଏହି କାମରେ ବ୍ୟାଙ୍କ, ବ୍ଲକ କିମ୍ବା ପୌର ପ୍ରଶାସନ କିଛି ସହଯୋଗ କି ପ୍ରୋତ୍ସାହନ ଦେଇନାହିଁ। ଏବେ ଲକ୍‌ଡାଉନ ପରେ ବୃତ୍ତି ବନ୍ଦ ପଡ଼ିବା ପରେ ସେମାନଙ୍କ ପେଟ ଓ ପରିବାର ଚିନ୍ତା ଘାରିଛି। ସରକାର ଗରିବ ଅସହାୟ, କଳାକାର ଓ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ଦେଉଥିବା ବେଳେ ବାଉଁଶ କାରିଗରଙ୍କୁ ସେଥିରେ ସାମିଲ କରିବା ପାଇଁ ଦାବି ହୋଇଛି।

## ଦୁର୍ଦ୍ଦଶା ଭୋଗୁଛନ୍ତି ଅଟୋ ଚାଳକ

ଜୟପୁର,୨୫।୪(ଡି.ଏନ୍.ଏ.)

ଲକ୍‌ଡାଉନ ଯୋଗୁ ଗତ ଏକମାସ ଧରି ହନ୍ତସନ୍ତ ହେଉଛନ୍ତି ଅଟୋ ଚାଳକ। ଜୟପୁର ସହରରେ ଅଧିକାଂଶ ଅଟୋ ଚାଳକ ତଥା ମାଲିକ ରହିଛନ୍ତି। ଅଟୋ ଚଳାଇଲେ ସେମାନଙ୍କ ଦୈନନ୍ଦିନ ଗୁଜୁରାଣ ମେଣ୍ଟୁଥିଲା। କିନ୍ତୁ ଗତ ୨୪ ତାରିଖରୁ ଲକ୍‌ଡାଉନ ଜାରି ହେବା ପରେ ଅଟୋ ଚଳାଚଳ ଉପରେ କଟକଣା ଲାଗିଛି। ବିଦ୍ୟାଳୟ ବନ୍ଦ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କୁ ମଧ୍ୟ ନେବା ଆଣିବା କରିପାରିଲା ନାହିଁ ଅଟୋ। ଯେଉଁ କାଁ ଭାଁ ଅଟୋ ଚାଲୁଛି, ସେମାନଙ୍କୁ ସ୍ୱତନ୍ତ୍ର ଅନୁମତି ସ୍ଥାନୀୟ ପ୍ରଶାସନଠାରୁ ନେବାକୁ ପଡୁଛି। ଜୟପୁର ସହରର ଜଣେ ଅଟୋ ମାଲିକ ତଥା ଚାଳକ ସଞ୍ଜିତ ପଟ୍ଟନାୟକ କହିଛନ୍ତି, ପୂର୍ବରୁ ମାସିକ ୧୨ରୁ ୧୫ ହଜାର ଟଙ୍କା ମଧ୍ୟରେ ଆୟ ହେଉଥିଲା। କିନ୍ତୁ ଗତ ଏକ ମାସ ହେଲାଣି ଏହା ସମ୍ପୂର୍ଣ୍ଣ ବନ୍ଦ ରହିଛି। ତାଙ୍କର ଖାଦ୍ୟ ସୁରକ୍ଷା ଆଇନରେ କାର୍ଡ ନାହିଁ। ଶ୍ରମିକ ଭାବେ ସେ ପଞ୍ଜୀକୃତ ହୋଇନାହାନ୍ତି। ନିମ୍ନ ମଧ୍ୟବିତ୍ତ ପରିବାର ହୋଇଥିବା ଯୋଗୁ ତାଙ୍କୁ ସରକାରୀ ସହାୟତାରୁ ବାଦ୍ ଦିଆଯାଇଛି। ମାସିକ ଘରଭଡ଼ା ଓ ଅନ୍ୟ ଖର୍ଚ୍ଚ ଯୋଗୁ ପରିବାରର ଦୈନନ୍ଦିନ ଗୁଜୁରାଣରେ ସମସ୍ୟା ଉପୁଜୁଛି। ସରକାର ଅଟୋ ଚାଳକଙ୍କ ପାଇଁ କିଛି ବ୍ୟବସ୍ଥା କରିବାକୁ ଚାଳକ ସଞ୍ଜିତ ପ୍ରଶାସନକୁ ନିବେଦନ କରିଛନ୍ତି। ଅଟୋ ସଂଘ ମଧ୍ୟ ପ୍ରଶାସନକୁ ସମାନ ଦାବି ଜଣାଇଛି। ଉଲ୍ଲେଖଯୋଗ୍ୟ, ଜୟପୁର ସହରରେ ଅଟୋ ସଂଘ ସହ ୩୦୦ଟି ଅଟୋ ଅନୁବନ୍ଧିତ ରହିଛି। ସମୁଦାୟ ୧୪୦୦ଟି ଅଟୋ ସହରାଞ୍ଚଳରେ ଚଳାଚଳ କରୁଥିବା ସଂଘର ସଭାପତି ଅନିଲ ପଣ୍ଡି ପ୍ରକାଶ କରିଛନ୍ତି।


ଜୟପୁର ସହରର ଜଣେ ଅଟୋ ଚାଳକ ।



## ମଦ କାରବାର କରି ଶିକ୍ଷକ ଗିରଫ

ଗୁଣପୁର,୨୫।୪(ଡି.ଏନ୍.ଏ.):

ମଦ କାରବାର ଅଭିଯୋଗରେ ଜଣେ ଶିକ୍ଷକ ଗିରଫ ହେବା ରାୟଗଡ଼ା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି । ଶିକ୍ଷକଙ୍କ ଘର ଗୁଣପୁର ସହରର ଗାନ୍ଧୀ ନଗର ଅଞ୍ଚଳରେ ହୋଇଥିବାବେଳେ ସେ ଚନ୍ଦ୍ରପୁର ବ୍ଲକରେ କାର୍ଯ୍ୟରତ ଅଛନ୍ତି। ଶନିବାର କାରୀ ଶ୍ରୀରାମ ପୁରୁଣା ଗୁଣପୁର ଅଞ୍ଚଳରୁ ୩୦ ଲିଟର ଦେଶୀ ମଦ ଧରି ସ୍କୁଟିରେ ଆସୁଥିବାବେଳେ ହନୁମାନ ମନ୍ଦିର ନିକଟରେ ଅବକାରୀ ବିଭାଗ ହାତରେ ଧରା ପଡ଼ିଥିଲେ। ଅବକାରୀ ନିରୀକ୍ଷକ ଉତ୍ତମ କୁମାର ବେହେରା ଏହି ସୂଚନା ପ୍ରଦାନ କରିଛନ୍ତି। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ଦିବାକର ମହାପାତ୍ର, ସଂଗ୍ରାମ ପ୍ରଧାନ, କରୁଣାକର ପାତ୍ର, ଯଶବନ୍ତୀ ଶବର, ଭରତ ପାଣିଗ୍ରାହୀ ଓ ପାଲାକା ଆପେୟା ଉପସ୍ଥିତ ଥିଲେ। କରୋନା ପାଇଁ ଲକ୍‌ଡାଉନ ଚାଲିଥିବାବେଳେ ମଦ କାରବାର କିପରି ଚାଲିଛି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଂକ୍ଷେପରେ

### ଚିତ୍ରକୋଣ୍ଡାରେ ଝଡ଼ବର୍ଷା

ଚିତ୍ରକୋଣ୍ଡା,୨୫।୪(ଡି.ଏନ.ଏ.)- ଚିତ୍ରକୋଣ୍ଡାରେ ଶନିବାର ଅପରାହ୍ନରେ କାଳ ବୈଶାଖୀ ଝଡବର୍ଷା ହୋଇଛି। ଅଧିକାଂଶ ପଞ୍ଚାୟତରେ ଝଡ଼ବର୍ଷା ସହ କୁଆପଥର ବୃଷ୍ଟି ହୋଇଛି। ୨ଘଣ୍ଟା ଧରି ହୋଇଥିବା ଏହି ବର୍ଷା ପବନରେ ଅନେକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପ୍ରକୃତ କ୍ଷୟକ୍ଷତିଜନିତ ତଥ୍ୟ ହସ୍ତଗତ ହୋଇନାହିଁ।

### ଲକ୍ଷାଧିକ ମାସ୍କ ବାଣ୍ଟିଲାଣି ୟୁଏଆଇଏଲ୍



ରାୟଗଡ଼ା ଅଫିସ/ଟିକିରି, ୨୫।୪ (ଡି.ଏନ୍.ଏ.)-କୋଭିଡ୍-୧୯ର ମୁକାବିଲା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିବା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ରାୟଗଡ଼ା ଜିଲା ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ଼ (ୟୁଏଆଇଏଲ୍) ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। କରୋନା ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ କମ୍ପାନୀ ଲକ୍ଷାଧିକ ମାସ୍କ ବଣ୍ଟନ କରିଛି। ଏଥିପାଇଁ ଲକ୍‌ଡାଉନ ସମୟରେ ପାରିପାର୍ଶ୍ୱିକ ଗ୍ରାମର ମହିଳାମାନେ ୪୦ ହଜାର ମାସ୍କ ପ୍ରସ୍ତୁତ କରିଛନ୍ତି। ଏହା ବ୍ୟତୀତ ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ବିତରଣ ପାଇଁ ୬୦ ହଜାର ମାସ୍କ ବରାଦ କରି ଅଣାଯାଇଛି। ୟୁଏଆଇଏଲ୍‌ର ଏକ ପୋଷାକ ସିଲେଇ କେନ୍ଦ୍ର ମଧ୍ୟ ମାସ୍କ ପ୍ରସ୍ତୁତ କରୁଛି। ଏହି ଉତ୍ସର୍ଗୀକୃତ ମହିଳାମାନେ ଓ ୟୁଆଇଏଲ୍‌ର ସମସ୍ତ ଟିମ ମେମ୍ବରଙ୍କ ଉଦ୍ୟମରେ ଆଖପାଖ ସମସ୍ତ ଗ୍ରାମରେ ପ୍ରାୟ ୧ ଲକ୍ଷ ମାସ୍କ ବଣ୍ଟନ କରାଯାଇଛି। ୟୁଏଆଇଏଲ୍‌ର ୟୁନିଟ ହେଡ୍ ଏନ୍. ନାଗେଶ କହିଛନ୍ତି, ଏହି ସଙ୍କଟମୟ ପରିସ୍ଥିତିରେ ଜିଲା ପ୍ରଶାସନ ଓ ଲୋକଙ୍କୁ ସହଯୋଗର ହାତ ବଢ଼ାଇଛି କମ୍ପାନୀ।

### କ୍ୱାରାଣ୍ଟାଇନରେ ରହିଲେ ୯

କାଶୀନଗର,୨୫।୪(ଡି.ଏନ.ଏ.)- କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ ଭାନ୍ନା ଗ୍ରାମର ୯ଜଣ ବ୍ୟକ୍ତି କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ଜାଣିବା ପରେ ସେମାନଙ୍କୁ ଚିହ୍ନଟ କରି ସେମାନଙ୍କୁ କାଶୀନଗର ଆଣିଛି। ଏଠାରେ ବାରାଣସୀ ସରକାରୀ ହାଇସ୍କୁଲଠାରେ ହୋଇଥିବା କ୍ୱାରାଣ୍ଟାଇନରେ ସେମାନଙ୍କୁ ରଖାଯାଇଛି। ସେମାନଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ତହସିଲଦାର ଶାନ୍ତସ୍ୱରୂପ ମିଶ୍ର କହିଛନ୍ତି।

### ଏସ୍‌ଏଚ୍‌ଜି ମହିଳାଙ୍କୁ କରୋନା ପାଇଁ ସ୍ୱତନ୍ତ୍ର ଋଣ



କାଲିମେଳା,୨୫।୪(ଡି.ଏନ୍.ଏ.)- କରୋନା ଯୋଗୁ ଏବେ ଲକ୍‌ଡାଉନ ଜାରି ରହିଛି। ଏପରି ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଷ୍ଟେଟବ୍ୟାଙ୍କ ପକ୍ଷରୁ ଋଣ ସହାୟତା ପ୍ରଦାନ କରାଯାଇଛି। ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦରସ୍ଥିତ ଲକି ସ୍ୱୟଂସହାୟକ ଗୋଷ୍ଠୀକୁ କାଲିମେଳା ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ କୋଭିଡ୍-୧୯ର ଏକ ସ୍ୱତନ୍ତ୍ର ସ୍କିମ୍ ମାଧମରେ ୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ବ୍ୟାଙ୍କ ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ,ଫିଲ୍ଡ ଅଫିସର ଜିତେନ୍ଦ୍ର ଜଗନ୍ନାଥ ମିଶ୍ର ଉପସ୍ଥିତ ରହି ଏସ୍‌ଏଚ୍‌ଜିର ସଭାପତି ତୁଳସୀ ନାୟକ,ସମ୍ପାଦକ ମିତା ସରକାରଙ୍କୁ ନଗଦ ଅର୍ଥ ପ୍ରଦାନ କରାଯାଇଛି। ଏହି ସମୟରେ ଓଡ଼ିଶା ଜୀବିକା ମିଶନର ବ୍ଲକ ପରିଚାଳିକା ରୋଜାଲିନ ଦାସ ଓ ଜୀବନ ଜୀବିକା ବ୍ଲକ ସଂଯୋଜକ ଦୀପକ ବାଇନ ଉପସ୍ଥିତ ଥିଲେ। ଏହି ଅର୍ଥରେ ଏସ୍‌ଏଚ୍‌ଜିର ସଦସ୍ୟାମାନେ ଅସହାୟ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିବେ। ଏହି ବାବଦ ଅର୍ଥ ସେମାନେ ପଞ୍ଚାୟତରୁ ପାଇବେ ବୋଲି ଜଣାପଡିଛି ।

# ଅଭିଯୋଗର ତଦନ୍ତ କଲା ଜିଲାସ୍ତରୀୟ ଟିମ୍

ଚନ୍ଦାହାଣ୍ଡି,୨୫।୪(ଡି.ଏନ୍.ଏ.)

**ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିଜୟଲକ୍ଷ୍ମୀ ପ୍ରଧାନଙ୍କ ବିରୋଧରେ ମେଡିକାଲ କ୍ଷେତ୍ର କର୍ମଚାରୀ ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଅଭିଯୋଗ ଆଣିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଡ୍ରାଇଭର ଜଣକ ଡାକ୍ତର ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ବିବେକାନନ୍ଦ ଦାସ ଓରଫ ବାପି ତାଙ୍କଠାରୁ ୭ହଜାର ଟଙ୍କା ନେଇଯାଇଥିବା ବାପିଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରିଥିଲେ। ସେ ବିଭିନ୍ନ ସମୟରେ ତାଙ୍କୁ ନିର୍ଯାତନା ଦେବା ସହ ବିଭିନ୍ନ ଧମକଚମକ ଦେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅଭିଯୋଗର ଶୁକ୍ରବାର ତଦନ୍ତ ହୋଇଛି। ଏକ ଜିଲାସ୍ତରୀୟ ଟିମ୍ ଡା. ଏସ୍.କେ. ଶତପଥୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। କର୍ମଚାରୀମାନେ ନିଜ ଅଭିଯୋଗ ଜିଲାସ୍ତରୀୟ ଟିମ୍ ନିକଟରେ ପ୍ରକାଶ କରିଥିଲେ। ଏସବୁ ଅଭିଯୋଗକୁ ଟିମ୍ ଗୁରୁତର ସହ ନେଇଛି।ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯିବ। ସେ ଯାହା ପଦକ୍ଷେପ ନେବେ ବୋଲି ଡା. ଶତପଥୀ କହିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାସ୍ତରୀୟ ଟିମ୍ ଆସିଥିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଯାଇଥିଲେ। ମାତ୍ର ଖବରଦାତାମାନଙ୍କୁ ଡା. ବିଜୟଲକ୍ଷ୍ମୀ ତୁମକୁ ଏଠାକୁ ଡକାଯାଇନାହିଁ। ଏଠାରୁ ଚାଲିଯାଅ କହି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଡ୍ରାଇଭରଙ୍କଠାରୁ ୭ ହଜାର ଟଙ୍କା ନେବା ସମ୍ପର୍କରେ ବିବେକାନନ୍ଦ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ମୋ ବିରୋଧରେ ସେ କରିଥିବା ଅଭିଯୋଗ ଭିତ୍ତିହୀନ। ସ୍ୱାସ୍ଥ୍ୟକେନ୍ଦ୍ର କ୍ୟାଶବୁକ୍ ସେ ୨ ବର୍ଷ ହେଲା ଦେଖାଉନାହାନ୍ତି। ତାଙ୍କୁ ଏ ବିଷୟରେ ପଚାରିବାରୁ ସେ ଏପରି ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ସନ୍ତୋଷ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଡା. ପ୍ରଧାନଙ୍କ ବିରୋଧରେ ଅଭିଯୋଗ ପାଇଛୁ। ଜିଲାସ୍ତରୀୟ ଟିମ୍ ଏହାର ତଦନ୍ତ କରିଛନ୍ତି। ରିପୋର୍ଟ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନଦୀରେ ବୁଡ଼ି ଜଣେ ନିଖୋଜ

ଚିତ୍ରକୋଣ୍ଡା,୨୫।୪(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଚିତ୍ରକୋଣ୍ଡା ପଞ୍ଚାୟତର ଆମ୍ବଗଛ କଲୋନୀର ଜଣେ ବ୍ୟକ୍ତି ସିଲେରୁ ନଦୀ ଆରଙ୍ଗି ଘାଟରେ ଶନିବାର ବୁଡିଯାଇ ନିଖୋଜ ହୋଇଯାଇଛନ୍ତି। ତାଙ୍କ ନାମ ଅଭି ହରିଜନ(୪୦)। ପୂର୍ବାହ୍ନ ୧୧ଟାରେ ସେ ଗାଧୋଇବା ପାଇଁ ନଦୀର ଆରଙ୍ଗି ଘାଟକୁ ଯାଇଥିଲେ। ଗାଧୋଉଥିବା ସମୟରେ ଗୋଡ ଖସିଯିବାରୁ ସେ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ଫଳରେ ଅଭି ନଦୀରେ ବୁଡି ଯାଇଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରି ନ ପାଇ ଚିତ୍ରକୋଣ୍ଡା ଥାନା ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଥାନା ଅଧିକାରୀ ଯୁଗଳ ଶବର ଏବଂ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନଦୀରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ଅଭିଙ୍କୁ ପାଇ ନ ଥିଲେ। ଖବରପାଇ ତହସିଲଦାର ଟି. ପଦ୍ମନାଭ ଦୋରା, ବିଡ଼ିଓ ଲରିମନ ଖରସେଲଙ୍କ ସହ ଅନ୍ୟ ଅଧିକାରୀମାନେ ମଧ୍ୟ ଘାଟଠାରେ ପହଞ୍ଚିଥିଲେ। ରବିବାର ସକାଳେ ମଧ୍ୟ ତାଙ୍କୁ ଖୋଜାଯିବ। ସୂଚନାଯୋଗ୍ୟ ଯେ ଅଭିଙ୍କ ଦେହ ଗତ କିଛିଦିନ ହେଲା ଖରାପ ଥିଲା। ସେ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହୋଇ ଭଲ ହେବା ପରେ ଦୁଇ ଦିନ ତଳେ ଘରକୁ ଫେରିଥିଲେ।

# ବାଇକ୍‌ରେ ଗଜପତି ଜିଲାକୁ ପଶି ଆସୁଛନ୍ତି

କାଶୀନଗର,୨୫।୪(ଡି.ଏନ.ଏ.)

**ମାନୁନାହାନ୍ତି ଆନ୍ଧ୍ର ଲୋକେ**



ଗଜପତି ଜିଲା ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ କରୋନା ଆକ୍ରାନ୍ତ ବ୍ୟକ୍ତି ଚିହ୍ନଟ ହେବା ପରେ କାଶୀନଗର ବ୍ଲକ ପ୍ରଶାସନ ପକ୍ଷରୁ ସୀମା ସିଲ୍ କରାଯାଇଛି। ମାତ୍ର ଏହାକୁ ଆନ୍ଧ୍ର ଲୋକେ ମାନିବାକୁ ନାରାଜ। ସେମାନେ ଅନାୟାସରେ ଗଜପତି ଜିଲାରେ ପ୍ରବେଶ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ବ୍ଲକର ଭେଙ୍କଟାପୁର ଗ୍ରାମ ନିକଟସ୍ଥ ରାସ୍ତାକୁ ମଧ୍ୟ ମାଟିକାନ୍ଥ ଉଠାଇ ସିଲ୍ କରାଯାଇଥିଲା। ଅଥଚ ଏହା ନିକଟରେ ଥିବା ଚାଷଜମି ଦେଇ ବାଇକ୍‌ରେ ଲୋକମାନେ ଗଜପତି ଜିଲାକୁ ପଶୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଗଜପତି ଜିଲାପାଳ କାଶୀନଗର ବ୍ଲକ ଗସ୍ତ ବେଳେ ଖବରଦାତାମାନେ ତାଙ୍କୁ ବଂଶଧାରା ନଦୀର ଓଡ଼ିଶା ପାର୍ଶ୍ୱରେ ବସୁଥିବା ବଜାର ସମ୍ପର୍କରେ ଅବଗତ କରାଇଥିଲେ। ନଦୀର ଅପରପାର୍ଶ୍ୱରେ ଆନ୍ଧ୍ରର ଅନେକ ଗ୍ରାମ ରହିଛି। ନଦୀରେ ଏବେ ପାଣି ବିଶେଷ ନ ଥିବାରୁ ଆନ୍ଧ୍ରରୁ ବହୁ ଲୋକ ଓଡ଼ିଶାର ଏହି ବଜାରକୁ ଆସୁଛନ୍ତି। ଫଳରେ କରୋନା ସଂକ୍ରମିତ ହେବାର ସମ୍ଭାବନା ରହିଛି ବୋଲି ଜିଲାପାଳଙ୍କୁ ଅବଗତ କରାଯାଇଥିଲା।

## ମାଢଳା ସୀମା ସିଲ୍‌କୁ ମାନିଲାନି ଆନ୍ଧ୍ର

### ଉଭୟ ରାଜ୍ୟର ଅଧିକାରୀଙ୍କ ମଧ୍ୟରେ ଆଲୋଚନା

ପାରଳାଖେମୁଣ୍ଡି/କାଶୀନଗର, ୨୫।୪ (ସ୍ୱ.ପ୍ର/ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ବ୍ଲକ ସୀମାକୁ ଆନ୍ଧ୍ରର ଅନେକ ଅଞ୍ଚଳ ଲାଗିରହିଛି। ବିତ୍ତୁର ମଣ୍ଡଳ ଅନ୍ତର୍ଗତ ପୁରୁଣାପାଟଣା ନିର୍ବାଚନ ମଣ୍ଡଳୀରେ କରୋନା ପଜେଟିଭ୍ ଚିହ୍ନିତ ହେବା ପରେ ଜିଲା ସମେତ ବ୍ଲକ ପ୍ରଶାସନର ଚିନ୍ତା ବଢ଼ିଛି। ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଶାକୁ ଲାଗିଥିବା ଆନ୍ଧ୍ରର ୧୨ଟି ସୀମାକୁ ଶୁକ୍ରବାର ସିଲ୍ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଶାନ୍ତସ୍ୱରୂପ ମିଶ୍ର ମାଢଳା ନିକଟରେ ଏହି ସୀମା ସିଲ୍ କରିଥିଲେ। ତେବେ ବିତ୍ତୁର ପ୍ରଶାସନ ଆନ୍ଧ୍ର ଅଞ୍ଚଳବାସୀଙ୍କ ପାଇଁ ଯାତାୟାତ ଲାଗି ଆଉ କୌଣସି ରାସ୍ତା ନ ଥିବା ଦର୍ଶାଇ ୨ ମିଟର ମାଟି କାନ୍ଥ ଉଠାଇ କାଶୀନଗର ପ୍ରଶାସନ ସିଲ୍ କରିଥିବା ସୀମାକୁ ଖୋଲି ଦେଇଥିବା ଜଣାପଡିଛି। ଏନେଇ ଅଭିଯୋଗ ହେବା ପରେ ଶନିବାର ସନ୍ଧ୍ୟାରେ ବିତ୍ତୁର ପୋଲିସ ସିଆଇ, ଅଧିକାରୀ ଓ କାଶୀନଗର ତହସିଲଦାର ମିଶ୍ରଙ୍କ ସମେତ ଅଧିକାରୀମାନେ ଆଲୋଚନା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଥିଲା।

## ଭୋକରେ ଛଟପଟ ହେଉଛନ୍ତି ବନ୍ୟଜନ୍ତୁ


ଜଣେ ବ୍ୟକ୍ତି ମାଙ୍କଡଙ୍କୁ ଖାଇବାକୁ ଦେଉଛନ୍ତି ।

ମାଲକାନଗିରି,୨୫।୪ (ଡି.ଏନ୍.ଏ.)

**କରୋନା ସାଜିଛି ବାଧକ**

କରୋନା ପାଇଁ ଗତ ମାର୍ଚ୍ଚ ୨୪ରୁ ଲକ୍‌ଡାଉନ ଘୋଷଣା ହୋଇଛି। ରାସ୍ତାରେ ଗାଡ଼ିମୋଟର ଚଳାଚଳ ଠପ୍ ହୋଇଯାଇଛି। ଜଙ୍ଗଲ ମଧ୍ୟରେ ରହୁଥିବା ବନ୍ୟଜନ୍ତୁ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ମାଙ୍କଡ଼ମାନେ ରାଜରାସ୍ତାକୁ ଆସୁଥିଲେ। ଯାତାୟାତ କରୁଥିବା ଲୋକମାନେ ଯାହା ଖାଇବାକୁ ଦେଉଥିଲେ ସେମାନେ ଖାଉଥିଲେ। ମାତ୍ର ଲକ୍‌ଡାଉନ ଯୋଗୁ ଗାଡି ଚଳାଚଳ ବନ୍ଦ ହୋଇ ଯାଇଥିବାରୁ ଏହି ମାଙ୍କଡମାନେ ଭୋକରେ ରହୁଛନ୍ତି। ଶନିବାର ଜଣେ ବ୍ୟକ୍ତି ଏକ ଗାଡିରେ ଯାଇ ଚିତ୍ରକୋଣ୍ଡା ଘାଟି ରାସ୍ତାରେ ବୁଲୁଥିବା ମାଙ୍କଡ଼ଙ୍କୁ କଦଳୀ, ବିସ୍କୁଟ ଖାଇବାକୁ ଦେଇଛନ୍ତି। ଏହି ବନ୍ୟଜନ୍ତୁଙ୍କ ପାଇଁ ବନ ବିଭାଗ ଖାଦ୍ୟ ବ୍ୟବସ୍ଥା କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# କାମ କି ଟଙ୍କା ନାଇଁ, ମୁଠାଏ ଆହାର ସ୍ୱପ୍ନ

ଗୁଣପୁର,୨୫।୪(ଡି.ଏନ୍.ଏ.)

କୁଲି ମଜୁରି କରି ଚଳୁଥିବା ଲୋକଙ୍କ ହାତ ବାନ୍ଧି ଦେଇଛି ଲକ୍‌ଡାଉନ। ଏବେ କାମ ବନ୍ଦ। ପାଖରେ ପଇସାଟିଏ ନାହିଁ। ପିଠି ଉପରେ ପରିବାରର ବୋଝ ଓ ମୁଣ୍ଡରେ ମୁଠାଏ ଆହାର ଯୋଗାଡ଼ କରିବା ଚିନ୍ତା ଘାରିଛି। ଏଭଳି ସ୍ଥିତିରେ ଗୁଣପୁର ବ୍ଲକ ତୋଲଣା ପଞ୍ଚାୟତ ପାତିଲି ଗ୍ରାମର ସୁବାନି ଶବରଙ୍କ ପରିବାର। ସେ କାଶୀପୁର ଅଞ୍ଚଳର ନଟୁ ମାଝୀଙ୍କୁ ବିବାହ କରିଥିଲେ। ସୁବାନି ପଥର ଭାଙ୍ଗି ଗୋଡ଼ି କରନ୍ତି। ସେଥିରୁ ଯାହା ପଇସା ମିଳେ, ସେଥିରେ ସେମାନେ ବହୁ କଷ୍ଟରେ ଜୀବନ ଚଳାଉଥିଲେ। ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ହେଲେ ଏବେ ଲକ୍‌ଡାଉନ ଯୋଗୁ ସେମାନଙ୍କ ଜୀବନ ହା ହତାଶମୟ ହୋଇଯାଇଛି। ସେମାନଙ୍କ ନିକଟରେ ରାଶନ କାର୍ଡ କି ଜବ୍ କାର୍ଡ ମଧ୍ୟ ନାହିଁ। ମୁଣ୍ଡ ଗୁଞ୍ଜିବା ପାଇଁ ଖୋପଡ଼ି ଘର। ସୁବାନୀଙ୍କ ହାତ କିଛି ସପ୍ତାହ ତଳେ ପୋଡ଼ି ଯାଇଥିଲା। ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରିବାରୁ ସେହି ହାତ ଏବେ ନଷ୍ଟ ହେବାକୁ ବସିଛି। ଅଞ୍ଚଳର ସହୃଦୟ ବ୍ୟକ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଶନିବାର ସେହି ପରିବାରକୁ ୨୦ କେଜି ଚାଉଳ ଦିଆଯାଇଛି। ପ୍ରଶାସନ ଅନ୍ୟ ସରକାରୀ ସୁବିଧା ଦେବାକୁ ଦାବି ହୋଇଛି।


ସହାୟତା ଆଶାରେ ସୁବାନୀ ଶବରଙ୍କ ପରିବାର ।

## ଉଡ଼ିଗଲା ୭ ଘର ଛପର

କୁଦୁରା,୨୫।୪(ଡି.ଏନ୍.ଏ.)

କୁଦୁରା ବ୍ଲକ କେରିମିଟି ପଞ୍ଚାୟତ ଚିଲିଗୁଡ଼ା ଗ୍ରାମରେ ଶନିବାର ବର୍ଷା ପବନ ଯୋଗୁ ୭ ଘରର ଛପର ଉଡ଼ିଯାଇଛି। ସନ୍ଧ୍ୟାରେ ପବନ ସହ ବର୍ଷା ହେବାରୁ ଏଥିରେ ଗ୍ରାମର ସାବତ ହରିଜନ, ନଳ ନାୟକ, ଉମେଶ ନାୟକ, ସମ୍ବାରୁ ହରିଜନ, ରୁକ୍‌ସାଇ ହରିଜନଙ୍କ ଘର କ୍ଷତିଗ୍ରସ୍ତ ହୋଇଛି।

# ଫୋକସ୍‌ରେ ରହିବ ଲକ୍‌ଡାଉନ ପର ସ୍ଥିତି

ପଦ୍ମପୁର,୨୫।୪(ଡି.ଏନ୍.ଏ.)


ପ୍ରଶାସନିକ ବୈଠକରେ ବ୍ଲକ ଅଧ୍ୟକ୍ଷ, ବିଡିଓଙ୍କ ସହ ଅନ୍ୟମାନେ।

**କରୋନା ପାଇଁ ପ୍ରଶାସନିକ ବୈଠକ**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝିଙ୍କ ଅଧ୍ୟକ୍ଷତାରେ କୋଭିଡ୍-୧୯ର ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଦୟାମୟ ପାଢ଼ୀ, ବ୍ଲକ ଏଇ ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମପୁର ମେଡିକାଲ ଇନ୍‌ଚାର୍ଜ ସୌମ୍ୟ ତ୍ରିପାଠୀ, ତହସିଲଦାର ନୀଳମାଧବ ମାଝି, ବ୍ଲକ ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ ନାୟକ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପ୍ରମିଳା ବେହେରା, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ରଥ, ଜିପିଓ ରମେଶ ଚନ୍ଦ୍ର ମହାପାତ୍ର, ବିପିସି ସୁନୀଲ ମିଶ୍ର, ପଦ୍ମପୁର ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ପିଇଓ, ସରପଞ୍ଚ, ଜିଆର୍‌ଏସ୍ ଉପସ୍ଥିତ ଥିଲେ। ଲକ୍‌ଡାଉନ ଉଠିବା ପରେ ଅନ୍ୟ ରାଜ୍ୟରେ ଫସିଥିବା ଲୋକେ ଫେରିବା ପରେ ସେମାନଙ୍କୁ ଅସ୍ଥାୟୀ ମେଡିକାଲ କେନ୍ଦ୍ରରେ ରଖିବା ବ୍ୟବସ୍ଥାକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ଏଥିରେ ଆଲୋଚନା ହୋଇଥିଲା। ବିଡିଓ ଦୟାମୟ ପାଢ଼ୀ ଆନୁଷଙ୍ଗିକ ବ୍ୟବସ୍ଥା ବାବଦରେ ସମସ୍ତଙ୍କୁ ବୁଝାଇଥିଲେ। ଯେଉଁମାନେ ଅନ୍ୟ ରାଜ୍ୟରୁ ଫେରିବାକୁ ଚାହୁଁଛନ୍ତି, ସେମାନଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ। ସେମାନେ ନିଜେ କିମ୍ବା ଜିଆର୍‌ଏସ୍‌ଙ୍କ ଦ୍ୱାରା ପଞ୍ଜିକରଣ କରିପାରିବେ। ପଞ୍ଜୀକୃତ ବ୍ୟକ୍ତି ଅସ୍ଥାୟୀ ମେଡିକାଲ କେନ୍ଦ୍ରରେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବା ପାଇଁ କୁହାଯାଇଥିଲା। ଅଙ୍ଗନୱାଡ଼ି କର୍ମୀମାନେ ବର୍ତ୍ତମାନ ଫର୍ମ ସଂଗ୍ରହ କରି ଘରଓ୍ୱାରି ସର୍ଭେ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜିଆର୍‌ଏସ୍‌ମାନେ ଅନଲାଇନ ଏଣ୍ଟ୍ରି ୩୦ ତାରିଖ ସୁଦ୍ଧା ସାରିବାକୁ କୁହାଯାଇଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ଏପ୍ରିଲ ୨୬/୨୦୨୦ Sunday, April 26/2020

# ଅନିଶ୍ଚିତତା ଆଡ଼କୁ ଯାଉଛି ବିଶ୍ୱ

**ମୁମ୍ବାଇ,୨୫।୪**

କୋଭିଡ୍-୧୯ ଯୋଗୁ ସାରା ବିଶ୍ୱରେ ଉପୁଜିଥିବା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବା ଏବେ ପ୍ରାଥମିକତା ହୋଇଛି। ଲକ୍‌ଡାଉନ ଲାଗି ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଥିବାରୁ କୋଟି କୋଟି ଲୋକଙ୍କ ନିଯୁକ୍ତି ଉପରେ ଏବେ କଳାବାଦଲ ଛାଇ ହୋଇରହିଛି। ଲୋକମାନଙ୍କୁ ସେମାନଙ୍କ କଷ୍ଟ ଉପାର୍ଜିତ ପୁଞ୍ଜି ହରାଇବାକୁ ପଡ଼ିଛି। କରୋନାର କୋରଡା ବିକାଶଶୀଳ ଦେଶଗୁଡିକୁ ଅତିମାତ୍ରାରେ ଅସ୍ତବ୍ୟସ୍ତ କରି ପକାଇଛି। ଗରିବୀ ଏବଂ ହତାଶାଭାବ ବଢିଥିବାରୁ ବଜାର ଉପରେ ଲୋକଙ୍କର ଅନିଶ୍ଚିତ ଭାବ ପ୍ରକାଶ ପାଇଛି। ଜନସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବା ଲାଗି ଲକ୍‌ଡାଉନ ଏକ ବଳିଷ୍ଠ ପଦକ୍ଷେପ ବୋଲି ବିଚାର କରାଯାଏ। ମାତ୍ର ସାରା ବିଶ୍ୱ ବର୍ତ୍ତମାନ ଯେଉଁଭଳି ଆର୍ଥିକ ସମସ୍ୟା ସାମ୍ନା କଲାଣି ଏବଂ ଲୋକଙ୍କ ଏହାର ପ୍ରତ୍ୟକ୍ଷ ପ୍ରଭାବକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ଏକଥା ମଧ୍ୟ ସତ୍ୟ ଯେ, ପ୍ରକୃତ ସମସ୍ୟା ସମାଧାନ କରିବା ଛାଡି କ୍ଷମତାଶାଳୀ ବ୍ୟକ୍ତିବିଶେଷ ଏବଂ ନ୍ୟସ୍ତ ସ୍ୱାର୍ଥବ୍ୟକ୍ତି ସାରା ବିଶ୍ୱକୁ ଦାରିଦ୍ର୍ୟ, ଗରିବୀ, ଦେବାଳିଆ, ସାମୂହିକ ବେକାରି ଆଡକୁ ଠେଲି ଦେଉଛନ୍ତି। କରୋନା ଏଥିଲାଗି ଏକ ମଉକା ପ୍ରଦାନ କରୁଛି। କାରଣ ସମସ୍ୟା ସମାଧାନ ଲାଗି ପଦକ୍ଷେପ ଠିକ୍ ନ ହେଲେ ଦୀର୍ଘମିଆଦୀ ଭିତ୍ତିରେ କୌଣସି ଅର୍ଥ ବ୍ୟବସ୍ଥା ଆର୍ଥିକ ସମସ୍ୟାରୁ ବାହାରିବା କଷ୍ଟକର ହୋଇପଡିବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

ଗରିବୀ ବଢ଼ିବ ବୋଲି ଜାତିସଂଘ ପକ୍ଷରୁ ସଦ୍ୟତମ ରିପୋର୍ଟରେ କୁହାଯାଇଛି। ତୃତୀୟ ବିଶ୍ୱ ବା ଆର୍ଥିକ ଦୁର୍ବଳ ଦେଶଗୁଡିକର ମେରୁଦଣ୍ଡକୁ କୋଭିଡ୍-୧୯ ଭୂତାଣୁ ଭାଙ୍ଗିଦେବ ବୋଲି ଅନ୍ୟ ଏକ ରିପୋର୍ଟ ପ୍ରକାଶ ପାଇଛି। ଗତ ସପ୍ତାହରେ ଆମେରିକାରେ ଏକ ଚକିତ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଖରାପ ସ୍ଥିତିରେ ଥିବା ଆମେରିକାର ନିଯୁତାଧିକ ଲୋକ ଫୁଡ୍ ବ୍ୟାଙ୍କ ଏବଂ ନିଯୁକ୍ତି କାର୍ଯ୍ୟାଳୟଗୁଡିକରେ ଲମ୍ବା ଲାଇନ ଲଗାଇଥିବା ଦେଖାଯାଇଥିଲା। ସେହିଭଳି ଭାରତ କଥା ବିଚାର କଲେ କରୋନା ଯୋଗୁ ଭାରତରେ ୭୭୯ ଲୋକ ମୃତ୍ୟୁମୁଖରେ ପଡିଛନ୍ତି। ଯଦି ଲୋକଙ୍କ ମଧ୍ୟରେ ଖାଦ୍ୟାଭାବ ଦେଖାଯାଏ ତେବେ ଲୁଟିବାର ମନୋବୃତ୍ତି ମଧ୍ୟ ଉପୁଜିବା ନେଇ ଆଶଙ୍କା କରାଯାଉଛି। ମୁମ୍ବାଇଠାରୁ ନ୍ୟୁୟର୍କ ସହର ପର୍ଯ୍ୟନ୍ତ ଉତ୍ପାଦନ ସମ୍ପୂର୍ଣ୍ଣ ଠପ୍ ହୋଇଛି। ଏହାକୁ ଅର୍ଥନୀତିଜ୍ଞମାନେ ଗ୍ଲୋବାଲାଇଜେଶନ ଅଫ୍ ପଭର୍ଟି ବା ଦାରିଦ୍ର୍ୟର ଜଗତୀକରଣ ନାଁ ଦେଲେଣି। ଏସିଆ ଏବଂ ଆଫ୍ରିକା ଦେଶଗୁଡିକ ମଧ୍ୟରେ କ୍ଷୁଧା ସଙ୍କଟ ଏବଂ ମୁମ୍ବାଇରେ ଦାରିଦ୍ର୍ୟ ବଢ଼ିବା ଯୋଗୁ ଲୋକମାନେ ମାଗଣା ଧାଡିରେ ଠିଆ ହେଉଥିବା ଦେଖାଯାଉଛି।



- ବଢୁଛି ବେକାରି, ଗରିବୀ
- ଦେବାଳିଆ ହେବେ ଅଧିକ କମ୍ପାନୀ
- ବଜାରରୁ ନେଇ ଅନିଶ୍ଚିତାର କଳାବାଦଲ
- ଘରୋଇକରଣ ପନ୍ଥା ମଜଭୁତ ହେଉଛି

ଏପଟେ ଋଣ ନେଉଥିବା ଅଭିବୃଦ୍ଧିଶୀଳ ରାଷ୍ଟ୍ରଗୁଡିକ ଉପରେ ଡଲାରର ଆଧିପତ୍ୟକୁ ଜୋର ଜବରଦସ୍ତି ଲଦି ଦିଆଯାଉଛି। ବହୁଳ ମାତ୍ରାରେ ଘରୋଇକରଣକୁ ପ୍ରୋତ୍ସାହନ କରାଯାଉଥିବାରୁ ଲୋକଙ୍କୁ ବେତନ ପ୍ରଦାନ କ୍ଷେତ୍ରରେ ମଧ୍ୟ ମନମାନି ଦେଖିବାକୁ ମିଳୁଛି। ଋଣ ପ୍ରଦାନ କରାଯାଉଥିବା ସଂସ୍ଥାଗୁଡିକର ସ୍ୱାର୍ଥକୁ ଦେଖାଯାଉଥିବାରୁ ଅର୍ଥ ବ୍ୟବସ୍ଥାଗୁଡିକ ଅକଳ ସ୍ଥିତିରେ ପଡୁଛନ୍ତି। ଫଳରେ ଏହା ଦାରିଦ୍ର୍ୟ ଏବଂ ବେକାରି ବଢିବାରେ ରାସ୍ତା ଖୋଲା କରୁଛି। ବର୍ତ୍ତମାନର ଅର୍ଥନୈତିକ ମାନ୍ଦାବସ୍ଥା କମ୍ପାନୀଗୁଡିକ ମଧ୍ୟରେ ଦେବାଳିଆ ସ୍ଥିତି ଏବଂ ଦେଶଗୁଡିକରେ ବେକାରି ବଢୁଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ହତାଶା ବଢୁଛି। ବର୍ତ୍ତମାନ ବିଶ୍ୱ ଅର୍ଥନୀତିର ଗତି ଅଟକିଯାଇଛି ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ଏମ୍‌ଡି କ୍ରିଷ୍ଟଲିନା ଜିଓର୍ଜିଏଭା ନିକଟରେ କହିଥିଲେ। ଏବେ ସମସ୍ୟା ବଢିଥିବାରୁ ବିକାଶଶୀଳ ଦେଶଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଣୁ ସେମାନେ ଅଧିକ ଋଣ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ସ୍ଥିତିରେ ଦେଶଗୁଡିକ ଉପରେ ଘରୋଇକରଣ ଚାପ ପଡୁଛି। ଲକ୍‌ଡାଉନ ବିକଶିତ ତଥା ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡିକର ଜାତୀୟ ଅର୍ଥନୀତିକୁ ପଛକୁ ଠେଲି ଦେଉଛି। ଅର୍ଥ ବ୍ୟବସ୍ଥାଗୁଡିକ ଅଧିକ ଅସ୍ଥିର ହୋଇ ପଡୁଛନ୍ତି। ଖରାପସ୍ଥିତି ଯୋଗୁ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପଗୁଡିକ ଅଧିକ ହାରରେ ଦେବାଳିଆ ଆଡକୁ ଗତି କରୁଛନ୍ତି। ବିଶ୍ୱ ସ୍ତରରେ ପୁଞ୍ଜିବାଦ ଏହାର ପନ୍ଥାକୁ ଅଧିକ ଦୃଢୀଭୂତ କରୁଥିବା ଦେଖାଯାଉଛି। ଲୋକଙ୍କ ମଧ୍ୟରେ ଡର ଏବଂ ହତାଶା ଭାବେ ବଢିଥିବା ବେଳେ ଗଣତନ୍ତ୍ର ପରିବର୍ତ୍ତେ ପ୍ରଭୁତ୍ୱବାଦୀ ସରକାର ଓ ଶାସନ ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳୁଛି। ଏହାକୁ ଅର୍ଥନୀତିଜ୍ଞ ମାଇକେଲ ଚୋସୋଡୋଭସ୍କି ନିକଟରେ ପ୍ରକାଶିତ ତାଙ୍କ ପୁସ୍ତକରେ ନ୍ୟୁ ୱାର୍ଲଡ ଅର୍ଡର ବୋଲି ବିବେଚିତ କରିଛନ୍ତି।

## ସଂକ୍ଷେପରେ

### ସେପ୍ଟେମ୍ବର ସୁଦ୍ଧା ନିଯୁକ୍ତି ହରାଇବେ ୪ କୋଟି




**ମୁମ୍ବାଇ,୨୫।୪:** ସରକାର ନିକଟରେ ଲକ୍‌ଡାଉନକୁ ଆଂଶିକ ଭାବେ ହଟାଇଛନ୍ତି। ଦେଶର ପ୍ରାୟ ୬୦% କମ୍ପାନୀ ଏବେ କାରବାର ଆରମ୍ଭ କରିବା ନେଇ ସ୍ଥିତି ସୁଧୁରିଛି ବୋଲି ନୋମୁରା ହୋଲ୍ଡିଂ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ, ଆର୍ଥିକ ବର୍ଷ ଆରମ୍ଭ ହେବା ବେଳୁ ହିଁ କମ୍ପାନୀଗୁଡିକର ଉତ୍ପାଦନ ଉପରେ ଶକ୍ତ ଧକ୍କା ଲାଗିଛି। ସ୍ଥିତି ଶୀଘ୍ର ସୁଧୁରିବା ନେଇ ଏବେ କହି ହେଉନାହିଁ। ଆଗାମୀ ୬ ମାସ ଯାଏ କମ୍ପାନୀଗୁଡିକରେ ଶ୍ରମିକ ଅଭାବ ସମସ୍ୟା ଦେଖାଯିବ। କାରଣ ବର୍ତ୍ତମାନ ଲୋକମାନେ କରୋନା ପାଇଁ ନିଜ ଘରକୁ ଫେରିଆସିଛନ୍ତି। ସେପ୍ଟେମ୍ବର ସୁଦ୍ଧା ପ୍ରାୟ ୪ କୋଟି ଲୋକ ବେକାର ହେବେ ବୋଲି ଏହି ଏଜେନ୍ସି ଆକଳନରେ କହିଛି।

### ସେନ୍‌କୋ ଗୋଲ୍ଡ ପକ୍ଷରୁ ମୂଲ୍ୟ ସୁରକ୍ଷା ଗ୍ୟାରେଣ୍ଟି

**ଭୁବନେଶ୍ୱର,୨୫।୪:** ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ମୂଲ୍ୟ ସୁରକ୍ଷା ଗ୍ୟାରେଣ୍ଟି ପ୍ରଦାନ କରାଯାଉଛି। ଗ୍ରାହକଙ୍କୁ ଅନ୍‌ଲାଇନରେ କ୍ରୟ ସୁବିଧା କମ୍ପାନୀ ପ୍ରଦାନ କରୁଛି। ଏହି ଅଫରର ଲାଭ ଗ୍ରାହକମାନେ ୨୭ ତାରିଖ ଯାଏ ନେଇପାରିବେ। ବୁକିଂ ଦିନ ମୂଲ୍ୟ ଲକ୍‌ଇନ ହୋଇଯିବା ପରେ ଗ୍ରାହକ ଷ୍ଟୋର ପରିଦର୍ଶନ କରି ସୁନା ନେଇପାରିବେ। ଏହାବାଦ କମ୍ପାନୀ ପକ୍ଷରୁ ହୋମ ଡେଲିଭରି ସୁବିଧା ମଧ୍ୟ କରାଯାଇଛି।

### ଅଧିକ ସତର୍କତା ଦେଖାଉଛନ୍ତି ଏନ୍‌ବିଏଫ୍‌ସି




**ମୁମ୍ବାଇ,୨୫।୪:** ଦେଶର ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି) ଗୁଡ଼ିକ ସମସ୍ୟାରେ ରହିଥିବା ବେଳେ ଲକ୍‌ଡାଉନ ସ୍ଥିତି ସେମାନଙ୍କ କାରବାରରୁ ଆହୁରି କ୍ଷତିଗ୍ରସ୍ତ କରିଛି। ଏବେ କମ୍ପାନୀଗୁଡିକର ସ୍ଥିତି ଖରାପ ହୋଇଥିବାରୁ ଋଣ ଅସୁଲି କ୍ଷେତ୍ରରେ ମଧ୍ୟ ସମସ୍ୟା ଉପୁଜିବ ବୋଲି ଆଶଙ୍କା କରାଯାଇଛି। ଏହାକୁ ଧ୍ୟାନରେ ରଖି ଋଣ ପ୍ରଦାନ ବେଳେ ଏନ୍‌ବିଏଫ୍‌ସିଗୁଡିକ ଅଧିକ ସତର୍କତା ଦେଖାଉଥିବା ଜଣାପଡିଛି। ବିଶ୍ୱ ମାନ୍ଦାବସ୍ଥା ସହ ଲଢୁଥିବା ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ କରୋନା ମାଡ ଅଧିକ ଚାପ ସୃଷ୍ଟି କରିଛି ବୋଲି ଶିଳ୍ପ ସହ ଜଡିତ ଜଣେ ବିଶେଷଜ୍ଞ କହିଛନ୍ତି। ଏବେ ଚାହିଦା ମଧ୍ୟ ନାହିଁ । କମ୍ପାନୀଗୁଡିକର ପରିଚାଳନକୁ ଏହା କ୍ଷତି ପହଞ୍ଚାଉଛି। ବଜାର ଉପରେ ଚାପ ରହିଥିବାରୁ ପ୍ରଦାନ କରାଯାଉଥିବା ଋଣ ପରିଶୋଧ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି। ଏଥିଲାଗି ଏନ୍‌ବିଏଫ୍‌ସି ଋଣ ଯୋଗାଣ ବେଳେ ଅଧିକ ସତର୍କତା ଦେଖାଉଛନ୍ତି।

## ଅଧିକ ନୋଟ୍ ଛାପିବା ଠିକ୍ ନୁହେଁ: ଏନ୍.କେ .ସିଂ



**ନୂଆଦିଲ୍ଲୀ,୨୫।୪:** ବର୍ତ୍ତମାନ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡିକ ବିଭିନ୍ନ ଚ୍ୟାଲେଞ୍ଜର ସାମ୍ନା କରୁଛନ୍ତି। ରାଜକୋଷରେ ବିତ୍ତୀୟ ନିଅଣ୍ଟ ଏବଂ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। କୋଭିଡ୍-୧୯ ରାଜସ୍ୱକୁ ପ୍ରଭାବିତ କରିଥିଲେ ମଧ୍ୟ ଅଧିକ ନୋଟ୍ ଛାପିବା ଠିକ୍ କଥା ନୁହେଁ ବୋଲି ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ଏନ୍.କେ.ସିଂ ସୂଚନା ଦେଇଛନ୍ତି। କରୋନା ପାଇଁ ଟିକସ ଏବଂ ଅଣ ଟିକସ ରାଜସ୍ୱ କ୍ଷେତ୍ରରେ ଅନେକ ଅନିଶ୍ଚିତତା ଦେଖାଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଆମାଜନର ଲୋକାଲ ଶପ୍ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୨୫।୪:** ଆମାଜନ୍ ଇନ୍ ପକ୍ଷରୁ ଭାରତରେ ଲୋକାଲ ଶପ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ସାରା ଦେଶରେ ୫୦୦ ଦୋକାନ ଏବଂ ରିଟେଲର ଯୋଡି ହୋଇଛନ୍ତି। ଗ୍ରାହକଙ୍କୁ ବର୍ତ୍ତମାନର ସମୟରେ ଜରୁରୀ ସାମଗ୍ରୀ ଯୋଗାଇବା ନେଇ ଏହାଦ୍ୱାରା ଯୋଜନା ହାତକୁ ନିଆଯାଇଛି।

## ହୋମ ଡେଲିଭରି ଦେବେ ଗ୍ରସେରି ଷ୍ଟୋର

**ମୁମ୍ବାଇ, ୨୫।୪:** ଆଗାମୀ କିଛିଦିନରେ ସ୍ଥାନୀୟ ଗ୍ରସେରି ଷ୍ଟୋରଗୁଡିକ ସାମଗ୍ରୀ ଡେଲିଭରି ଦେବେ। ଏଥି ଲାଗି ଏକ ଜାତୀୟ ଇ-କମର୍ସ ମାର୍କେଟ ପ୍ଲେସ୍‌ର ଯୋଜନା ହାତକୁ ନିଆଯାଉଛି। ଏହା କାର୍ଯ୍ୟକାରୀ ହେଲେ ଘର ପାଖରେ ଥିବା ଷ୍ଟୋରଗୁଡିକରୁ ଲୋକମାନେ କଣ୍ଟାକ୍ଟଲେସ ଡେଲିଭରି ସୁବିଧା ପାଇବାକୁ ସକ୍ଷମ ହେବେ ବୋଲି କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନର ଅସୁବିଧା ସମୟରେ ଲୋକଙ୍କ ନିକଟରେ ଜରୁରୀ ସାମଗ୍ରୀ ପହଞ୍ଚାଇବା ଲାଗି ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃବାଣିଜ୍ୟ ବିଭାଗ ସହଯୋଗରେ ସିଏଆଇଟି ମିଳିତ ଭାବେ ଯୋଜନା ହାତକୁ ନେଉଥିବା ସିଏଆଇଟି ମହାସଚିବ ପ୍ରଭୀନ ଖଣ୍ଡେଲୱାଲ ସୂଚନା ଦେଇଛନ୍ତି।




# ଖେଳ ଖବର

## ଟ୍ରେନିଂ ସେଣ୍ଟରର ଅଭାବ ଅନୁଭବ କରୁଛି

**ଭୁବନେଶ୍ୱର, ୨୫।୪(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ସଫଳ କରାଟେକାଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଦିଲୀପ କୁମାର ଜେନା। ରାଜ୍ୟସ୍ତରରେ ପର୍ଯ୍ୟାପ୍ତ ସଫଳତା ସହିତ ଜାତୀୟ କରାଟେରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଥିବା ଦିଲୀପ ଅନ୍ତର୍ଜାତୀୟ ସ୍ତରରେ ସାଉଥ୍ ଏସିଆନ କରାଟେ ଚାମ୍ପିୟନଶିପ୍‌ରେ ମଧ୍ୟ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଛୋଟ ବେଳରୁ ଉତ୍କଳ କରାଟେ ସ୍କୁଲରେ ଫିଟ୍‌ନେସ ଗୁରୁ ଡ. ହରିପ୍ରସାଦ ପଟ୍ଟନାୟକଙ୍କଠାରୁ କୋଚିଂ ନେଇ ଆଗକୁ ବଢ଼ିଥିବା ଏହି ଦୃଢ଼ ମନୋଭାବ ସମ୍ପନ୍ନ କରାଟେକା ଏବେ କରୋନା ଭାଇରସ୍ ସଂକ୍ରମଣ ଜନିତ ଲକ୍‌ଡାଉନ୍ ସ୍ଥିତିରେ ଘରେ ରହିଛନ୍ତି। କୋଚ୍ ହରିପ୍ରସାଦଙ୍କଦ୍ୱାରା ଧାର୍ଯ୍ୟ କରାଯାଇଥିବା କାର୍ଯ୍ୟସୂଚୀ ଅନୁସାରେ ସେ ଘରେ ସୀମିତ ପରିବେଶ ମଧ୍ୟରେ ଟ୍ରେନିଂ ଜାରି ରଖିଥିବା ପ୍ରକାଶ କରିଛନ୍ତି। ୧୯୯୦ ଏପ୍ରିଲ ୧୫ରେ ଜନ୍ମିତ ଦିଲୀପଙ୍କ ମା' ପ୍ରିୟାମଣି ଏବଂ ବାପା ହେଉଛନ୍ତି ନନ୍ଦକିଶୋର ଜେନା।

''ଲକ୍‌ଡାଉନ୍ ସ୍ଥିତିରେ ଏବେ ଅଭ୍ୟାସ ସ୍ଥଳ କରାଟେ ସ୍କୁଲକୁ ଯିବା ସମ୍ଭବ ହେଉନାହିଁ। ତେଣୁ ହରି ସାର୍‌ଙ୍କ ପରାମର୍ଶକ୍ରମେ ଘରେ ଯେତିକି ସମ୍ଭବ ସେତିକି ଟ୍ରେନିଂ କରି ନିଜକୁ ଫିଟ୍ ରଖୁଛି। ସକାଳେ କାର୍ଡିଓ (ସ୍କିପିଂ, ରନିଂ, ଷ୍ଟ୍ରେଚିଂ, କିକ୍) ଟ୍ରେନିଂ କରୁଛି। ଦିନବେଳା ବହି ପଢ଼ାପଢ଼ି କରି ସମୟ ବିତାଉଥିବାବେଳେ ଅପରାହ୍ନରେ ଫିଜିଓଥେରାପି (କାନ୍ଧର ଶକ୍ତି ବଢ଼ାଇବା ପାଇଁ ଷ୍ଟ୍ରେଙ୍ଗ୍‌ଥ ଏକ୍ସରସାଇଜ୍) ଟ୍ରେନିଂ ସମ୍ପର୍କରେ ଆମକୁ ଯାହା ଶିଖା ଯାଇଥିଲା ତାହା ଅଭ୍ୟାସ କରୁଛି। ଟୁର୍ନାମେଣ୍ଟ ସମୟରେ ବାମ କାନ୍ଧରେ ଆଘାତ ପାଇଥିବାରୁ ମୁଁ ଚିକିତ୍ସା ପାଇଁ କଳିଙ୍ଗ ଷ୍ଟାଡିୟମରେ ଥିବା ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫରମାନ୍ସ ସେଣ୍ଟର(ଏବିଟିପି) ଯାଇଥିଲି। ତେଣୁ ଏବିଟିପିର ଡାକ୍ତର ଅନ୍‌ଲାଇନ୍‌ରେ ଯେଉଁ କୋର୍ ଟ୍ରେନିଂ କରାଇଥାଆନ୍ତି ସେହି ଅଭ୍ୟାସ ମୁଁ କରିଥାଏ।ସନ୍ଧ୍ୟାରେ କମ୍ପ୍ୟୁଟରରେ କରାଟେର ପୁରୁଣା ଭିଡିଓ ଦେଖି ଟେକ୍ନିକ ସମ୍ପର୍କରେ ଜ୍ଞାନ ଆହରଣ କରୁଛି। ଅବସର ସମୟରେ ବହି(ୟୁ କ୍ୟାନ ୱିନ୍, ରିଚ୍ ଡାଡ୍-ପୁଅର ଡାଡ୍) ପଢୁଛି। ସବୁକିଛି ଚାଲିଥିଲେ ହେଁ ପ୍ରତି ମୁହୂର୍ତ୍ତରେ ଉତ୍କଳ କରାଟେ ସ୍କୁଲର ଅଭାବ ଅନୁଭବ ହେଉଛି। ସତେ ଯେପରି କେଉଁଠି ଫସିକି ରହିଯିବାପରି ଲାଗୁଛି ବୋଲି କହିଛନ୍ତି ଦିଲୀପ। ପୂର୍ବରୁ ପରିବାର ସହିତ ସମୟ କାଟିବା ସମ୍ଭବ ହେଉ ନ ଥିଲା। ଏବେ ସମସ୍ତେ ମିଶି କିଛି ସମୟ ଲୁଡୁ କିମ୍ବା କ୍ୟାରମ ଖେଳିବାର ମଜା ନେଉଛୁ ବୋଲି ସେ ପ୍ରକାଶ କରିଛନ୍ତି। ଜାତୀୟ ଅଫିସିଆଲ କରାଟେରେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପାଇଥିବା ଦିଲୀପ ଅନ୍‌ଅଫିସିଆଲ ଜାତୀୟସ୍ତରୀୟ କରାଟେରେ ୨୫ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛନ୍ତି।



ଦିଲୀପ ଜେନା

### ସଚିନଙ୍କ ଶତକ ରେକର୍ଡ ଭାଙ୍ଗିପାରିବେ କୋହଲି

**ମୁମ୍ବାଇ, ୨୫।୪ (ପି.ଟି.):** ସଚିନ ତେନ୍ଦୁଲକରଙ୍କ ୧୦୦ ଅନ୍ତର୍ଜାତୀୟ ଶତକ ହାସଲ ରେକର୍ଡକୁ ଭାରତୀୟ ଅଧିନାୟକ ବିରାଟ କୋହଲି ଭାଙ୍ଗିପାରିବେ ବୋଲି ପୂର୍ବତନ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ବ୍ରେଟ୍ ଲି କହିଛନ୍ତି। ଏଥପାଇଁ କୋହଲି ଆଉ ୭-୮ ବର୍ଷ ନିରବଚ୍ଛିନ୍ନ ଖେଳିବା ସହ ଫର୍ମକୁ ବଜାୟ ରଖିବାକୁ ପଡିବ। ଦିନିକିଆରେ ସଚିନ ୪୯ଟି ଶତକ ହାସଲ କରି ବିଶ୍ୱ ରେକର୍ଡ କରିଛନ୍ତି। ଏହି ଦୃଷ୍ଟିକୋଣରୁ କୋହଲି ୨୪୮ଟି ଦିନିକିଆ ଖେଳି ଏପର୍ଯ୍ୟନ୍ତ ୪୩ଟି ଶତକ ହାସଲ କରିସାରିଲେଣି। ସେହିପରି ଟେଷ୍ଟ ଫର୍ମାଟ୍‌ରେ ମଧ୍ୟ ସଚିନ ସର୍ବାଧିକ ୫୧ଟି ଶତକ ହାସଲ କରି ବିଶ୍ୱ ରେକର୍ଡ କରିଛନ୍ତି। ତେବେ କୋହଲି ୮୬ଟି ଟେଷ୍ଟ ଖେଳି ଏପର୍ଯ୍ୟନ୍ତ ୨୭ଟି ଶତକ ହାସଲ କରିଛନ୍ତି। କୋହଲିଙ୍କ ପାଖରେ ପ୍ରତିଭା, ଫିଟ୍‌ନେସ୍ ଓ ମାନସିକ ଦୃଢ଼ତା ରହିଛି। ମାନସିକ ଦୃଢ଼ତାର କାରଣରୁ କୋହଲି ବିଦେଶରେ ମଧ୍ୟ ଅତି ସହଜରେ ଶତକ ହାସଲ କରିଛନ୍ତି। ତେଣୁ ସେ ସଚିନଙ୍କ ଏହି ରେକର୍ଡ ଭାଙ୍ଗିବା ଅସମ୍ଭବ ନୁହେଁ ବୋଲି ଲି କହିଛନ୍ତି।

### ସ୍ୱାଇସ୍ ଜେଟ୍ ଆମ୍ବୁଲାନ୍ସରେ ଦିଲ୍ଲୀ ଗଲେ ଡିଙ୍କୋ

**ନୂଆଦିଲ୍ଲୀ, ୨୫।୪ (ପି.ଟି.):** ଚିକିତ୍ସା ପାଇଁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ବକ୍ସର ଡିଙ୍କୋ ସିଂଙ୍କୁ ବିମାନ ଯୋଗେ ଇମ୍ଫାଲରୁ ଦିଲ୍ଲୀ ଅଣାଯାଇଛି। ଲିଭର କ୍ୟାନ୍‌ସରରେ ପୀଡ଼ିତ ୪୧ ବର୍ଷୀୟ ଡିଙ୍କୋଙ୍କୁ ଦିଲ୍ଲୀ ନେବା ପାଇଁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ତରଫରୁ ସ୍ୱାଇସ୍ ଜେଟ୍ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା।

यूनियन बैंक ऑफ इंडिया Union Bank of India
यूनियन बैंक ऑफ इंडिया द्वारा महत्वपूर्ण सूचना
"प्रधानमंत्री गरीब कल्याण योजना" में प्राप्त धनराशि आपके खाते में सुरक्षित है। नकद निकासी व्यवस्था हमारी सभी शाखाएँ, एटीएम एवं बैंक मित्र पर उपलब्ध है। अपनी आवश्यकतानुसार जब आप चाहे अपने पैसों का उपयोग कर सकते है।
यूनियन बैंक ऑफ इंडिया आपकी सेवा में सदैव तत्पर है।
Important Message from Union Bank of India
The money received under "*Pradhan Mantri Garib Kalyan Yojana*" is safe in your account and you can withdraw the cash at any time from any ATM, Bank Branches or Bank Mitra points. You may use the money in any way as per your requirements. Union Bank of India remains at your service.

## ଧାବିକା ଝୁମା ୪ବର୍ଷ ବାସନ୍ଦ



**ନୂଆଦିଲ୍ଲୀ, ୨୫।୪ (ପି.ଟି.):** ଡୋପ୍ ଟେଷ୍ଟରେ ଧରାପଡ଼ିଥିବାରୁ ୱାର୍ଲ୍ଡ ଆଥଲେଟିକ୍ସ ଗଭର୍ଣ୍ଣିଂବଡିର ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ)ଭାରତର ମିଡଲ ଡିଷ୍ଟାନ୍ସ ଧାବିକା ଝୁମା ଖାତୁନ୍‌ଙ୍କୁ ୪ବର୍ଷ ବାସନ୍ଦ କରିଛନ୍ତି। ୨୦୧୮ ଜୁନ୍‌ରେ ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ୩୧ ବର୍ଷୀୟା ଖାତୁନଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବୋରେଟୋରିରେ ଫଳାଫଳ ନେଗେଟିଭ୍ ଆସିଥିଲା। ଖାତୁନ୍ ଗୁଆହାଟୀ ଚାମ୍ପିୟନଶିପ୍‌ରେ ଉଭୟ ୧୫୦୦ ମିଟର ଓ ୫,୦୦୦ ମିଟର ରେସ୍‌ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପାଇଥିଲେ। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) କିନ୍ତୁ ପରେ କାନାଡାସ୍ଥିତ ମଣ୍ଟ୍ରିଲ ଲାବୋରେଟୋରିରେ ଭାରତୀୟ ଧାବିକାଙ୍କ ସାମ୍ପଲକୁ ପରୀକ୍ଷା କରିବାରୁ ସେଥିରେ ଡିହାଇଡ୍ରୋକ୍ଲୋରୋମେଥିଲ ଟେଷ୍ଟୋଷ୍ଟେରନ ପଜିଟିଭ୍ ଆସିଥିଲା। ଫଳରେ ଖାତୁନଙ୍କ ପୂର୍ବ ଫଳାଫଳକୁ ରଦ୍ଦ କରାଯାଇଥିଲା। କେବଳ ଖାତୁନ ନୁହଁନ୍ତି (ଏନ୍‌ଡିଟିଏଲ୍)ରେ ନେଗେଟିଭ୍ ଆସିଥିବା ଭାରତର ଅନ୍ୟ ୪ଜଣ ଆଥଲେଟ୍‌ଙ୍କ ସାମ୍ପଲ ମଧ୍ୟ ପଜିଟିଭ ଆସିଥିଲା। ସେମାନଙ୍କ ମଧ୍ୟରେ ୨୦୧୭ ଏସିଆନ ଚାମ୍ପିୟନ କ୍ୱାର୍ଟରମାଇଲର ନିର୍ମଳା ଶେଓରାନ ଅନ୍ୟତମ।

## କଟକଣା କୋହଳ କରିପାରେ ଅଷ୍ଟ୍ରେଲିଆ

**ମେଲବୋର୍ନ,୨୫।୪(ପି.ଟି.):** କରୋନାଭାଇରସ୍ ମହାମାରୀ କାରଣରୁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ସିଏ ପାଖାପାଖି ୩୦୦ ମିଲିୟନ ଅଷ୍ଟ୍ରେଲୀୟ ଡଲାର କ୍ଷତି ସହିବ। ତେବେ ଏହି ଆର୍ଥିକ ସଙ୍କଟରୁ ରକ୍ଷା ପାଇବା ପାଇଁ ଅଷ୍ଟ୍ରେଲିଆ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ଚଳିତବର୍ଷ ଶେଷ ଆଡକୁ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ସରକାର ଧାର୍ଯ୍ୟ କରିଥିବା ଯାତ୍ରା କଟକଣାକୁ କୋହଳ କରିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି।

କରୋନା ଭାଇରସ ପାଇଁ ସାରା ବିଶ୍ୱରେ ଏବେ ଲକ୍‌ଡାଉନ ଜାରି ରହିଛି। ଫଳରେ କ୍ରିକେଟ ଖେଳା ନ ଯିବା କାରଣରୁ ସିଏ ଏବେ ସଂଘର୍ଷ କରୁଥିବା ବେଳେ ତା'ର ୮୦ ପ୍ରତିଶତ କର୍ମଚାରୀଙ୍କୁ ଚାକିରିରୁ ବିଦା କରିଛି। ଆସନ୍ତା ଡିସେମ୍ବର- ଜାନୁୟାରୀରେ ଭାରତ ୪ଟି ଟେଷ୍ଟ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିବ। କିନ୍ତୁ ପୂର୍ବରୁ ଅଷ୍ଟ୍ରେଲିଆ ସେପ୍ଟେମ୍ବର ୩୦ପର୍ଯ୍ୟନ୍ତ ତା'ର ସୀମା ସିଲ୍ କରିଛି। ପୁଣି ଏହାକୁ ଅଷ୍ଟ୍ରେଲିଆ ଆହୁରି ବଢାଇବାର ସମ୍ଭାବନା ରହିଛି। ଫଳରେ ଅଷ୍ଟ୍ରେଲିଆ ଭାରତୀୟ ଦଳ ପାଇଁ ଯାତ୍ରା କଟକଣାକୁ କୋହଳ କରିବାକୁ ବିଚାର କରୁଛି। ଆର୍ଥିକ ସଙ୍କଟରୁ ରକ୍ଷା ପାଇବା ପାଇଁ ଅଷ୍ଟ୍ରେଲିଆ ଏପରି ନିଷ୍ପତ୍ତି ନେଇପାରେ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ କ୍ରିକେଟ ଅଷ୍ଟ୍ରେଲିଆକୁ ସରକାର ସବୁଜ ସଙ୍କେତ ଦେଇଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ପୁଣି ଯଦି ଭାରତୀୟ ଗସ୍ତ ବାତିଲ ହୁଏ ତେବେ ସିଏ ଆହୁରି ଭାରି କ୍ଷତି ସହିବ। ଗତ ଅଷ୍ଟ୍ରେଲିଆ ଗସ୍ତରେ ଭାରତ ୨-୧ରେ ସିରିଜ ଜିତି ଇତିହାସ ସୃଷ୍ଟି କରିଥିଲା। ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଏସୀୟ ଦେଶ ଭାବେ ଭାରତ ଟେଷ୍ଟ ସିରିଜ ଜିତି ରେକର୍ଡ କରିଥିଲା।

ମନେ ପଡ଼ନ୍ତି

ଷୋଳତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଅଭିଷେକ ସାମଲ (ପିଣ୍ଟୁ)
ଆବିର୍ଭାବ: ୨୨ ଜାନୁୟାରୀ ୧୯୮୩
ତିରୋଧାନ: ୨୬ ଏପ୍ରିଲ ୨୦୦୪
କେଉଁଠିକୁ ଗଲୁ କେଉଁଠି ରହିଲୁ
ଠିକଣା ତ ଦେଲୁ ନାହିଁ,
ସିମେଣ୍ଟ ବାଲିର ପ୍ରାଚୀର ଘେରାରେ
ବସିଛି ତୋ ପଥ ଚାହିଁ।
ରହି ହୁଏ ନାହିଁ
ଯାଇ ହୁଏ ନାହିଁ
ସହି ହୁଏ ନାହିଁ
ଧକ୍କା ଦରଜ।
ଷୋଳଟି ବରଷ ବିତି ବି ଗଲାଣି
ଶୁଖୁନାହିଁ କିଆଁ ଲୁହ କରଜ।
-:ତୋର:-
ହତଭାଗୀ: ମମି, ବାପା, ବେବି ଦେଇ, କଲି ଦେଇ, ରିଣ୍ଟୁ ଓ ମାମୁନ୍, ପ୍ରିନ୍ସ।
ଧ-୬୯୩୧୧

ସ୍ମୃତି ସୁମନ
୫୦ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗୋବର୍ଦ୍ଧନ ଦାଶ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ତିରୋଧାନ: ୧୯୭୦ମସିହା ବୈଶାଖ ଶୁକ୍ଳ ଚତୁର୍ଥୀ
ପୂଜ୍ୟ ନନା, ତୁମ ମହାପ୍ରୟାଣର ଅର୍ଦ୍ଧଶତାବ୍ଦୀ ଅତିବାହିତ ହୋଇଯାଇଥିଲେ ମଧ୍ୟ ପ୍ରତିଟି ମୁହୂର୍ତ୍ତରେ ତୁମର ସ୍ମୃତି ଆମ ମନ, ପ୍ରାଣକୁ ଆନ୍ଦୋଳିତ କରୁଛି। ତୁମ ସ୍ନେହ, ଆଦର, ବାତ୍ସଲ୍ୟ ମମତା ଓ ତ୍ୟାଗ ପାଇଁ ତୁମ ନିକଟରେ ଆମେ ଚିରଋଣୀ। ତୁମେ ଥିଲ ପ୍ରବଳ ଆତ୍ମବିଶ୍ୱାସୀ, ସରଳ, ନିଷ୍କପଟ, ନିଃସ୍ୱାର୍ଥପର, ସଚ୍ଚୋଟ, ସତ୍ୟ, ଅନିସନ୍ଧିତ୍ସୁ, ସ୍ନେହପ୍ରବଣ, କର୍ମଯୋଗୀ, ପରୋପକାରୀ ଓ ପୁଣ୍ୟାତ୍ମା। ଆଜିର ପୁଣ୍ୟ ତିଥିରେ ତୁମ ପବିତ୍ର ଆତ୍ମା ଉଦ୍ଦେଶ୍ୟରେ ହତଭାଗ୍ୟ ସନ୍ତାନ-ସନ୍ତତିମାନଙ୍କର ଅଶ୍ରୁପୂତ, ଭକ୍ତିପୂତ ବିନମ୍ର ଶ୍ରଦ୍ଧାଞ୍ଜଳି।
ତୁମର ଆଶିଷ ଆକାଂକ୍ଷୀ ଅକିଞ୍ଚନ ସନ୍ତାନସନ୍ତତି।
ଧ-୬୯୨୬୪



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ